ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଡିସେମ୍ବର ୨୦୨୪ ସଂସ୍କରଣ

କଥା ଓ କାହାଣୀ
ପଦ୍ୟ ଓ କବିତା
ହାସ୍ୟ ଓ ବ୍ୟଙ୍ଗ
ଇତିହାସ ଓ ପ୍ରବଂଧ
ଅନୁବାଦ ସାହିତ୍ୟ
ସମ୍ବଲପୁରୀ ଲେଖା
ଶିଶୁ କଥା
ଏବଂ
ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟନାୟକ
ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

 Magazine Downloaded from https://www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଦୂରଭାଷ : ୯୦୪ ୦୯୮ ୫୪୬୩ | ଇମେଲ୍ : aahwaan@gmail.com



Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସାର୍ବଜନୀନ ସ୍ପଷ୍ଟୀକରଣ

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ । ଲେଖା ପ୍ରକାଶନର ଅଧିକାର ସମ୍ପାଦକଙ୍କ ବିଚାର ଅଧୀନ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ଇଂରାଜୀ ନବବର୍ଷ ୨୦୨୫ ଉପଲକ୍ଷେ ଆହ୍ୱାନ ଓଡ଼ିଆ ପରିବାରର ସମସ୍ତ ସଦସ୍ୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା...**

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୦ |
| ଜାଭିୟର୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ Communiue 2024 News | | ୩୨ |
| **ଗଳ୍ପ ବିଭାଗ** | | **୩୬** |
| ଅନେକ କଳାଛାଇ - ୨୨ | ଅଶୋକ ବିଶ୍ୱାଳ | ୩୭ |
| ସମୟ ଖେଳେ ଲୁଚକାଳି | ସୁନନ୍ଦା ମହାନ୍ତି | ୫୧ |
| ସବୁ ସରିଗଲା ପରେ | ବର୍ଷାରାଣୀ ମହାମଲ୍ଲିକ | ୫୪ |
| ଅନ୍ତରାଳର ଛାଇ | ଆଶୁତୋଷ ମେହେର | ୬୪ |
| ହିସାବ ଖାତା | ସୁଧାଂଶୁ ଶେଖର ଦ୍ୱିବେଦୀ | ୬୮ |
| ଏ ମୋତେ ଭୁଲିଯିବନି ତ | ଜ୍ୟୋତ୍ସ୍ନାମୟୀ ସାହୁ | ୭୩ |
| | ପ୍ରତାପ କିଶୋର ରାଉତ | ୮୨ |
| | ଦେବେନ୍ଦ୍ର ନାୟକ | ୮୫ |
| ଲୁହର ମାନଚିତ୍ର | ସଞ୍ଜୀବ କୁମାର ଦାସ | ୮୮ |
| ମୁଁ ଅବଳାବୃଦ୍ଧା ନାରୀଟିଏ | ଦେବାର୍ଚ୍ଚନ ମେହେର | ୯୯ |
| ମହାଲକ୍ଷ୍ମୀଙ୍କର୍ ସାହେଜକାରୀ | ସତ୍ୟନାରାୟଣ ମିଶ୍ର | ୧୦୧ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ଲାଁଚ୍ ମହରା | ସନ୍ତୋଷ କୁମାର ଅଦାବର | ୧୦୩ |

## କବିତା ବିଭାଗ ୧୦୫

| | | |
|---|---|---|
| ନାୟିକାର ନାମ ଶ୍ରାବଣୀ | ଶିବନାରାୟଣ ଦାସ | ୧୦୬ |
| ପ୍ରଣୟ ପ୍ରତୀକ୍ଷା | ସିଦ୍ଧେଶ୍ୱର ତ୍ରିପାଠୀ | ୧୧୦ |
| ନାରୀ | ଜୟନ୍ତ ଦାସ | ୧୧୧ |
| ତୋ ମୁହଁ | ପ୍ରଭାସ କୁମାର ମହାପାତ୍ର | ୧୧୩ |
| ହିଂସା | ଶୁଭଶ୍ରୀ ଶୁଭସ୍ମିତା | ୧୧୪ |
| ନାରୀ | ରୋହିତ୍ ପଟ୍ଟନାୟକ | ୧୧୬ |
| ଆକାଶ ତଳର ଜହ୍ନ | ସଞ୍ଜୟ କୁମାର ଦାଶ | ୧୧୭ |
| ଜୀବନ ଅଙ୍କ | କୀର୍ତ୍ତନ ସାହୁ | ୧୧୮ |
| ଧନ | ଅଜିତ କୁମାର ରାଉତ | ୧୧୯ |
| ସୋରିଷ ଫୁଲ | ରାମ ଚନ୍ଦ୍ର ପ୍ରଧାନ | ୧୨୧ |
| ବିହଙ୍ଗିନୀ | ସତ୍ୟ ନାରାୟଣ ମିଶ୍ର | ୧୨୨ |
| ଅନ୍ତିମ ଆଶରା | ଅଲେଖ ମେହେର | ୧୨୩ |
| ଜହ୍ନ | ସତ୍ୟ ସିଂ ବାଗ୍ | ୧୨୪ |
| ଶୀତ ଆଗମନ | ଅଶୋକ କୁମାର ବାରୀକ | ୧୨୫ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ମିଠା ରାଗ | ସୁଜିତ କୁମାର ମିଶ୍ର | ୧୨୭ |
| ଭୁଲିବାକୁ କଥା ମନେ ରହିଲା | ବିନୟ ମହାପାତ୍ର | ୧୨୮ |
| ଆୟୁଷର ରଙ୍ଗିନ୍ ଗୋ | ତାରା ପ୍ରସାଦ ଜେନା | ୧୩୦ |
| ଜଳ | ନୀଳମଣି ଚାନ୍ଦ | ୧୩୨ |
| ହେ ମାନବିକତା | ସରୋଜିନୀ ମିଶ୍ର | ୧୩୩ |
| ସୋରିଷ ଫୁଲରେ ଗୁନ୍ଥିଛି ମାଳ ମୁଁ | ଭରତବନ୍ଧୁ ବିଶ୍ୱାଳ | ୧୩୫ |
| | ବଟକୃଷ୍ଣ ପଣ୍ଡା | ୧୩୬ |
| | ବୀଣା ସାହୁ | ୧୩୮ |
| | ନିବେଦିତା ପଣ୍ଡା | ୧୪୦ |
| | ନୂତନ କୁମାର ବେହେରା | ୧୪୨ |
| | ବିଦ୍ୟୁତ ପ୍ରଭା ମିଶ୍ର | ୧୪୪ |
| | ଭାରତୀ ମିଶ୍ର | ୧୪୬ |
| | ରମେଶ ଟାକ୍ରୀ | ୧୪୭ |
| | ସନ୍ତୋଷିନୀ ଦାଶ | ୧୪୮ |
| | ରଶ୍ମିତା ନାୟକ | ୧୪୯ |
| | ଅନୁପମା ବିଶ୍ୱାଳ | ୧୫୨ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| | ସୁନିତା ମହାନ୍ତି | ୧୫୩ |
| | ଡଃ ତାନଶ୍ରୀ ପାଣିଗ୍ରାହୀ | ୧୫୪ |
| | ଗୀତାଞ୍ଜଳି ଭୂୟାଁ | ୧୫୫ |
| | ଭାସ୍କର ରାଉତ | ୧୫୭ |
| | ସଂଯୁକ୍ତା ସାହୁ | ୧୫୮ |
| ବାନ୍ଧବୀର ରୋଷ | ପ୍ରକ୍ଷାଲୀନ ସାହୁ | ୧୫୯ |
| ମା ପଦ୍ମାଳୟା | ଭାରତୀ ହୋତା | ୧୬୦ |
| କ୍ଷୀରାବ୍ଧି ତନୟା | ନିରୁପମା ପଣ୍ଡା | ୧୬୨ |
| ଶିକ୍ଷକର ବିଚାରକ କିଏ | ବିଜୟ କୁମାର ମୁଣ୍ଡା | ୧୬୪ |
| ନାରୀ | ଚିନ୍ମୟୀ ମିଶ୍ର | ୧୬୬ |
| ଜହ୍ନ ହସେ କିରିକିରି | ଜ୍ୟୋତ୍ସ୍ନା ପାଣି | ୧୬୭ |
| | ଦେବେନ୍ଦ୍ର ନାୟକ | ୧୬୮ |
| ପ୍ରିୟା | ସରୋଜ କୁମାର ପଣ୍ଡା | ୧୬୯ |
| ଫେରିଆରେ ସମୟ ତୁ ଫେରିଆ ଥରେ | ସ୍ୱାଗତିକା ସାହୁ | ୧୭୧ |
| ମୁଁ | ବାସନ୍ତୀ ଲତା ଜେନା | ୧୭୩ |
| ମୁଁ କିଏ | ବିଷ୍ଣୁ ପ୍ରସାଦ ମିଶ୍ର | ୧୭୪ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ତୁମ ମନ କଥା | ପୁଷ୍ପଲତା ମିଶ୍ର | ୧୭୬ |
| ପଢୁଛି ଅଳପ ବୁଝୁଛି ବେଶୀ | ଡଃ ନାରାୟଣ ଚନ୍ଦ୍ର ସେନାପତି | ୧୭୭ |
| ମା' | ଏଲିଜା ଜେନା | ୧୭୯ |
| ଅଭିନନ୍ଦନ ସଜ ସକାଳର | ଏଲିନା ପାଣିଗ୍ରାହୀ | ୧୮୦ |
| ଜଗତର ପିତା | ନଳିନୀ ଦାଶ | ୧୮୧ |
| ସ୍ୱପ୍ନରେ ତୁମେ | ଦୀପକ ରଂଜନ ଜେନା | ୧୮୨ |
| ମୁଁ ମର୍ତ୍ତ୍ୟ ବୋହୂ | ପ୍ରାଣବନ୍ଧୁ ରାଉତ | ୧୮୩ |
| ମୁଁ ମୋ ଶତ୍ରୁ | ପାରଦ କୁମାର ପାଢ଼ୀ | ୧୮୪ |
| ପ୍ରକୃତି ରାଣୀ | ଚନ୍ଦ୍ରକାନ୍ତ ଜେନା | ୧୮୬ |
| କବିପଣ | ଦୀନବଂଧୁ ବେଜ | ୧୮୮ |
| ଶେଷ ଉପହାର | ଶଶାଙ୍କ ଶେଖର ପଣ୍ଡା | ୧୯୦ |
| ଆନମନା ମନ | ଶିଳ୍ପାଲିପି ବେହେରା | ୧୯୧ |
| ଖ୍ରୀଷ୍ଟମାସ | ଆକୁଳାନନ୍ଦ ପୃଷ୍ଟି | ୧୯୨ |
| ଡିସେମ୍ବର | କିରନ୍ ସ୍ୱାଇଁ | ୧୯୩ |
| ଭୂମିର ଶୁଭ ଜନ୍ମଦିନେ | ଅମରନାଥ ବାରିକ | ୧୯୪ |
| କାଗଜ ଉବାଚ | ବସନ୍ତ କୁମାର ମଲ୍ଲିକ | ୧୯୬ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ବିବାହ ସଂସାରର ନିୟମ | ତପସ୍ୱିନୀ ସାହୁ | ୧୯୮ |
| ଇଚ୍ଛା | ବିଶ୍ୱ ରଞ୍ଜନ ମହାନ୍ତି | ୨୦୦ |
| ଜଳୁଛି ବହ୍ନି | ଅମୃତନାରାୟଣ ଶତପଥୀ | ୨୦୨ |
| **ପ୍ରବନ୍ଧ ବିଭାଗ** | | **୨୦୪** |
| ଅନାଥର ନାଥ କାଳିଆ ସାଆନ୍ତ | ଆଶୁତୋଷ ନାୟକ | ୨୦୫ |
| ଗଛର ଛାଇରେ ଜୀବନର ସତ୍ୟ | ମଧୁସ୍ମିତା ସାହୁ | ୨୧୨ |
| ଆମ ଚିନ୍ତାଧାରା | ଅଭୟ କୁଣ୍ଡ | ୨୨୧ |
| ଭଲ ମଣିଷ | ସବିତା ଜେନା | ୨୨୩ |
| | ପଦ୍ମାବତୀ ସିହ୍ନା | ୨୨୬ |
| | ରୀତା ଅପରାଜିତା ମହାନ୍ତି | ୨୨୮ |
| | ଝୁମୁରୀ ସାହୁ | ୨୩୦ |
| କିଛି କଥା କିଛି ବ୍ୟଥା | ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ | ୨୩୩ |
| ବହୁ ଅର୍ଥବୋଧକ ଗୀତ | ପ୍ରଦୀପ କୁମାର ଜିଲିକାରା | ୨୩୫ |
| **ବିଶେଷ ସୂଚନା** | | **୨୪୩** |


ଆହ୍ୱାନ ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ ବନ୍ଧୁମାନେ, ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର କିମ୍ବା ମୋବାଇଲରେ ଟାଇପ୍ କରି ଆମ ଇମେଲ୍ ଠିକଣାରେ ପଠାଇ ପାରିବେ । ଛବି, ହାତଲେଖା କିମ୍ବା ଅତ୍ୟଧିକ ବ୍ୟାକରଣତ୍ରୁଟି ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ । ଅଧିକ ସହାୟତା ପାଇଁ ଆମ ହ୍ୱାଟ୍ସଆପ୍ ନମ୍ବର ୯୦୪୦୯୮୫୪୬୩ରେ ଯୋଗାଯୋଗ କରି ପାରିବେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମ୍ପାଦକୀୟ



ନମସ୍କାର

ଆହ୍ୱାନ ଇ-ପତ୍ରିକାର ବର୍ଷ ୨୦୨୪ର ଶେଷ ସଂସ୍କରଣ ସହ ମୁଁ ଆପଣଙ୍କ ସମ୍ମୁଖରେ ଉପସ୍ଥିତ । ଆଉ ଅଳ୍ପଦିନ ପରେ ନୂତନ ଇଂରାଜୀ ବର୍ଷର ଅୟମାରମ୍ଭ ହେବ । ଅନେକଙ୍କ ମନରେ ଅନେକ ନୂଆ ଆଶା ଓ ଆକାଂକ୍ଷାକୁ ଜନ୍ମ ଦେଇ ନୂତନତ୍ୱକୁ ଆପଣେଇବାକୁ ଉତ୍ସାହିତ କରିବ । ପୁଣି ଗୋଟିଏ ବର୍ଷ କେଉଁଭଳି ସମସ୍ତଙ୍କର ଭଲରେ ଭଲରେ ବିତୁ ବୋଲି ଅନେକେ ପ୍ରାର୍ଥନା କରିବେ । ସମଗ୍ର ବିଶ୍ୱ କିଛି ଦିନ ପାଇଁ ଉତ୍ସବମୁଖର ହୋଇ ଉଠିବ । ନୂଆବର୍ଷ ଏହିଭଳି ଏକ ଉତ୍ସବ ଯାହା ସମଗ୍ର ବିଶ୍ୱରେ ଜାତି ଧର୍ମ ନିର୍ବିଶେଷରେ ସମସ୍ତେ ପାଳନ କରନ୍ତି । ଭାରତ ବିଭିନ୍ନତାର ଦେଶ । ଏହାର ଭୂଗୋଳ ଅସମତଳ । ଆଞ୍ଚଳିକ ଭିତ୍ତିରେ ଏଠି ଭାଷା, ଧାର୍ମିକ ମାନ୍ୟତା ବଦଳିଥାଏ । ସେହିଭଳି ଏହି ବିଶାଳ ଭୂଭାଗରେ ଅନେକ ପ୍ରକାରର କ୍ୟାଲେଣ୍ଡରର ପ୍ରଚଳନ ବି ଦେଖାଯାଏ । ଓଡ଼ିଆ ମାନେ ଓଡ଼ିଆ ନବବର୍ଷ ଅପ୍ରେଲ ମାସରେ ମହାବିଷୁବ ସଂକ୍ରାନ୍ତିଦିନ ପାଳନ କରୁଥାନ୍ତି । ସେହିଭଳି ଭାରତରେ ମରାଠୀ ନବବର୍ଷ, ତେଲୁଗୁ ନବବର୍ଷ ଇତ୍ୟାଦିର ପ୍ରଚଳନ ରହିଛି । ଆଞ୍ଚଳିକ ବିଭେଦତା ମଧ୍ୟରେ ସାମ୍ୟତା ଏହି ବିଶାଳ ଭୂମିକୁ କରିଦିଏ ବିଶ୍ୱର ଏକ ଅନନ୍ୟ ସଭ୍ୟତା । ସନାତନ ହିନ୍ଦୁ ଧର୍ମର ପବିତ୍ର ଭୂମି, ଏହି ଆମର ଭାରତ ଭୂମି । ଆଶା କରୁଛି ଆହ୍ୱାନ ଇ-ପତ୍ରିକାର ସମସ୍ତ ପାଠକ ପାଠିକା, ଲେଖିକା ଲେଖକ ସାହିତ୍ୟିକ, ଶୁଭେଚ୍ଛୁ ଏବଂ ଉପଦେଷ୍ଟାମାନଙ୍କ ପାଇଁ ନୂତନ ଇଂରାଜୀ ନବବର୍ଷ ୨୦୨୫ ନୂତନ ଉତ୍ସାହ ଉଦ୍ଦୀପନା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସହ ପ୍ରେରଣା ଓ ସମୃଦ୍ଧି ନେଇ ଆସିବ । ଏହା ସହିତ ଉପସ୍ଥାପନ କରୁଛି ବର୍ଷର ଶେଷ ଆହ୍ୱାନ ସଂସ୍କରଣ ।

ଚଳିତ ବର୍ଷ ଏକ ବିଶାଳ ଭୌଗଳିକ ବିକୃତି ଦେଖାଯାଇଛି । ବର୍ଷର ଶେଷ ମାସରେ ପହଞ୍ଚିଥିଲେ ସୁଦ୍ଧା ଶୀତ ଅନୁଭବ ହେଉନାହିଁ । ସାଧାରଣତଃ ଦଶହରା ପର୍ବ ପରେ ପରେ ରାଜ୍ୟରେ ଶୀତ ଅନୁଭୂତ ହୁଏ, କିନ୍ତୁ ଚଳିତ ବର୍ଷ ଏହାର ବ୍ୟତିକ୍ରମ ଦେଖାଯାଇଛି । ବୈଶ୍ୱିକ ସ୍ତରରେ ହେଉଥିବା ବ୍ୟାପକ ଯୁଦ୍ଧଭିତ୍ତିକ କାର୍ଯ୍ୟାନୁଷ୍ଠାନ ପାଇଁ ବିଶ୍ୱର ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଏହାର ପ୍ରଭାବ ଏବେ ବହୁଳ ଭାବରେ ଅନୁଭୂତ ହେଉଛି । ବିଗତ ତିନି ଚାରି ଦଶନ୍ଧୀ ଧରି ଆମେ ବିଶ୍ୱର ତାପମାତା ବୃଦ୍ଧିପାଇବାର ଆଶଂକା କରି ଆସୁଥିଲେ, ଚଳିତ ବର୍ଷ ଏକା ପ୍ରକୃତରେ ଅନୁଭବ କରି ହେଉଛି । ଦୁଃଖର ବିଷୟ ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର ମାସରେ ମାତ୍ର ହାତମୁଠା କିଛି ଦିନ ହିଁ ଶୀତ ଅନୁଭବ ହୋଇଛି । ଅନ୍ୟ ଦିନମାନଙ୍କରେ ଅଦିନିଆ ବର୍ଷା ମଧ୍ୟ ରାଜ୍ୟରେ ଦେଖା ଦେଇଛି । ଏହା ସବୁ ଏକ ବ୍ୟତିକ୍ରମ ଯାହା ଆମକୁ ଧ୍ୱଂସ ଆଡ଼କୁ ଟାଣି ନେଇଛି ବୋଲି ବୁଦ୍ଧିଜୀବି ମାନେ ମତ ଦେଇଛନ୍ତି । ଏହିଭଳି ପରିବେଶ ପରିବର୍ତ୍ତନ ଦେଖାଗଲେ ଆମର ଚିରାଚରିତ ଶୀତଛୁଟି ଆଉ ରହିବ ନାହିଁ, କିମ୍ବା ବଣଭୋଜି ଆଦିର ଆୟୋଜନ କରିବାର ଉତ୍ସାହ ମଧ୍ୟ ଦେଖାଯିବ ନାହିଁ । ସ୍ୱଳ୍ପ ସମୟ ପାଇଁ ହେଉ ନା କାହିଁକି ସାଧାରଣତଃ ଉଷ୍ମ ରହୁଥିବା ଆମ ଦେଶରେ ଅଧିବାସୀଙ୍କୁ ଥଣ୍ଡା ଅନୁଭବ ହେଉଥିଲା ଏବେ ତାହା ମଧ୍ୟ ବିରଳ ହୋଇଗଲା । ଆଗକୁ ଆହୁରି କଣ ସବୁ ପରିବର୍ତ୍ତନ ଦେଖିବାକୁ ମିଳିବ ସେ ବିଷୟରେ ଚିନ୍ତା କରିବା ବେଳକୁ ଭାରି ଦୁର୍ବଳ ଅନୁଭବ ହେଉଛି ।

ଚଳିତ ବର୍ଷର ସବୁଠାରୁ ଚର୍ଚ୍ଚିତ ଖବର ହେଉଛି ବଙ୍ଗଳାଦେଶରେ ଶାସନରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରିବର୍ତ୍ତନ । ଦେଶର ଶାସନ କରୁଥିବା ପ୍ରଧାନମନ୍ତ୍ରୀ ନିଜ ଜୀବନପ୍ରତି ବିପଦ ଆଶଂକା କରି ପଳାୟନ କରି ଭାରତରେ ଶରଣ ନେଇଥିବା ବେଳେ ସେଠାରେ ନୋବେଲ୍ ପୁରସ୍କାରପ୍ରାପ୍ତ ୟୁନୁସଙ୍କ ନେତୃତ୍ୱରେ ଏକ କାମଚଳା ସରକାରର ସ୍ଥାପନ କରାଯାଇଛି । ହେଲେ ଦୁଃଖର ବିଷୟ ଜଣେ ବୁଦ୍ଧିଜୀବି ଓ ନୋବେଲ୍ ପୁରସ୍କାର ବିଜେତା ହୋଇଥିବା ସତ୍ତ୍ୱେ ୟୁନୁସଙ୍କ ସରକାର ଦେଶରେ ଚାଲିଥିବା ହିନ୍ଦୁ ଗଣସଂହାରକୁ ବନ୍ଦ କରିବାକୁ ବିଫଳ ହୋଇଛନ୍ତି, କିମ୍ବା ପରୋକ୍ଷରେ ଏହାକୁ ପ୍ରୋତ୍ସାହିତ କରି ଚାଲିଛନ୍ତି । ବର୍ତ୍ତମାନ ସୁଦ୍ଧା ବଙ୍ଗଳାଦେଶରେ ହଜାର ହଜାର ନିରୀହ ହିନ୍ଦୁମାନଙ୍କୁ ହତ୍ୟା କରାଯାଇଛି । ହିନ୍ଦୁ ବହୁଳ ଅଞ୍ଚଳମାନଙ୍କରେ ଥିବା ଦୋକାନ ବଜାରରେ ନିଆଁ ଲଗାଇ ଦେଇ ମଠ ଓ ମନ୍ଦିର ସବୁକୁ ନଷ୍ଟ କରାଯାଉଛି । ସାମାଜିକ ଗଣମାଧ୍ୟମର ଯୁଗରେ ଏହି ସବୁ ଦୃଶ୍ୟ ମୋବାଇଲରୁ ମୋବାଇଲ୍ ଘୁରି ବୁଲୁଥିଲେ ସୁଦ୍ଧା ଦେଶର ସରକାର ନିରବଦ୍ରଷ୍ଟା ହୋଇ ରହିଛନ୍ତି । ଏହା ଅତ୍ୟନ୍ତ ଦୁଃଖ ଓ କ୍ଷୋଭର ବିଷୟ ।

ହେଲେ ଏହିଭଳି ଘଟଣା ନୁଆ ନୁହେଁ । ବର୍ଷ ୧୯୪୭ରେ ଭାରତ ଓ ପାକିସ୍ତାନର ବିଭାଜନ ସମୟରେ ପାକିସ୍ତାନରେ ରହିଯାଇଥିବା ହିନ୍ଦୁମାନଙ୍କୁ ମଧ୍ୟ ଅନୁରୂପ ଭାବରେ ଗଣହତ୍ୟା କରାଯାଇଥିଲା, ସେହିଭଳି ଦୃଶ୍ୟ ୧୯୭୧ ବଙ୍ଗଳାଦେଶ ମୁକ୍ତି ଯୁଦ୍ଧରେ ଦେଖିବାକୁ ମିଳିଥିଲା, ୧୯୯୧ ମସିହାରେ କାଶ୍ମୀରରେ ଦେଖିବାକୁ ମିଳିଥିଲା ଆଉ ଏବେ ବଙ୍ଗଳାଦେଶରେ ଏହିଭଳି ବିଭତ୍ସ ଦୃଶ୍ୟ ଦେଖିବାକୁ ମିଳୁଛି । ହିନ୍ଦୁ ପରିବାର ମାନଙ୍କୁ ଧର୍ମପରିବର୍ତ୍ତନ କରିବା ପାଇଁ ବାଧ୍ୟ କରାଯାଉଛି । ମହିଳା ଓ କନ୍ୟାମାନଙ୍କୁ ଧର୍ଷଣ କରାଯାଉଛି । ଏହାକୁ ନେଇ ବିଶ୍ୱବ୍ୟାପୀ ହିନ୍ଦୁମାନଙ୍କ ମଧ୍ୟରେ ଆକ୍ରୋଶ ଦେଖିବାକୁ ମିଳିଥିବା ବେଳେ କୌଣସି ପଦକ୍ଷେପ ନିଆ ନ ଯିବା ସମସ୍ତଙ୍କୁ ଅଧିକ ବ୍ୟଥିତ କରୁଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଗତ ଦିନରେ ଭାରତର ସରକାରୀ ଦୁତଭାବରେ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ବଙ୍ଗଳାଦେଶ ଗସ୍ତକରି ଦୃଢ ଭାବରେ ଏହିଭଳି ଘଟଣାମାନଙ୍କର ନିନ୍ଦା କରିବା ସହ ବଙ୍ଗଳାଦେଶରେ ରହୁଥିବା ଅଳ୍ପସଂଖ୍ୟକ ହିନ୍ଦୁମାନଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ଦାବୀ କରିଛନ୍ତି ।

ଭାରତରେ ମଧ୍ୟ ହିନ୍ଦୁ ହିତୈଷୀ ସଂଗଠନମାନେ ମୁଖର ଭାବରେ ଏହି ଭଳି ଗଣସଂହାରର ନିନ୍ଦା କରିବା ସହ ଭାରତ ସରକାରଙ୍କୁ ଏଥିରେ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି । କିଛି ମୌଳବାଦୀ ବୁଦ୍ଧିଜୀବି ଏହି ସମୟରେ ଭାରତ ସରକାରଙ୍କ ନିରବତାକୁ ମଧ୍ୟ ସନ୍ଦେହ କରି ଚିନ୍ତାବ୍ୟକ୍ତ କରିଛନ୍ତି । କଥା ଛଳରେ ଜଣେ ମନ୍ତବ୍ୟ ଦେଇଛନ୍ତି ଯେ ଯେଉଁ ରାଫେଲ୍ ବିମାନ କୋଟି କୋଟି ଟଙ୍କାଦେଇ କିଣି ଅଣାଯାଇଛି ତାହାର ସଦୁପଯୋଗ କରିବା ସମୟ ଆସିଛି । ବଙ୍ଗଳାଦେଶ ଉପରେ ଆକ୍ରମଣ କରି ସମସ୍ୟାକୁ ମୁଳୋତ୍ପାଟନ କରିବା ଉଚିତ ହେବ ବୋଲି ମତ ଦେଇଛନ୍ତି । ତେଣେ ବଙ୍ଗଳାଦେଶର ତତ୍କାଳୀନ ଶାସକ ବେଗମ ଶେଖ୍ ହସିନାଙ୍କୁ ଗାଦିଚ୍ୟୁତ କରିବାପାଇଁ ଆରମ୍ଭ ହୋଇଥିବା ଆନ୍ଦୋଳନ ପରବର୍ତ୍ତୀକାଳରେ ଦେଶରୁ ହିନ୍ଦୁମାନଙ୍କୁ ଶୂନ୍ୟ କରିଦେବା ଆଡ଼କୁ ଗତି କରିଛି । କିଛି ମୌଳବାଦୀ ଇସ୍ଲାମିକ୍ ଧର୍ମଗୁରୁ ବିଶାଳ ସଭା ଆୟୋଜନ କରି ବଙ୍ଗଳାଦେଶର ସମସ୍ତ ହିନ୍ଦୁଙ୍କୁ ହତ୍ୟା କରିବା ଭଳି ଧମକ ଦେବା ଅତ୍ୟନ୍ତ ଚିନ୍ତାର ବିଷୟ । ଏହିଭଳି ଦୃଶ୍ୟ ସମଗ୍ର ବିଶ୍ୱବ୍ୟାପୀ ପ୍ରସାର ହେଉଥିବା ସତ୍ତ୍ୱେ କୌଣସି ଦେଶ ଏଥିରେ ହସ୍ତକ୍ଷେପ ନ କରିବା ଆଶ୍ଚର୍ଯ୍ୟ ମନେ ହେଉଛି ।

ଉନ୍ମାଦନା ସୃଷ୍ଟି କରୁଥିବା ବଙ୍ଗଳାଦେଶର ମୌଳବାଦୀ ମୁସଲମାନ ସଂଗଠନମାନେ ଅନେକ ହିନ୍ଦୁ ମଠ ଓ ମନ୍ଦିରକୁ ନଷ୍ଟ କରିବା ସହ ଇନ୍ଦିରାଗାନ୍ଧୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମ୍ୟୁଜିୟମ୍, ବଙ୍ଗବନ୍ଧୁ ମ୍ୟୁଜିୟମ୍ ଆଦି ବିଶାଳ ସଂସ୍ଥାଗୁଡିକୁ ମଧ୍ୟ ଧ୍ୱଂସ କରିବାକୁ ପଛାଇ ନାହାନ୍ତି । ବଙ୍ଗଳାଦେଶର ୬୨ଟି ଜିଲ୍ଲାରୁ ୫୪ଟି ଜିଲ୍ଲାରେ ହିନ୍ଦୁ ବିରୋଧୀ ହିଂସା ଦେଖାଦେଇଥିବା କଥା ଅନେକ ବୈଶ୍ୱିକ ସ୍ତରର ଗଣମାଧ୍ୟମରେ ପ୍ରକାଶିତ ହୋଇଛି ।

ବର୍ତ୍ତମାନ ବଙ୍ଗଳାଦେଶରେ ହିନ୍ଦୁମାନଙ୍କ ସଂଖ୍ୟା ମାତ୍ର ଆଠ ପ୍ରତିଶତ ରହିଥିବା ବେଳେ ଆଗାମୀ ଦିନରେ ଏହି ସଂଖ୍ୟା କେତେ ରହିବ ତାହା ସହଜରେ ଅନୁମେୟ । ସୂଚନାଯୋଗ୍ୟ ଯେ ବଙ୍ଗଳାଦେଶରେ ପ୍ରତିବର୍ଷ ବାତ୍ୟା ଓ ବନ୍ୟାଭଳି ପ୍ରାକୃତିକ ବିପର୍ଯ୍ୟୟ ଦେଖା ଦେଇଥାଏ ଏବଂ ଏହି ସମୟରେ ଦେଶବାସୀଙ୍କୁ ସହାୟତାର ହାତ ବଢ଼ାଇବାକୁ ସବୁବେଳେ ଇସ୍କନ୍ ସଂଗଠନ ଆଗଭର ରହିଥାଏ । ଅତ୍ୟନ୍ତ ଆଶ୍ଚର୍ଯ୍ୟ ଓ ଦୁଃଖର ବିଷୟ, ବର୍ତ୍ତମାନ ଇସ୍କନର ସମସ୍ତ ମଠ ଓ ମନ୍ଦିରକୁ ଧ୍ୱଂସ କରାଯାଉଛି ଏବଂ ଏହି ସଂସ୍ଥାର ପ୍ରମୁଖଙ୍କୁ ଗିରଫ କରାଯାଇ ରଖାଯାଇଛି । ତାଙ୍କ ସପକ୍ଷରେ କୌଣସି ଆଇନଜୀବି କାର୍ଯ୍ୟ କରିବାକୁ ମନା କରିଦେବା ଫଳରେ ତାଙ୍କର ଭବିଷ୍ୟକୁ ନେଇ ଚିନ୍ତା ବୃଦ୍ଧି ପାଇବାକୁ ଲାଗିଛି । ଯେଉଁ ସଂସ୍ଥା ପ୍ରତିବର୍ଷ ବଙ୍ଗଳାଦେଶୀ ନାଗରିକଙ୍କୁ ସହାୟତା ଯୋଗାଇ ଆସୁଥିଲା ସେହି ସଂସ୍ଥାଙ୍କୁ ହିଁ ଏହି ଦେଶର କୃତଘ୍ନ ନାଗରିକମାନେ ଧ୍ୱଂସ କରିବାକୁ ଚାହୁଁଛନ୍ତି । ଏହିଭଳି ରାକ୍ଷସ ପ୍ରବୃତ୍ତିର ଲୋକମାନଙ୍କୁ ଆଉ କଣ କହିହେବ ?

ଆମେ କେବଳ ପ୍ରାର୍ଥନା କରିବା ସମସ୍ତଙ୍କୁ ଶକ୍ତି ଓ ଧୈର୍ଯ୍ୟ ଦିଅନ୍ତୁ । ଭାରତ ସରକାରଙ୍କୁ ଅନୁରୋଧ କରିବା ବଙ୍ଗଳାଦେଶରେ ରହିଥିବା ହିନ୍ଦୁମାନଙ୍କୁ ସୁରକ୍ଷିତ ବଞ୍ଚାଇ ଭାରତକୁ ଆଣନ୍ତୁ । ବଙ୍ଗଳାଦେଶରେ ଦେଖାଦେଇଥିବା ଅରାଜକତାକୁ ଦୃଢଭାବରେ ଦମନ କରନ୍ତୁ ।

ଗତ ସପ୍ତାହର ଗୋଟିଏ ଘଟଣା ଯାହା ସମଗ୍ର ଦେଶକୁ ବର୍ତ୍ତମାନ ଚକିତ କରିଛି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତାହା ହେଉଛି ବେଙ୍ଗାଲୁରୁରେ କାମ କରୁଥିବା ଜନୈକ ଏଆଇ ଇଞ୍ଜିନିୟର ଅତୁଲ ସୁଭାଷଙ୍କ ଆତ୍ମହତ୍ୟା । ଏହି ମାମଲା ଦେଶରେ ପ୍ରଚଳିତ ନ୍ୟାୟିକ ବ୍ୟବସ୍ଥା ଉପରେ ପ୍ରଶ୍ନ ସୃଷ୍ଟି କରୁଥିବା ବେଳେ, ଆମର ପରିବାରର ସମସ୍ୟା, ହିନ୍ଦୁ ବିବାହ ବ୍ୟବସ୍ଥା, ଯୌତୁକ ଆଇନ ଇତ୍ୟାଦି ଉପରେ ମଧ୍ୟ ପ୍ରଶ୍ନ ସୃଷ୍ଟି କରିଛି ।

ଅତୁଲ ସୁଭାଷଙ୍କ ଆତ୍ମହତ୍ୟାପରେ ତାଙ୍କ ଆତ୍ମହତ୍ୟାପାଇଁ ତାଙ୍କୁ ପ୍ରୋତ୍ସାହିତ କରିଥିବା ଦର୍ଶାଇ ପୋଲିସ ତରଫରୁ ତାଙ୍କ ପତ୍ନୀ ନିକିତା ସିଂଘାଣିଆ, ଶାଶୁ ନିଶା ସିଂଘାଣିଆ, ଶାଳକ ଅନୁରାଗ ଏବଂ ଦାଦାଶଶୁର ସୁଶିଲ୍ ସିଂଘାଣିଆଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି । ଅତୁଲଙ୍କ ଭାଇ ବିକାଶ କୁମାର ବେଙ୍ଗାଲୁରୁ ସ୍ଥିତ ମାରାଥଲି ପୋଲିସ ଷ୍ଟେସନରେ ଏହି ମାମଲା ଦାୟର କରିଥିଲେ ଏବଂ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୮ ଅନ୍ତର୍ଭୂକ୍ତ ଧାରା ୩(୫)ରେ କେସ ଦରଜ୍ କରାଯାଇଛି ।

ସୂଚନାଯୋଗ୍ୟ ଯେ ଅତୁଲ ସୁଭାଷ ଏକ ଏକ ଘଣ୍ଟା କୋଡ଼ିଏ ମିନିଟର ଭିଡ଼ିଓ ସନ୍ଦେଶରେ ନିଜ ସହ ହୋଇଥିବା ଅନ୍ୟାୟ ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଜଣାଇଛନ୍ତି । ଏବଂ ସେ କହିଥିଲେ ଯେ ଯଦି ତାଙ୍କୁ ନ୍ୟାୟ ନ ମିଳେ ତା ହେଲେ ତାଙ୍କର ମରଣୋପରାନ୍ତ ଅସ୍ଥିକୁ ଅଦାଲତ ସଂଲଗ୍ନ ନାଳରେ ହିଁ ପକାଇ ଦିଆଯାଉ ।

ସେହି କୋଠରୀରୁ ମୃତ୍ୟୁକାଳୀନ ଜମାନବନ୍ଦୀ ମଧ୍ୟ ଜବତ ହୋଇଛି ଯେଉଁଠି ଅତୁଲ ଲେଖିଛନ୍ତି ଯେ ବର୍ତ୍ତମାନ ମଧ୍ୟ ନ୍ୟାୟ ବାକି ରହିଛି । ଉତ୍ତର ପ୍ରଦେଶର ଜୌନପୁରର ଅଦାଲତର ଜଣେ ବିଚାରପତିଙ୍କ ଉପରେ ଗୁରୁତର ଆରୋପ ଲଗାଇ ସେ କହିଛନ୍ତି ଯେ ଏହି ମାମଲାକୁ ରଫାଦଫା କରିବାପାଇଁ ସେ ପାଞ୍ଚ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ । ଆହୁରି ମଧ୍ୟ ସେ ଉଲ୍ଲେଖ କରିଛନ୍ତି ଯେ ତାଙ୍କ ପତ୍ନୀ ଓ ଶାଶୁ ତାଙ୍କୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆତ୍ମହତ୍ୟା କରିବା ପାଇଁ ଉସୁକାଉଥିବା ବେଳେ ବିଚାରପତି ଗମ୍ଭୀର ନ ହୋଇ ହସୁଥିଲେ ।

ମୂଳତଃ ବିହାରର ବାସିନ୍ଦା ଅତୁଲ ସୁଭାଷଙ୍କ ଶବ ବେଙ୍ଗାଲୁରୁ ଥିବା ମଞ୍ଜୁନାଥ ଲେଆଉଟର ନିଜସ୍ୱ ଫ୍ଲାଟରୁ ଉଦ୍ଧାର କରାଯାଇଛି । ପଡୋଶୀମାନେ ତାଙ୍କ ଘରର କବାଟ ଭାଙ୍ଗିବା ପରେ ଅତୁଲଙ୍କ ଶବ ଦଉଡ଼ିରେ ଝୁଲୁଥିବାର ଦେଖିବାକୁ ପାଇଥିଲେ । ସେଇ କୋଠରୀରେ ନ୍ୟାୟ ବାକି ଅଛି ଲେଖାହୋଇଥିବା ଏକ ଫଳକ ମିଳିଛି । ଅତୁଲଙ୍କ ପରିବାରର ଅଭିଯୋଗ ପରେ ତାଙ୍କ ପତ୍ନୀଙ୍କ ପରିବାର ଉପରେ ଆତ୍ମହତ୍ୟାପାଇଁ ଉସୁକାଇବା ମାମଲା ଦରଜ କରାଯାଇଛି ।

ଆତ୍ମହତ୍ୟା କରିବା ପୂର୍ବରୁ ନିଜ ସହ ଘଟିଥିବା ସମସ୍ତ କାହାଣୀକୁ ବଖାଣ କରୁଥିବା ଏକ ଚବିଶି ପୃଷ୍ଠାର ପତ୍ର ସେ ଭାରତର ରାଷ୍ଟ୍ରପତି ଶ୍ରୀମତି ଦ୍ରୌପଦୀ ମୁର୍ମୁଙ୍କ ନାମରେ ଲେଖି ଯାଇଛନ୍ତି । ଏହି ପତ୍ରରେ ସେ ଦେଶର ନ୍ୟାୟିକ ବ୍ୟବସ୍ଥା ତଥା ପୁରୁଷ ମାନଙ୍କ ବିରୁଦ୍ଧରେ ମିଥ୍ୟା କେସ ଆଦି ବିଷୟରେ ଲେଖିଛନ୍ତି । ଏଥିରେ ସେ ନିଜ ପତ୍ନିଙ୍କ ଦ୍ୱାରା କିଭଳି ପ୍ରତାଡ଼ିତ ହୋଇଛନ୍ତି ତଥା ସେହି ସବୁ ମାମଲା ମିଥ୍ୟା ବୋଲି କହିଛନ୍ତି । ଯୌତୁକ ବିରୋଧୀ ଆଇନ ତଥା ମହିଳାଙ୍କ ଉପରେ ଅତ୍ୟାଚାର ଆଦି ଆଇନର ଦୁରୁପଯୋଗ ହେଉଥିବା କଥା ସେ କହିଛନ୍ତି । ସେ ଅନୁରୋଧ କରିଛନ୍ତି ଯେ ଏହି ସବୁ ମିଥ୍ୟା ମାମଲାରେ ତାଙ୍କ ପିତାମାତା ଓ ଭାଇଙ୍କୁ ମୁକ୍ତ କରାଯାଉ ।

ଅତୁଳ ସୁଭାଷଙ୍କ କାହାଣୀ କଣ ? ଆସନ୍ତୁ ଶୁଣିବା...

ବର୍ଷ ୨୦୧୯ରେ ଗୋଟିଏ ବୈବାହିକୀ ସାଇଟରେ ସେ ନିଜ ପତ୍ନୀଙ୍କ ସହ ସଂପର୍କରେ ଆସିଥିଲେ ଏବଂ ଉଭୟ ପରିବାରର ସହମତି ପରେ ବିବାହ ସଂପନ୍ନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇଥିଲା । ଏହାର ବର୍ଷକ ପରେ ତାଙ୍କର ପୁଅଟିଏ ହୋଇଥିଲା । କିନ୍ତୁ ତାଙ୍କ ପତ୍ନୀ ଓ ତାଙ୍କ ପରିବାର ସବୁବେଳେ ଅତୁଲଙ୍କ ଠାରୁ ଅର୍ଥ ଦାବୀ କରିଆସୁଥିଲେ । ଯାହା ଅତୁଲ ଦେଇ ଆସୁଥିଲେ ମଧ୍ୟ । ହେଲେ ବର୍ଷ ୨୦୨୧ରେ ଏହି ଦାବୀ ଅଧିକ ହେଲା ଯାହାକୁ ପୂରଣ କରିବା ଅତୁଲଙ୍କ ପକ୍ଷରେ ସମ୍ଭବ ହୋଇନଥିଲା ତେଣୁ ତାଙ୍କ ପତ୍ନୀ ପୁଅକୁ ସାଥିରେ ନେଇ ବେଙ୍ଗାଲୁରୁ ଛାଡ଼ିଦେଇ ଚାଲିଗଲେ ।

ଅତୁଲଙ୍କ କହିବା ଅନୁସାରେ ସେ ପ୍ରତିମାସରେ ଉଭୟଙ୍କ ପ୍ରତିପୋଷଣପାଇଁ ଚାଳିଶି ହଜାର ଟଙ୍କା ଦେଉଥିଲେ କିନ୍ତୁ ବର୍ତ୍ତମାନ ସେ ପିଲାର ପାଳନପୋଷଣ ପାଇଁ ମାସିକ ୨ରୁ ଚାରି ଲକ୍ଷ ଟଙ୍କା ଅର୍ଥ ଦାବୀ କରିଲେ । ଏହା ସହିତ ପୁଅ ସହ କେବେ ଦେଖା କରିବା କିମ୍ବା କଥା ହେବାର ମଉକା ଦେଉନଥିଲେ ।

କୌଣସି ପୂଜା ଆୟୋଜନ ହେଉ ବା ବିବାହ ଉତ୍ସବ ପତ୍ନୀ ନିକିତା ଅନ୍ୟୁନ ଛଅ ଖଣ୍ଡ ଶାଢ଼ୀ ସମେତ ସୁନା ଗହଣା ସେଟ୍ ଦାବୀ କରୁଥିଲେ । ସେ ବିଭିନ୍ନ ସମୟରେ ନିଜ ଶାଶୁଙ୍କୁ ପ୍ରାୟ କୋଡ଼ିଏ ଲକ୍ଷ ଟଙ୍କା ଦେଇଥିଲେ ସୁଦ୍ଧା ସେ ତାହା ଫେରାଇ ନଥିଲେ । ଏହାପରେ ପତ୍ନୀ ନିକିତା ଯୌତୁକ ତଥା ପିତାଙ୍କ ହତ୍ୟାର ଆରୋପ ଲଗାଇ ଅତୁଳ ତଥା ତାଙ୍କ ପରିବାର ବିରୋଧରେ ମାମଲା ରୁଜୁ କରିଲେ ଏବଂ ଏଥିରେ ସେ ଆହୁରି ମଧ୍ୟ ଦାବୀ କରିଥିଲେ ଯେ ଅତୁଲ ତାଙ୍କ ସହ ଅପ୍ରାକୃତିକ ଯୌନ ସଂପର୍କ ରଖିବାକୁ ବାଧ୍ୟ କରୁଛନ୍ତି । ସେ ଯୌତୁକରେ ଦଶ ଲକ୍ଷ ଟଙ୍କା ଦାବୀ କରିବା ହେତୁ ତାଙ୍କ ପିତାଙ୍କ ହୃଦଘାତ ହୋଇଥିବା କଥା ମଧ୍ୟ ପତ୍ନୀ ନିକିତା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଥିଲେ ।

ଅତୁଲ କହିଛନ୍ତି ଯେ ଏହି ସବୁ ଅଭିଯୋଗ କୌଣସି ଚଳଚ୍ଚିତ୍ରର କାହାଣୀ ଭଳି ମନେ ହୁଏ କାରଣ ପତ୍ନୀ ନିକିତା ଆଗରୁ ଅଦାଲତରେ ସ୍ୱୀକାର କରିଛନ୍ତି ଯେ ତାଙ୍କ ପିତା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନେକ ଦିନରୁ ରୋଗଗ୍ରସ୍ତ ଥିଲେ ଏବଂ ଗତ ଦଶବର୍ଷ ହେବ ସେ ହୃଦରୋଗ ଜନିତ ସମସ୍ୟାର ସମାଧାନ ପାଇଁ ଚିକିତ୍ସା ଗ୍ରହଣ କରୁଥିଲେ । ତାଙ୍କର ଚିକିତ୍ସା ସର୍ବଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନରେ ହେଉଥିଲା । ଡାକ୍ତର କହିଥିଲେ ଯେ ସେ ସ୍ୱଳ୍ପ ସମୟ ହିଁ ବଞ୍ଚି ରହିବେ ତେଣୁ ସେମାନଙ୍କ ବିବାହ ଶୀଘ୍ର ଶୀଘ୍ର କରାଯାଇଥିଲା ।

ଉଭୟ ପକ୍ଷରେ ମନାନ୍ତର ଚାଲୁଥିବା ସମୟରେ ପତ୍ନୀ ନିକିତା ଅତୁଲଙ୍କ ଠାରୁ ତିନିକୋଟି ଟଙ୍କା ଦାବୀ କରିଥିଲେ ଏବଂ ଏହା ଦେବା ଅସମ୍ଭବ ବୋଲି କହିବା ପରେ ସେ ତମେ ଆତ୍ମହତ୍ୟା କରିଦେଉନ କାହିଁକି ବୋଲି କହି ଆକ୍ଷେପ କରିଥିଲେ । ଏହି ମାମଲା ରଫାଦଫା କରିବାପାଇଁ ଆଗରୁ ନିକିତା ଏକ କୋଟି ଟଙ୍କା ଦାବୀ କରିଥିଲେ କିନ୍ତୁ ପରେ ଏହାକୁ ବଢ଼ାଇ ତିନି କୋଟି କରିଥିଲେ । ଏହି ବିଷୟ ଯେତେବେଳେ ଜୌନପୁର ଅଦାଲତରେ ଅତୁଲ ଜଣାଇଥିଲେ ସେତେବେଳେ ବିଚାରପତି ମଧ୍ୟ ନିକିତା ସପକ୍ଷରେ ମତ ଦେଇଥିଲେ । ଅଦାଲତ ପ୍ରକ୍ରିୟା ସମୟରେ ବେଙ୍ଗାଲୁରୁରୁ ସେ ଗୋଟିଏ ବର୍ଷରେ ଅନ୍ୟୁନ ଚାଳିଶି ଥର ଜୌନପୁର ଅଦାଲତକୁ ଯାଇଥିବା କଥା ଅତୁଲ କହିଛନ୍ତି । ସେହିଭଳି ଗୋଟିଏ ଶୁଣାଣୀ ସମୟରେ ଅତିଷ୍ଠ ହୋଇ ଅତୁଲ ରାଷ୍ଟ୍ରୀୟ ଅପରାଧ ରିପୋର୍ଟ୍ ବୋର୍ଡ (ଏନସିଆରବି) ଆଧାରରେ ଦେଶରେ ଅନେକ ପୁରୁଷ ଏହିଭଳି ମିଥ୍ୟା କେଶରେ ଛନ୍ଦି ହୋଇ ଆତ୍ମହତ୍ୟା କରୁଛନ୍ତି ବୋଲି ଉପସ୍ଥାପନ କରୁଥିବା ବେଳେ ପତ୍ନୀ ନିକିତା ମତ ଦେଇଥିଲେ ଯେ ତୁମେ କାହିଁକି ଆତ୍ମହତ୍ୟା କରିଦେଉନ ? ଏହି କଥାରେ ବିଚାରପତି ହସିଦେଇ କହିଲେ ଏହି ସବୁ ମାମଲା ପ୍ରାୟତଃ ମିଥ୍ୟା ହିଁ ହୋଇଥାଏ । ତମେ ନିଜ ପରିବାର କଥା ଚିନ୍ତା କର । ମୋତେ ପାଞ୍ଚଲକ୍ଷ ଟଙ୍କା ଦେଲେ ମୁଁ ଏହି ମାମଲାକୁ ରଫାଦଫା କରିଦେବି ବୋଲି କହିଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହାପରେ ପତ୍ନୀଙ୍କ ଘର ତରଫରୁ ଆହୁରି ମଧ୍ୟ କୁହାଯାଇଥିଲା ଯେ ତୁମେ ଆତ୍ମହତ୍ୟା କରିଦେଲେ ମଧ୍ୟ ତୁମ ବାପା ପଇସା ଦେବେ । ଆହୁରି ମଧ୍ୟ ଶାଶୁ ହସିଦେଇ କହିଲେ ତୁମେ ଆହୁରି ଆତ୍ମହତ୍ୟା କରିନ ? ମୁଁ ଭାବୁଥିଲି ତୁମର ଆତ୍ମହତ୍ୟା ଖବର ଆଜି ଶୁଣିବାକୁ ମିଳିବ ବୋଲି, ଏଥିରେ ଅତୁଳ କହିଥିଲେ ଯେ ଯଦି ମୁଁ ମରିଯିବି ତମମାନଙ୍କ ପାର୍ଟି କେମିତି ଚାଲିବ । ଏହାପରେ ସେ କହିଥିଲେ ତୁମେ ମରିଗଲେ ତମ ବାପା ପଇସା ଦେବେ । ସ୍ୱାମୀଙ୍କ ମୃତ୍ୟୁପରେ ସବୁକିଛି ସ୍ତ୍ରୀର ହିଁ ହୋଇଥାଏ । ତମ ବାପାମା ମଧ୍ୟ ଶୀଘ୍ର ମରିଯିବେ । ସେଥିରେ ବି ବୋହୁର ଭାଗ ଥାଏ । ଯଦି ନ ଦେବେ ତ ଆଜୀବନ ଅଦାଲତର ଦ୍ୱାରରେ ରହିବେ ।

ମୋ ଆୟ ହେଉଥିବା ଅର୍ଥରେ ହିଁ ମୋ ପରିବାରକୁ କଷ୍ଟ ଦିଆଯାଉଛି । ତେଣୁ ମୋତେ ଲାଗୁଛି ମୁଁ ମରିଯିବା ହିଁ ଉଚିତ ହେବ । କାରଣ ମୁଁ ଚାକିରୀ କରୁଥିବା ପର୍ଯ୍ୟନ୍ତ କିମ୍ବା ବଞ୍ଚିଥିବା ପର୍ଯ୍ୟନ୍ତ ମୁଁ ସେମାନଙ୍କ ପରିବାରକୁ ଅର୍ଥ ଦେବାକୁ ବାଧ୍ୟ ହେଉଥିବି ଆଉ ସେଇ ଅର୍ଥରେ ସେମାନେ ବଳବାନ ହୋଇ ମୋ ପରିବାରକୁ ଧମକାଉଥିବେ । ମୁଁ ଦେଉଥିବା ଟାକ୍ସ ପଇସାରେ ଏହି ଅଦାଲତ, ପୋଲିସ ଓ ବ୍ୟବସ୍ଥା ମୋତେ ଓ ମୋ ପରିବାରକୁ ତଥା ମୋ ଭଳି ଅନେକ ଅସହାୟ ବ୍ୟକ୍ତିଙ୍କୁ କଷ୍ଟ ଦେଉଥିବେ, ଯଦି ମୁଁ ହି ରହିବି ନାହିଁ ତ ପଇସା ବି ରହିବନି ତା'ପରେ ମୋ ବାପାମା ଏବଂ ଭାଇଙ୍କୁ କେହି ହଇରାଣ କରିବେନି, ତେଣୁ ମୁଁ ମରିଯିବା ଉଚିତ ।

ଏହା ସହିତ ଅତୁଳ ଆହୁରି ମଧ୍ୟ କହିଛନ୍ତି ଯେ ତାଙ୍କ ପୁଅକୁ ତାଙ୍କ ପରିବାରକୁ ଦିଆଯାଉ । ମୋ ପତ୍ନୀଙ୍କ ପାଖରେ କୌଣସି ନୈତିକତା ନାହିଁ, ଯାହା ମୋ ପୁଅକୁ ମିଳି ପାରିବ । ସେ ତ ପୁଅକୁ ପାଳିବା ପାଇଁ ମଧ୍ୟ ଅକ୍ଷମ । ଏହା ସହିତ ମୋ ପତ୍ନୀଙ୍କୁ ମୋ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶବ ନିକଟକୁ ଆସିବାକୁ ଦେବ ନାହିଁ । ମୋ ଅସ୍ଥି କେବଳ ସେତେବେଳେ ବିସର୍ଜନ କରିବ ଯେତେବେଳେ ମୋ ପରିବାରକୁ ନ୍ୟାୟ ମିଳିବ, ନହେଲେ ମୋ ଅସ୍ଥିକୁ ଅଦାଲତ ନିକଟରେ ଥିବା ନାଳରେ ଫୋପାଡ଼ି ଦେବ ।

ଅତୁଲ କହିଛନ୍ତି ଯେ ତାଙ୍କର ମାମଲାର ଶୁଣାଣୀ ସିଧା ପ୍ରସାରଣ କରାଯାଇ ହେଉ । ପତ୍ନୀ ନିକିତାକୁ ମୋ ଶବକୁ ଛୁଇଁବାକୁ ନ ଦିଆଯାଉ । ଯଦି ଭ୍ରଷ୍ଟ ବିଚାରପତି, ମୋ ପତ୍ନୀ ଓ ଶାଶୁଙ୍କୁ ଅଦାଲତ ଛାଡ଼ିଦିଏ ତାହେଲେ ସେଇ ଅଦାଲତ ବାହାରେ ଥିବା ନାଳରେ ମୋ ଅସ୍ଥିକୁ ବିସର୍ଜନ କରିଦେବ ।

ଏହି ମାମଲା ବର୍ତ୍ତମାନ ସମଗ୍ର ଦେଶରେ ଚର୍ଚ୍ଚାର ବିନ୍ଦୁ ହୋଇଛି । ଅନେକ ଲୋକ ଆମ ଆଇନ ବ୍ୟବସ୍ଥାରେ ଥିବା ଏହି ତ୍ରୁଟିକୁ ଅଙ୍ଗୁଳି ଦେଖାଉଥିବା ବେଳେ କିନ୍ତୁ କିଛି ଲୋକ ତଥାପି ଏହା ସପକ୍ଷରେ ମତ ଦେଉଛନ୍ତି । ସେହିଭଳି ଜଣେ ବ୍ୟକ୍ତି ହେଲେ କଙ୍ଗନା ରଣୌତ । ବଲିଉଡ଼ ଅଭିନେତ୍ରୀ ତଥା ସାଂସଦ କଙ୍ଗନା ଗଣମାଧ୍ୟମକୁ କହିଛନ୍ତି ଯେ ସାଧାରଣତଃ ବିବାହ ବିଚ୍ଛେଦରେ ୯୯ ପ୍ରତିଶତ ଭୁଲ କେବଳ ପୁରୁଷମାନଙ୍କର ହିଁ ହୋଇଥାଏ । ଏହି ମାମଲାର ରିଭ୍ୟୁ କରାଯିବାର ଆବଶ୍ୟକତା ରହିଛି ଏବଂ ଏହାସହ ଏହିଭଳି ମାମଲା କିଭଳି ସମାଧାନ ହୋଇପାରିବ ସେଥିପାଇଁ ଏକ ଅଲଗା ବ୍ୟବସ୍ଥା କରିବା ଆବଶ୍ୟକ ରହିଛି ।

ଯଦି ଲୋକମାନେ ବିବାହକୁ ଏକ ଧନ୍ଦା କରିଦେବେ ତ ଅସୁବିଧା ହେବ । ଅତୁଲ ସୁଭାଷଙ୍କ ଠାରୁ କୋଟି କୋଟି ଟଙ୍କା ମଗାଯାଉଥିଲା ଯାହା ତାଙ୍କ ସାମର୍ଥ୍ୟରୁ ବାହରେ ଥିଲା, ଏହା ବାସ୍ତବରେ ନିନ୍ଦନୀୟ । ଯୁବବର୍ଗଙ୍କ ଉପରେ ଏହିଭଳି ବୋଝ ରହିବା ଉଚିତ ନୁହେଁ ।



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯାହା ତାଙ୍କର ଦରମା ଥିଲା ତାହାଠାରୁ ତିନି ଚାରିଗୁଣ ଅଧିକ ସେ ଦେଉଥିଲେ । ତଥାପି ତାଙ୍କଠାରୁ ଅର୍ଥ ଦାବୀ କରାଯାଉଥିଲା ଯେଉଁଠି ପାଇଁ ସେ ମାନସିକ ଚାପଗ୍ରସ୍ତ ହୋଇ ଆତ୍ମହତ୍ୟା କରିଲେ । ଏହି ମନ୍ତବ୍ୟ କଙ୍ଗନା ସଂସଦ ବାହାରେ ଗଣମାଧ୍ୟମକୁ ଦେଇଥିଲେ । ଅନେକେ ତାଙ୍କର ଏହିଭଳି ମନ୍ତବ୍ୟକୁ ସ୍ୱୀକାର କରିବାକୁ ଅନିଚ୍ଛୁକ ମନେ ହେଉଥିଲେ । ସୋସିଆଲ୍ ମିଡ଼ିଆରେ ମଧ୍ୟ କଙ୍ଗନାଙ୍କୁ ଏହି ବାବଦରେ ଅନେକ ଟ୍ରୋଲ୍ ହେବାକୁ ପଡ଼ିଛି ।

ଏହି ମାମଲା ମାତ୍ର ଗୋଟିଏ ଉଦାହରଣ ନୁହେଁ, ଏହିଭଳି ଅଗଣିତ ମାମଲା ଅଦାଲତରେ ରହିଛି । ଯେଉଁଠି ପତ୍ନୀଙ୍କ ପରିବାର ପତି ଓ ତାଙ୍କ ପରିବାରକୁ ମିଥ୍ୟା ମାମଲାରେ ଫସାଇ ଦେଇଛନ୍ତି । ଏହି ବିଷୟରେ ମନ୍ତବ୍ୟ ଦେଇ ସୁପ୍ରିମ୍ କୋର୍ଟ ଜଷ୍ଟିସ୍ ବି ବି ନାଗରତ୍ନା ଏବଂ ଜଷ୍ଟିସ୍ ଏନ୍ କୋଟିଶ୍ୱର୍ ସିଂ ଙ୍କ ପୀଠ କହିଛନ୍ତି ଯେ ଘରୋଇ ହିଂସାର ଏହି ଧାରା ବୈବାହିକ ମତଭେଦରେ ଜନ୍ମ ନେଇଥିବା ଘରୋଇ ବିବାଦରେ ସ୍ୱାମୀ ଏବଂ ତାଙ୍କ ପରିବାର ବିରୋଧରେ ଧାରା ୪୯୮-କ ଅନ୍ତର୍ଭୁକ୍ତ ଦୁର୍ବ୍ୟବହାର କରାଯାଉଛି । ଦଶ ଡିସେମ୍ବରରେ ଏହିଭଳି ଏକ ମାମଲା ଖାରଜ କରୁଥିବା ବେଳେ ଉଭୟ ଏହିମତ ଦେଇଛନ୍ତି ।

ତେଲେଙ୍ଗାନାର ଗୋଟିଏ ବିବାହିତ ଯୋଡ଼ି ବିବାହ ବିଚ୍ଛେଦପାଇଁ ଆବେଦନ କରୁଥିବା ବେଳେ ପତ୍ନୀଙ୍କ ପରିବାର ତରଫରୁ ପତିଙ୍କ ପରିବାର ବିରୋଧରେ ଦଫା ୪୯୮-କ ଅନ୍ତର୍ଭୁକ୍ତ ମାମଲା ଦାୟର କରିଥିଲେ । ଯାହାର ଶୁଣାଣୀ ହାଇକୋର୍ଟରେ ନ ହୋଇପାରିବା ପରେ ସୁପ୍ରିମ କୋର୍ଟରେ ପହଞ୍ଚି ଥିଲା ଏବଂ ପୁରା ମାମଲାର ଶୁଣାଣୀ କରିବା ପରେ ଅଦାଲତ ମାମଲାକୁ ମିଥ୍ୟା ବୋଲି ପ୍ରମାଣିତ କରି ଦେଇଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅତୁଲ ସୁଭାଷଙ୍କ ବାପା କହିଥିଲେ ଯେ ମୋ ପୁଅ ଚିନ୍ତାଗ୍ରସ୍ତ ଥିଲା କିନ୍ତୁ ଆମକୁ କେବେ ବି ସେ କୌଣସି ଅସୁବିଧା କଥା ଜଣାଇନଥିଲା । ସବୁବେଳେ କହୁଥିଲା ଯେ ଏହି ମାମଲାର ସମାଧାନ ଅଦାଲତରେ ଅସମ୍ଭବ । ଏଠି କେବଳ ଅନ୍ୟାୟ ପନ୍ଥାରେ ହିଁ ସମାଧାନ ମିଳିବ ବୋଲି କହୁଛନ୍ତି । ଏହି ମାମଲାରେ ସେ ଚାଳିଶିଥର ଜୌନପୁର ଯାଇଥିଲା, ତା ସ୍ତ୍ରୀ ଗୋଟିଏ ପରେ ଗୋଟିଏ ମାମଲା ଦାୟର କରି ଚାଲିଥିଲା । ସେ ନିଶ୍ଚୟ ଥକି ପଡ଼ିଥିବ । ହଠାତ ଆମକୁ ତାହାର ଆତ୍ମହତ୍ୟା ଖବର ଶୁଣିବାକୁ ମିଳିଥିଲା । ଆମ ପୁଅ ଅତୁଲ ନିଜ ପତ୍ନୀଙ୍କ ପରିବାର ଉପରେ ଯାହା ସବୁ ଅଭିଯୋଗ ଆଣିଛି ସେ ସବୁ ସତ । ବିବାହ ପରେ ପୁଅ ଜନ୍ମ ହେବାପରେ ପତ୍ନୀ ନିକିତା ଘର ଛାଡ଼ି ଚାଲି ଯାଇଥିଲେ । ଏହାର ଆଠମାସ ପରେ ସେ ବିବାହ ବିଚ୍ଛେଦ ପାଇଁ ମାମଲା ଦାୟର କରିଥିଲେ ଏବଂ ଏହା ପରେ ପରେ ସେ ଅନେକ ମାମଲା ଆମ ପରିବାର ବିରୋଧରେ ଦାୟର କରିଥିଲେ । ଆମ ପୁଅ ସାହାସର ସହ ସବୁ ମାମଲାର ଶୁଣାଣିରେ ଉପସ୍ଥିତ ରହି ପ୍ରତ୍ୟୁତ୍ତର ଦେଇଥିଲା ହେଲେ ସେ ପାରିଲାନି ଆମକୁ ଛାଡ଼ି ଚାଲିଗଲା ।

ଏବେ ଅତୁଲଙ୍କୁ ନ୍ୟାୟ ଦେବାକୁ ସବୁଠି ଦାବି ଉଠିଛି । ସୋସିଆଲ୍ ମିଡିଆରେ ଏବେ ଏହା ଟ୍ରେଣ୍ଡ କରୁଚଛି । ସୋସିଆଲ ମିଡିଆରେ ଅତୁଲ ସୁଭାଷଙ୍କ ପତ୍ନୀ ନିକିତା ସିଙ୍ଘାନିଆଙ୍କ ବିରୋଧରେ ଲଗାତାର କମେଣ୍ଟ ଓ ବହିଷ୍କାର ପାଇଁ ଦାବି ଉଠିବା ପରେ ଆସେଞ୍ଚର (Accenture) କମ୍ପାନୀ ତାର X ଆକାଉଣ୍ଟ ପ୍ରୋଫାଇଲକୁ ଲକ୍ କରିଦେଇଛି ।

ଜଣେ ୟୁଜର ଟ୍ୱିଟରରେ ଆସେଞ୍ଚରକୁ ଟ୍ୟାଗ କରି ଲେଖିଛନ୍ତି, ନିକିତା ସିଙ୍ଘାନିଆଙ୍କୁ କିପରି ଚାକିରିରେ ରଖିଛନ୍ତି ? ଯିଏ ତାଙ୍କ ପୂର୍ବ ସ୍ୱାମୀ ଅତୁଲ ସୁଭାଷଙ୍କୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିର୍ଯାତନା ଦେଇ ଆତ୍ମହତ୍ୟା କରିବାକୁ ବାଧ୍ୟ କରିଥିଲେ ? ତାଙ୍କୁ କାହିଁକି ଏପର୍ଯ୍ୟନ୍ତ ବରଖାସ୍ତ କରାଯାଇନାହିଁ ? ସେହିପରି ଆଉଜଣେ ଲେଖିଛନ୍ତି, ଅତୁଲଙ୍କ ପତ୍ନୀ ଆସେଞ୍ଚର କମ୍ପାନୀରେ କାମ କରନ୍ତି । ନୈତିକତା ଦୃଷ୍ଟିରୁ ତାଙ୍କୁ ଚାକିରିରୁ ବରଖାସ୍ତ କରିବା ଉଚିତ, ଯଦି ଏପରି ନହୁଏ ତେବେ ସେମାନେ ଲୋକଙ୍କୁ ସାମ୍ନା କରିବାକୁ ପ୍ରସ୍ତୁତ ହୁଅନ୍ତୁ ।

ଆଉଜଣେ ଲେଖିଛନ୍ତି, ଲୋକଙ୍କ କଥା ଶୁଣିନପାରି କମ୍ପାନୀ ପ୍ରୋଫାଇଲ୍ ଲକ୍ କରିଦେଇଛି । ଅତୁଲ ସୁଭାଷଙ୍କ ଆତ୍ମହତ୍ୟା ପୂର୍ବର ଭିଡିଓ ଭାଇରାଲ୍ ହେବା ପରେ ଲୋକମାନେ ଏହାକୁ ଅତି ଗୁରୁତର ସହ ନେଇଛନ୍ତି । ଏହାକୁ ନେଇ ଉଦବେଗ ପ୍ରକାଶ ପାଇଛି । କମ୍ପାନୀ ତାଙ୍କ ସ୍ତ୍ରୀଙ୍କୁ ଚାକିରିରୁ ନିଲମ୍ବିତ କରି ଏହି ଘଟଣାକୁ ଏଠାରେ ବନ୍ଦ କରିବାର ଥିଲା ।

ଅତୁଳ ସୁଭାଷଙ୍କ ଆତ୍ମହତ୍ୟା ଅନେକଙ୍କ ପାଇଁ ଏକ ସନ୍ଦେଶ ବା ବାର୍ତ୍ତା ହୋଇପାରେ । ଏହିଭଳି ମାମଲାର ଗଣତି ଅସଂଖ୍ୟ । ଓଡ଼ିଶାରେ ମଧ୍ୟ ଆଇନଜୀବି ବ୍ୟୋମକେଶ ତ୍ରିପାଠୀ ଏହିଭଳି ମାମଲା ବିରୁଦ୍ଧରେ ଅନେକ ଦିନରୁ କ୍ରିୟାନୁଷ୍ଠାନ କରିବା ସପକ୍ଷରେ ଦାବୀ କରି ଆସୁଛନ୍ତି । ଏହିଭଳି ମାମଲା ସବୁ ଦେଖିବା ପରେ, ମହିଳା ମାନଙ୍କ ଭଳି ଏକ ପୁରୁଷ କମିସନ ଗଠନ କରିବା ଦାବୀ ଯଥାର୍ଥ ମନେ ହେଉଛି ।

ବିଗତ ସପ୍ତାହରେ ଏକ ଖବର ବେସରକାରୀ ବେତନଭୋଗୀ ବର୍ଗଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଲା । ଦିଲ୍ଲୀ ସନ୍ନିକଟ ଗୁଡ଼ଗାଓଁ ଅଞ୍ଚଳରେ କାମ କରୁଥିବା ଏକ ସଂସ୍ଥା ୟେସ୍ ମେଡମ୍ ସମ୍ବନ୍ଧିତ ଏହି ଖବର ଆଶ୍ଚର୍ଯ୍ୟଜନକ ଥିଲା । କୁହାଯାଉଥିଲା ଯେ ଏହି ସଂସ୍ଥା ନିଜର କର୍ମଚାରୀଙ୍କୁ ନେଇ ଏକ ବ୍ୟକ୍ତିଗତ ସର୍ବେକ୍ଷଣ କରିଥିଲା ଏବଂ ପ୍ରଶ୍ନ କରିଥିଲା ଯେ ଆପଣ କାମ କରିବା ବେଳେ ଅତ୍ୟଧିକ ଚାପଗ୍ରସ୍ତ ହୋଇ ଯାଉଛନ୍ତି କି ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନେକ କର୍ମଚାରୀ ଏହାକୁ ହଁ ବୋଲି କହି ଉତ୍ତର ଦେଇଥିଲେ । ଏହି ସର୍ବେକ୍ଷଣ ପରେ ଯେଉଁସବୁ କର୍ମଚାରୀ ଚାପଗ୍ରସ୍ତ ବୋଲି ଉତ୍ତର ଦେଇଥିଲେ ସେମାନଙ୍କୁ ଚାକିରୀରୁ ନିଲମ୍ବନ କରାଯାଇଥିଲା । ଏହାକୁ ନେଇ ସୋସିଆଲ୍ ମିଡ଼ିଆ ଅଧିକ ଚର୍ଚ୍ଚାରେ ରହିଲା । କେହି କେହି ଏହିଭଳି କାର୍ଯ୍ୟାନୁଷ୍ଠାନ ଅନ୍ୟାୟ ବୋଲି କହୁଥିବା ବେଳେ ଅନେକ ଏହାକୁ ଏକ ଉଚିତ ପଦକ୍ଷେପ ବୋଲି କହିଥିଲେ ।

ଯଦି ଆପଣ ନିଜ କର୍ମସଂସ୍ଥାନରେ ଚାପଗ୍ରସ୍ତ ରହୁଛନ୍ତି ତା ହେଲେ ସେହି କାମ ଆପଣଙ୍କୁ ଭଲ ଲାଗୁନଥିବ କିମ୍ବା ଆପଣ ସେହି ଭଳି ସନ୍ତୁଷ୍ଟି ପାଉନଥିବେ, ତେଣୁ ବରଂ ଅନ୍ୟ କୌଣସି ସ୍ଥାନରେ ଯୋଗ ଦେବା ଉଚିତ ବୋଲି ଅନେକ ମତ ଦେଇଥିଲେ । ହେଲେ ଏହିଭଳି ଏକ ସର୍ବେକ୍ଷଣ କରି ସମସ୍ତ କର୍ମଚାରୀଙ୍କୁ ନିଲମ୍ବନ କରିବା ପରେ ଅନ୍ୟ କର୍ମଚାରୀମାନେ ଅଧିକ ଚାପଗ୍ରସ୍ତ ହୋଇପାରନ୍ତି ବୋଲି ମଧ୍ୟ ମତ ମିଳିଥିଲା । ସେ ଯା ହେଉ ସଦ୍ୟପ୍ରାପ୍ତ ଖବର ଅନୁସାରେ ସମ୍ପୃକ୍ତ କମ୍ପାନୀ ତରଫରୁ ଏକ ସ୍ୱଷ୍ଟୀକରଣ ଦିଆଯାଇଛି ଯେ ସେମାନେ କୌଣସି କର୍ମଚାରୀକୁ ନିଲମ୍ବନ କରିନାହାନ୍ତି ବରଂ ସେମାନଙ୍କୁ କିଛି ଦିନର ବିଶ୍ରାମ ଦିଆଯାଇଛି ।

ଗତ ସପ୍ତାହରେ ମୁକ୍ତିଲାଭ କରିଛି ସର୍ବଭାରତୀୟ ଚଳଚ୍ଚିତ୍ର ପୁଷ୍ପା ୨ । ମୂଳ ତେଲୁଗୁ ଭାଷାରେ ନିର୍ମିତ ଏହି ଚଳଚ୍ଚିତ୍ର ବହୁଭାଷୀ ସଂସ୍କରଣରେ ଭାରତ ସମେତ ବିଶ୍ୱର ଅନେକ ଦେଶରେ ମୁକ୍ତିଲାଭ କରିଛି । ଚଳଚ୍ଚିତ୍ର ଶିଳ୍ପରେ ବଲିଉଡ଼ର ଆଧିପତ୍ୟକୁ ଗୌଣ କରିଦେଉଥିବା ଅନେକ ଦକ୍ଷିଣଭାରତୀୟ ଚଳଚ୍ଚିତ୍ର ବିଶ୍ୱ ଦର୍ଶକ ଗୋଷ୍ଠୀଙ୍କୁ ଆପ୍ୟାୟିତ କରିବାକୁ ସମର୍ଥ ହେଉଛନ୍ତି । ଅତୀତରେ ମଧ୍ୟ ବାହୁବଳୀ, ଆରଆରଆର୍, କନ୍ତାରା ଭଳି ଚଳଚ୍ଚିତ୍ର ସର୍ବଭାରତୀୟ ସ୍ତରରେ ସଫଳତାର ସହ ମୁକ୍ତିଲାଭ କରିଛି । ସାଧାରଣତଃ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦକ୍ଷିଣ ଭାରତରେ ନିର୍ମାଣ ହେଉଥିବା ଅଧିକାଂଶ ଚଳଚ୍ଚିତ୍ର ମୌଳିକତା ବଜାୟ ରଖିବା ସହ ଆମ ଭାଷା, ସାହିତ୍ୟ, ସଂସ୍କୃତି ଓ ଧର୍ମ ଆଦି ପ୍ରତି ବିଶେଷ ସଚେତନ ରହୁଥିବା ଏବଂ ଦେଖାଉଥିବା ହେତୁ ଏହା ସବୁ ଲୋକପ୍ରିୟ ହେବାକୁ ଲାଗିଛି । ପୁଷ୍ପା ୧ ଚଳଚ୍ଚିତ୍ର ପାଇଁ ଆଲ୍ଲୁ ଅର୍ଜୁନଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାର ମିଳିଛି । ଏହି ସଂସ୍କରଣ ମଧ୍ୟ ଅନୁରୂପ ଭାବରେ ଭଲ ପ୍ରଦର୍ଶନ କରୁଥିବା ଖବର ମିଳୁଛି । ଏହି ଚଳଚ୍ଚିତ୍ରର ତୃତୀୟ ସଂସ୍କରଣ ଶୀଘ୍ର ସୁଟିଂ ହେବ ବୋଲି ଜଣାପଡ଼ିଛି ।

ଓଡ଼ିଶାରେ ଏକ ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି । ସୁନ୍ଦରଗଡ଼ ଜିଲ୍ଲାରେ ଏକ ନାବାଳିକା ସହ ବଳାତ୍କାର ମାମଲାରେ ଅଭିଯୁକ୍ତ ଥିବା କୁନୁ କିସାନ୍ ନାମକ ବ୍ୟକ୍ତି ବ୍ୟକ୍ତିଗତ ମୁଚାଲିକାରେ ଜେଲରୁ ବାହାରକୁ ଆସିବା ପରେ ଅଭିଯୋଗ କରିଥିବା କନ୍ୟାକୁ ହତ୍ୟା କରିଛି । ଅଗଷ୍ଟ ୨୦୨୩ରେ ବଳାତ୍କାର ଘଟଣାରେ ଗିରଫ ହୋଇଥିବା କୁନୁ କିସାନ୍ ଡିସେମ୍ବର ୨୦୨୩ରେ ଜାମିନ୍ ପାଇଥିଲା ।

ପ୍ରଥମେ ନାବାଳିକାଙ୍କୁ ଦୁଷ୍କର୍ମ, ପରେ ବିବାହ ପ୍ରତିଶ୍ରୁତି ଦେଇ ଏକାଧିକଥର ଶାରୀରିକ ସମ୍ପର୍କ ରଖିବା ପରେ ଫେରାର୍ ହୋଇଗଲା ଯୁବକ। ପୀଡ଼ିତା ଥାନାର ଦ୍ୱାରସ୍ଥ ହେବା ପରେ ପୁଲିସ୍ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ ବି କଲା । ଜାମିନ୍‌ରେ ମୁକୁଳିବା ପରେ କାଳେ ପୀଡ଼ିତାଙ୍କ ସାକ୍ଷ୍ୟ ଆଧାରରେ ସାରା ଜୀବନ ଜେଲ୍‌ରେ କାଟିବାକୁ ପଡ଼ିବ, ସେହି ଭୟରେ ତାଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କଲା ଅଭିଯୁକ୍ତ । ତଣ୍ଟିକାଟି ଯୁବତୀଙ୍କୁ ହତ୍ୟା କରିବା ପରେ ଖଣ୍ଡ ଖଣ୍ଡ କରି ନଦୀ, ପୋଖରୀରେ ଫିଙ୍ଗିଦେଲା । ଏଭଳି ଏକ ଲୋମହର୍ଷଣକାରୀ ଘଟଣାର ପର୍ଦ୍ଦାଫାସ କରିଛି ଝାରସୁଗୁଡ଼ା ପୁଲିସ ।

Listen to Odia Podcast Original at https://youtube.com/@drjyotiprasad

ବଳାତ୍କାରର ଶୀକାର ହୋଇଥିବା ନାବାଳିକା କନ୍ୟା ନିଜ ମାଉସୀଙ୍କ ଘର ଝାରସୁଗୁଡ଼ାରେ ରହୁଥିବା ବେଳେ, ଗତ ସାତ ତାରିଖରୁ ନିଖୋଜ ଥିବା ନେଇ ତାଙ୍କ ପରିବାର ତରଫରୁ ପୋଲିସରେ ମାମଲା ରୁଜୁ କରାଯାଇଥିଲା । ଏହି ମାମଲାର ତଦନ୍ତ କରୁଥିବା ପୋଲିସ ସିସିଟିଭିରେ ସେହି ଝିଅ ଜଣକ ଗୋଟିଏ ବାଇକରେ ଦୁଇଜଣ ବ୍ୟକ୍ତିଙ୍କ ସହ ବସି ଯାଉଥିବାର ଦେଖିବାକୁ ମିଳିଥିଲା । ଉଭୟ ଆରୋହୀ ହେଲମେଟ୍ ପିନ୍ଧିଥିବା ହେତୁ ସେମାନଙ୍କ ପରିଚୟ ଜାଣିବା ସମ୍ଭବ ନଥିଲା । କିନ୍ତୁ ପରେ ଅଧିକ ତଦନ୍ତ କରି କୃତ୍ରିମ ବୁଦ୍ଧିମତା ବା ଏଆଇ ର ବ୍ୟବହାର କରି ଦୋଷୀ ନିକଟରେ ପହଞ୍ଚି ପାରିଥିଲା । ପରେ ପୋଲିସ ମହକୁମାରେ ଅଭିଯୁକ୍ତ ପ୍ରଶ୍ନୋତ୍ତର ସମୟରେ କନ୍ୟାଟିକୁ ହତ୍ୟା କରିଥିବା କଥା ସ୍ୱୀକାର କରିଥିଲା । ନିଜେ ସେହି କନ୍ୟାକୁ ହତ୍ୟା କରି ଶରୀରକୁ ଖଣ୍ଡ ଖଣ୍ଡ କରି ଭିନ୍ନ ଭିନ୍ନ ସ୍ଥାନରେ ଫୋପାଡ଼ି ଦେଇଥିବା କଥା ସେ ସ୍ୱୀକାର କରିଥିଲା ।

ରାଷ୍ଟ୍ରୀୟ ରାଜମାର୍ଗ ୧୪୩ରେ ରାଉରକେଲା ଓ ଦେବଗଡ଼ ମଧ୍ୟବର୍ତ୍ତୀ କୌଣସି ଏକ ସ୍ଥାନରେ ସେହି କନ୍ୟାର ଗଳାକାଟି ହତ୍ୟା କରିବା ପରେ ତା ଶରୀରକୁ ଗଡ଼ି ଗଡ଼ି କରିଦେଇଥିଲା । ଏହାପରେ ତାରକେରା ନାଳ ଓ ବ୍ରାହ୍ମଣୀ ନଦୀର ବାଲୁଘାଟରେ ସେ ସବୁକୁ ଫୋପାଡ଼ି ଦେଇଥିଲା ।

ପୋଲିସ ସେହି ସବୁ ସ୍ଥାନରୁ ଖୋଜାଖୋଜି କରିବା ପରେ ଶରୀରର କଟା ଅଂଶ ସବୁ ମିଳିଥିଲା । ବଳାତ୍କାର ମାମଲାରେ ଆଗକୁ ଯେଉଁଭଳି ସେଇ କନ୍ୟା ଅଦାଲତରେ ହାଜର ନ ହୋଇ ପାରିବ ସେଇଥିପାଇଁ ଏହିଭଳି ଜଘନ୍ୟ କାଣ୍ଡ ସେ ଭିଆଇଥିବା କଥା ସ୍ୱୀକାର କରିଥିଲା ।

ଏହି ଘଟଣାରେ ଅଭିଯୁକ୍ତ ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ଥାନା ନୂଆଡିହିର କୁନୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିଷାନ(୨୪)କୁ ପୁଲିସ ଗିରଫ କରିଥିବା ବେଳେ ଅନ୍ୟ ଜଣେ ନାବାଳକ(୧୭)କୁ ଅଟକ ରଖିଛି । କିଭଳି ଭାବେ ଏହି ମାମଲାର ତ୍ୱରିତ ବିଚାର ପ୍ରକ୍ରିୟା ଆରମ୍ଭ ହେବ ଏବଂ ଦୋଷୀ ଦଣ୍ଡ ପାଇବେ, ସେ ନେଇ ସମସ୍ତ ପ୍ରକାର ଉଦ୍ୟମ କରାଯାଉଥିବା ଆଇଜି ଶ୍ରୀ ହିମାଂଶୁ ଲାଲ୍ କହିଛନ୍ତି ।

ପୁଲିସ ସୂଚନା ଅନୁସାରେ, ୨୦୨୩ ମସିହାରେ ସୁନ୍ଦରଗଡ଼ ଜିଲ୍ଲା ଧରୁଆଡିହି ଥାନାଞ୍ଚଳରେ ରହୁଥିବା ସମୟରେ ପୀଡ଼ିତା ଦୁଷ୍କର୍ମର ଶିକାର ହୋଇଥିଲେ । ସେତେବେଳେ ସେ ନାବାଳିକା (୧୭ ବର୍ଷ) ଥିଲେ । ଏହି ଘଟଣାରେ ଧରୁଆଡିହି ପୁଲିସ୍ ଏକ ମାମଲା ରୁଜୁ କରି ୨୦୨୩ ଅଗଷ୍ଟ ୨୭ ତାରିଖରେ ଅଭିଯୁକ୍ତ କୁନୁ କିଷାନକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ୨୦୨୩ ଡିସେମ୍ବର ୪ ତାରିଖରେ ସେ ସର୍ତ୍ତମୂଳକ ଜାମିନ୍‌ରେ ଆସିଥିଲା, କିନ୍ତୁ ନିର୍ଦ୍ଧାରିତ ମାସକ ପରେ କୋର୍ଟରେ ହାଜିରା ଦେଇ ନଥିଲା । ପରେ ଅଭିଯୁକ୍ତ କୁନୁ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି ହୋଇଥିବା ବେଳେ ସେ ଫେରାର୍ ହୋଇଯାଇଥିଲା । ଇତିମଧ୍ୟରେ ସେ ପୀଡ଼ିତାଙ୍କୁ ହତ୍ୟା ପାଇଁ ଯୋଜନା ପ୍ରସ୍ତୁତ କରିଥିଲା । ଗତ ୭ ତାରିଖରେ ସେ ଝାରସୁଗୁଡ଼ାରେ ରହି କାମ କରୁଥିବା ଉକ୍ତ ଯୁବତୀଙ୍କ ପାଖକୁ ଆସି କୌଣସି ମତେ ତାଙ୍କ ସହ କଥାବାର୍ତ୍ତା ହୋଇଥିଲା । ପୂର୍ବ କଥା ଭୁଲି କୁନୁ ସହିତ ଯୁବତୀ (୧୮) ବାଇକ୍‌ରେ ବସି ସୁନ୍ଦରଗଡ଼ ଅଭିମୁଖେ ବାହାରି ଯାଇଥିଲେ । ତେବେ ଅଭିଯୁକ୍ତ କୁନୁ ଉକ୍ତ ଯୁବତୀଙ୍କୁ ୧୪୩ ନଂବର ଜାତୀୟ ରାଜପଥର ରାଉରକେଲା-ଦେବଗଡ଼ ରାସ୍ତାର ଲାଠିକଟା ଥାନାଠାରୁ କିଛି ଦୂରରେ ଏକ ନିକାଞ୍ଚନ ସ୍ଥାନରେ ପ୍ରଥମେ ତଣ୍ଟି କାଟି ହତ୍ୟା କରିଥିଲା ।

ଇରାନର କଠୋର ହିଜାବ ଆଇନ ଲାଗୁ କରାଯାଇଛି, ଏହି ଡ୍ରେସ୍ କୋଡ୍‌ର

Listen to Odia Podcast Original at https://youtube.com/@drjyotiprasad

ଉଲ୍ଲଂଘନ କଲେ ମୃତ୍ୟୁଦଣ୍ଡ ଦିଆଯିବ ବୋଲି ସରକାରୀ ଭାବରେ ଜଣାଇ ଦିଆଯାଇଛି ।

୧୯୭୯ ମସିହାରୁ ଇରାନରେ ବାଧ୍ୟତାମୂଳକ ହିଜାବ ଆଇନ, ୨୦୨୨ ମସିହାରେ ମହସା ଆମିନୀଙ୍କ ମୃତ୍ୟୁ ପରେ ବିବାଦର କେନ୍ଦ୍ରବିନ୍ଦୁ ପାଲଟିଥିଲା । ବର୍ତ୍ତମାନ ଦୁଇ ବର୍ଷ ପରେ ସରକାର ଏହି ନିୟମକୁ ଅଧିକ କଠୋର କରିଛନ୍ତି ।

ଇରାନ କଠୋର ନିୟମ ପାଇଁ ଜଣାଶୁଣା । ଇରାନ ହିଜାବ ସମ୍ବନ୍ଧରେ ନୂତନ ନିୟମ ଲାଗୁ କରିଛି ଯାହା ବିବାଦର କାରଣ ପାଲଟିଛି । ଏହି ନିୟମ ଅନୁଯାୟୀ, ଯଦି ମହିଳାମାନେ ହିଜାବର ନିୟମ ଉଲ୍ଲଂଘନ କରନ୍ତି, ତେବେ ସେମାନଙ୍କୁ ମୃତ୍ୟୁଦଣ୍ଡ ମଧ୍ୟ ଦିଆଯାଇପାରେ। ନୂତନ ଆଇନର ଧାରା ୬୦ ଅନୁଯାୟୀ ଦୋଷୀ ମହିଳାଙ୍କୁ ଜୋରିମାନା, ଚାପୁଡ଼ା କିମ୍ବା କଠୋର ଜେଲ ଦଣ୍ଡ ଦିଆଯାଇପାରେ ।

ଯଦି ଜଣେ ମହିଳା ଏହି ନିୟମକୁ ଏକାଧିକ ଥର ଉଲ୍ଲଂଘନ କରନ୍ତି, ତେବେ ତାଙ୍କୁ ୧୫ବର୍ଷ ପର୍ଯ୍ୟନ୍ତ ଜେଲ୍ କିମ୍ବା ମୃତ୍ୟୁଦଣ୍ଡ ଭୋଗିବାକୁ ପଡିପାରେ । ଏହା ବ୍ୟତୀତ ଇରାନ କର୍ତ୍ତୃପକ୍ଷ ମଧ୍ୟ ଏକ ବିବାଦୀୟ ହିଜାବ କ୍ଲିନିକ ଖୋଲିବାକୁ ଘୋଷଣା କରିଛନ୍ତି ଯାହାର ଉଦ୍ଦେଶ୍ୟ ହିଜାବର ନିୟମକୁ କାର୍ଯ୍ୟକାରୀ କରିବା ।

ଇଣ୍ଡିଆନ୍ ଏକ୍ସପ୍ରେସ ରିପୋର୍ଟ ଅନୁଯାୟୀ ଯଦି କୌଣସି ବିଦେଶୀ ଗଣମାଧ୍ୟମ କିମ୍ବା ସଂଗଠନ ଇରାନରେ ହିଜାବ ବିରୋଧୀ ମତ ପ୍ରଚାର କରନ୍ତି, ତେବେ ତାଙ୍କୁ ୧୦ବର୍ଷ ଜେଲ ଦଣ୍ଡ ଏବଂ ୧୨,୫୦୦ ପାଉଣ୍ଡ ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡିପାରେ । ଆହୁରି ମଧ୍ୟ, ଯଦି କେହି ଜଣେ ମହିଳା ଗିରଫଦାରୀକୁ ଅଟକାଇବାକୁ କିମ୍ବା ଏଥିରେ ହସ୍ତକ୍ଷେପ କରିବାକୁ ଚେଷ୍ଟା କରନ୍ତି, ତେବେ ତାଙ୍କୁ ମଧ୍ୟ ଦଣ୍ଡ ଦିଆଯିବ । ଇରାନ ସରକାର ସ୍ପଷ୍ଟ କରିଛନ୍ତି ଯେ, ଏଭଳି ଲୋକଙ୍କୁ ସିଧାସଳଖ ଜେଲ୍‌ରେ ରଖାଯାଇପାରିବ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

୧୯୭୯ର ଇସଲାମିକ ବିପ୍ଲବ ପରଠାରୁ, ଇରାନରେ ମହିଳାମାନଙ୍କ ପାଇଁ ସର୍ବସାଧାରଣ ସ୍ଥାନରେ ହିଜାବ ପିନ୍ଧିବା ବାଧ୍ୟତାମୂଳକ କରାଯାଇଥିଲା । ଏହା ସତ୍ତ୍ୱେ ୨୦୨୨ ମସିହାରେ, ଏହି ହିଜାବ ନିୟମ ବିରୁଦ୍ଧରେ ସାରା ଦେଶରେ ବ୍ୟାପକ ବିରୋଧ କରାଯାଇଥିଲା । ଏହି ବିରୋଧର ମୁଖ୍ୟ କାରଣ ଥିଲା ୧୬ ସେପ୍ଟେମ୍ବର ୨୦୨୨ ରେ ୨୨ବର୍ଷୀୟ ମହସା ଆମିନୀଙ୍କ ପୁଲିସ୍ ହେପାଜତରେ ମୃତ୍ୟୁ ।

ସୂଚନା ଅନୁଯାୟୀ, ଡ୍ରେସ୍ କୋଡ୍ ଉଲ୍ଲଂଘନ ମାମଲାରେ ମହସା ଆମିନୀଙ୍କୁ ପୁଲିସ ଗିରଫ କରିଥିଲା । ତାଙ୍କ ମୃତ୍ୟୁ ପରେ ସାରା ଦେଶରେ ବ୍ୟାପକ ବିରୋଧ ପ୍ରଦର୍ଶନ କରାଯାଇଥିଲା ଯେଉଁଥିରେ ଶହ ଶହ ଲୋକଙ୍କ ମୃତ୍ୟୁ ଘଟିଥିଲା । ଏହି ଘଟଣା ପରେ ସରକାର ବିରୋଧକୁ ଦମନ କରିବା ପାଇଁ ହଜାର ହଜାର ଲୋକଙ୍କୁ ଗିରଫ କରିଥିଲେ ଏବଂ ବର୍ତ୍ତମାନ ଦୁଇ ବର୍ଷ ପରେ ସରକାର ହିଜାବ ନିୟମକୁ ଆହୁରି କଠୋର କରିଛନ୍ତି ।

ଇରାନରେ ଲାଗୁ ହୋଇଥିବା ଏହି ନୂତନ ନିୟମ କେବଳ ଦେଶ ଭିତରେ ନୁହେଁ ଅନ୍ତର୍ଜାତୀୟସ୍ତରରେ ମଧ୍ୟ ବିବାଦର କାରଣ ପାଲଟିଛି । ମାନବ ଅଧିକାର ସଂଗଠନ ଏବଂ ବିଶ୍ୱ ସମୁଦାୟ ଏହି ଆଇନଗୁଡିକ ବିରୋଧରେ ମହିଳା ଅଧିକାରର ଉଲ୍ଲଂଘନ ବୋଲି ବିରୋଧ କରିଛନ୍ତି ।

ସେମାନେ କହିଛନ୍ତି ଯେ, ଏହି ପଦକ୍ଷେପ ମହିଳାଙ୍କ ସ୍ୱାଧୀନତା ଏବଂ ଅଧିକାରକୁ ଉଲ୍ଲଂଘନ କରୁଛି । ତେବେ ଇରାନ ସରକାର କହିଛନ୍ତି ଯେ, ଏହି ଆଇନର ଉଦ୍ଦେଶ୍ୟ ହେଉଛି ସମାଜରେ ହିଜାବ ସଂସ୍କୃତିର ପବିତ୍ରତା ବଜାୟ ରଖିବା ଏବଂ ମହିଳାମାନଙ୍କୁ ଏକ ନିର୍ଦ୍ଦିଷ୍ଟ ପ୍ରକାରର ଡ୍ରେସ୍ କୋଡ୍ ଗ୍ରହଣ କରିବାକୁ ଉତ୍ସାହିତ କରିବା ।

ଜୁନ୍ ୧୨, ଅପ୍ରତ୍ୟାଶିତ ବିଜୟ ସହ ରାଜ୍ୟରେ ଏକାକୀ ସରକାର ଗଠନ କଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଜେପି। ଆଜି ଡିସେମ୍ବର ୧୨ । ମୋହନ ସରକାରଙ୍କୁ ପୂରିଛି ୬ ମାସ । କମ୍ ଦିନରେ ଅନେକ ପ୍ରତିଶ୍ରୁତି ପୂରଣ କରିବାରେ ସଫଳ ହୋଇଛନ୍ତି ରାଜ୍ୟ ସରକାର । ହେଲେ ଏବେ ବି ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ, ଭତ୍ତା ବୃଦ୍ଧି ଭଳି ପ୍ରତିଶ୍ରୁତି, ପ୍ରତିଶ୍ରୁତି ହୋଇ ରହିଛି । ସବୁଠୁ ବଡ଼ କଥା ହେଲା ବିଗତ ୬ମାସରେ କିନ୍ତୁ ନବୀନ ସରକାର ଅମଳରେ ହୋଇଥିବା ଦୁର୍ନୀତି ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନହେବାକୁ ନେଇ ଉଠିଛି ପ୍ରଶ୍ନ ।

ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନାରେ ୫୦ ହଜାର । ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା । ରତ୍ନ ଭଣ୍ଡାର ସହ ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲା ନିଷ୍ପତ୍ତି ପୂରଣ ହୋଇସାରିଛି । ସେପଟେ ଡବଲ୍ ଇଞ୍ଜିନ ସରକାର ଆସିବା ପରେ ବିଶ୍ୱ ଦରବାରରେ ଓଡ଼ିଶାକୁ ମିଳିଛି ଏକ୍ସପୋଜ୍ । ପ୍ରଥମ ଥର ପାଇଁ ଓଡ଼ିଶାରେ ନୌସେନା ଦିବସ ସମାରୋହ ସହ ଡିଜି ସମ୍ମିଳନୀ ସଫଳତାର ସହ ଅନୁଷ୍ଠିତ ହୋଇଛି ।

ଓଡ଼ିଶା ବଜାରର ହାଲଚାଲ କଥା ନ କହିଲେ ଭଲ । ଓଡ଼ିଶାରେ ଭାଜପା ସରକାର ଆସିବା ପରଠାରୁ ଆଳୁ ବଜାରରୁ ଉଭାନ ହୋଇ ଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ସାଧାରଣତଃ ଦଶଟଙ୍କାରେ ମିଳୁଥିବା ଆଳୁ ବିଗତ ଛଅ ମାସ ହେଲା ଚାଳିଶି ତଳକୁ ଓହ୍ଲେଇବା ନାଁ ଧରୁ ନାହିଁ । ବାହାର ରାଜ୍ୟରୁ ଆମଦାନୀ ହେଉଥିବା ଆଳୁ ଉପରେ ନିର୍ଭର କରୁଥିବା ଓଡ଼ିଶାରେ ଆଳୁ ଚାଷ ନାମକୁ ମାତ୍ର ହୋଇଥାଏ । ତେଣୁ ସାଧାରଣତଃ ପଶ୍ଚିମବଙ୍ଗ ସମେତ ଅନ୍ୟ ରାଜ୍ୟମାନଙ୍କ ଉପରେ ନିର୍ଭର କରିବାକୁ ପଡ଼ିଥାଏ । ବିଗତ ଦିନରେ ବାହାର ରାଜ୍ୟରୁ ଆସୁଥିବା ଆଳୁ ଆସିବା ବନ୍ଦ ହୋଇଯିବା ପରେ ପୁଣିଥରେ ଆଳୁ ଦର ଆକାଶ ଛୁଆଁ ହେବାକୁ ଲାଗିଛି । ବ୍ରହ୍ମପୁର ସହରରେ ବର୍ତ୍ତମାନ ଆଳୁ ଦର ଚାଳିଶିରୁ ପଚାଶ ମଧ୍ୟରେ ଥିବା ବେଳେ ପିଆଜ ଦର ଷାଠିଏ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉପରେ । ସାଧାରଣ ଖାଉଟି ଓ ନିମ୍ନମଧ୍ୟବିତ୍ତ ପରିବାରର ଖାଦ୍ୟର ମୁଖ୍ୟ ଉପାଦାନ ହେଉଛି ଆଳୁ ଏବଂ ପିଆଜ । ଏହି ଦୁଇଟି ବସ୍ତୁର ଅହେତୁକ ଦରବୃଦ୍ଧି ସମସ୍ତଙ୍କୁ ବାଧୁଛି । ସରକାର ଏଥିପ୍ରତି ବିଶେଷ ଦୃଷ୍ଟି ଦେବା ଉଚିତ ହେବ ବୋଲି ଆମେ ମନେ କରୁଛୁ ।

ଆଶା କରୁଛି ବର୍ଷ ୨୦୨୪ ସମସ୍ତଙ୍କ ପାଇଁ ଶୁଭପ୍ରଦ ହୋଇଥିବ । ସେହିଭଳି ବର୍ଷ ୨୦୨୫ ମଧ୍ୟ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କରୁଣା ଓଡ଼ିଶା ତଥା ଓଡ଼ିଶାବାସୀଙ୍କ ଉପରେ ସବୁବେଳେ ରହୁ । ଆହ୍ୱାନର ଡିସେମ୍ବର ୨୦୨୪ ସଂସ୍କରଣ ଆପଣମାନଙ୍କୁ ଭଲ ଲାଗିବ ବୋଲି ଆଶା କରୁଛି ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା - ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

XIM UNIVERSITY

XAVIER INSTITUTE OF MANAGEMENT, BHUBANESWAR

## XIM Bhubaneswar Hosts Communique, 2024

ଜାଭିଅର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ, ଭୁବନେଶ୍ୱରରେ ତାଙ୍କର ମେଡ଼ିଆ




Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ଏବଂ ପିଆର୍ ସେଲ୍ IlluminatiX ଦ୍ୱାରା ଆଠ ନଭେମ୍ବର, ୨୦୨୪ରେ ବାର୍ଷିକ ମାଧ୍ୟମ କନ୍‌କ୍ଲେଭ୍ **COMMUNIQUe ୨୦୨୪** ଅନୁଷ୍ଠିତ ହେଲା । ଏହି ବର୍ଷର ବିଷୟ ଥିଲା "Brand Tales: Weaving Narratives Through Content" ।




ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରର ପ୍ରଖ୍ୟାତ ଶିଳ୍ପ ନେତୃତ୍ୱମାନଙ୍କ ଉପସ୍ଥିତି ହୋଇଥିଲା । ଏହାର ମୁଖ୍ୟ ଆକର୍ଷଣ ଥିଲେ **ମିସ୍ ଅମୃତା ପିକେ ପୁରକାୟସ୍ଥା**, ଯିଏ Unileverର ସିନିୟର ଗ୍ଲୋବାଲ୍ ବ୍ରାଣ୍ଡ ମ୍ୟାନେଜର ଭାବେ କାର୍ଯ୍ୟରତ । ତାଙ୍କ ସହ **ମିସ୍ କୃତି ସିଂହ**, Ekaksharର ସିଇଓ ଏବଂ ସ୍ଥାପକ, ଯିଏ ବ୍ୟବସାୟ ରୂପାୟଣରେ ତାଙ୍କ ଅନୁଭବ ଅଂଶୀଦାର କରିଥିଲେ । **ମିସ୍ ପ୍ରଜ୍ଞାପରମିତା ସାହୁ**, ITC Limitedର HR ମୁଖ୍ୟ (ଡିଆସିଲି ଏବଂ ଅଗରବତୀ ବ୍ୟବସାୟ), ତାଙ୍କର ଉଦବୋଧନରେ HR ବ୍ୟବସ୍ଥାପନର ଦୃଷ୍ଟିକୋଣରେ ଏକ ନୂଆ ଭାବନା ଆଣିଥିଲେ । ଅବଶେଷରେ, **ଶ୍ରୀ ଅଭିକ ସେନ୍**, Tata Consumer Productsର ସଂଯୁକ୍ତ ନିର୍ଦ୍ଦେଶକ (ଷ୍ଟ୍ରାଟେଜି ଏବଂ M&A), ଅଧିଗ୍ରହଣ ଏବଂ ବ୍ୟବସାୟ ଗଠନରେ ରଣନୀତି ମୂଳକ ଆଲୋଚନା କରିଥିଲେ ।




କାର୍ଯ୍ୟକ୍ରମଟିର ଆରମ୍ଭ **ମିସ୍ ଅମୃତା ପିକେ ପୁରକାୟସ୍ଥାଙ୍କର** ମନୋହର ଅଭିଭାଷଣ ସହିତ ହୋଇଥିଲା । ସେ କହିଲେ, **"ବ୍ରହ୍ମାଣ୍ଡ ପରମାଣୁରୁ ନିର୍ମିତ ନୁହେଁ; ଏହା କାହାଣୀରୁ ନିର୍ମିତ ।"** ଏହା ସାମଗ୍ରିକ ଆଲୋଚନାର ମୁଖ୍ୟ ସ୍ରୋତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇଥିଲା । ତାଙ୍କ ବିଶିଷ୍ଟ କର୍ପୋରେଟ୍ ଅଭିଜ୍ଞତାରୁ ସେ କାହାଣୀ ଗଠନର ମୁଖ୍ୟ ଉପାଦାନଗୁଡ଼ିକ, ଯଥା ଚରିତ୍ର, କଥାବସ୍ତୁ, ସଂଘର୍ଷ, ଶୈଳୀ, ଏବଂ ସମାଧାନ ଇତ୍ୟାଦି ଉପରେ ଆଲୋଚନା କଲେ ଏହା ଫଳ ସ୍ୱରୂପ, ବ୍ରାଣ୍ଡର କାହାଣୀକୁ ଏକ ପ୍ରାକ୍ତିକରଣ ନୀତିର ଅଂଶ ଭାବରେ କିପରି ଗ୍ରାହକମାନଙ୍କ ସହିତ ଗଭୀର ସମ୍ପର୍କ ସୃଷ୍ଟି କରାଯାଇ ପାରିବ, ସେଥିପାଇଁ ତାଙ୍କର ପ୍ରସ୍ତୁତିକରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମଗ୍ର ଦିନ ଅନୁପ୍ରେରଣା ଏବଂ ଜ୍ଞାନର ଉତ୍ସ ଭାବେ ଚାଲିଥିଲା ।

**ମିସ୍ କୃତି ସିଂହ**, ସିଇଓ ଏବଂ ସ୍ଥାପକ, **Ekakshar**, ଉତ୍ପାଦନ-ନିଷ୍ପତ୍ତିକୁ କାହାଣୀ-କେନ୍ଦ୍ରିତ କ୍ୟାମ୍ପେନରେ ପରିବର୍ତ୍ତନକୁ ଉଲ୍ଲେଖ କରି, ପ୍ରଭାବୀ କାହାଣୀ ଗଠନରେ ତଥ୍ୟର ଭୂମିକା ଉପରେ ଜୋର ଦେଲେ । **Bumble**ର "Find Your Own Kind of Love" ଏବଂ **Airbnb**ର "Belong Anywhere" ପ୍ରକାର ଉଦାହରଣ ଦେଇ ସେ ପ୍ରଦର୍ଶନ କରିଲେ କିପରି ବ୍ରାଣ୍ଡଗୁଡ଼ିକୁ ସ୍ୱତନ୍ତ୍ର ଏବଂ ଲକ୍ଷ୍ୟ ସ୍ଥାପନ କରି, ମାନବୀୟ କାହାଣୀ ଆଧାରିତ ମଡେଲ ଗୁଡ଼ିକ ଉପଭୋକ୍ତା ସହିତ ସମ୍ପୃକ୍ତ କରାଯାଇ ପାରିବ ।

**ମିସ୍ ପ୍ରଜ୍ଞାପରମିତା ସାହୁ**, HR ମୁଖ୍ୟ - **ଡିଆସିଲି ଏବଂ ଅଗରବତୀ ବ୍ୟବସାୟ, ITC Limited**, ସେ ତାଙ୍କର ଉତ୍ପାଦନ ବିକାଶ ପ୍ରକ୍ରିୟାରେ କିପରି ସସ୍ତାୟନ୍ତା ଏବଂ ସମାବେଶୀତା ମୁଖ୍ୟ ଭୂମିକା ନିର୍ବାହ କରିଥିଲେ, ଏହାକୁ ଅନୁଭବ ପାଇଁ ଉତ୍ସାହିତ କରିଲେ । ସେ ବର୍ଣ୍ଣନା କରିଥିଲେ କିପରି ୧୫୦ରୁ ଅଧିକ ଭିନ୍ନ-ଦୃଷ୍ଟି ସମ୍ପନ୍ନ ବ୍ୟକ୍ତିଙ୍କୁ ଏହି ପ୍ରକଳ୍ପରେ ଯୋଗଦେଇ ଉପଭୋକ୍ତା ପସନ୍ଦକୁ ପ୍ରଥମିକତା ଦେଖା ଯାଇଛି, ଯାହା ଏକ ସକ୍ତିଶାଳୀ କାହାଣୀ ସୃଷ୍ଟି କରିବାରେ ସାହାଯ୍ୟ କରିଛି ।

**ଶ୍ରୀ ଅଭିକ ସେନ୍**, ସଂଯୁକ୍ତ ନିର୍ଦ୍ଦେଶକ, ଷ୍ଟ୍ରାଟେଜି ଏବଂ M&A, **Tata Consumer Products**, ଉପଭୋକ୍ତାଙ୍କୁ ଛାଡ଼ି **ବ୍ରାଣ୍ଡ ନିର୍ମାତା** ଉପରେ ଧ୍ୟାନ କେନ୍ଦ୍ରିତ କରି, କହିଲେ ଯେ, ସରଳ ଉପାଦାନ ଗୁଡ଼ିକୁ ମଧ୍ୟ ଏକ ବ୍ରାଣ୍ଡ ଗଠନ କରିପାରିବା । ସେ **ବ୍ରାଣ୍ଡ ନିର୍ମାଣ**

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com



ପାଇଁ ଏକ କୌଶଳିକ ଢାଞ୍ଚା ପ୍ରସ୍ତୁତ କରି, କହିଲେ ଯେ, କାହାଣୀ ଗୁଡ଼ିକୁ ଉଦୀୟମାନ ଉପଭୋକ୍ତା ପସନ୍ଦ ଆଧାରରେ ସମଯୋଜିତ କରିବାର ଗୁରୁତ୍ୱ । ସେ ପ୍ରମୁଖ ଉଦାହରଣ ସହିତ ଦେଖାଇଲେ, କିପରି Zomato ସେମାନଙ୍କର କାର୍ଯ୍ୟ ସୁଯୋଗ ପ୍ରସ୍ତାବ ଗୁଡ଼ିକୁ ମଧ୍ୟ କାହାଣୀ ଆଧାରିତ କରେ, ଏବଂ କିପରି ଏକ ପ୍ରମୁଖ ରଙ୍ଗ କମ୍ପାନୀ ଉତ୍ପାଦନ-କେନ୍ଦ୍ରିତ ବ୍ରାଣ୍ଡରୁ ସେବା-କେନ୍ଦ୍ରିତ ବ୍ରାଣ୍ଡକୁ ପରିବର୍ତ୍ତିତ କରିବା ସମୟରେ ତାଙ୍କର କାହାଣୀକୁ ପୁନର୍ନିର୍ମାଣ କରିଛି ।

COMMUNIQUe ୨୦୨୪ ଆୟୋଜନର ସମାପ୍ତି ସମୟରେ, ପ୍ରଶ୍ନ-ଉତ୍ତର ସେସନ୍ ଆରମ୍ଭ କରା ଯାଇଥିଲା, ଯେଉଁଥିରେ ଛାତ୍ରଛାତ୍ରୀମାନେ ଆକର୍ଷଣୀୟ ପ୍ରଶ୍ନ ଏବଂ ଗଭୀର ଅବଦାନ ସହ ନୂତନ ଦୃଷ୍ଟିକୋଣ ପ୍ରସ୍ତୁତ କରିଥିଲେ, ଯାହା ଆଲୋଚନାକୁ ଏକ ନୂତନ ଦିଗ ଦେଇଥିଲା । ଏହା ପରେ **ଅମ୍ରିତା ମୋହାନ୍ତୀ**, IlluminatiX - The Media and PR cell of XIM, Bhubaneswarର କୋଷାଧ୍ୟକ୍ଷ, ପ୍ୟାନେଲ ଅଫ୍ ସ୍ପିକର ମାନଙ୍କ ପାଇଁ ଧନ୍ୟବାଦ ଏବଂ ସମ୍ମାନପ୍ରଦାନ କରିଥିଲେ । IlluminatiXର ସଂଯୋଜକ **ଅମନ୍ ଚୌବେ** କାର୍ଯ୍ୟକ୍ରମର ସଫଳତା ପାଇଁ ସଭିଙ୍କୁ କୃତଜ୍ଞତା ଜଣାଇଥିଲେ ।

COMMUNIQUe ୨୦୨୪ ସଫଳତାର ସହିତ ସମାପ୍ତ ହୋଇଛି, ଏହି ଶକ୍ତିଶାଳୀ ସନ୍ଦେଶ ସହିତ ଯେ, କାହାଣୀ ଏବଂ ବ୍ରାଣ୍ଡ ନିର୍ମାଣରେ ସେହି କାହାଣୀ ଏବଂ ନାରେଟିଭ ମୁଖ୍ୟ ଭୂମିକା ନିର୍ବାହ କରେ, ଏବଂ ପ୍ରତିଟି ବ୍ୟକ୍ତିଙ୍କର ଏକ କାହାଣୀ ଅଛି, ଯାହା ସେହି ବାଣ୍ଟିବାକୁ ଚାହାଁନ୍ତି ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଗଳ୍ପ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅନେକ କଳାପାଣି - ୨୨

ଅଶୋକ ବିଶ୍ୱାଳ



## ରୌପ୍ୟ ବନ୍ଦୀଶାଳାର ଜେଲର-୨

ଆଗରୁ ଭାରତୀୟମାନଙ୍କୁ ପେନାଲ ସେଟଲମେଣ୍ଟକୁ ପଠାଇ ଦିଆଯାଉଥିଲା । ସେମାନେ ଥିଲେ ସମାଜପାଇଁ ଦୁଷ୍ଟ ଦୁର୍ଦ୍ଦାନ୍ତ ଲୋକମାନେ, ସିପାହୀ ବିଦ୍ରୋହର କିଛି କର୍ଣ୍ଣଧାରମାନେ, ଆଉ ଆଗକୁ ବିପଦଜନକ ହୋଇଯାଇପାରିବା ଭଳିଆ ଦୃଢ଼ ଲୋକ ମାନେ, ଆଉ ଏମାନେ ପାଉଥିଲେ ଆଣ୍ଡାମାନରେ ନିର୍ବାସନ ଦଣ୍ଡ । ଏମାନେ ପେନାଲ ସେଟଲମେଣ୍ଟର ଜେଲ ଆଉ ଜଙ୍ଗଲ ଭିତରେ ପଡି ସଢ଼ିଯାଆନ୍ତି । ଯଦି ବଞ୍ଚିବେ ତେବେ ମନରେ ପଙ୍ଗୁ ହୋଇ ବଞ୍ଚନ୍ତି । ସେଇ ଭାବନାର କ୍ରମଧାରାରେ ସେଟଲମେଣ୍ଟ ଆରମ୍ଭ ହେବାର ୪୦ ବର୍ଷ ପରେ ସେଲୁଲାର ଜେଲ ଆରମ୍ଭ ହେଲା । ଆଉ ଏକ ବିଶାଳ କୋଠା ତିଆରି ହେଲା । ଏଥିରେ ଥିଲା ୬୯୬ଟି କୋଠରୀ । କୋଠରୀମାନଙ୍କର ଆକାର ଥିଲା ୧୩.୫ ଫୁଟରେ ୭.୫ ଫୁଟ । ପ୍ରାୟ ୬ ଶହ କଇଦୀ ଏହାର ନିର୍ମାଣରେ ନିୟୋଜିତ ହେଲେ । ଆଉ ନିର୍ମାଣ କାମ ଦଶବର୍ଷ ପର୍ଯ୍ୟନ୍ତ ୧୮୯୬ ମସିହାରୁ ୧୯୦୬ ମସିହା ପର୍ଯ୍ୟନ୍ତ ଚାଲିଲା । ଇଟା ପାଇଁ ଡଣ୍ଡସ ପଏଣ୍ଟଆଦି ଯାଗରେ ଭାଙ୍ଗି ପଡିଥିବା କୋରାଲକୁ ବ୍ୟବହାର କରାଗଲା । ଆଉ ବହୁ କିଛି କୋଠା ନିର୍ମାଣ ପାଇଁ ସାମଗ୍ରୀ ମଧ୍ୟ ବର୍ମାରୁ ଅଣାଗଲା । ଭାଇପର ଦ୍ୱୀପର କଇଦୀମାନଙ୍କୁ ପ୍ରତି ମାସରେ କୋଡିଏ ହଜାର କ୍ୟୁବିକ ଫୁଟ ପଥର ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଥିଲା । ଜେଲରେ କଇଦୀମାନେ ମୁଖ୍ୟତଃ ଇଂରେଜ ବିରୋଧି ଲୋକମାନେ ଥିଲେ । ଚିଟାଗଙ୍ଗ ଆର୍ମରୀ କେଶ, ମାନିକତାଲା ବୋମା କେଶ, ନାସିକ କନସ୍ପାରେସି, ଲେବଙ୍ଗ ରେସ କୋର୍ସ କେଶ ଆଦି ଘଟଣାରୁ ଆସିଥିଲେ ବିଦ୍ରୋହୀମାନେ । ଆଉ ଆସିଥିଲେ ଗୋଦାବରୀର ରୁମ୍ପା ବିଦ୍ରୋହର ଦୋଷୀମାନେ । ତା'

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଛଡା ମାଲାବାରର ମୋପଲା ବିଦ୍ରୋହର ଆସାମୀମାନେ, ବର୍ମାର ଥାରାୱାଡି ବିଦ୍ରୋହର କର୍ଣ୍ଣଧାରମାନେ । ସେମାନଙ୍କ ଛଡା ଆସିଥିଲେ ହତ୍ୟା, ଡକାଇତି ଇତ୍ୟାଦିରେ ସଂଶ୍ଳିଷ୍ଟ ଓ ଆଜୀବନ କାରାଦଣ୍ଡ, ଲମ୍ବା କାରାବାସ ପାଇଥିବା ଦୁର୍ଦ୍ଧାନ୍ତ ଅପରାଧୀମାନେ । ସେମାନଙ୍କ ସଂଖ୍ୟା କିଛି କମ ନଥିଲା ।

ଏଇ ସ୍ଥାନଟା ମୋଟେ ଖରାପ ନୁହଁ । ଏଇଠି ତୁମେ ପ୍ରକୃତ ମୁକ୍ତି ପାଇବ । ପ୍ରକୃତ ମୋକ୍ଷ ।- କିଏ ଗୋଟାଏ କହି ଜୋରରେ କୋକିଶିଆଳୀ ଭଳି ଭୁକ୍ ଭୁକ୍ ହୋଇ ହସିଲା । କଇଦୀମାନେ ସେତେବେଳକୁ ଧାଡି କରି ଠିଆ ହୋଇସାରିଲେଣି । ଜାହାଜରୁ ଓହ୍ଲେଇବାର ପ୍ରସ୍ତୁତି ଆରମ୍ଭ ହୋଇଗଲାଣି । କଇଦୀମାନଙ୍କୁ ଏ ଭିତରେ ଯାତ୍ରରେ ଯଥେଷ୍ଟ ଲାଂଛନା ଆଉ ଯନ୍ତ୍ରଣା ମିଳିସାରିଥାଏ । ସମସ୍ତେ କହୁଛନ୍ତି ଏ ଯାତନା କୁଆଡେ ବହୁତ କମ । ସେଲୁଲର ଜେଲର କଷ୍ଟ ଆଗରେ ଏ କୁଆଡେ କିଛି ନୁହଁ । ସେମାନେ ମନେ ମନେ ହଲିଯାଉଥିଲେ । କି ଭାଗ୍ୟ ! ନିର୍ବାସନ ଆଉ ତା' ପୁଣି ଆଣ୍ଡାମାନରେ । କଳାପାଣି, କେହି ସେଠାରୁ ଖସି ପାରିନାହାନ୍ତି । ସମସ୍ତଙ୍କ ଉପରେ ଆଶଙ୍କାର ବାଦଲ ଯେମିତି ସ୍ଥିର ହୋଇଯାଇଥିଲା, ଲାଗୁଥିଲା ଭାଗ୍ୟ ଆକାଶରେ ଶାଗୁଣା ଉଡୁଛି ଆଉ ଅପେକ୍ଷା କରି ରହିଛି କେବେ ମଣିଷ ଶବ ହୋଇ ତଳେ ପଡିଆରେ ପଡ଼ିବ ।

ତୁମେମାନେ ମୋଟେ ଚିନ୍ତା କରନି । ଆଣ୍ଡାମାନଟା ସମୁଦ୍ର ଭିତରେ ଏକ ପିଠା ଭଳି ଭାସୁଥାଏ । ତୁମେମାନେ ବେଶ ଖାଇବ, ପିଇବ ଆଉ ମଜା କରିବ ।- ଆଉ ଗୋଟାଏ କିଏ ଫଟା ତାଉଆ ଭଳି ସେଁ ସେଁ ହେଉଥିଲା ।

ଜେଲର ଡେଭିଡ ବେରୀ ଲୋକଟା ଭଲ । କଇଦୀଙ୍କ ଠିକ ଖାତିର କରେ, ଖାଇବା ପିଇବା କିଛି କମ କରେନା ।- କିଏ ଗୋଟାଏ କହି ଜୋରରେ ହସି ଉଠିଲା । ସବୁ ସୈନ୍ୟମାନେ ମଧ୍ୟ ତା' ଦେଖାଦେଖି ହସି ଉଠିଲେ । ଦଳେ ଗଧିଆ ଝୁଣି ଖାଇବାକୁ ଯେମିତି ଅନେଇ ବସିଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେତେବେଳେ କଇଦୀମାନେ ଚେନରେ ବନ୍ଧା ହୋଇ ଜାହାଜ ଭିତରୁ ସେଲୁଲାର ଜେଲକୁ ଦେଖିଲେ । ଏହା ଏକ ବଡ଼ କୋଠା ପରି ଲାଗୁଥିଲା, କିଛି କିଛି ଅଂଶ ଗଛ ବୃକ୍ଷ ମଧ୍ୟରେ ଲୁଚିଯାଇଥିଲା । ପାଣିରେ ପ୍ରାୟ ୩ରୁ ୫ କିଲୋମିଟର ଦୂରରେ ଥାଏ ଜାହାଜ । ପାଣି ବେଶ ସଫା ଲାଗୁଥିଲା । ସେମାନଙ୍କୁ ଏକ ଭେଳାରେ ଓହ୍ଲାଇ ଦିଆଗଲା । ଆଉ ସେମାନେ ଆଣ୍ଡାମାନର ସମୁଦ୍ର କୂଳରେ ପହଞ୍ଚିଲେ । ସେମାନଙ୍କ ଗୋଡରେ ଲୁହାର ବେଢି ଲାଗିଥିଲା । କଇଦୀମାନେ ନିଜ ବିଛଣା ମୁଣ୍ଡେଇ, ହାତରେ ନିଜ ବାସନ ଧରି ଚାଲିଚାଲି ସେଲୁଲାର ଜେଲ ଆଡକୁ ଯାଉଥିଲେ । ସମସ୍ତଙ୍କ ମନରେ ଡର । କିଛି କଇଦୀ ବେପରବାୟ ହୋଇ ଚାଲିଥାନ୍ତି, ସତେ ଯେମିତି କିଛି ଘଟିନି । ସେମାନେ ଏମିତି କରି ନିଜ ମନକୁ ଶାନ୍ତ କରିବାକୁ ଚେଷ୍ଟା କରୁଥିଲେ । ସେଲୁଲାର ଜେଲର ବଡ଼ ଲୁହା ଗେଟ ଖୋଲିଗଲା, ଆଉ ସେମାନେ ଏକ ଛୋଟ କରିଡର ଅତିକ୍ରମ କଲେ । ତା'ପରେ ଏକ ଖୋଲା ଅଗଣାକୁ । କିଛି କୁଆଡେ ଶବ୍ଦ ନାହିଁ । ସେଲୁଲାର ଜେଲ ସେମାନଙ୍କୁ ଏକ ଭୌତିକ ସ୍ଥଳ ପରି ଲାଗୁଥିଲା । ସେମାନଙ୍କୁ ଜେଲ ୟୁନିଫର୍ମ ଦିଆଗଲା । ଏକ ହାଫ ପ୍ୟାଣ୍ଟ, ଅଣ୍ଟାଠୁ ସାମାନ୍ୟ ବଡ଼ ଏକ କୁର୍ତ୍ତା ଆଉ ଏକ ଧଳା ଟୋପୀ ।

ତୁମମାନଙ୍କୁ ଜେଲ ଦେଖାଇ ଦିଆଯିବ, ପ୍ରତିଟି ଅଂଶ ସହ ତୁମେ ପରିଚିତ ହେବ । ଜେଲର କାମ, ନିୟମ ଇତ୍ୟାଦି ଭଲକରି ଜାଣିବ ।

ସେଲୁଲାର ଜେଲର ସାତୋଟି ବାହୁ ଆଉ ମଝିରେ ଅକ୍ଟୋପସର ଦେହ ଭଳି ସେଣ୍ଟ୍ରାଲ ଟାୱାର ଥିଲା । ପ୍ରତିଟି ବାହୁ ତିନି ମହଲା । ସେଲମାନ ଏକ ଧାଡିରେ କରିଡରରେ ଥିଲା । ପ୍ରତି ସେଲ ନିଜ କରିଡରକୁ ଖୋଲୁଥିଲା, ତେଣୁ ଏକ ବାହୁରେ ଥିବା କଇଦୀମାନେ ଅନ୍ୟ ବାହୁରେ ଥିବା କଇଦୀମାନଙ୍କୁ ଦେଖିପାରୁ ନଥିଲେ । ପଛ କାନ୍ଥରେ କେବଳ ତିନି ଫୁଟ ଚଉଡା ଦେଢ ଫୁଟ ଓସାରର ଭେଣ୍ଟିଲେଟର ସାତ-ଆଠ ଫୁଟ ଉଚ୍ଚରେ ଥିଲା, ଯାହା ବାହରକୁ ତଳୁଆ ହୋଇଯାଇଥିଲା । ସେ ଦେଇ ବାହାର ଦୃଶ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଖିବା ପ୍ରାୟ ଅସମ୍ଭବ ଥିଲା । ପ୍ରତିଟି ବାହୁର କରିଡର ସେଣ୍ଟ୍ରାଲ ଟାୱାରରୁ ଆରମ୍ଭ ହେଉଥିଲା ଆଉ ଶେଷରେ ଏକ କାନ୍ଥରେ ଶେଷ ହୋଇଯାଉଥିଲା । କେନ୍ଦ୍ରୀୟ ଗମ୍ବୁଜରେ ଘଣ୍ଟା ଲାଗିଥିଲା ଯାହା ସମୟ ଜଣାଇଦେଉଥିଲା ବା କିଛି ଅଘଟଣ ଘଟିଲେ ଜୋରରେ ବାଜୁଥିଲା । ପ୍ରତି ମହଲା ପାଇଁ ଓ୍ୟାର୍ଡରମାନେ ନିଯୁକ୍ତ ଥିଲେ ।

ଖଡେ ହୋଇ ଯାଓ । -ନୂଆ କଇଦୀ ଦଳ ହଠାତ୍ ଏକ ଆଦେଶ ଶୁଣିଲେ । କିଏ ଭାଲୁଆ କୁକୁର ଭଳି ଭାଉ ଗର୍ଜ୍ଜନ କରି ନିଜ ଉପସ୍ଥିତି ଜଣାଇ ଦେଲା । କିଛି ଶବ୍ଦ ନାହିଁ । ହଠାତ୍ କେଉଁ ଆଡୁ ଶବ୍ଦ ଆସିଲା । ଆଉ ସେମାନଙ୍କ ଦେଖିବା ଭିତରେ ରାତି ଯାଇ ସକାଳ ହୋଇଗଲା । ବାହାରେ ହାଲୁକା ଆଲୁଅ, କିଛି ପକ୍ଷୀଙ୍କର ଡାକ ଥିଲା ।

ପୁରୁଣା କଇଦୀମାନଙ୍କୁ ଏମାନେ ଦେଖିପାରୁଥିଲେ । ସେହି ପୁରୁଣା ଲୋକଗୁଡାକୁ କିଏ ଯେମିତି ହଠାତ୍ ଖଟରୁ ଉଠାଇ ପାଣିରେ ଫୋପାଡି ଦେଲାଭଳି ଲାଗିଲା । ସେମାନେ ଏ ଆଦେଶରେ ଛଟପଟ ହୋଇ ଠିଆହୋଇଗଲେ ।

ସିଧା ଲାଇନ ମେଁ ଖଡା ହୋଇଯାଓ ।- ଆଉ ଏକ ଗର୍ଜ୍ଜନ । ସବୁ ପୁରୁଣା କଇଦୀମାନେ ଏକ ଧାଡିରେ ସିଧାହୋଇ ଠିଆ ହୋଇଗଲେ, ଲାଇନଟା ମନକୁ ମନ ରୁଲ ବାଡି ଭଳି ସିଧା ହୋଇଗଲା ।

କପଡା ଉତ୍ତାରୋ ।- ପୁଣି ଏକ ଆଦେଶ । ନୂଆ କଇଦୀମାନେ ଚମକି ପଡିଲେ ଆଉ ପୁରୁଣା କଇଦୀମାନେ ନିଜର କୁର୍ତ୍ତା ଆଉ ଟୋପୀକୁ ଦେହରୁ ଏକଦମ ଗାଡିରୁ କଭର ହଟାଇଲା ଭଳି ଖୋଲିଦେଲେ । ପୁଣି ଆଦେଶ ଆସିଲା, “ହାଥ ମେ ରଖୋ ।”- ସେମାନେ କପଡାକୁ ମେସିନ ଭଳି ହାତରେ ରଖୁଥିଲେ । ତା’ପରେ ଆଦେଶ ଥିଲା- କଦମ ଉଠାଓ ।- ସେମାନେ ନିଜର ଏକ ଗୋଡ ଉଠାଉଥିଲେ ସତେ ଯେମିତି ଏବେ ନାଚ କରିବେ । ତା’ପରେ ଆଦେଶ – ରଖ ଦୋ । ଗୋଡ ତଳକୁ ହୋଇଯାଉଥିଲା ଆଉ କପଡାକୁ ତଳେ ରଖିଦିଆଗଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରଫେକ୍ଟ ଡ୍ରିଲ । ସବୁ ଆଦେଶ ଠିକ ଭାବରେ କଇଦୀମାନେ ପାଳନ କରିଛନ୍ତି । ଜମାଦାର ଖାନ ସାହେବର ମୁହଁଟା ସକାଳ ସୂର୍ଯ୍ୟ ଭଳି ଉଜ୍ଜ୍ୱଳ ହୋଇଉଠିଲା । ତା' ମୋଟା ନିଶଟା ମନକୁ ମନ ମୁନିଆ ହୋଇ ମୋଡି ହୋଇଗଲା । 'ବ୍ରାଭୋ ହିରୋଜ'- ଜମାଦାର ଖାନ ସାବ ଜୋରରେ ଚିଲ୍ଲେଇ ଉଠିଲେ ଆଉ କଇଦୀମାନେ ମୁହଁରେ ଜବରଦସ୍ତି ଛୋଟିଆ ହସଟିଏ ତାରାରୁ ତୋଳି ନେଇଆସୁଥିଲେ । ସେମାନଙ୍କ ଓଠ ଟିକେ ଖୋଲି ଯାଉଥିଲା ଆଉ ଦାନ୍ତ ସାମନ୍ୟ ଦେଖାଯାଉଥିଲା । ଜମାଦାର ସେମାନଙ୍କ ପ୍ରତି ଟିକେ କରୁଣା ରଖିଥାନ୍ତ । ମୁହଁରେ ଏକ ଏକ ମଲ୍ଲୀ ଫୁଲ ଥାଉ ।

ଯାତ୍ରା ପାର୍ଟିରେ ବି ଏହାଠାରୁ ଭଲ ଅଭିନୟ ହେବନି । - ନୂଆ କଇଦୀମାନଙ୍କ ଭିତରୁ କିଏ କହିଲା ।

ତୁମମାନଙ୍କର କାମ କରିବାର ଜାଗା ।- ଜମାଦାର ହସି ହସି ଜୋରରେ ନୂଆ କଇଦୀମାନଙ୍କୁ କହିଲା ।

ଦୁଇବାହୁ ମଧ୍ୟରେ ଥିବା ଖାଲି ଜାଗା ବା କର୍ମଶାଳା, ଯାହା ପ୍ରତି ବ୍ଲକର ଆଗରେ ଥିଲା । ସେଇଠାରେ କଇଦୀମାନେ ଦିନରେ କାମ କରୁଥିଲେ । ସେମାନଙ୍କ କାମ ତଦାରଖ ପାଇଁ ଜମାଦାର, ଟିନଡାଲ ଆଉ ପେଟି ଅଫିସରମାନେ ଥିଲେ । ସେମାନଙ୍କୁ ଶେଷରେ ଇଂରେଜ ଅଫିସରମାନେ ଆଦେଶ ଦେଉଥିଲେ । ସେଲୁଲାର ଜେଲ ଭିତରେ ପ୍ରବେଶ ପଥର ବାହାରୁ ପଶିଲେ ଡାହାଣ ଆଡକୁ ଖାଲି ଜାଗାର ଶେଷ ଅଂଶକୁ ଥିଲା ଫାଶୀଖୁଣ୍ଟ । ଫାଶୀଖୁଣ୍ଟର ଦ୍ୱାର ଖୋଲା ରହୁଥିଲା । ପ୍ରତି ଫାଶୀ ଖୁଣ୍ଟତଳେ ଏକ ଟ୍ରାପଡୋର ରହୁଥିଲା । କଇଦୀର ଗଳାରେ ଫାଶୀର ରଶି ଭିଡିଦେବା ପରେ ଟ୍ରାପଡୋର ଖୋଲିଯାଉଥିଲା ଆଉ କଇଦୀ ତଳକୁ ଝୁଲିପଡୁଥିଲା । ତା'ପରେ ଦେହଟା ଛଟପଟ ହେଉଥିଲା, ବେକ ଲମ୍ବି ଯାଉଥିଲା ଆଉ ମୃତ୍ୟୁ । ତା'ପରେ ମୃତ ଶରୀରକୁ ଟ୍ରାପଡୋର ତଳେ ଥିବା ଏକ ଗାତକୁ ଆଣାଯାଉଥିଲା । ସେ ଗାତରୁ ଏକ ସୁଡଙ୍ଗ ଲମ୍ବିଯାଇଥିଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମୁଦ୍ରକୁ । ସେହି ରାସ୍ତା ଥିଲା ହତଭାଗ୍ୟ ମଣିଷର ଶେଷଯାତ୍ରା, ରାସ୍ତା ଅନ୍ଧାରୁଆ, ଥଣ୍ଡା ଆଉ ସନ୍ତସନ୍ତିଆ । ମୃତକର ଶେଷକ୍ରିୟା ଏମିତି ହେଉଥିଲା । ନୂଆ କଇଦୀମାନେ ଚମକି ପଡିଲେ । ତଳେ ସମୁଦ୍ର ପାଣି ଚକଚକ କରୁଥିବ ନିଶ୍ଚୟ । କେତେ କଇଦୀ ଏ ଭିତରେ ଫାଶି ପାଇସାରିଲେଣି ।

ମଣିଷକୁ ଡରାଇବା ପାଇଁ ଏକ ଚିହ୍ନ ଦରକାର । ଯାତନା ଆଉ ମୃତ୍ୟୁ ? କେଉଟା ବଡ ? ମଣିଷ କ'ଣ ସବୁ ଛାଡି ଶରୀର ପାଇଁ ବଞ୍ଚେ ?- ଅବିନାଶ ମନକୁ ମନ ନିଜକୁ କରୁଥିଲା ।

ରଶି ତିଆରି ଆରମ୍ଭ କର ।- ଏକ ଗମ୍ଭୀର ସ୍ୱର । ଆରେ, ଏମାନେ କ'ଣ ପ୍ରଥମରୁ ଫାଶୀ ପାଇଁ ରଶି ତିଆରି ପାଇଁ କହିଲେଣି ନା କ'ଣ ? କଇଦୀ ହେବା ଅର୍ଥ ନୁହେଁ ଯେ ପ୍ରଥମରୁ ଫାଶୀ ଖୁଣ୍ଟକୁ ଯାତ୍ରା ? ନୂଆ କଇଦୀମାନଙ୍କ ଛାତିରେ ଡରର ଲହଡି ଖେଳି ଯାଉଥିଲା ।

ବୋଝେ ବୋଝେ ନଡିଆ କତା ଏକ ବଡ଼ କାମଶାଳାକୁ ଅଣାଗଲା । ଏଇଟା ଏକ ଲମ୍ବା ସେଡ । ଦୁଇ ବାହୁ ମଝିରେ ତିଆରି ହୋଇଛି । ଅଲଗା ଅଲଗା କାମ ପାଇଁ ଅଲଗା ସ୍ଥାନ ଅଛି । କେମିତି ରଶି ତିଆରି ହେବ ତାହା ରାଜନୈତିକ କଇଦୀମାନେ ଜାଣି ନଥିଲେ । ଜଣେ କଇଦୀ ଏକ କତା ବିଡା ଖୋଲିଲା, ରଶି ତିଆରି କରିବାକୁ ଚେଷ୍ଟା କଲା । କିନ୍ତୁ କେମିତି କତାକୁ ବଳାଯାଏ ତା' କରିପାରୁନଥିଲା । ଜଣେ ଓ୍ୟାର୍ଡର ଆସି ରଶି ତିଆରି କୌଶଳ ବାହାରେ ଠିଆ ହୋଇ ବତାଇଲା । ହାତରେ ଅଳ୍ପ କତା ନେଇ ବଳି ସରୁଆ ବଳିତା ତିଆରି କର । ସେ ସଳିତା ଭଳିଆ ପତଳା ବଳିତା ବା ବାଣିକୁ ଏକ କଡରେ ରଖ । ଏମିତି କିଛି ବାଣି ଏକାଠି କର । ତା'ପରେ ଦୁଇଟା ବଳିତାକୁ ଆଣି ପାଦ ବୁଢା ଆଙ୍ଗୁଠିରେ ଟାଣରେ ଧରି ହାତରେ ରଶି ବଳ । ଆଉ ସେମିତି ଲମ୍ବା ରଶି ତିଆରି କର । କେତେଜଣ ପୁରୁଣା କଇଦୀ ରଶି ତିଆରି କରିବାକୁ ଲାଗିଗଲେ । କିନ୍ତୁ ରଶି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତିଆରି ସେମାନଙ୍କୁ ଭଲ ଲାଗୁନଥିଲା । କିନ୍ତୁ ବଡ଼ କଥା ହେଲା ଯେ କାମ କରିବା ସମୟରେ ସେମାନେ ଯେ ପାଖାପାଖି ବସିଛନ୍ତି । ସେଇଟା ସେଲୁଲାର ଜେଲରେ ଭାଗ୍ୟର କଥା, ଏକ ବଡ଼ ସାନ୍ତ୍ୱନା । ତା'ପରେ ଦିନ ବୁଡିବା ସହ ସେମାନଙ୍କୁ ସେଲରେ ପଶୁ ଭଳି ବନ୍ଦ କରିଦିଆଯିବ ।

ନୂଆ କଇଦୀ ଦଳ ଏମିତି ଏକ ଜାଗା ଦେଖି ସାମାନ୍ୟ ଆଶ୍ୱସ୍ତ ହେଲେ । ସବୁ ଜେଲରେ ଶୃଙ୍ଖଳା ଅଛି । ସେମିତି ସେଲୁଲାର ଜେଲରେ କିଛି ଶୃଙ୍ଖଳା ଅଛି, କିଛି ରଶି ବଳା ଭଳି ସହଜ କାମ ଅଛି । ଶୁଣାଯାଉଥିବା ଭୟଙ୍କର ବନ୍ଦୀଶାଳା ବୋଧେ ନୁହେଁ । ବହୁତ ଦୂର ତ ସେଇଥିପାଇଁ ଲୋକ କିଛି ମିଛ ଖେଳାଇଛନ୍ତି ।

ଏପଟ ଜାଗାଟା ଦେଖିଦିଅ । ତେଲ ଘଣା ।- ବହୁତ ଧୀରେ ଜମାଦାର କହିଲା । ସେ ମୋଟେ ହସୁନଥିଲା । ସବୁ ନୂଆ କଇଦୀ ସେପଟକୁ ବୁଲି ଅନାଇଲେ ।

ଦୁଷ୍ଟ କଇଦୀମାନଙ୍କ ସବୁଠାରୁ ପ୍ରିୟ ଜାଗା । ତୁମ ଭିତରେ ଯିଏ ଦୁଷ୍ଟ, ବଦମାସ ଆଉ ଆମାନିଆ ତା'କୁ ଏ କାମ ଭଲ ଲାଗିବ । ମୋଟେ ୩୦ ପାଉଣ୍ଡ ନଡିଆ ତେଲ କିମ୍ବା ୧୦ ପାଉଣ୍ଡ ସୋରିଷ ତେଲ ବାହାର କରିବାକୁ ପଡ଼ିବ । ସହଜ କାମ, ଟିକିଏ କଷ୍ଟ ନାହିଁ । ହାତ ଗୋଡର ଭଲ ବ୍ୟାୟାମ ହୁଏ ।- ଜମାଦାରଟା ଦାନ୍ତ ଚିପିକରି କହୁଥିଲା ଯେମିତି ମୁହଁରୁ ଟିକେ ହସ ନବାହାରେ ।

ଏ ପରିଚୟ ପରେ ପାଖରେ ଦୁଇଜଣ ପେଟି ପଠାଣ ଅଫିସର ଦମ୍ଭରେ ଠିଆ ହୋଇଗଲେ । ସେମାନେ ତେଲ ଘଣାକାମ ଦେଖିବେ । ନୂଆ କଇଦୀମାନେ କିଛି ବୁଝି ପାରିଲେନି । ସେମାନେ ଦେଖୁଦେଖୁ କିଛି ପୁରୁଣା କଇଦୀ ତା' ଭିତରକୁ ପଶିଲେ । ଗୋଟାଏ ପଠାଣ ପେଟି ଅଫିସର ନିଜ ହାତମୁଠାକୁ ଗୋଟାଏ କଇଦୀର ନାକରେ ରଖି ଜୋରରେ ଚିପିଦେଲା । ଲୋକଟାର ପତଳା ଶରୀର ହଲୁଥିଲା ପରି ଲାଗୁଥିଲା ।

ଯଦି କାମ ପୁରା କରିବୁନି ତୋ ନାକକୁ ମୁଠିରେ ବାଡେଇ ବାଡେଇ ପଡିଆ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିଦେବି ।- ସେ ପଠାଣ ପେଟି ଅଫିସର ସାପ ବଳିଆ ହିସ୍‌ହିସ୍ କରି କହିଲା । ତା' ଆଖିଟା ମଧ୍ୟ ସାପ ଆଖି ଭଳି ଲାଗୁଥିଲା, ଜିଭଟା ସାପ ଜିଭ ପରି ମୁହଁରୁ ବାହାରି ଆସି ପଶିଯାଉଥିଲା ।

ଆରେ ବାପରେ, କି ବ୍ୟବହାର ! ପୁରୁଣା କଇଦୀଗୁଡାକ ଦୌଡିଦୌଡି ୫୦ ପାଉଣ୍ଡର ନଡିଆ ବସ୍ତା ଧରି ତେଲ ଘଣାରେ ପହଞ୍ଚିଲେ । ସେମାନଙ୍କ ହାତରେ ତେଲ ରଖିବାକୁ ଏକ ଏକ ବାଲଟି ଥିଲା । ତେଲ ଘଣାରେ କାମ କରିବା ସହଜ ନୁହେଁ । ନଡିଆକୁ ମଝିରେ ଥିବା ଖାଲି ଜାଗାରେ ରଖାଯାଉଥିଲା ଆଉ ଚକ ଘୁରିଲେ ନଡିଆ ପେଶି ହୋଇ ସେଥିରୁ ତେଲ ବାହାରୁଥିଲା । ଚକା ଘୁରିବା ସହ ନଡିଆ ପେଶି ତ ହେଉଥିଲା କିନ୍ତୁ ଚକା ଘୁରାଇବା ଧିରେ କଷ୍ଟକର ହୋଇଉଠୁଥିଲା । କୋଡିଏ ଥର ଘୁରାଇବା ଏକ ଅତି ସବଳ କୁଲି ପାଖରେ ମଧ୍ୟ କଷ୍ଟକର ଥିଲା । ଦେହରେ ବଳ ନାହିଁ, ସେମାନେ ସେମିତି ତେଲ ଘଣାର ବାହୁକୁ ଠେଲି ଚାଲିଥିଲେ । ପ୍ରାୟ ୧୦ ମିନିଟରେ ସେମାନଙ୍କ ନିଃଶ୍ୱାସ ଓଜନିଆ ହୋଇଗଲା ଆଉ ମୁହଁ ଲାଲ ହୋଇ ଭାରି ହୋଇଗଲା । ତା'ପରେ ସେମାନେ ଧଇଁସଇଁ ହେବା ଆରମ୍ଭ କଲେ, ସେମାନଙ୍କ ଜିଭ କୁକୁର ଭଳି ବାହାରି ଆସୁଥିଲା । ଘଣ୍ଟାଏ କାମ କଲାପରେ ଦେହ ହାତରେ ଆଉ ଜୀବ ଥିଲା ପରି ଲାଗୁନଥିଲା । ସେମାନେ ନିଜ ଭାଗ୍ୟକୁ ଦୋଷ ଦେଇ ଘଣା ଚାରିପାଖେ ବୁଲୁଥିଲେ । ଏ ଭିତରେ ସେମାନଙ୍କ ହାତ ସବୁ ଖଣ୍ଡିଆ ହୋଇ ଫାଟି ଜଳୁଥିଲା । ମୁଣ୍ଡ ଘୁରାଉଥିଲା ଆଉ ଆଖି ଆଗ ଅନ୍ଧାର ଲାଗୁଥିଲା । ଏମିତି ଦିନ ଛଅଟାରୁ ଦଶଟା ପର୍ଯ୍ୟନ୍ତ ସେମାନେ ତେଲ ଘଣାରେ ଘଣା ପେଲି ଚାଲୁଥିଲେ ।

ସେମାନେ ସମସ୍ତେ ତମ ଭଳିଆ ପଢାଶୁଣା ଲୋକ । ଏ କାମ ତମ ଭଳିଆ ଲୋକେ ଭଲ କରନ୍ତି । ଚୋର ଡକାଏତ ଏ କାମ କରନ୍ତିନି ।– ଗୋଟାଏ ପେଟି ଅଫିସର କହି ହୋ ହୋ ହୋଇ ବାବାନାଭୂତ ଭଳିଆ ହସିଲା । ନୂଆ ଲୋକମାନଙ୍କୁ ସେଲୁଲାର ଜେଲ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏକ ଭୂତଙ୍କ କାରଖାନା ଭଳିଆ ଲାଗୁଥିଲା ।

ଧୋବ ଧଉଳିଆ ଭଦ୍ରଲୋକଙ୍କ କାମ ।- ଆର ପେଟି ଅଫିସରଟା କହି ହୋ ହୋ ହୋଇ ହସିଲା । ପ୍ରଥମ ଲୋକଟା ତା' ସହ ଯୋଗଦେଲା ।

ପେଟି ଅଫିସରମାନେ ହସିବା ଦେଖି ଘଣା ପେଲୁଥିବା କିଛି କଇଦୀ ହସିଲେ । ସେମାନେ ହସି ହସି କାମ କରୁଥିଲେ । ପେଟି ଅଫିସରଟା ସେମାନଙ୍କ ହସ ଦେଖି ଶକ୍ ଖାଇଲା ପରି ଚୁପ ହୋଇଗଲା । ସେମାନେ କଇଦୀଙ୍କ ସହ ହସରେ ଭାଗ ନେବାକଥା ନୁହେଁ । ତେଲ ଘଣାରେ କଇଦୀ ସେମିତି କାମ କରିଚାଲୁଥିଲେ । ଖାଇବା ସମୟରେ ଖାଲି ଘଣା ଘରର ଦ୍ୱାର ଖୋଲୁଥିଲା । ସେମାନଙ୍କୁ ସେ ଘରେ ଖାଇବାକୁ ଏକ ଥାଳିରେ ମିଳୁଥିଲା । ହାତ ଧୋଇବାକୁ ପାଣି ନାହିଁ । ବାହାରେ କାମ ପୁରା ହେଉନଥିବାରୁ ଜମାଦାର ଗାଳି ଦେଇ ଚାଲୁଥିଲା, ପେଟରେ ଖାଲିଥିବା ଜାଗା ଜମାଦାରର ଗାଳିରେ ବୋଧେ ପୂର୍ଣ୍ଣ ହେଉଥିଲା । କାମ ସାର, ନହେଲେ ଭଲକରି ମାଡ ଗାଳି ମିଳିବ । ଏମିତିଆ କୁହାଟରେ କଇଦୀମାନଙ୍କ ହାତ ମେସିନଠାରୁ ମଧ୍ୟ ଜୋରରେ ଥାଳିରୁ ମୁହଁ ପର୍ଯ୍ୟନ୍ତ ଯାଉଥିଲା ଆଉ ପେଟ ଜଲଦି ଭରୁଥିଲା । ସେମାନେ ତେଲ ଘଣାକୁ ଫେରି ଆସୁଥିଲେ ଆଉ ଘଣା କାମ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲୁଥିଲା । ପ୍ରାୟ କେହି ୩୦ ପାଉଣ୍ଡ ନଡିଆ ତେଲ ବାହାର କରିପାରୁ ନଥିଲେ । କାମ ପୁରା କରି ପାରୁନଥିବା କଇଦୀମାନଙ୍କୁ ଭଲକରି ମାଡ ଗାଳି ମିଳୁଥିଲା । ସେମାନେ ଅପମାନ, ମାଡ ଖାଇ କାନ୍ଦି କାନ୍ଦି, ଲୁହ ଝରାଇ ଝରାଇ ନିଜ ନିଜ ସେଲକୁ ଯାଉଥିଲେ ।

କି ନିର୍ଦ୍ଦୟ ଲୋକଗୁଡାକ । ଜାଗାଟା ତ ନର୍କ, ତେଲ ଫୁଟୁଥିବା ତତଲା ତାଉଆରେ ଛଟପଟ ହୋଇ ମଣିଷ ଏଇଠି ପେଶି ହେଉଛି ।- ଗୋଟାଏ ନୂଆ କଇଦୀ କହିଲା । ବାହାରେ ରୂପାଭଳି ଦିଶୁଥିବ ବନ୍ଦୀଶାଳା ଆଉ ଭିତରେ ଖାଲି ଲୁହ ବୋହିଯାଉଥିବ । ନର୍କର ରୂପ ତା'ହେଲେ ଏମିତି । ଲୁହ ବରଫ ହୋଇ ରାତିରେ ଝଲସେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସକାଳ ୬ଟା ଠାରୁ କାମ । ମଝିରେ ଖାଇବା ପାଇଁ କିଛି ସମୟ । ସେଥିରେ ପୁଣି ଖାଇବା ପୂର୍ଣ ହେଉନି । ଆଉ ଘଣା ପେଲା ଭଳି କାମ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲୁଛି । ଏମାନେ ମଣିଷ ନା ପଶୁ, ନା ପଥର । -ଆଉ ଗୋଟାଏ ନୂଆ କଇଦୀ କହିଲା । କେହି ଅବଶ୍ୟ ଶୁଣି ନାହାନ୍ତି ।

କିଛିଙ୍କର କାମ ମୋଟେ ସରୁନଥିଲା । କାମ ସାରି ପାରିନଥିବା କଇଦୀମାନଙ୍କୁ ସନ୍ଧ୍ୟା ୫ଟା ପରେ ମଧ୍ୟ କାମରେ ଲାଗାଗଲା । ସେମାନଙ୍କ ମୁଣ୍ଡ ଉପରକୁ ଉଠୁନଥିଲା, ଗୋଡ ଘୋଷାରି ହେଉଥିଲା ଆଉ ସେମାନେ ଯେମିତି ପେଲି ହେଉଥିଲେ ।

ନିୟମ ବିରୁଦ୍ଧ କାମ ।- ଜଣେ ନୂଆ କଇଦୀ ଦୃଢ କଣ୍ଠରେ କହିଲା । ସେ କଥା ଅନ୍ୟମାନେ ଶୁଣିଛନ୍ତି କି ନାହିଁ ସନ୍ଦେହ । ସେ ନିଜକୁ କଥାକହି ସାନ୍ତ୍ୱନା ଦେଉଥିଲା ଭଳି ଲାଗୁଥିଲା । କେବଳ ତା' ଓଠ ଟିକେ ଥରିଯାଉଥିଲା ।

ପ୍ରାୟ ୪୦-୫୦ ଜଣ ହତଭାଗ୍ୟ କଇଦୀ ପୁଣି ଘଣାକୁ ଆସିଲେ । ଜେଲର ଡେଭିଡ ବେରୀ ଚେଆର ପକାଇ ବସି ସେମାନଙ୍କର କାମ ତଦାରଖ କରୁଥିଲା । ତା' ମୁହଁ ସବୁ ପ୍ରକାର ଗାଳି ବାହାରୁଥିଲା । କିଛି ସମୟପରେ ଡେଭିଡ ବେରୀ ନିଜର ଚେଆରରେ ବସି ଢୁଳାଇଲା ଆଉ ଏହି ଦୂର୍ଭାଗା କଇଦୀମାନେ ସେମିତି ଘଣାରେ ବୁଲୁଥିଲେ ଯେଉଁ ପର୍ଯ୍ୟନ୍ତ ସେମାନଙ୍କର କୋଟା ପୁରା ନହୋଇଛି । ଏମିତି କାମ ରାତି ୮ଟା ବା ୯ଟା ପର୍ଯ୍ୟନ୍ତ ଚାଲିଲା ।

ସବୁ ନିୟମ ବାହାରେ । – ଗୋଟାଏ ନୂଆ କଇଦୀ କହିଲା ।

ଏକଥା ବାହାରକୁ ନେବ କିଏ ? - ଆଉ ଜଣେ କହିଲା ।

ଏଗୁଡାଙ୍କୁ ସାମାନ୍ୟ ଦୟା ନାହିଁ ।- ଆଉ ଗୋଟାଏ କଇଦୀ କହିଲା ।

ଆରେ ଏଗୁଡା ମୋଟେ କାମ କରୁନାହାନ୍ତି ।-ଡେଭିଡ ବେରୀ ଚିଲ୍ଲାଇଲା ।

ସବୁ ରାଜନୈତିକ ବନ୍ଦୀ ସାର୍ । ସେମାନେ ପ୍ରାୟ ଏ ପ୍ରକାର କାମ ଜୀବନରେ କରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନାହାନ୍ତି ।– ଜଣେ ଜମାଦାର ଅତି ନମ୍ର କଣ୍ଠରେ କହିଲା ।

କାମ ବାହାର କର । ତମେମାନେ ଅଛ କ'ଣ ପାଇଁ ?- ଡେଭିଡ ବେରୀ ଗର୍ଜ୍ଜନ କଲା ।

କଇଦୀରୁ ଜମାଦାର ବନିଥିବା ଅଫିସରମାନେ ଚମକି ପଡିଲେ । ଏ ପଠାଣ ଜମାଦାରମାନଙ୍କ ଦୟାମାୟା ନାହିଁ । ସେମାନେ ଜୋରରେ ସାଲ୍ୟୁଟ ମାରିଲେ । ସବୁ ନିୟମ ପାଳନ ହେବ, କାମ ଆଦାୟ ଅଲବତ ହେବ ।

କାମକଲେ କାଇଦୀକୁ ମଜୁରୀ ମିଳୁଛି । ଏ ଜେଲରେ ସବୁ ନିୟମରେ ଚାଲେ । - ଏକ ଜମାଦାର କହିଲା ।

ଏଠି କଇଦୀମାନଙ୍କୁ ଦିନକୁ ନଅ ଘଣ୍ଟା କାମ କରିବାକୁ ପଡ଼ିବ ଆଉ ମଜୁରୀ ହିସାବରେ ସେମାନଙ୍କୁ ଏକ ଅଣା ଆଉ ନଅ ପାଇ ମିଳିବ ଯାହା ତୁମମାନଙ୍କ ଖାଦ୍ୟ, ପେୟ ଆଉ ପୋଷାକପତ୍ର ଇତ୍ୟାଦି ଉପରେ ଖର୍ଚ୍ଚ ହେଉଥିଲା । ୧୮୬୩ ମସିହାରେ ସାର ରବର୍ଟ ନାପିଅରଙ୍କ ସୁପାରିଶ ହିସାବରେ ଫାଷ୍ଟ କ୍ଲାସ କଇଦୀମାନଙ୍କୁ ୩ ଅଣା, ସେକଣ୍ଡ କ୍ଲାସ କଇଦୀମାନଙ୍କୁ ୨.୫ ଅଣା ଆଉ ଥାର୍ଡ କ୍ଲାସ କଇଦୀମାନଙ୍କୁ ୨ ଅଣା ମିଳିବ । ତମମାନଙ୍କର ମେସ ଧର୍ମ ହିସାବରେ ଅଲଗା ଥିଲା । ତେଣୁ କିଛି ଚନ୍ତା କରନି ।

ନୂଆ କଇଦୀମାନଙ୍କ ଭିତରୁ ଏକ କଇଦୀ ଭାବିଲା, କିଛି ମଜୁରୀ ତ ମିଳୁଛି, ଏକ କ୍ରୀତଦାସ ଆଉ କଇଦୀ ମଧ୍ୟରେ ଯାହାହେଉ ଫରକ ଅଛି । କଇଦୀ କିଛି ମଜୁରୀ ପାଉଛି ଆଉ ବୋଧହୁଏ କ୍ରୀତଦାସ କିଛି ପାଇନି, ଲାଂଛନା ଦୁଇଜଣଙ୍କ କ୍ଷେତ୍ରରେ ବେଶ ଅଧିକ । ଏଠି ଲାଂଛନା ଆଉ ଯନ୍ତ୍ରଣା ସାମୂହିକ, ସରକାର ତରଫରୁ ଦିଆଯାଉଛି । କିନ୍ତୁ ମୁହଁ ଶୁଖିଗଲା ।

ଜୀବନ ତେଲ ଘଣାରେ ଏଇ ଆରମ୍ଭ ହେଉଛି । କିଛି ତ ବୟସରେ ବହୁତ ଛୋଟ ଲାଗୁଛନ୍ତି । କଲେଜ ଛାତ୍ର ।– ଜଣେ ନୂଆ କଇଦୀ କହିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଉ କଇଦୀମାନଙ୍କ ଯନ୍ତ୍ରଣା କଥା କହିଲେ ନସରେ । ଅନେକ ବେମାର ପଡନ୍ତି । କିନ୍ତୁ କୁହାଯାଏ ସେମାନେ ଛଳନା କରୁଛନ୍ତି । ପ୍ରବଳ ଜ୍ୱର ହେଲେ ସେମାନଙ୍କୁ ସେଲରେ ବନ୍ଦ କରିଦିଆଯାଏ, କିନ୍ତୁ ହସପିଟାଲ ନିଆଯାଏ ନାହିଁ । ଚୋର, ଡକାଏତ, ହତ୍ୟାକାରୀ କଇଦୀ ରୋଗଗ୍ରସ୍ତ ହେଲେ ଜେଲ ହସପିଟାଲ ଯାଆନ୍ତି, କିନ୍ତୁ ଏହି ରାଜନୈତିକ ବନ୍ଦୀମାନଙ୍କୁ ହସପିଟାଲ ନିଆଯାଏନାହିଁ ।

ତୁମେମାନେ ଏ ଜେଲକୁ ଭଲଭାବେ ଦେଖିନିଅ ।-ସେମାନଙ୍କ ସହ ଚାଲୁଥିବା ଜମାଦାରଟା ଜୋରରେ କହିଲା । ନୂଆ କଇଦୀମାନେ ନିଜର ମନକୁ ଘଣାରୁ ଫେରାଇ କାନ୍ଥରେ ଟଙ୍ଗା ହୋଇଥିବା ଏକ ଚିତ୍ରକୁ ଦେଖୁଥିଲେ ଆଉ ବାହାରକୁ ଅନାଉଥିଲେ । ବାହାରେଏକ ଗମ୍ବୁଜ, ତା' ଦେହରୁ ବାହାରିଯାଇଛି କିଛି କୋଠରୀ । ଆଗକୁ ଏକ କୋଠା, ଆଜି ସେଠାରେ କିଛି ଅଫିସ ଚାଲୁଛି । ତା'ର କୋଡିଏ-ତରିଶି ହାତ ଦୂରକୁ ଏକ ଗେଟ ଆଉ ସେଥିରେ ଇଂରାଜୀରେ ଲେଖାଯାଇଛି ସେଲୁଲାର ଜେଲ । ଏକ ତୋରଣର ଆକାର ଦିଆଯାଇଛି ଗେଟର ମୁହଁକୁ । ସ୍ୱାଗତର ଗେଟ ।

ଏଠି ମଣିଷକୁ ସ୍ୱାଗତ କରାଯାଏ ।

ନୂଆ ଜୀବନପାଇଁ ନିଶ୍ଚୟ, ସ୍ୱାଗତରେ ତ ନୂଆ ଜୀବନ ମିଳେ, ସବୁକିଛି ନୂଆ ଥାଏ ।

ତୁମମାନଙ୍କର ରହିବା ସେଲ ।– ଜମାଦାର କହିଲା ଆଉ ତା' ମୁହଁରେ ଏକ ବିକୃତ ହସ ଫୁଟିଉଠିଲା ।

ପ୍ରତିଟି ସେଲରେ ଏକ ସରୁଆ ଖଟ ଥିଲା । ଚଉଡା କେବଳ ଦେଢ ଫୁଟ । ଝାଡା ପରିସ୍ରା ପାଇଁ କଇଦୀମାନଙ୍କୁ ଏକ ପାତ୍ର ଦିଆଯାଇଥିଲା, ଆଉ ତାହା ଥିଲା ସେହି କୋଠରୀରେ । ଦୁର୍ଗନ୍ଧ । ପ୍ରତିଟି କୋଠରୀରେ ଲାଗିଥିଲା ଲୁହାର ଦ୍ୱାର ଆଉ ତାହା ବାହରୁ ବନ୍ଦ ହେଉଥିଲା । ୨୧ ଜଣ ଓ୍ୟାର୍ଡର ସବୁବାହୁକୁ ତିନି ତିନି ଘଣ୍ଟିଆ ଡ୍ୟୁଟିରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜଗି ରହୁଥିଲେ । ତାଛଡା ସେଣ୍ଟ୍ରାଲ ଟାୱାରରେ ଶସସ୍ତ୍ର ରକ୍ଷୀମାନେ ଥିଲେ ।

କଇଦୀମାନଙ୍କୁ ସନ୍ଧ୍ୟା ୬ଟା ବା ୭ଟା ବେଳକୁ ନିଜ ନିଜ ସେଲରେ ବନ୍ଦ କରି ଦିଆ ଯାଉଥିଲା ଆଉ ସେଲ ପରଦିନ ସକାଳ ୬ଟାକୁ ଖୋଲୁଥିଲା । ସେଲମାନଙ୍କରେ କେଉଁଠି ଶୌଚାଗାର ନଥିଲା । ରାତିରେ ଝାଡା ପରିସ୍ରା ପାଇଁ ଏକ ମାଠିଆ ମିଳୁଥିଲା । ସୁଇପର ତା'କୁ ପ୍ରତିଦିନ ଅପରାହ୍ନରେ ଆଣି ସେଲର ଏକ କୋଣରେ ରଖିଦେଉଥିଲା । ଏମିତିଆ ପାତ୍ରରେ ଝାଡା ପରିସ୍ରା ଯିବା କଷ୍ଟଦାୟକ ଥିଲା । କଇଦୀମାନଙ୍କୁ ସକାଳେ, ସଂଜେ ଆଉ ମଧ୍ୟାହ୍ନରେ କେବଳ ଶୌଚାଳୟ ଯିବାକୁ ଅନୁମତି ଥିଲା । ଶୌଚାଳୟ ଯିବାପାଇଁ ଜମାଦାରକୁ ଅନୁରୋଧ କରିବାକୁ ପଡୁଥିଲା । କଇଦୀମାନେ ଅନେକ ସମୟରେ ଆଣ୍ଠୁମାଡି ବିନତି କରୁଥିଲେ ।

ଏକ ଏକ ପତଳା ଲଙ୍ଗୋଟି ପିନ୍ଧି କଇଦୀମାନେ ଗାଧୋଉଥିଲେ । ଏହା ଏତେ ପତଳା ଥିଲା ଯେ ମନୁଷ୍ୟର ସାମାନ୍ୟ ଲଜ୍ଜ୍ୟାକୁ ଢାଙ୍କି ପାରୁନଥିଲା । ମଣିଷର ସମ୍ମାନ ବୋଲି କିଛି ରହୁନଥିଲା । କପଡା ବଦଳାଇଲାବେଳକୁ ସେମାନେ ପ୍ରାୟ ଲଙ୍ଗଳା ହୋଇ କପଡା ବଦଳାଉଥିଲେ । ମଣିଷ୍ୟର ଲଜ୍ଜ୍ୟା କାହିଁ?- ନୂଆ କଇଦୀମାନେ ନିଜ ନିଜ ଭିତରେ କଥା ହେଉଥିଲେ । ବଙ୍ଗାଳୀ ଭଦ୍ରଲୋକମାନେ ବିଚରା ବ୍ୟସ୍ତ ହୋଇ ପଡୁଥିଲେ । "ହେ ପୃଥିବୀ ତୋ ହୃଦୟ ଫାଟିଯାଉ, ତୋ ବକ୍ଷରେ ମୋତେ ଜାଗା ଦେଇ ବୁଜି ହୋଇ ଯା ।"- କେହି କେହି ବଙ୍ଗାଳୀ ଭଦ୍ରଲୋକ କଇଦୀ ଘୋଷି ହେଉଥିଲେ ।

ତୁମମାନଙ୍କର ଖାଇବା ଥାଳି ।- ଟିନଡାଲ ହସି ହସି କହିଲା । ସବୁ ତଦାରଖ କରୁଥିବା ଜମାଦାର, ଟିନଡାଲ, ପେଟି ଅଫିସରମାନେ ନିଜ ନିଜ ଭିତରେ ହସାହସି ହେଲେ । ଖାଇବା ଅତି ଖରାପ, ଆଉ ମୋଟେ ଯଥେଷ୍ଟ ନଥିଲା । ସେହି ଖାଇବାରୁ ପୁଣି ତଦାରଖ କରୁଥିବା ରକ୍ଷୀମାନେ ଭାଗ ବସାଉଥିଲେ । ପିଇବା ପାଣି ମଧ୍ୟ ଅପରିଷ୍କାର ଥିଲା । କଇଦୀମାନଙ୍କୁ ଗାଧୋଇବାପାଇଁ ପାଣି ପ୍ରାୟ ମିଳୁନଥିଲା । କଇଦୀମାନଙ୍କୁ ଏକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନଡିଆ ଖୋଳରେ କାଂଜି ମିଳୁଥିଲା । ଚାଉଳ ଚୁରା ହୋଇ, ସାମାନ୍ୟ ଡାଲି ଆଉ ପରିବା ମିଶା କାଂଜି । ଦୈନିକ ରାସନ ଏହିପରି ଥିଲା, ଭାତ- ୬ ଆଉନସ, ରୋଟିପାଇଁ ଅଟା-୫ ଆଉନସ, ଡାଲି-୨ ଆଉନସ, ଲୁଣ ଏକ ଡ୍ରାମ, ତେଲ- ଏକ ଡ୍ରାମର କିଛି ଭାଗ, ଆଉ ପରିବା ୮ ଆଉନସ । ଏତିକି ଖାଦ୍ୟ ମଧ୍ୟ ପୁରା କଇଦୀମାନଙ୍କ ପାଖରେ ପହଞ୍ଚୁନଥିଲା । ସେମାନେ ଏହି ଖାଦ୍ୟରୁ ରୋଟିକୁ ମୁସଲିମ ଓ୍ୟାର୍ଡରମାନଙ୍କ ସହ ଭାଗ କରିବାକୁ ପଡୁଥିଲା । ଏହି କଇଦୀରୁ ଜମାଦାର ବିନିଥିବା ଲୋକମାନେ ପଞ୍ଜାବ ବା ନର୍ଥେଓ୍ୱେଷ୍ଟ ଫ୍ରଣ୍ଟିଅର ପ୍ରଦେଶରୁ ଆସିଥିଲେ ଆଉ ପରେ ସୁପରଭାଇଜର ବା ଓ୍ୟାର୍ଡରକୁ ପଦୋନ୍ନତି ପାଇଥିଲେ । ସେମାନଙ୍କ ବ୍ୟବହାର ଅତି କଦର୍ଯ୍ୟ ଥିଲା । କଇଦୀମାନଙ୍କଠାରୁ ରୋଟି ଛଡାଇ ଖାଇବାକୁ ସେମାନଙ୍କୁ ସରମ ଲାଗୁନଥିଲା । ସେ ମଧ୍ୟରୁ କ୍ରୂରତମ ଥିଲା ମିର୍ଜ୍ଜା ଖାନ । ସେ ପ୍ରତିଦିନ ୧୦-୧୨ଟା ରୋଟି କଇଦୀମାନଙ୍କଠାରୁ ଛଡାଇ ଖାଉଥିଲା । କେହି କଇଦୀ ଯଦି ଭାଗ ନଦେଲା ତା'କୁ ସବୁଠାରୁ କଠିନ କାମ ଦେବାକୁ ଏହି କ୍ରୂର ଲୋକମାନେ ପଛାଉନଥିଲେ । ସେମାନଙ୍କ ନାଁରେ ସତ ମିଛ ଆରୋପ ଆଣୁଥିଲେ । ଯେତେବେଳେ ଖାଇବା ମିଳୁଥିଲା, କଇଦୀମାନେ ନିଜକୁ ନିଜେ ରୋଟି ସବୁ ପଠାଣ ବା ପଞ୍ଜାବୀ ଓ୍ୟାର୍ଡରମାନଙ୍କ ଥାଳିରେ ନିଜେ ନିଜେ ରଖିଦେଉଥିଲେ ।

ସେ ବିରାଟ ଲୋକଟା ?

କ୍ରମଶଃ. . .

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମୟ ଖେଳେ ଲୁଚକାଳି

ସୁନନ୍ଦା ମହାନ୍ତି



ସ୍ୱପ୍ନଟା ଲୁଚକାଳି ଖେଳୁଥିଲା ଯେମିତି । ପିଲାଦିନେ ଅଭାବ ଅନାଟନ ଭିତରେ ଗାଁରେ ପକ୍କା ଘର ଦୁଇବଖରା କରୁ କରୁ ତଅପୋଇ ପାଇଁ ସୁନାଚାନ୍ଦ ଓ ରୂପା କୁଲେଇ ଗଢୁ ଗଢୁ ପିଅର ଅଧା ଚାନ୍ଦ ଗଢ଼ା ହେଉ ହେଉ ମରିବା ପରି ଏଠି ମଧ୍ୟ ପିତା ଚାଲିଗଲେ ଆରପାରିକୁ ଆଉ ସମ୍ପୂର୍ଣ୍ଣ ଘରଟି ମୁଣ୍ଡ ଟେକିଲା ବେଳକୁ ବୋଉ ବି ଚାଲିଗଲା । କିନ୍ତୁ ସୁନା ଚାନ୍ଦ ଓ ରୁପାକୁଲେଇ ମାଗୁଥିବା ନାୟିକା ତଅପୋଇ ପରି ଘରଟିର ସ୍ୱପ୍ନ ଦେଖି ଚାଲିଥିବା ନାୟକ, ନାୟିକା ତଅପୋଇ ବଦଳରେ ଅଙ୍କୁଶ ଥିଲା । ଘରଟିଏ ହେବାର ସ୍ୱପ୍ନ ଲୁଚକାଳି ଖେଳୁ ଖେଳୁ ସତ ହେଲା ବେଳକୁ ନା ଥିଲେ ବାପା ନା ଥିଲେ ବୋଉ ହେଲେ ସହଧର୍ମିଣୀ ହୋଇ ଆସିସାରିଥିଲେ ସାଗରୀକା । ଅଙ୍କୁଶଙ୍କ ସଙ୍ଗେ ଭାଗ୍ୟ ଲୁଚକାଳି ଖେଳୁ ଖେଳୁ ବାପା ମାଆଙ୍କ ପାଇଁ ଭଲ ଘରଟେ କରି ତାଙ୍କୁ ସୁଖୀ ରଖିବାକୁ ଚାହିଁ ରଖିପାରି ନଥିଲେ ଆଉ ଏବେ ନିଜ ସରକାରୀ ଚାକିରୀ ସାଙ୍ଗକୁ ସ୍ତ୍ରୀ ସାଗରୀକାଙ୍କ ସ୍କୁଲ ଚାକିରୀ ଜାଗା ବା ସ୍ଥାନ ଭିତରେ ଗାଁ ଘରେ ରହିବା ସମ୍ଭବ ହେଉ ନଥିଲା । ତ ଗାଁ ଛାଡି ସହରକୁ ଯିବା ଦିନ ଖୁବ କାନ୍ଦିଥିଲା ଅଙ୍କୁଶ ବାପା ମାଆଙ୍କୁ ମନେପକାଇ । ହୃଦୟ ଭିତରୁ ଉଠୁଥିବା କୋହ କିନ୍ତୁ ଥରକୁ ଥର ଲୁହ ହୋଇ ଗଡିଯାଉଥିଲା ଯେବେ ଥରକୁ ଥର ନୂଆଘର ଖୋଜିବାକୁ ପଡୁଥିଲା ସହରରୁ ସହର ଯାଏଁ କେବେ ତ ଗାଁରୁ ଗାଁ କେବେ କାରଣ କେବେ ଅଙ୍କୁଶର ବଦଳି ହେଉଥିଲା ତ କେବେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାଗରୀକାର ବଦଳୀ ହେଉଥିଲା ତାହା ପୁଣି କେବେ ଗାଁରେ ତ କେବେ ସହରରେ ତ ତାରି ଭିତରେ ଦୁଇପୁଅ ଓ ଏକମାତ୍ର ଝିଅଙ୍କୁ ମଣିଷ ପରି ମଣିଷ କରିବାକୁ ଦୁଇଜଣଙ୍କ ଚାକିରୀ ସ୍ଥାନ ନିରୂପଣ ପୂର୍ବକ ସୁବିଧା, ଅସୁବିଧା ଦୂରତା ନିର୍ଦ୍ଧାରଣ କରି ବଦଳୁଥିଲା ଘର ତ ଭିତରେ ଥିବା ଗାଁ ଘର ପ୍ରତି ଅଙ୍କୁଶର କୋହ ମୋହ ସବୁ ଲୁହ ହୋଇ ନିଗିଡି ପଡୁଥିଲା ।

ଯା ହେଉ ଏଥର ନିଜ ଘର କରିବା ପାଇଁ ଶେଷକୁ ଜମି କିଣା ହେଲା ଘର ତୋଳା ମଧ୍ୟ ହେଲା । ଏମିତି ସହରରେ ଘର ହେଲା ଯୋଉଠି ଶିକ୍ଷା ସ୍ୱାସ୍ଥ୍ୟ ଓ ପରିବେଶ ଭଲ ଥିଲା ଓ ପିଲା ତିନୋଟି ମଣିଷ ପରି ମଣିଷ ହେବାକୁ ଅର୍ଥାତ ଶିକ୍ଷା ପାଇବାର ସୁଯୋଗ ପାଇ ଆଜିକା ଯୁଗରେ ଭଲମଣିଷ ହେବାର ପରିଚୟ ପାଇ କମ୍ପାନୀରେ ଭଲ ପ୍ୟାକେଜ ପାଇ ଅବସ୍ଥାପିତ ହେଲା ବେଳକୁ ଝିଅଟି ମଧ୍ୟ ବାହାଚୋରା ହୋଇସାରିଥିଲା ଭଲ ଘର ଓ ବର ଦେଖି । କିନ୍ତୁ ସାଗରୀକା ସୁସ୍ଥ ନଥିଲା । ସେତେବେଳକୁ ଅଙ୍କୁଶ ଅବସର ନେଇ ସାରିଥିଲେ ମଧ୍ୟ ସାଗରୀକାର ଚାକିରୀ ସମୟ ଶେଷ ହୋଇ ନଥିଲା କିନ୍ତୁ ଅବସ୍ଥା ଏମିତି ହେଲା ଯେ ସାଗରୀକାକୁ ଇଚ୍ଛାକୃତ ଅବସର ନେବାକୁ ପଡିଲା କାରଣ ଡାକ୍ତର ପରାମର୍ଶ ଦେଇସାରିଥିଲେ କି ସାଗରୀକାଙ୍କ ସ୍ୱାସ୍ଥ୍ୟ ଠିକ ହେବା ପାଇଁ ସ୍ଥାନ ପରିବର୍ତ୍ତନ ତଥା ପରିବେଶ ଓ ଜଳବାୟୁ ପରିବର୍ତ୍ତନ ନିହାତି ଆବଶ୍ୟକ । ଯେଉଁଦିନ ଅଙ୍କୁଶ ସ୍ତ୍ରୀଙ୍କୁ ନେଇ ଫ୍ଲାଇଟ ଚଢିଲେ ସିମଲା ଯିବାପାଇଁ ଭାବୁଥିଲେ ସହରରେ ମୁଣ୍ଡଟେକିଥିବା ଏ ବିରାଟ ଘରଟାରେ ରହିବ କିଏ ? ପୁଅ ଦୁହେଁ ଓ ଝିଅ କହୁଥିଲେ ସେକଥା ପରେ ତୁମେ ଆଗ ମାଆର ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହ । ଫ୍ଲାଇଟର ଉଡାଣ ବେଳେ ଅଙ୍କୁଶ ଆଖିରୁ ଲୁହ ଦି ଟୋପା ତା ନିଜ ଅଜଣାତରେ ବାହାରିଗଲା ବେଳେ ସାଙ୍ଗରେ ଥିବା ଝିଅ କହୁଥିଲା ସବୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଣିଷ ଜୀବନ ଏମିତି ବାପା । ସମୟ ଲୁଚକାଳି ଖେଳୁଥାଏ ହେଲେ ତରିକା ଅଲଗା ଅଲଗା । ଜୋଇଁ ସିମଲାରୁ ଫୋନ କରୁଥିଲେ ଉଡାଣ ଆରମ୍ଭ ହେଲା ନା ନାହିଁ? ଅଙ୍କୁଶଙ୍କ ଆଖିରେ ଗାଁ ଘରଠୁ ଆରମ୍ଭ କରି ସମୟ ସହିତ ବିଭିନ୍ନ ସ୍ଥାନରେ ଗଢିଉଠିଥିବା ଘର ଗୁଡିକର ପ୍ରତିଛବି ତାଙ୍କ ସହିତ ଲୁଚକାଳି ଖେଳୁଥିଲା ଯେମିତି ତ ଏୟାରହୋଷ୍ଟେସ ନିର୍ଦ୍ଦେଶରେ ବେଲ୍ଟ ଟାଇଟ କରୁଥିଲେ ସମସ୍ତେ ।

ସାକ୍ଷିଗୋପାଳ

ପୁରୀ

୯୦୪୦୯୭୭୩୨୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସବୁ ସରିଗଲା ପରେ

ବର୍ଷାରାଣୀ ମହାମଲ୍ଲିକ



ରାତି ଏଗାରଟା ପନ୍ଦର ମିନିଟ, ନିଦ ଏ ଯାଏ ଆସିନି । ନିଦ ନ ଆସିବାଟା କେଉଁ ବଡ଼କଥା ନୁହେଁ, ଆଗରୁ ବି ଏମିତି କେତେଥର ନିଦ ଆସିନି ତାର ହିସାବ ନାହିଁ । ବାହାରେ କୁହୁ କୁହୁ ଅନ୍ଧାର, କେତେବେଳେ କେମିତି ଦୂରରୁ ଭାସି ଆସୁଛି କୁକୁର ମାନଙ୍କ ଭୋ ଭୋ ଶବ୍ଦ । ଝରକା ସେ ପାଖକୁ ଚାହିଁଲେ ରଙ୍ଗ ବେରଙ୍ଗର ଲିଚୁ ବଲ୍ ସବୁ ଜଳିଲା ଭଳି ଦେଖାଯାଉଛି । ପୁଅ ବୋହୂ ଶୋଇଗଲେଣି ବୋଧେ । ଚାକିରୀ ଜୀବନ, ଦିନସାରା ଖଟଣି ଏତେ ପରେ ନିଦକୁ ଡାକିବାକୁ ପଡ଼ିବନି ନିଦ ଆପେ ଆସିଯିବ । ବ୍ୟସ୍ତ ଜୀବନରେ ଏଇ ଟିକକ ତ ଶାନ୍ତି । ସମସ୍ତେ ଶୋଇଗଲେଣି, ଏକା ମୁଁ ଚେଇଁଛି ବିନା କିଛି କାମରେ ମଧ୍ୟ ।

ଟେବୁଲ୍ ଉପରେ କେତେ ଖଣ୍ଡ ବହି, ତା ଉପରେ ଅଳ୍ପ ଧୂଳି ଜମି ଆସିଲାଣି । ଆଉ କଣ ମୁଁ ପଢ଼ି ପାରୁଛି, ତେବେ ସବୁକୁ ଝାଡ଼ିଝୁଡ଼ି ସାଇତି ରଖିଦେବା କଥା । ସେତକ ବି ଆଜି ସଫା କରିବି କାଲି କରିବି ବୋଲି କରିପାରୁନି । ବୋହୂକୁ ହେଲେ କେଉଁ ସମୟ ମିଳୁଛି ? ଘରର ଜିନିଷ ପତ୍ର ସଜାଡ଼ିବାକୁ ସମୟ ନାହିଁ ପୁଣି ମୋ ରୁମ୍ କୁ ସଫା କରିବାକୁ ସମୟ କୁଆଡୁ ମିଳିବ ? ମିଳନ୍ତା ବି ହେଲେ ସମୟ ବାହାର କରିବାକୁ ଇଚ୍ଛା ବି ଥିବା ଦରକାର । ଟେବୁଲର ଟିକେ ଉପରେ ଗୋଟେ ଫୋଟୋ, ଫୋଟୋ ଫ୍ରେମ୍ ରେ ଅନୁପମାର ଫୋଟୋ । ଫୋଟୋଟି ଆଣି ଚୌକିରେ ବସିପଡ଼ିଲି, ଖୁବ୍ ସମୟ ଫୋଟୋଟିକୁ ଚାହିଁଲା ପରେ ଆଖିରୁ ଆପେ ଲୁହ ବହି ଆସିଲା । ହଠାତ୍ ଲାଗିଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେପରି ଅନୁପମା ଫୋଟୋ ଭିତରୁ ବାହାରି ଆସିଛି ଆଉ ସେମିତି ଧୀର କଣ୍ଠରେ କହୁଛନ୍ତି ଏବେ ଖୁବ୍ ମନେ ପଡୁଛି ନା ମୁଁ ? ମୁଁ ଚମକି ପଡ଼ିଲି, ଦେଖିଲି କେହି ନାହାଁନ୍ତି, ମନର ଭ୍ରମ ଯାହା । ଚଉଦ ବର୍ଷ ତଳର ଅନୁପମାର କଥା ପୁଣି ଥରେ ରୋମନ୍ଥିତ ହେବାକୁ ଲାଗିଲା । ଦେଖିବ ଦିନେ ଖୁବ୍ ପଶ୍ଚାତାପ କରିବ, "ସେତେବେଳେ ତମ ପାଖରେ ସବୁ ଥିବ କିନ୍ତୁ ନିଜଲୋକ ବୋଲି କେହି ନ ଥିବେ, ଟଙ୍କା ପଇସା ଜୀବନରେ ସବୁକିଛି ନୁହଁ କେବେ ତ କାହା ପାଇଁ ଟିକେ ସମୟ ବାହାର କର, ଯେଉଁଦିନ ତମର ସମୟ ବାହାରିବ ସେଦିନ ସମୟ ଚକ୍ର ଘୁରି ସାରିଥିବ ସେତେବେଳେ ତମକୁ ସମୟ ଦେବା ପାଇଁ କାହା ପାଖରେ ସମୟ ନ ଥିବ, ଦେଖିବ ସେତେବେଳେ ତମେ କେତେ ଏକା ପଡ଼ିଯାଇଥିବ ।"

ନିରୁପମା ମୋ ସ୍ତ୍ରୀ, ଅର୍ଦ୍ଧାଙ୍ଗିନୀ ହିସାବରେ ମୋ ଜୀବନର ଅଧା କଣ ଅଧାରୁ ବି ଅଧିକ ସୁଖ ଦୁଃଖକୁ ଅଧିକାର ଭଳି ଆବୋରି ନେଇଥିଲା । କିନ୍ତୁ ହାୟ ! ତା ପାଇଁ କଣ କରିପାରିଲି ମୁଁ ? ମୋ ଜୀବନରେ ତା ସ୍ଥାନ କେଉଁଠି ଥିଲା ? ସେଦିନର କଥା ଏବେ ମନେ ପଡୁଛି ନିରୁପମା କାକୁତି ମୀନତି କରି କହିଥିଲା ଦୁଇ ଦିନ ପାଇଁ ଛୁଟି ଆଣି ପାରିବନି ତମେ ? ମାଁ ର ଦେହ ବହୁତ ଖରାପ, ଟିକେ ତ ଯାଇ ଦେଖି ଆସନ୍ତା । କାଲିକି କିଛି ବି ହୋଇପାରେ । ମୁଁ ବସଷ୍ଟାଣ୍ଡରେ ଛାଡ଼ି ଦେଇ ଆସିବି ଅନୁ । ଦେଖୁଛୁ ତ ମୁଁ ପ୍ରଧାନ ଶିକ୍ଷକ । ମୁଁ ଯଦି ଏମିତି ଟିକେ ଟିକେ କଥାରେ ଛୁଟି ଆଣିବି ବାକି ଶିକ୍ଷକ ମାନଙ୍କୁ ବି ଏମିତି ଛୋଟ ଛୋଟ ଅସୁବିଧାରେ ଛୁଟି ନେବାର ସୁବିଧା ମିଳିଯିବ, ଆଉ ସେମିତି ବି ସ୍କୁଲରେ ବହୁତ୍ କାମ ରହିଯାଇଛି । ଗୋଟେ ନିଶ୍ୱାସରେ ସବୁ କହିଗଲି ।

ଅନୁପମାର ଆଖି ଛଳ୍ ଛଳ ହୋଇ ଯାଇଥିଲା ସେ ଆଡ଼କୁ ଦୃଷ୍ଟି ନ ଥିଲା ମୋର,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତା କଣ୍ଠରୁଦ୍ଧ କଥା ଶୁଣି ସେ ଆଡ଼କୁ ନିଘା କଲି । ଅନୁ କହିଲା, କଣ କହିଲ ଟିକେ ଟିକେ କଥା ? କାହିଁକି ଟିକେ କଥା ନ ହେବ ସେ କଣ ଆଉ ତମରି ମାଁ ସେ ତ ମୋ ମାଁ ନା । ତୁମ ସ୍କୁଲ ଟିଚର୍ ମାନେ ଛୁଆକୁ ସ୍କୁଲ୍ ଛାଡ଼ିବା ପାଇଁ ସ୍ତ୍ରୀକୁ ମନ୍ଦିର ନେବା ପାଇଁ ଟିକେ ଡେରି ହେବ ସାର୍ କହି କେତେ ଫୋନ କରନ୍ତି, ଛୁଟି ବି ତ ସେମାନେ ନିଅନ୍ତି ସେ କଥା କଣ ମୁଁ ଜାଣିନି । ହଉ ଠିକ୍ ଅଛି ମତେ କିନ୍ତୁ ଦୁଇଦିନ ପାଇଁ ତମ ଘରୁ ଛୁଟି ଦରକାର । ତା କଥାରେ ରାଗ କମ୍ କୋହ ବେଶୀ ଥିଲା ।

ସେଦିନ ସନ୍ଧ୍ୟାରେ ବସରେ ବସେଇ ଦେଲି କିନ୍ତୁ ଗୋଟେ ଦିନ ପରେ ସେ ଫେରି ଆସିଲା କାହିଁକି ନା ମୋ ଶାଶୁ ସେଇଦିନ ରାତିରେ ସବୁଦିନ ପାଇଁ ଆଖି ବୁଜିଲା ।

କିଛିଦିନ ପରେ ନିରୁପମାର ମୁହଁରୁ ଶୁଣିଥିଲି ଶାଶୁ କୁଆଡ଼େ କହୁଥିଲେ ମୋ ଗଲା ସମୟରେ ବି ଜ୍ୱାଇଁ ଆସିଲେ ନାହିଁ । ମୁଁ କିନ୍ତୁ ଠିକ୍ ଜାଣେ ପ୍ରତିଥର ପରି କିଛି ମିଛ କହି ମତେ ଅନୁପମା ନିଶ୍ଚୟ ବଞ୍ଚାଇଥିବ । ଏମିତିକି ଦଶହରା କି ଖରାଛୁଟିରେ ବି ମୁଁ କେବେ ବାହାରକୁ ବୁଲାବୁଲି କି ଘରେ ହସଖୁସିରେ ସମୟ ବିତାଇ ପାରେନି ଅବଶ୍ୟ କାମ ବି ସେମିତି ଥିଲା ଆଉ ମୁଁ ହିଁ ସେମିତି ଥିଲି । ମଣିଷ ଯେତେ ବ୍ୟସ୍ତତାରେ ଥାଉ ନା କାହିଁକି ସମୟ ବାହାର କରିଲେ ନିଶ୍ଚୟ ବାହାରିବ ଆଉ ଯେତେ ଖାଲି ବସିଥାଉ ପଛକେ ସମୟ ନ ଦେଲେ ସମୟଟା ଆପେ ଗଡ଼ିଯିବ ।

ନିରୁପମା ଆଧ୍ୟାତ୍ମବାଦୀ ଥିଲେ, ବେଳେବେଳେ କହୁଥିଲେ କାଲି ସଂକ୍ରାନ୍ତି, କାଲି ରବିବାର କାଲି ତ ତୁମର କିଛି କାମ ନ ଥିବ, ମନ୍ଦିରକୁ ମିଶିକି ଗଲେ ଟିକେ ହୁଅନ୍ତାନି ? ମୁଁ କିନ୍ତୁ ସବୁବେଳେ କହୁଥିଲି ଆରେ କର୍ମ କାରିଚାଲ ଭଗବାନ ସବୁଠି ଅଛନ୍ତି । କର୍ମ ହିଁ ଧର୍ମ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏତେ କହିଲା ପରେ ସବୁ ଥର ପରି ନୀରବ ରହୁଥିଲେ ଅନୁ । ଗଦା ଗଦା ଫାଇଲ୍ ଭିତରର ଭିଡ଼ ଭିତରେ ହଜିଗଲା ପରେ କାହା ଏକଲାପଣକୁ ମୁଁ ଯେମିତି ଦେଖି ପାରୁନଥିଲି ।

ତାଙ୍କର ଇଚ୍ଛା ଅନିଚ୍ଛା ଏ ସବୁ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ରହିଗଲି । ଦୁଇ ତିନି ଥର କେବଳ ସେ କହିଥିବେ ମତେ ଅମୁକ ଅମୁକ ଶାଢ଼ି ଆଣିଦିଅ । ହେଲେ ମୁଁ ପ୍ରାୟ ଥର ଅଣଦେଖା କରିଛି । ଥରେ ଦୁଇଥର ଝିଅକୁ କହିବାର ଶୁଣିଛି ମାଁରେ ମନଦେଇ ପାଠ ପଢ଼, ଆଜିକାଲି ପୁଅଙ୍କ ଠୁଁ ବି ଝିଅଙ୍କୁ ଚାକିରୀ କରିବାର ବେଶୀ ଆବଶ୍ୟକତା ଅଛି । କାଲି ଯେମିତି ତୋ ଶାଶୁଘରକୁ ଗଲେ ତୋ ନିଜ ଖର୍ଚ୍ଚ ନିଜେ ତୁଲାଇ ପାରିବୁ । କହିବାର ମର୍ମ ମୁଁ ଏବେ ବୁଝୁଛି ।

ନାତିର ରୁମ୍ ପାଖରୁ କଣ ଗୋଟେ ପଡ଼ିଲା ପରି ଶବ୍ଦ ହେଲା । ଅତୀତରୁ ଫେରିଲି । ଫଟୋଟା ଥୋଇଦେଇ ନାତି ପାଖକୁ ଗଲି ଦେଖିଲି ସେ ତା ପାଦଟାକୁ ଆଉସୁଛି । କଣ ହେଲା ବୋଲି ପଚାରିବାରୁ କହିଲା ସେ ପଢୁଥିଲା ଆଉ ଉଠିଲା ବେଳକୁ ତା ମୁଣ୍ଡଟା ବୁଲେଇ ଦେବାରୁ ସେ ପଡ଼ିଗଲା । ତା ବହିଟା ବନ୍ଦ କରି କହିଲି ଶୋଇପଡ ରାତି ବେଶୀ ହେଲାଣି । ସେମିତି ପାଦଟା ଆଉଁସୁ ଆଉଁସୁ ନାତିଟା କହିଲା ଜେଜେ କାଲି ପରା ସାର୍ ଏଇ କବିତାକୁ ଘୋଷି ଆସିବା ପାଇଁ କହିଛନ୍ତି ।

ପ୍ରଥମେ ଶୋଇପଡ଼ ଭୋର୍ ରୁ ଉଠି ପଢ଼ିବୁ, ଜୋର୍ ଦେଇ ଘୋଷିଲେ ମୁଣ୍ଡ ବିନ୍ଧିବ ବାବା । ନାତି ମୋ କଥାରେ ହଁ ଭରି ଶୋଇପଡ଼ିଲା, ମୁଁ ଚାଲିଆସିଲି ରୁମ୍ କୁ ।

ସେଠୁ ଆସିଲା ପରେ ବି କେତେବେଳ ଯାଏ ନିଦ ଆସିଲା ନାହିଁ । ସନ୍ଧ୍ୟାରେ ପୁଅ ମେଡ଼ିସିନ ଆଣିଦେଇଥିଲା ତାହା ସେମିତି ଟେବୁଲ ଉପରେ ପଡ଼ିଛି । ଚଉଦ ପନ୍ଦର ଦିନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଲାଣି ମେଡ଼ିସିନ୍ ନ ଖାଇବାର ଅଭ୍ୟାସ ହୋଇଗଲାଣି ତେଣୁ ମେଡ଼ିସିନ ଖାଇବାର ଅଛି ବୋଲି ମନେ ନ ଥିଲା । ଖଟରୁ ଉଠି ମେଡିସିନ୍ ଟା ଖାଇଲି । ପୁଅକୁ ସମୟ କାହିଁ ମେଡ଼ିସିନ ଆଣିବା ପାଇଁ? ଆଜି ସମୁଦି ଆସିଥିଲେ ତାଙ୍କ ଦେହ ଟିକେ ଭଲ ନାହିଁ ଜାଣିବାରୁ ସିନା ତାଙ୍କୁ ମେଡ଼ିକାଲରେ ଦେଖେଇ ଆଣିଥିଲା, ସାଙ୍ଗରେ କିନ୍ତୁ ମୋ ମେଡ଼ିସିନଟା ଆଣିବାକୁ ଭୁଲି ନଥିଲା । ମଧ୍ୟାହ୍ନରେ ଆଜି ବୋହୂ ଦୁଇଥର ଭାତ ଦେଇଥିଲେ ହେଲେ ସବୁଦିନ ଥରେ ଖାଇ ଜାଣିଥିବା ପେଟ ଦ୍ୱିତୀୟ ଥରର ଭାତକୁ ନା କଲା । କଥା ଏମିତିକି ବୋହୂ ଯେତେବେଳେ ନୂଆ ହୋଇ ଏ ଘରକୁ ଆସିଥିଲେ ସେ ଥରେ ଭାତ ବାଢ଼ି ଦେଇ ଟିଭି ନହେଲେ ମୋବାଇଲରେ ଲାଗିଯିବେ ଆଉ ଥରେ ଭାତ ଦେବା ପାଇଁ ଭୁଲିଯାଉଥିଲେ ନା କଣ ଆଉ ଆସୁ ନଥିଲେ । ସଂକୋଚରେ ଭୋକ ହେଉଥିଲେ ବି ମୁଁ ଆଉ ଡାକୁନଥିଲି ଆଉ ସେଇଟା ଅଭ୍ୟାସରେ ବଦଳିଗଲା । ଏତେବେଳେ ମତେ ଅନୁ କଥା ମନେ ପଡ଼େ । ସକାଳ ନଅଟାରୁ ସ୍କୁଲ୍ କୁ ବାହାରିବି ବୋଲି ଅନୁ ଭୋର୍ ସକାଳୁ ଉଠି ପିଲା ଛୁଆଙ୍କ ପାଇଁ ଜଳଖିଆ କରିସାରି ମୋ ପାଇଁ ବି ରୋଷେଇ ସାରି ଦେଇଥାଏ । ଯେତିକି ମୁଁ ଖାଏ ତା ଠୁଁ ବି ଅଧିକ ବାଢ଼ିଦିଏ ମାଁ ଟିଏ ପରି । ଅତୀତ ସବୁବେଳେ ମିଠା ହେଲେ ସେ ଥରେ ଚାଲିଗଲା ପରେ ଆଉ ଫେରେନା ।

ବୁଢା ଦେହଟାକୁ ଖଟରେ ବିଛେଇ ଦେଲି । କଡ଼ ଲେଉଟାଇ ଦେଖିଲି ସମୟ ଏଗାରଟା ପଚାଶ । ଏଇ କେତେଦିନ ହେଉଛି ଶୋଇଲା ବେଳକୁ ସମୟ ଏକ୍ ଟା ପାଖାପାଖି ହୋଇଯାଉଛି । ଉପର ପଙ୍ଖା ଘୂରୁଛି, ଯେତେ ପବନ ଦେହକୁ ପାଉନି ସେତେ ଗର୍ଜନ କରୁଛି । ଯେଉଁ ହିସାବରେ ଶବ୍ଦ ହେଉଛି ବେଳେବେଳେ ଭାରି ଡର ଲାଗେ କେବେକେବେ ନିଦ ଭାଙ୍ଗେ । ନିଦ ଭାଙ୍ଗିଲେ ମନେ ପଡେନି ଆଉ ସ୍କୁଲ୍ ର କାମ, ଦୀର୍ଘ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବତିଶ ବର୍ଷ ଧରି ସାଙ୍ଗରେ କାମ କରିଥିବା ଶିକ୍ଷକଙ୍କ କଥା କି ପିଲାଛୁଆ କଣ କରିବେ କେମିତି କରିବେ ସେ କଥା, ଏବେ ଅନୁପମା ମନେ ପଡ଼େ । କେବେ ଯଦି କିଛି ଖରାପ ସ୍ୱପ୍ନ ଦେଖି ନିଦ ଭାଙ୍ଗେ, ସେ କେମିତି ଶୋଇଥାଏ କେଜାଣି ଗୋଟେ ସେକେଣ୍ଡ ପରେ ଉଠିଯିବ । କଣ ହେଲା ବୋଲି ଭଲ ମନ୍ଦ ବି ବୁଝେ ଆଉ ଅଯଥା କଥା ସବୁ ଭାବୁଛ ବୋଲି ଏମିତି ସ୍ୱପ୍ନ ଦେଖୁଛ କହି ଗାଳି ବି କରେ । ଆଜିକାଲି ସେମିତି ହେଲେ ମୁଁ ଉଠେ, ଦେଖେ ସବୁଆଡ଼େ ଶୂନଶାନ୍, କେହି ନାହାଁନ୍ତି । ବାହାରକୁ ଯାଏ, ବାହାରେ ପୋଷା କୁକୁର ପପୁ ଆଉ ପୋଷା ବିଲେଇ ପପି ସେମାନେ ବି ଶୋଇଥାନ୍ତି ଲଗାଲଗି ହୋଇ, ସତେ ଯେମିତି ଜଣେ କୁ କେହି ଆକ୍ରମଣ କଲେ ଆଉ ଜଣେ ଉଠି ଠିଆହେବ । ସେମାନଙ୍କୁ ଡେଇଁ ଛାତ ଉପରକୁ ଯାଏ, ଚାରିଆଡ଼େ ଘନ ଅନ୍ଧକାର । ଦୂରରେ ଥିବା ଗଛ ଗୁଡ଼ାଙ୍କୁ ଦେଖିଲେ ମଣିଷ ମାନେ ଠିଆ ହୋଇଥିବାର ଭ୍ରମ ସୃଷ୍ଟି କରନ୍ତି । ଆକାଶକୁ ଅନାଏ ମିଞ୍ଜି ମିଞ୍ଜି ତାରା ସବୁ, ଇଚ୍ଛା ହୁଏ ଗୋଟେ ତାରାକୁ ହାତରେ ଟାଣି ଆଣିବାକୁ ପୁଣି ଭାବେ ନା ସେମାନେ ଖୁବ୍ ଦୂରରେ । ଏମିତି ଯଦି ଆଣି ହୁଅନ୍ତା ତାରା ମାନଙ୍କୁ ଲୋକମାନେ କଣ ଆଣି ନ ଥାନ୍ତେ ଆଗରୁ । ନା ବେଶୀ ସମୟ ଏଠି ଠିଆ ହୋଇ ହେବନି ଭାବି ନିଜ କୋଠରୀକୁ ଫେରେ, ଅନିଚ୍ଛା ସତ୍ତ୍ୱେ ଜାକିଜୁକି ହୋଇ ଶୋଇବାକୁ ଚେଷ୍ଟା କରେ ।

ପୁଅ ବୋହୂଙ୍କୁ ଶୀଘ୍ର ଅଫିସ ଯିବାର ଥାଏ ବୋଲି ସକାଳ ହେଉଣୁ ଉଭୟେ ରୋଷେଇରେ ଲାଗିପଡ଼ନ୍ତି । ଦୁହେଁ ଦୁହିଁଙ୍କୁ ସାହାଯ୍ୟ କରିବାର ଦେଖିଲେ ଖୁବ୍ ଖୁସି ଲାଗେ । ମୁଁ କିନ୍ତୁ ଅନୁକୁ କେବେ କୌଣସି କାମରେ ସାହାଯ୍ୟ କରିପାରିଲିନି କି ସେ ଖୁବ୍ ବ୍ୟସ୍ତ ଥିଲା ପରେ ବି କାମକୁ ଟିକେ ସହଜ ଅବା ହାଲକା କରିବା ପାଇଁ ହାତ ଦେଇନି, ଯାହାକୁ ନେଇ ଏବେ ପଶ୍ଚାତାପ କରୁଛି । ଅତୀତର ସ୍ମୃତି ସବୁ ଆପେ ଆଖି ସାମ୍ନାକୁ ଚାଲି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆସନ୍ତି । ଦେଖେ ଅନୁପମା କେମିତି ମତେ ପିଲାଟିଏ ପରି ସବୁ ମନେ ପକାଇ ଦେଉଛି, ଚଷମା ଧରିଲ ? ଫୋନ ? ତମ କାଗଜ ପତ୍ର ସବୁ ? ଟିଫିନ୍ ? ଆଉ ମୁଁ, ଦୌଡ଼ି ଦୌଡ଼ି ମୋ ବୟସ ଠୁଁ ଅଧିକ ବୟସ୍କ ଦିଶୁଥିବା ସ୍କୁଟର୍ କୁ ବାରମ୍ବାର ଷ୍ଟାର୍ଟ କରିବାର ଲକ୍ଷ୍ୟରେ ଥାଏ । ପୁଅ ଯଦି ଛୁଟିରେ ଘରକୁ ଆସିଥିବ ତାକୁ ଅନୁର ନିର୍ଦ୍ଦେଶ ଥାଏ ମୋ ସ୍କୁଟର୍ ଷ୍ଟାର୍ଟ କରିବାକୁ । ଏ ପାଖରୁ ସେ ପାଖ ଅନୁ ଖାଲି ଯନ୍ତ୍ରଟିଏ ପରି ଘୁରୁଥାଏ ବାସ୍ ଆମ ପାଇଁ । ହେଲେ ସେଦିନ ପରଠୁଁ ଘର ମତେ ଖୁବ୍ ଶୂନଶାନ ଲାଗେ, ଗୋଟେ ନୀରବତା ଯେମିତି ଘରକୁ ଆବୋରି ଧରିଛି ।

ସେଦିନ ସ୍କୁଲରୁ ଯେତେବେଳେ ଘରକୁ ଫେରିଲି ଦେଖିଲି ବାଟ କବାଟଟା ସେମିତି ଖୋଲା ଅଛି । ଅନ୍ୟ ଦିନ ତ ବନ୍ଦଥାଏ ମୁଁ ଦୁଇଥର ଡାକିଲେ ଯାଇ ଅନୁପମା କବାଟ ଖୋଲେ । ଅନୁ ସେମିତି ଘର ବାହାରକୁ ଯାଇଥିଲେ ତ କବାଟ ବନ୍ଦ କରିଥାନ୍ତା, ସେ ବୋଧେ କୁଆଡ଼େ ଯାଇଥିଲା ଆଉ କବାଟ ଦେବା ମନେ ନ କରି ଘରେ ଅଛି । ଦୁଆରରୁ ଡାକ ଛାଡ଼ି କହିଲି ଅନୁ କବାଟ ବନ୍ଦ କରିନୁ ଏପଟେ କୁକୁର ମାଙ୍କଡ଼ ସବୁ ପଶିବେ । କିଛି ଉତ୍ତର ଆସିଲା ନାହିଁ । ସବୁଦିନ ପରି ମୁଁ ଗାଧୁଆ ଘରକୁ ଯାଇ ଗୋଡ଼ ହାତ ଧୋଇ ଭିତରକୁ ଗଲି । ଭିତରକୁ ଯାଇ ଯାହା ଦେଖିଲି ମୁଁ ବିଶ୍ୱାସ କରିପାରିଲି ନାହିଁ । ବହଳ ଲାଲ୍ ରକ୍ତର ଧାର ଲମ୍ବିଆସିଛି ଆଉ ତାହା ଚଟାଣରେ ଶୁଖିବାକୁ ବସିଲାଣି ଯେମିତିକି ଏ ରକ୍ତ ଏବେ ନୁହଁ ଖୁବ୍ ସମୟ ଧରି ବହିଚାଲିଛି । ଦେଖିଲି ଅନୁ ରକ୍ତାକ୍ତ ହୋଇ ପଡ଼ିଛି ତଳେ । ତା ମୁଣ୍ଡରେ ଜୋର୍ ରେ ଆଘାତ ଲାଗିଛି । ଶିଡ଼ିରୁ ପାଦ ଖସି ବୋଧେ ଏଇ ଅବସ୍ଥା, ଅନୁମାନ କଲି । ଘରେ ସେତେବେଳେ ପୁଅ ନ ଥିଲା, ବାହାରେ ପାଠ ପଢୁଥିଲା । ଘରେ ଆଉ କେହି ନ ଥିଲେ । ଡେରି ନକରି ଡାକ୍ତରଖାନା ନେବା ପାଇଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମ୍ବୁଲାନ୍‌ସକୁ ଡାକିଲି । ଡାକ୍ତରଖାନା ନେଇ ତାକୁ ଏମର୍ଜେନ୍‌ସିରେ ଭର୍ତ୍ତି କଲି । ରିପୋର୍ଟ ଆସିବାକୁ ଅପେକ୍ଷା କଲି । ବାହାରେ ବସି ଭାବିବାକୁ ଲାଗିଲି କଣ ଘଟଣା ହୋଇଥିବ ? ଖୁବ୍ ସମୟ ପରେ ମନେ ପଡ଼ିଲା ଯେ ଆଜି ମୁଁ ଚଷମା ନେଇ ନଥିଲି । ସ୍କୁଟି ଷ୍ଟାର୍ଟ କଲାବେଳକୁ ଅନୁପମା ମୋ ଚଷମା ଦେଖି ପୁଣି ଭୁଲି ଯାଇଛନ୍ତି କହି ତଳକୁ ନିଶ୍ଚୟ ଆସିଥିବ ଆଉ ମୁଁ ଶୀଘ୍ର ସ୍କୁଟର ଷ୍ଟାର୍ଟ କରି ପଳେଇବି ସେଇଟା ଭାବି ସେ ତରବରରେ ପାହାଚରୁ ଓହ୍ଲାଇଥିବ ବୋଧେ, ସେତେବେଳେ ଅସାବଧାନତା ହେତୁ ତାର ପାଦ ଖସିଯାଇଥିବ ଆଉ ତଳେ ଖସି ତାର ଏଇ ଅବସ୍ଥା । ମୁଁ ତ ପଳାଇଲି ସେ ଯେତେବେଳେ ଖସିପଡ଼ିଥିବ ଘରେ ଏକା ଯନ୍ତ୍ରଣାରେ କେତେ ଛଟପଟ ହୋଇ ନ ଥିବ ସତେ ! ଖୁବ୍ ସମୟ ଯାଏ ତାର ହୋସ୍ ଆସିଲାନାହିଁ, ସେ ସେମିତି ଆଖି ବୁଜି ଶୋଇଥାଏ ଯେତେ ଡାକିଲେ ବି ତାକୁ ଯେମିତି କିଛି ଶୁଣା ଯାଉନଥିଲା । ଏ ସମୟରେ ମୋର ମୁଣ୍ଡ କଣ ହୋଇ ଯାଉଥାଏ । ପୁଅ ବି ଖବର ପାଇ ଡାକ୍ତରଖାନାକୁ ଧାଇଁ ଆସିଲା । ଆରଦିନ ସକାଳୁ ରିପୋର୍ଟ୍ ଆସିଲା ତାର ବ୍ରେନଷ୍ଟ୍ରୋକ୍ ହୋଇଛି । ବୟସ ହେତୁ ଅପରେଶନ କାମ ଦେବନାହିଁ ବରଂ ଭଲ ଘରକୁ ନେଇଯାଆନ୍ତୁ ତେଣିକି ଭଗବାନଙ୍କ ଇଚ୍ଛା ବୋଲି ଡାକ୍ତର ବାବୁ କହିଲେ ।

ଘରକୁ ଆଣି ପୁଅ ଆଉ ମୁଁ ତାର ସେବା ଯତ୍ନ କଲୁ । ଆଠ ଦିନ ହେଲାଣି ସେ ସେମିତି ଆଖି ବୁଜିଥାଏ ଯେମିତି ସେଦିନ ସ୍କୁଲ୍ ରୁ ଫେରିବା ସମୟରେ ବୁଜିଥିଲା । ଏ ଘଟଣା ପରେ ସବୁକିଛି ଯେମିତି ବଦଳି ଯାଇଥିଲା । କେତେବେଳେ କେମିତି ସେ ଆଖି ମିଟି ମିଟି କରୁଥାଏ । ସେ କଣ କିଛି ଶୁଣି ପାରୁଥିବ, କିଛି ବୁଝି ପାରୁଥିବ ଏଇଆ ଭାବି ବାରମ୍ବାର ମୁଁ ତାକୁ ଡାକୁଥାଏ ଅଥଚ ସେ ପୂର୍ବପରି ସେମିତି ଶୋଇ ରହିଥାଏ । ଆଖି ବୁଜି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେ ଯେମିତି କହୁଥାଏ ତମେ ତ କେବେ ମୋ କଥା ଶୁଣୁନଥିଲ, ଆଜି ମୁଁ କାହିଁକି ଶୁଣିବି ଯେ ? ଏତେଦିନକେ ମୋ ପାଖରେ ଘଡ଼ିଏ ବସିବା ପାଇଁ ସମୟ ମିଳିଲା ? ସେ ଦିନକୁ ଦିନ ଆହୁରି କ୍ଷୀଣ ହେବାକୁ ଲାଗୁଥିଲା ଆଉ ମୁଁ ଯେପରି ବିକଳାଙ୍ଗ ହୋଇ ପଡୁଥିଲି ମୋ ଦେହରୁ ସବୁ ଶକ୍ତି କୁଆଡ଼େ ଚାଲିଯାଉଥିଲା । କୁହଯାଏ ମଣିଷ ନିଜେ ବଞ୍ଚିବାର ଆଶା ଛାଡ଼ିଦେଲେ ତାକୁ ଆଉ ଧରି ରଖି ହୁଏନା । ଆମେ ତା ପାଇଁ ହଇରାଣ ହେବା ଦେଖି ବୋଧେ ସେ  ଜୀବନକୁ ମୁରଛି ଦେଲା । ତା ହସ ଲୁହରେ ଜୀବନ ସାଥି ରୂପରେ ତା ପାଖେ ପାଖେ ରହିନି ସତ କିନ୍ତୁ ତା ମଲା ବେଳକୁ ସାଙ୍ଗରେ ଥିଲି । କେତେ କଷ୍ଟରେ ତା ଜୀବନ ଗଲା ।

ତା ଯିବାର ଗୋଟେ ବର୍ଷ ପରେ ହିଁ ପୁଅର ବାହାଘର କରିଦେଲି । ଝିଅ ତା ଥିବା ସମୟରେ ଯାଇସାରିଥିଲା ତା ଶାଶୁଘରକୁ । ବୋହୂ ଆସିଲା ଘର ହସିଲା ହେଲେ ସତରେ କଣ ଆଗଭଳି ହସିଲା ଘର ? ଅବଶ୍ୟ ନୂଆ ଆସବାବପତ୍ର, ସାଜସଜ୍ଜା ଜିନିଷରେ ଆଗଠୁଁ ବି ଅଧିକ ଚମକିଲା ଘର । ପୁଅ ବୋହୂ ଅଫିସ ଗଲାପରେ ନାତି ସ୍କୁଲ୍ ଗଲା ସମୟରେ ଯେବେ ଏକା ସୋଫା ଉପରେ ବସିଥାଏ ମତେ ଏବେ ବି ଲାଗେ ଅନୁ ଘୁରି ବୁଲୁଛି ଘରସାରା । ହେଲେ କୁକୁର ଆଉ ବିଲେଇକୁ ଛାଡ଼ିଦେଲେ କେହି ନାହାଁନ୍ତି ତ ଘରେ । ହଠାତ୍ କେଉଁଠି କଣ ଛୋଟ ଜିନିଷଟିଏ ପଡ଼ିଲେ ବି ଏତେ ଜୋର୍ ରେ ଶବ୍ଦ ହୁଏ ଯେ, ବୁଜି ହୋଇଆସୁଥିବା ଆଖି ଖୋଲିଯାଏ । ଦେଖେ ପୁଣି ଆଖି ବୁଜେ ଆଖି ନ ଭିଜିଲେ ବି ମନ ଭିଜେ । ବେଶୀ ଭିଜିଲେ ଜ୍ୱର ହେବାର ଆଶଙ୍କା କରି ଖବରକାଗଜର ପୃଷ୍ଠା ଓଲଟାଏ ।

ନିଦ ନ ଆସିଲେ ଖୁବ୍ ଅସ୍ତବ୍ୟସ୍ତ ଲାଗେ । ବିତି ଯାଇଥିବା ଘଟଣାରୁ ଫେରିଲି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଧା ରାତି ସରିଗଲାଣି ବୋଧେ, କଡ଼ ଲେଉଟାଇ ଦେଖିଲି ଏକଟା ବାଜିବାକୁ କୋଡ଼ିଏ ମିନିଟ୍ ବାକି ଅଛି । ଏତେ ଜୋର୍ ରେ ପଙ୍ଖାର ଶବ୍ଦ କିନ୍ତୁ କାନ ଦେଲେ ଘଣ୍ଟାର ସେକେଣ୍ଡ କଣ୍ଟା ଦୌଡୁଥିବାର ଶବ୍ଦ ବି ସ୍ପଷ୍ଟ ଶୁଭୁଛି । ମନେ ମନେ ହସିଲି, ଭାବିଲି ଧ୍ୟାନ ଦେଇ ଶୁଣିଲେ ସବୁ ଶୁଭିବ କୋଳାହଳ ପରେ ବି । ଅନ୍ୟ ଦିନ ପରି ଧୀରେ ଧୀରେ ଛାତ ଆଡ଼କୁ ଗଲି, ଏଠି କେତେ ଶାନ୍ତି ! ହାଲୁକା ପବନ ବହୁଛି, ଘନ ଅନ୍ଧାର କିଛି ଦେଖାଯାଉନି ଅନ୍ଧ ମଣିଷକୁ ଏମିତି ଲାଗୁଥିବ, ଅସହାୟ ମଣିଷକୁ ବି ଏମିତି ଚାରିଦିଗ ଅନ୍ଧାର ଲାଗୁଥିବ । ଆକାଶରେ ଆକାଶେ ତାରା, ସେମାନେ କେତେ ସୁନ୍ଦର... କୁହନ୍ତି ମରିଯାଉଥିବା ମଣିଷ ମାନେ ଆକାଶର ତାରା ହୋଇଯାଆନ୍ତି । ବଞ୍ଚିଥିବା ସମୟର କଥା ଛାଡ଼ ମରିଗଲେ ସବୁ ମଣିଷ ସୁନ୍ଦର ଏଇ ତାରାମାନଙ୍କ ଭଳି । ମରିଗଲା ମଣିଷମାନେ କେତେବେଳେ କେମିତି ଘଡ଼େ ଆସି କଥା ହୁଅନ୍ତେନି ଧେତ୍ ମୁଁ ବି କଣ ଅସମ୍ଭବ କଥା ଭାବୁଛି, ଏତେ ସମୟ ତ ମିଳିଥିଲା ବଞ୍ଚିଥିଲା ବେଳେ । ସବୁ ସରିଗଲା ପରେ ଯେତେ ଡାକିଲେ ବି କଣ କେହି  ଫେରିବ ? ବଉଳ ଫୁଲର ବାସ୍ନା ଭାସିଆସିଲା, ଅନୁର ପ୍ରିୟ ଫୁଲ ହେଲା ଏଇ ବଉଳ ଫୁଲ । ଅନୁ କେବେକେବେ ତା ପିଲାଦିନ କଥା କହୁଥିଲା ସେ ବଉଳ ଫୁଲର ଗଜରା କେମିତି ତା ସାଙ୍ଗ ମାନଙ୍କ ସହ ଲଗାଉଥିଲା, କେବେକେବେ ବଉଳ ଫୁଲ ଗୁନ୍ଥୁଥିଲା ପୂଜା ପାଇଁ । ମତେ ଲାଗିଲା, ସେ ଏଇଠି କେଉଁଠି ଅଛି ଆଉ କହୁଛି ଏମିତି ଅନିଦ୍ରା ହେଲେ ଦେହ ଖରାପ ହେବ ଯାଅ ଶୋଇବ । ଆଜିକାଲି କିନ୍ତୁ ମତେ ଖରାପ ସ୍ୱପ୍ନ ଦେଖି ନିଦ ଆସୁନି ତା ନୁହେଁ, ସବୁ ସରିଗଲା ପରେ ତା କଥା ଭାବି ନିଦ ଆସୁନି ।

ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅନ୍ତରାଳର ଛାଇ

ଆଶୁତୋଷ ମେହେର



ଏଜି ଅଫିସ ସାମ୍ନା ଗେଟରୁ ମୁଖ୍ୟ ରାସ୍ତାକୁ ବାହାରିଲେ ମାଖନୁ । ଏବେ ଏବେ କେନ୍ଦ୍ର ସରକାରଙ୍କ ଚାକିରୀ କର୍ମରୁ ଅବସର ନେଇଥିବା, ତାର ପେନସନ୍ ର ଫିଟମେଣ୍ଟ ବିଷୟରେ ମନର କିଛି ସନ୍ଧିହାନ ଦୂର କରିବାକୁ ଆସିଥିଲା ଏଜି ଅଫିସକୁ । କାମ ସରିଗଲାରୁ ଏବେ ପାଖର  ମୋ ବସ୍ ଷ୍ଟାଣ୍ଡରୁ ବସ୍ ଧରିବେ ପଟିଆ ଦିଗକୁ । ପଟିଆ ଭି-ମାର୍ଟ ପାଖ ଏକ ଆପାର୍ଟମେଣ୍ଟରେ ଫ୍ଲାଟ୍ ନେଇଛି ତାଙ୍କ ପୁଅ, ଯେ କି ଦୁଇ କିମି ଦୂର ଡିଏଲଏଫ ବିଲଡ଼ିଂରେ ସଫ୍ଟୱେର୍ କମ୍ପାନୀରେ କାମ କଲାଣି ଗତ ଗତ କିଛି ବର୍ଷ ହେଲାଣି । ତେଣୁ ଭୁବନେଶ୍ୱରକୁ ଆସିଲେ ତାଙ୍କ ରହଣୀରେ କିଛି ଅସୁବିଧା ହୁଏନି ।

ବସ ଷ୍ଟପରେ ଦୁଇ ତିନି ଜଣ ଯାତ୍ରୀ ଅପେକ୍ଷାରତ । ସେଇଠୁଁ ଆଖି ବୁଲାଇଲେ ମାଖନୁ । ଏଜି ଛକ ପଟୁ ୧୩ ନମ୍ବର ବସ ଆସିବ ଲିଙ୍ଗିପୁରରୁ ଯାଏ ନନ୍ଦନକାନନ । ସେଇ ବସ୍ ରେ ଗଲେ ଓହ୍ଲାଇବେ କିଟଛକରେ । ସେଇଠୁଁ ପୁଅର ଫ୍ଲାଟ୍ ପାଦଚଲା ରାସ୍ତା ।

ପାଖରେ ଠିଆ ପିଲାକୁ ପଚାରିଲେ, "ବାବୁ ୧୩ ନମ୍ବର ବସ୍....."

......." ଆରେ ମଉସା ଏବେ ଏବେ ଆପଣ ଆସିବାର ଦୁଇ ମିନିଟ୍ ଆଗରୁ ଯାଇଛି । ହଉ ଚିନ୍ତା କରନ୍ତୁନି... ଆଉ କୋଡିଏ ମିନିଟରେ ପରବର୍ତ୍ତୀ ବସ୍ ଆସିଯିବ ଯେ !" ମୋବାଇରେ ଚେକ୍ କରୁ କରୁ ପିଲାଟି କହିଲା ।

ଅପେକ୍ଷା କରିବାକୁ ପଡିବ । ଏଥର ଆଖି ବୁଲାଇଲେ ମାଖନୁ ଆର ପଟକୁ, ରାସ୍ତାର ଡାହାଣ ପଟ ଇନ୍ଦିରାଗାନ୍ଧୀ ପାର୍କର ଗଳିରାସ୍ତା ଆଉ ବାଁ ପଟେ ଲୋକସେବା ଭବନକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଭ୍ୟର୍ଥନା କକ୍ଷକୁ ରାସ୍ତା ।

ଆରେ... ସେଠି ଦଳେ ଲୋକ ଗଦା ହୋଇଛନ୍ତି । କିଛି ସରଗରମ୍ ଆଲୋଚନା ଚାଲିଛି । କାହିଁକି ବା ନ ହେବ ? ଏବେ ତ ନିର୍ବାଚନ ଆଗକୁ । ପ୍ରତିଦିନ ସରକାରୀ ଘୋଷଣା ପରେ ଘୋଷଣା । କାହାର ଦରମା ବଢୁଛି ତ କାହାର ଭତ୍ତା । କୃଷକମାନଙ୍କୁ ସବସିଡି ତ ଗ୍ରାମପଞ୍ଚାୟତକୁ ମନ୍ଦିର ପରିସର ଉନ୍ନତିକରଣ ପାଇଁ ପଇସା । ସେଇ ଦଳ ଭିତରେ ମଝିରେ ହାତ ହଲାଇ ହଲାଇ କଣ ସବୁ କହୁଥିବା ଲୋକକୁ ଦେଖିଲେ ସେ । ଦୂରରୁ ଦେଖୁଥିଲେ ବି ଚିହ୍ନାଚିହ୍ନା ଲାଗୁଥିଲା । ଭଲ କରି ନିଘା କଲାରୁ ଦେଖିଲେ ସେ ଲୋକର ହସିଲା ହସିଲା ମୁହଁ । ସେ ହସ ଯେ ତାଙ୍କର ଅତି ପରିଚିତ ! ! ତେବେ ଗାଁର ସରପଞ୍ଚ ଜଗତମୋହନ ରାଜଧାନୀରେ ହାଜର । ଏ ବେଳରେ ନ ଆସିବ ତ ଆସିବ କେବେ ? ? ପଞ୍ଚାୟତର ଚାରିଖଣ୍ଡ ଗାଁପାଇଁ ପଚାଶ ହଜାର ଲେଖାଁ ମଞ୍ଜୁର ହୋଇଛ ଭାଗବତ ଟୁଙ୍ଗି ପାଇଁ, ଚିଠି ନେଇକି ଗଲେ ସିନା କାମକୁ ଲାଗିବ... ଭାଗବଣ୍ଟା ହେବ । ନିର୍ବାଚନ ଦିନ ଘୋଷଣା ହୋଇଗଲେ ଆଚରଣବିଧି ଲାଗୁ ହୋଇଗଲେ ଗଲା ସବୁ ଫୁସକି ଯିବ ଯେ ! !

ବସ୍ ଆସିବାକୁ ଡେରି ଅଛି । ମାଡିଗଲେ ସେ ଦଳ ପଟକୁ । ସେଇଠି ତାଙ୍କର ଗାଁ ଲୋକ ଜଗତମୋହନକୁ ଘେରି କଥାବାର୍ତ୍ତାରେ ମାତିଛନ୍ତି । ଜଗତମୋହନ ତାଙ୍କର ସମସାମୟିକ....ପାଠପଢା ସାଥୀ । ବାପା ପ୍ରାଇମେରୀ ସ୍କୁଲ ଶିକ୍ଷକ ତ ଜଗତର ବାପା ବହୁତ ବଡ ଚାଷୀ, ଜମିଦାର.. କାହିଁ କେତେ ସମୟରୁ ଗାଁର ସରପଞ୍ଚ । ପୁରା କ୍ଷମତା ତାଙ୍କ ହାତରେ । ପଞ୍ଚାୟତ ଭିତରେ ଚାରୋଟି ଗାଁ.... ଉଠ୍ କହିଲେ ଉଠ୍ ଆଉ ବସ୍ କହିଲେ ବସ୍ । ତାଙ୍କରି ଉତ୍ତରାଧିକାରୀ ଭାବେ ଜଗତ୍ ଏବେ ସରପଞ୍ଚ । ସେତ ମାଷ୍ଟର ଘରର ଛୁଆ, ପାଠ ପଢିଲେ ... ବିଏ ପାସ୍ ପରେ... କେନ୍ଦ୍ରସରକାରଙ୍କ ଅଫିସରେ ଚାକିରୀ ଖଣ୍ଡେ ପାଇଲେ ପରୀକ୍ଷା ପତ୍ର ଦେଇ । ଜଗତ୍ ହାତରେ ପାଠ ହେଲାନି...

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାଜନୀତି କଲା । ହେଲେ ମାଖନୁଙ୍କ ପ୍ରତି ତାର ରହିଥିଲା ସଦାବେଳେ ଶ୍ରଦ୍ଧା ଓ ଭକ୍ତି । ତାର ଗାଁ ରାଜନୀତିରେ ଯେତେ ଘୋଟାଲାର ମୁଖ୍ୟ ପରୀକ୍ଷକ ବନିଗଲେ ମାଖନୁ... ତେଣୁ ଭୟ ବି ତାଙ୍କ ପ୍ରତି ।

ମାଖନୁକୁ ଦେଖି ଜଗତ୍ କହିଲା... ".ଜୁହାର୍ ଗୋ ଦଦା । ତୁମକୁ ତ ଡାକଲିଁ ରାଜଧାନୀ କେ ମୋର ସାଙ୍ଗେ ଆଏବାକେ, ହେଲେ ମନା କଲ । ଆର୍ ଚୁପ୍ ଚାପ୍ ଆମର ପଛେ ପଛେ ଆସିକରି ଚମକେଇ ଦେଉଛ ଗୋ ।"

....."ନାଇଁରେ ଜଗତ, ତୋର୍ କାମ ଆର୍ ମୋର କାମ ଭିତରେ ଆକାଶ ପାତାଲ ପରଭେଦ । ଆମେ ତ ନିଜର୍ କାମେ ମାତିଥିସୁଁ, ସ୍ୱାର୍ଥପର ଆଉଁ । ଆର୍ ତୁଇ ତ ଦେଶ ସେବକ୍ ଆଉ ବୋ । ଦେଶର.. ଗାଁ ର.. ଆର୍ ଗାଁ ଲୋକବାକର ସେବା ତୋର ଧରମ୍ କରମ୍ ଆଏ ।"

ଅପ୍ରସ୍ତୁତ ହେଉଥିଲା ଜଗତ୍ । ହଠାତ୍ କଳାକାଚ ଲଗା ବଲେରୋ ଗାଡିଟେ ଆସିକି ଠିଆ ହେଲା ତାଙ୍କ ପାଖ ରାସ୍ତା କଡରେ । ..."ମୁଇଁ ଯାଏସିଁ ଗୋ ଦାଦା....ମନ୍ତ୍ରୀ ସମିଆ ଦେଇଛନ୍... ତାଙ୍କର ହାଥୁଁ ଚିଠି ଆନବାକେ ଅଛେ ଯେ ।"

ତରବରରେ ବଲେରୋ ଗାଡିର ଆଗପଟ ଖାଲି ସିଟ୍ ରେ ବସି ପଡିଲା ଜଗତ । ବଢିଗଲା ଗାଡି ଆଗକୁ ।

ମାଖନୁ ଅନୁମାନ ପାରିଲେ କିଛି ସ୍ତ୍ରୀଲୋକ ବସିଛନ୍ତି ବଲେରୋର ପଛ ସିଟରେ... ଖିଲିଖିଲି ହସର ଶବ୍ଦ ଆସୁଥିଲା.... କଳା ଅର୍ଦ୍ଧପାରଦର୍ଶୀ କାଚ ଦେଇ କିଛି ନାଲିରଙ୍ଗ ଓଠର ହସ ବି ଝଟକୁ ଥିଲା ବାହାରକୁ ।

ପାଖରେ ଠିଆ ଗାଁର ଟୋକା ଦଇତାରୀକୁ ମାଖନୁ ପଚାରିଲେ... "ଆର୍ କିଏ କିଏ ଆସିଛନ୍ ବୋ ଜଗତ୍ ସାଙ୍ଗେ ଗାଁ ଥୁଁ ?"

....." ସବୁ ତ ଜାନିଛ ଗୋ କକା । ଜଗତର କାମ କାରନାମା କାଣ ନୂଆଁ ଆଏ ଯେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କହେମି ? ଗୁଟେ ଗାଡିଥି ଆମେ ପିଲାମାନେ, ଆର୍ ଗୁଟେ ଗାଡିଥି ଜଗତ ସାଙ୍ଗେ କମଳା ଦିଦି ଆର୍ ତାର ପାର୍ଟି । ସେମାନେ ଯାଇଥିଲେ ଦୁଇ ନମ୍ବର ମାର୍କେଟର କଳାମନ୍ଦିର ଶାଢ଼ୀ ଦୋକାନକେ, ଜଗତ ପଏସା ଦେଇଥିଲା ହେମାନକେ । ଇଟା ଆମେ ଇନେ ଟାକିଥିଲୁଁ । ଆମେ ଭି ଇହାଦେ ଯିମୁଁ ସେ ମନ୍ତ୍ରୀ ଘରକେ ଜିନ୍ଦାବାଦ୍ କରବାକେ ।" ହସି ହସି କହୁଥିଲା ଦଇତାରୀ ।

ତାଙ୍କ ଆଗରେ ଜଗତ ହସୁଥିଲା କିଛିସମୟ ଆଗରୁ । ଗାଡିର କଳାକାଚ ଭିତରୁ ଫୁଟୁଥିଲା କମଳା ଦିଦିର ଖିଲିଖିଲି ହସ । ଏବେ ଏଇଠି ହସୁଥିଲା ଦଇତାରୀ ।

ମାଖନୁ ଗୋଟାଏ ଦୀର୍ଘଶ୍ୱାସ ଛାଡିଲେ... ଭାବୁଥିଲେ ଲୋକଙ୍କ ସାମ୍ନାରେ ଏଇ ହସ ସବୁର ମୂଲ୍ୟ ଭିନ୍ନ ଭିନ୍ନ, କିନ୍ତୁ ହସୁଥିବା ଲୋକ ହିଁ କେବଳ ଜାଣେ ତା ହସର ରହସ୍ୟ କେତେ ଗହୀର ।।

ଚୁପ୍ ଚାପ୍ ମାଖନୁ ଫେରୁଥିଲେ ଏଜି ଅଫିସ୍ ମୋବସ୍ ରହଣୀଯାଗା ପାଖକୁ । ବସ୍ ନମ୍ବର ୧୩ ଆସିବାର ବେଳ ହେଲାଣି ।।

୫୪ ଆର୍ଯ୍ୟପଲ୍ଲୀ
କିଟଛକ, ପଟିଆ, ଭୁବନେଶ୍ୱର, ୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହିସାବ ଖାତା

ସୁଧାଂଶୁ ଶେଖର ଦ୍ୱିବେଦୀ



ପୋଥିରେ ଲେଖାଅଛି ଯେଉଁଦିନ ରାମଚନ୍ଦ୍ର ରାବଣ ବଧ କରି ଅଯୋଧ୍ୟାକୁ ଫେରିଲେ ପୂରା ନଗର ଦୀପ ଆଲୋକର ପ୍ରକାଶରେ ଝଲମଲ ହୋଇଥିଲା । ଯାହା ପରବର୍ତ୍ତୀ କାଳରେ ଦୀପାବଳି ନାମରେ ଖ୍ୟାତ ହେଲା । ଏହିଦିନ ବେପାରୀ ସମ୍ପ୍ରଦାୟ ନିଜର ପୁରୁଣା ହିସାବ ଖାତାକୁ ବଦଳାଇ ଲାଲ ବସ୍ତ୍ରରେ ବାନ୍ଧି ପୂଜାକରିବା ଆରମ୍ଭ କଲେ ।

ମନରେ ପ୍ରଶ୍ନ ଉଠିପାରେ- ରାମଚନ୍ଦ୍ରଙ୍କ ଆଗମନରେ ହିସାବ ଖାତା ବଦଳାଇବାରେ କି ସମ୍ବନ୍ଧ ଅଛି ? ତାଛଡା ହିସାବ ଖାତା ଲାଲ ବସ୍ତ୍ରରେ କଣପାଇଁ ବନ୍ଧାଯାଏ ? କଥା ହେଉଛି ଯେବେ ରାମଚନ୍ଦ୍ରଙ୍କ ଅଗମନର ଖବର ଅଯୋଧ୍ୟା ବେପାରୀମାନଙ୍କ ନିକଟରେ ପ୍ରସାରିତ ହେଲା ସେମାନଙ୍କ ମଧ୍ୟରେ ଆଲୋଚନା ହେଲା-ସେଠଜୀ ! ଏବେ ବଡ଼ ବିପତ୍ତି ଆସିଗଲା । ଭରତଙ୍କ ଶାସନରେ ସବୁକିଛି ଚଳି ଯାଉଥିଲା କିନ୍ତୁ ରାମଚନ୍ଦ୍ର ମର୍ଯ୍ୟାଦା ପୁରୁଷୋତ୍ତମ । ସେ ଟେକ୍ସ ଚୋରି ହେଉଥିବା କେବେ ବି ବରଦାସ୍ତ କରିବେ ନାହିଁ । ନିଶ୍ଚୟ ଆମ ହିସାବ ଖାତା ଚେକ୍ କରି ଦଣ୍ଡିତ କରିବେ । ଉପସ୍ଥିତ ବେପାରୀଙ୍କ ମଧ୍ୟରୁ ଜଣେ ଜିଜ୍ଞାସା କଲା-ଆଜ୍ଞା ! ମୋର ତ ଦୋ ନମ୍ବରୀ କାରବାର । ଧରା ପଡିଲେ ସିଧା ଚେକ୍ ଆଉଟ କରି ଦଣ୍ଡ ବିଧାନ ଶୁଣେଇଦେବେ । ଅଯୋଧ୍ୟାର ନର-ନାରୀ, ଆବାଳ ବୃଦ୍ଧ ସମସ୍ତେ ରାମଚନ୍ଦ୍ରଙ୍କ ଆଗମନ ସ୍ୱାଗତ ପାଇଁ ବ୍ୟସ୍ତତା ଭିତରେ ଥାଆନ୍ତି । କିନ୍ତୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବେପାରୀ ବର୍ଗ ଭୟଭୀତ ଅବସ୍ଥାରେ ଦିନ ଗଣୁଥାନ୍ତି ।

ଅଯୋଧ୍ୟାରେ ପହଞ୍ଚିବା ପରେ ରାମଚନ୍ଦ୍ର ଜାଣିପାରିଲେ ବେପାରୀ ମାନେ ହିସାବରେ କିଛି ଘୋଟାଲା କରୁଛନ୍ତି । ତୁରନ୍ତ ସେ ହନୁମାନଙ୍କୁ ଡାକି ଆଦେଶ ଦେଲେ- ହେ ପବନସୁତ ! ରାବଣ ସହିତ ଯୁଦ୍ଧ କରି ଆମେ ଜିତିଗଲେ ସତ କିନ୍ତୁ ଅଯୋଧ୍ୟାରେ ରାବଣଙ୍କଠାରୁ ଆହୁରି ଶକ୍ତିଶାଳୀ ଶତ୍ରୁଙ୍କ ସହିତ ମୁକାବିଲା କରିବାକୁ ହେବ । ଯାହା ବେପାରୀମାନଙ୍କ ଦ୍ୱାରା ହେଉଥିବା ଘୋଟାଲା । ମୋର ବିଶ୍ୱାସ ତୁମେ ନିଶ୍ଚୟ ବଡ଼ ବଡ଼ ବେପାରୀମାନଙ୍କୁ ପରାସ୍ତ କରିପାରିବ । ତୁମ ନିକଟରେ ଅତୁଳିତ ବଳ-ବୁଦ୍ଧି ନିଧାନ ଅଛି । ମୁଁ ତୁମକୁ ଇନଫୋର୍ସମେଣ୍ଟ ବ୍ରାଞ୍ଚ୍ ର ଡ଼ାଇରେକ୍ଟର ପଦରେ ନିଯୁକ୍ତି କରୁଛି । ତୁମେ ଅଯୋଧ୍ୟାରେ ଅବସ୍ଥିତ ସମସ୍ତ ବେପାରୀଙ୍କ ହିସାବ ଖାତା ଯାଞ୍ଚ୍ କରି ରିପୋର୍ଟ ଯୋଗାଡ଼ କର । ଯେଉଁମାନେ ଦୋ-ନମ୍ବରୀ କାରବାର କରୁଛନ୍ତି ସେମାନଙ୍କୁ ଦଣ୍ଡିତ କର ।

ସେପଟେ ବେପାରୀମାନଙ୍କ ଗହଣରେ କୋଳାହଳ ସୃଷ୍ଟି ହୋଇ ସାରିଥାଏ । ସେମାନଙ୍କ ଭିତରୁ କେହି କେହି କହିଲେ-ଆରେ ଭାଇ ! ଏବେ ମରଣ ପାଳି ପଡିଗଲା । ସ୍ୱୟଂ ହନୁମାନ ଇନଫୋର୍ସମେଣ୍ଟ ବ୍ରାଞ୍ଚ୍ ର ଡ଼ାଇରେକ୍ଟର ହୋଇଛନ୍ତି । ବଡ଼ କଠୋର ସ୍ୱଭାବ ତାଙ୍କର । ବାହା ସାହା ହେଇ ନାହାନ୍ତି । ନା ପିଲା ନା ଝିଲା ! ତାଙ୍କ ପାଖେ ଘୋଷ୍ ଫୋସ୍ କିଛି କାମ କରିବନି ।

ଶେଷରେ ବେପାରୀବର୍ଗ ଆଇନ ପରାମର୍ଶଦାତାଙ୍କ ନିକଟରେ ପହଞ୍ଚି ଉପାୟ ଖୋଜିହେଲେ । ଆଇନ ପରାମର୍ଶଦାତା ପରାମର୍ଶ ଦେଲେ ଯେ ସମସ୍ତ ବେପାରୀଙ୍କ ପୁରୁଣା ହିସାବ ଖାତା ବଦଳାଇବାକୁ ହେବ । ପୂରା ରାଜ୍ୟରେ ଚେମ୍ବର ଅଫ୍ କମର୍ସ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପକ୍ଷରୁ ଆଦେଶ ପ୍ରଘଟ ହେଲା - ଆସନ୍ତା ଦୀପୋତ୍ସବରେ ପୁରୁଣା ହିସାବ ଖାତା ବଦଳାହୋଇ ନୂଆ ଖାତା କରାଯିବ ।

ଆଇନ ପରାମର୍ଶଦାତାଙ୍କ ପରାମର୍ଶରେ ବେପାରୀମାନେ ସନ୍ତୁଷ୍ଟ ହେଲେନାହିଁ । ହନୁମାନଙ୍କୁ ଭ୍ରମିତ କରିବା ଅର୍ଥ ମୃତ୍ୟୁକୁ ଆହ୍ୱାନ କରିବା ସଙ୍ଗେ ସମାନ । ସେ ଆଲୌକିକ ବୁଦ୍ଧି ସମ୍ପନ୍ନ ଏକ ଅଦ୍ଭୁତ ଆଜ୍ଞାକାରୀ ସ୍ୱାମୀ ଭକ୍ତ । ତାଙ୍କୁ କିଭଳି ଖୁସି କରାହେବ ଦିନ ରାତି ସେ ବିଷୟରେ ବେପାରୀମାନେ ଚର୍ଚ୍ଚା କଲେ । ଚର୍ଚ୍ଚା ମଧ୍ୟରେ କେହି ଜଣେ କହିଲେ - ଆରେ ଭାଇମାନେ ! ସେ ଯଦି ଲାଞ୍ଚ ନ ନେବେ ନାହିଁ ହେଲେ ମେମ୍ ସାବ୍ ତ ନିଶ୍ଚୟ ନେବେ ।

ତାଙ୍କ କଥାରୁ ପ୍ରତିବାଦ ଆସିଲା - ହେଃ, ତାଙ୍କର ପରା ମୂଳରୁ ମାଇପ ନାହିଁ । ସାହେବ୍ ସଂପୂର୍ଣ୍ଣ ଆନମେରେଡ୍ । ଯୌବନ ଥିବା ବେଳେ ଯୁଦ୍ଧ କରି କରି କଟେଇ ଦେଇଛନ୍ତି ।

ପୁଣି ଥରେ ପ୍ରଶ୍ନ ଉଠିଲା - ଆଉକିଛି ସଉକ ତ ଥିବ ! ଦାରୁ କି ବାଇଜି ନାଚ..... ?

ରାମ-ରାମ, ଆରେ ଭାଇ ସେ ପରା ଆଜନ୍ମ ବାଳ ବ୍ରହ୍ମଚାରୀ । ବାଇ ନାଚ୍ ଦେଖିବା ମାତ୍ରେ ମୁହଁ ଫଟେଇଦେବେ । କିଛି ବି ନିଶାଦ୍ରବ୍ୟ ସେବନ କରନ୍ତି ନାହିଁ । ସଂପୂର୍ଣ୍ଣ ସଂଯମୀ ପୁରୁଷ ।

ତାହେଲେ କଣ କରାଯାଇପାରେ ? ସଭିଙ୍କ ମୁହଁରେ ଅଜବ ପ୍ରଶ୍ନଚିହ୍ନ !

ଜଣେ ସିନିୟର ଓକିଲ ପରାମର୍ଶ ଦେଲେ, ଦେଖ ଭାଇମାନେ, ଯିଏ ଯେତେ ବଡ଼ ହୋଇଥାଏ ସେ ସେତେ ଚାଟୁକାର ହୋଇଥାଏ । ହନୁମାନଙ୍କ ମନରେ କୌଣସି ମାୟା ବନ୍ଧନ ନାହିଁ ସତ କିନ୍ତୁ ସେ ସବୁବେଳେ ଲାଲ ଲଙ୍ଗୁଟି ପିନ୍ଧନ୍ତି ଓ ଶରୀରରେ ସିନ୍ଦୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲେପନ କରନ୍ତି । ସର୍ବଜନଙ୍କର ନେତା ଭାବେ ତାଙ୍କୁ ଖୁସି କରିବା ଅତ୍ୟନ୍ତ ସହଜ । ଏବେଠାରୁ ବେପାରୀମାନେ ହିସାବ ଖାତାକୁ ଲାଲ ବସ୍ତ୍ରରେ ବାନ୍ଧି ରଖନ୍ତୁ । ସିନିୟର ଓକିଲଙ୍କ ପରାମର୍ଶରେ ବେପାରୀମାନଙ୍କ ହିସାବ ଖାତା ଲାଲ ବସ୍ତ୍ରରେ ବନ୍ଧାହୋଇ ରହିଲା ।

ସେପଟେ ଅଯୋଧ୍ୟା ଦୀପର ପ୍ରଜ୍ୱଳିତ ପ୍ରକାଶରେ ଉଜ୍ଜ୍ୱଳମୟ ହେଉଥାଏ । ରାମ-ସୀତା-ଲକ୍ଷ୍ମଣଙ୍କର ଆରତୀ କରି ସ୍ୱାଗତ କରା ହେଉଥାଏ । ବେପାରୀ ବର୍ଗ ଜନତାଙ୍କ ସହିତ ସାମିଲ ହୋଇ ରାମ- ସୀତା-ଲକ୍ଷ୍ମଣଙ୍କୁ ସ୍ୱାଗତ କରୁଥାନ୍ତି । ହନୁମାନଙ୍କୁ ଚାରିପଟୁ ଘେରି ଜୟ ଜୟ କାର ବୋଲୁଥାନ୍ତି ।

ଅଯୋଧ୍ୟାରେ ପହଞ୍ଚିବା ପରେ ହନୁମାନ କିଛି ସୈନିକଙ୍କୁ ସାଙ୍ଗରେ ଧରି ବଜାର ଭିତରେ ପଶିଲେ । ପ୍ରଥମେ ବେପାରୀଙ୍କ ନିକଟକୁ ଯାଇ କହିଲେ-ହିସାବ ଖାତା ବାହାର କର ! ଯାଞ୍ଚ୍ କରାହେବ ।

ଜଣେ ପରେ ଜଣେ ବେପାରୀ ଲାଲ ବସ୍ତ୍ରରେ ବନ୍ଧା ହୋଇଥିବା ଖାତାର ପୁଟୁଳି ବାହାର କରି ହନୁମାନଙ୍କ ସମ୍ମୁଖରେ ରଖିଲେ । ହନୁମାନ ଦେଖିଲେ ସେ ପିନ୍ଧିଥିବା ଲାଲ ଲଙ୍ଗୁଟି ଆକାରରେ ପୁଟୁଳି ବନ୍ଧା ହୋଇଛି । ସହସା ସେ ଗଦ୍ ଗଦ୍ ହୋଇ ପଚାରିଲେ- ଆରେ ତୁମେମାନେ ସବୁ ମୁଁ ପିନ୍ଧିଥିବା ଲଙ୍ଗୁଟି ଆକାରରେ ହିସାବ ଖାତା ବାନ୍ଧି ରଖିଛ କାହିଁକି ?

ବେପାରୀମାନେ ଏକ ସ୍ୱରରେ ଜବାବ ଦେଲେ- ଆଜ୍ଞା ! ଆମେମାନେ ଆପଣଙ୍କର ପରମ ଭକ୍ତ । ଆପଣଙ୍କ ଲଙ୍ଗୁଟିକୁ ଆମ ବେପାର ନିମନ୍ତେ ମହତ୍ତ୍ୱପୂର୍ଣ୍ଣ ଚିହ୍ନ ବୋଲି ସ୍ୱୀକାର କରିଛୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବେପାରୀଙ୍କ ଛଳନାମୟ ଭକ୍ତିରେ ହନୁମାନ ବହୁତ ପ୍ରସନ୍ନ ହେଲେ ।

ବେପାରୀମାନେ କହିଲେ, ଆଜ୍ଞା ! ଏବେ ପୁଟୁଳି ଖୋଲି ଯାଞ୍ଚ୍ କରନ୍ତୁ ।

ହନୁମାନ ବେପାରୀଙ୍କ ପ୍ରୋତ୍ସାହରେ କ୍ଷଣେ ବି କାଳ ବିଳମ୍ବ ନ କରି କହିଲେ- ଥାଉ, ସେସବୁ ଦେଖିବା ମୋର ଆବଶ୍ୟକ ନାହିଁ । ମୋ ଭକ୍ତମାନେ କେବେ ବେଇମାନି କରିବେ ନାହିଁ ।

ହନୁମାନ ଆହୁରି ଅନେକ ବେପାରୀଙ୍କ ନିକଟକୁ ଗଲେ । ସମସ୍ତେ ଲାଲ ବସ୍ତ୍ରରେ ବନ୍ଧା ହୋଇଥିବା ହିସାବ ଖାତାର ପୋଟଳି ଦେଖାଇଲେ । ସେ ଖୁସି ମନରେ ଯାଞ୍ଚ୍ କାର୍ଯ୍ୟ ସମାପନ କରି ରାମ ଚନ୍ଦ୍ରଙ୍କ ନିକଟରେ ରିପୋର୍ଟ ବଖାଣିଲେ-ପ୍ରଭୁ ! ଅଯୋଧ୍ୟାର ବେପାରୀମାନେ ସଂପୂର୍ଣ୍ଣ ନିଷ୍କପଟ । ସେମାନଙ୍କର ହିସାବ ବିଲକୁଲ ଠିକ୍ ଅଛି । ଏଥିରେ ତିଳେ ହେଁ ସନ୍ଦେହ ନାହିଁ ।

ବିସି-୭୪, ସଲ୍ଟ ଲେକ୍, କଲକତା-୬୪

ମୋ-୯୬୮୧୩୭୩୫୧୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଏ ମୋତେ ଭୁଲି ଯିବନି ତ

ଜ୍ୟୋତ୍ସ୍ନାମୟୀ ସାହୁ



ଭୋଦୁଅ ମାସର ଶୁକ୍ଳ ଅଷ୍ଟମୀ ତିଥି । ଚାରିଆଡ଼ ନିର୍ମଳ ଶୋଭାରେ ଶୋଭନିୟା ଦିଶୁଛି ଶୁଭ୍ରା ପୃଥିବୀ । ସମୟ ସନ୍ଧ୍ୟା୬, ୩୦ମିନିଟ, ପୃଥିବୀ ପୂର୍ଣ୍ଣ ଭାବରେ ସନ୍ଧ୍ୟା ରାଣୀର କୋଳାଗ୍ରତ । ଆକାଶରେ ବିମଳ ଜହ୍ନର ପଟୁଆର, ଆଉ ଭସା ବାଦଲର ଥାଟ ।

ନିଜ ଲନରେ ଚେୟାର ଉପରେ ଏକା ଏକା ବସିଥାନ୍ତି, ପ୍ରଫେସର ଚନ୍ଦ୍ରଭାନୁ ସାହୁ । ଆଜି ତାଙ୍କର ସ୍ମୃତିଭରା ଅତୀତ କାହିଁକି ଖୁବ ମନେ ପଡୁଛି । ତାଙ୍କୁ କାହିଁକି ଭାରି ବ୍ୟସ୍ତ ଲାଗୁଛି । କେଉଁଠି କଣ କିଛି ଘଟିବା ପରି ଲାଗୁଛି ତାଙ୍କୁ ।

ମଧୁ ପ୍ରେମୀ ଭଅଁରଟିଏ ଏ ଫୁଲରୁ ସେ ଫୁଲକୁ ଉଡ଼ି ଯାଉଛି, ମଧୁର ସନ୍ଧାନରେ ।

ଚନ୍ଦ୍ରଭାନୁ ଭାବୁଥିଲେ, ମୁଁ କିନ୍ତୁ ଗୋଟିଏ ଫୁଲରୁ ଆଉ ଗୋଟିଏ ଫୁଲକୁ ଉଡ଼ି ଯାଇ ପାରିଲି ନାହିଁ । ଭୁଲି ପାରିଲି ନାହିଁ, ଚନ୍ଦ୍ରିକା ଚାନ୍ଦଲିପ୍ତାଙ୍କୁ । ନିଜର କରି ପାରିଲି ନାହିଁ, ଆଉ କାହାକୁ । ସେ ଓ ତାଙ୍କର ସ୍ମୃତି, ମୋ ପାଇଁ ପାଉଁଶ ତଳର ନିଆଁ ପରି ଏବେବି ଜୀବନ୍ତ । ତାଙ୍କର ସେଇ ଗୋଟିଏ ଦରଦି ଧାଡି କଥା, ମନେ ପଡ଼ିଲେ, ଏବେ ବି ମୁଁ ଆନମନା ହେଇଯାଏ, ସେ ଉକ୍ତିଟି ହେଲା,--

(**ଏ ମୋତେ ଭୁଲି ଜିବନି ତ ? ? ?**)

ଦୀର୍ଘ ୨୦ ବର୍ଷର ସ୍ମୃତି, ଫୁଲର ପାଖୁଡା ମେଲିବା ପରି, ଧିରେ ଧିରେ ଖୋଲି ଯାଉଥିଲା ତାଙ୍କ ହୃଦୟ ଦର୍ପଣରେ । ସତରେ, କେତେ ପ୍ରଗଲ୍ଭା ଥିଲେ.. ଚନ୍ଦ୍ରିକା... ସବୁ ବେଳେ କହୁଥିଲେ, **ଏ ମୋତେ ଭୁଲି ଯିବନି ତ**.......

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଠିକ ଏହି ସମୟରେ, ସୁନ୍ଦର ହାସ୍ୟ ରେଖାଟିଏ ଶ୍ରବଣାୟତ୍ତ ହେଲା, ଚନ୍ଦ୍ରଭାନୁଙ୍କର ।

ଆଖି ଖୋଲି ଚାହିଁଲେ ସେ । ଓଠ କୋଣରୁ ହାସ୍ୟ ରେଖାଟିଏ ଫୁଟାଇ ଠିଆ ହୋଇଛି ଚନ୍ଦ୍ରିକା ।

ଦୀର୍ଘ ୨୦ ବର୍ଷତଳର ସେହି ମନ, ହୃଦୟ, ପ୍ରାଣ ଓ ଆତ୍ମାର ନାୟିକା, ଚନ୍ଦ୍ରିକା ଚାନ୍ଦଲିପ୍ତା ମହାନ୍ତି । ଆଶ୍ଚର୍ଯ୍ୟ ହୋଇଗଲେ ଚନ୍ଦ୍ରଭାନୁ । ଏ କଣ ସମ୍ଭବ ? ? ?

ତାଙ୍କ ମୁଖରୁ ହଠାତ୍ ବାହାରି ପଡ଼ିଲା---

--- ଆରେ.... ଚନ୍ଦ୍ରିକା, ତୁମେ ହଠାତ୍ ? ? ?

---- ହଁ ମୁଁ, କଣ ଆଶ୍ଚର୍ଯ୍ୟ ଲାଗୁଛି ! ! !

--- କିନ୍ତୁ ତୁମେ ଆସିଲ କେମିତି ? ? ମୋ ଘରର address ତ ତୁମେ ଜାଣି ନ ଥିଲ ? ? ?

--- ମୁଁ ତୁମ address ରଖି ଥିଲି ଚନ୍ଦ୍ରଭାନୁ, ସେଥିପାଇଁ ଚାଲି ଆସିଲି । କଣ ମୋତେ ଘରକୁ ଡାକିବନି ? ଟିକିଏ ବସିବାକୁ କହିବନି ?

--- ଆରେ, ହଁ, ହଁ ଆସ, କିନ୍ତୁ ଆଉ କାହାକୁ ତ ଦେଖୁନି, Mr, ପିଲା ମାନେ... ? ? ?

--- ନାଁ, ମୁଁ ଏକା ଆସିଛି, ସେମାନେ ଆଉ ଆସିବେ ନାହିଁ, କି ମୋତେ ବି ଖୋଜିବେ ନାହିଁ । ତୁମେ ବ୍ୟସ୍ତ ହୁଅ ନାହିଁ ।

ଏମିତି କହି କହି ଘର ଭିତରକୁ ଚାଲି ଯାଉଥିଲେ, ଚନ୍ଦ୍ରିକା...

ଦେଖୁଥିଲେ ଚନ୍ଦ୍ରଭାନୁ, ଚନ୍ଦ୍ରିକା ପାଦ ପାୟଲର ରୁଣୁଝୁଣୁ ଶବ୍ଦକୁ, ମନଭରି ଉପଭୋଗ କରୁଥିଲେ ସେ ।

କିଛି ବଦଳି ନାହିଁ, ଫୁଲ ଭର୍ତ୍ତି ବଗିଚାଟି ସେହିପରି ମଳୟର ହିଲ୍ଲୋଳରେ ଚୀର ଯୌବନା ହୋଇ ଦୋଳି ଖେଳୁଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେହି ଘନକୁଞ୍ଚ ଦୀର୍ଘ କୁନ୍ତଳ, ଏବେ ବି ସୁନ୍ଦର ଗୋଲାପୀ ପାଢ଼ିବାଲା ଆକାଶ ରଙ୍ଗର ନୀଳ ଶାଢ଼ୀଟି, ଚନ୍ଦ୍ରିକାର ସୌନ୍ଦର୍ଯ୍ୟକୁ ଦୁଇ ଗୁଣିତ କରୁଥାଏ । କିଛି ମୁହୂର୍ତ୍ତର ଉଦ୍ ବେଳନ ମନକୁ ଆନମନା କରି ଦେଲା ।

ଟିକିଏ ଅନ୍ୟମନସ୍କ ହୋଇଗଲେ, ପ୍ରଫେସର, ଡ଼ଃ ଚନ୍ଦ୍ରଭାନୁ ସାହୁ ।

ରାତ୍ରି ଆସନ୍ନ ପ୍ରାୟ, ଏହି ସମୟରେ ମୋ ଘରେ, ଏକା ଏକା ଚନ୍ଦ୍ରିକା !!! ବିଶ୍ୱାସ ନ ହେଲେ ବି ସତ ।

ଆଗକୁ ଆଉ କିଛି ଭାବି ପାରିଲେନି ସେ । ଭାବିଲେ ଯାଏଁ, ତାଙ୍କ ପାଇଁ କିଛି ଖାଦ୍ୟର ବ୍ୟବସ୍ଥା କରେ ।

ଭୋଦୁଅ ଅଷ୍ଟମୀ ତିଥିର, ଶୁକ୍ଳ ପକ୍ଷ ଜହ୍ନ ରାତ୍ରି । ଆକାଶର ବକ୍ଷ ଭେଦକରି ବାଦଲ କୋଳରୁ ଉଙ୍କି ମାରୁଛି ଅଷ୍ଟମୀ ତିଥିର ଚକା ଚାନ୍ଦ । ସମଗ୍ର ପୃଥିବୀ ପୃଷ୍ଠରେ ଚନ୍ଦ୍ରର ଶୁଭ୍ର ବିମଳ କିରଣର ବିରାଟ ପଟୁଆର । ଜ୍ୟୋସ୍ନାୟୁକ୍ତ ହୋଇ ଯାଉଛି ବିଶାଳ ବସୁଧାର ବକ୍ଷ । ବଗିଚାରୁ ଭାସି ଆସୁଛି, ମଧୁମାଳତୀ ଫୁଲର ମଧୁମୟୀ ବାସ୍ନା ।

ସୁନ୍ଦର ସ୍ୱର ଭଙ୍ଗିରେ ଡାକୁଥାନ୍ତି, ଚନ୍ଦ୍ରିକା ...

---ଏ,ଭାନୁ, ଆସନା, ଏଇ ବଗିଚାରେ ବସିବା, ଦେଖ, କେତେ ସୁନ୍ଦର ଜହ୍ନ ରାତି, ଆକାଶର ବଗିଚାରେ କେତେ ସାରା ସୁନେଲି ତାରା ଫୁଲ ହସୁଛନ୍ତି । ଆଉ ଏଇ ବଗିଚାରେ ରାତ୍ରିର ନାୟିକା ରଜନୀଗନ୍ଧା ।

ଆଉ ମୋ ପାଖରେ "ତୁମେ ଆଉ ଜହ୍ନରାତି" ଟିକିଏ ଆକଟ ସ୍ୱରରେ ଚନ୍ଦ୍ରଭାନୁ କହିଲେ...

----ଏ କବୟିତ୍ରୀ, କବିତ୍ୱ ସେତିକି ଥାଉ, ଆରେ ପାଗିଳୀ, ତୁମ ମୁଣ୍ଡ ଖରାପ ହୋଇ ଗଲାଣି କି ? ? ରାତି କେତେ ହେଲାଣି ଦେଖିଲଣି, ରାତି ପାହିଲେ collegeରେ ମୋର ବହୁତ କାମ ଅଛି । ପ୍ରଥମ କାମ ହେଲା, ତୁମକୁ ନେଇ କି ତୁମ ଘରେ ପହଞ୍ଚାଇବା । ଏକା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏକା କାହାକୁ କିଛି ନକହି ଏମିତି ଭାବରେ ଚାଲି ଆସିବାଟା ଆଦୌ ଠିକ୍ ହେଲାନି ତୁମର । ପ୍ରଦିପ୍ତ ବାବୁ ଯେ କେତେ ବ୍ୟସ୍ତ ହେଉଥିବେ !!! ମୋତେ କିଛି ଠିକ ଲାଗୁନାହିଁ । ତୁମେ ଭୁଲି ଯାଉଛ, ତୁମେ ସମାଜ ଭିତରେ ଅଛ ବୋଲି । ସମାଜ ଆଉ ପରିସ୍ଥିତିକୁ ନେଇ ଆମେ ସମସ୍ତେ ବଞ୍ଚିଛନ୍ତି । ସେ ପରମ୍ପରାର ଖୋଳ ଭିତରୁ ଆମେ ବାହାରି ପାରିବା ନାହିଁ ।

ଅଟକି ଗଲା ଚନ୍ଦ୍ରିକା...... ଆଖିରୁ ବୋହି ଯାଉଥାଏ ଧାର ଧାର ଅମାନିଆ ଲୁହ ।

---- କଣ କହିଲେ ଭାନୁ, ସମାଜ...... ସମାଜ ମୋତେ କିଛି ଦେଇ ନାହିଁ, ବରଂ ଶୋଷି ନେଇଛି, ମୋ ଠାରୁ ମୋ ନିଜକୁ, ମୋର ଇଚ୍ଛା, ସ୍ୱପ୍ନ, ମନ, ଅଭିପ୍ସା, ପ୍ରତିଭା ସବୁ କିଛିକୁ ମୋ ଠାରୁ ଛଡ଼ାଇ ନେଇଛି । ମୋ ଚତୁର୍ପାଶ୍ୱରେ ଥିବା ବ୍ୟକ୍ତିତ୍ୱମାନେ ମୋତେ ଠେଲି ଦେଇଛନ୍ତି, ଗୋଟିଏ ନିଷିଦ୍ଧ ପୃଥିବୀ ମଧ୍ୟକୁ । ଜାତିଆଣ ତାରତମ୍ୟତା ଦେଖାଇ, ମୋ ଠାରୁ ଛଡ଼ାଇ ନେଇଛନ୍ତି ତୁମକୁ, ମୋର ପ୍ରିୟ ମଣିଷକୁ । କ୍ୟାଲେଣ୍ଡରର ତାରିଖ ବଦଳିବା ପରି, ବଦଳି ଯାଇଛି ମୋ ଭାଗ୍ୟ, ସମୟର ପଶାପାଲିରେ କେତେ ନିଷ୍ଠୁର ବର୍ଷା, ବିଷାଦଭରା ବସନ୍ତ, ନିଦାଘ ବୈଶାଖ୍ୟ ଅତିକ୍ରାନ୍ତ କରିଛି ମୁଁ । ବରଂ ଏହି ସମାଜ ପାଇଁ ସଳିତା ହୋଇ ନିଜେ ଜଳିଛି ମୁଁ । ତୁମଠୁ  ଅଲଗା ହୋଇ ଆଉ ରହିପାରିଲି ନାହିଁ ।

ସେଥିପାଇଁ...........

-- ହଉ ହେଲା ବାବା, ମୋ ପାଗିଳୀ, ଆଉ କାନ୍ଦ ନାହିଁ, ଏଇ ଆସିଗଲି ମୁଁ ବଗିଚାକୁ, ଏବେ ତ ଶାନ୍ତ ହୋଇ ଯାଅ। ଟିକେ ହସି ଦିଅ  !!

ହସିଲା ଚନ୍ଦ୍ରିକା...

ଧିରେ, ଖୁବ ଧିରେ ଏବଂ କହିଲା...

----ତୁମର ମନେ ଅଛି, college ରେ ମୁଁ ତୁମକୁ 'ଭାନୁ' ଡାକୁଥିଲି ?

----ହଁ, ସବୁ ମନେ ଅଛି, ଆଉ ମୁଁ ତୁମକୁ ଚାନ୍ଦିନୀ ଡାକୁଥିଲି, ଠିକ୍ ନା ??

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

----ହୁଁ..... ମନେଅଛି, ତୁମେ ଖୁବ ସୁନ୍ଦର ଗୀତ ଗାଉଥିଲ, ବଂଶୀ ମଧ୍ୟ ବଜଉ ଥିଲ, ଆଉ ସୁନ୍ଦର ସାଏରୀ ଲେଖୁଥିଲ । ଏ ମୋ ପାଇଁ ଗୋଟିଏ ଗୀତ ଗାଅନା, please.

--- ଆରେ ନା ନା, ୨୦ବର୍ଷ ହେବ ମୁଁ ଆଉ ଗୀତ ଗାଉନି ।

----କାହିଁକି ?

----- ମୋ ଗୀତର ତାଳ, ସୁର, ଲୟ, ଝଙ୍କାର ସବୁତ ତୁମେ ଥିଲ । ତୁମେ ଗଲା ପରେ ସବୁ ରାଗିଣୀ ବେସୁରା ।

----ନାଇଁ, ଆଜି ତୁମେ ମୋ ପାଇଁ ଗୀତ ଗାଇବ... ଯେପରି ତୁମେ ସେ ଦିନ ଗାଉଥିଲ....

(ଜହ୍ନ ଆମକୁ ଲୁଚି ଦେଖୁଛି

ଲୁଚି ଲୁଚି ଆମ କଥା ଶୁଣୁଛି....)

(ଚାନ୍ଦ ନା ତୁମେ ତାରା....)ଗାଅନା......

----- ଓହୋ, ମୋତେ ଆଜି ଏ ପାଗିଳୀ ଛାଡିବନି, ଟିଣ କରି ସାରିଲାଣି ମୋ ମୁଣ୍ଡକୁ । ହଉ ଶୁଣ .....

ସୁନ୍ଦର ସ୍ୱରରେ ଗୀତ ଗାଉଥିଲେ, ଚନ୍ଦ୍ରଭାନୁ । ଆଉ ତଲ୍ଲୀନ ହୋଇ ମୁଗ୍ଧା ଭଙ୍ଗିରେ ଶୁଣୁଥିଲେ ଚନ୍ଦ୍ରିକା, ଠିକ୍ ଗୋଟିଏ ତୃଷିତ ଚାତକୀ ପରି ।

ଚନ୍ଦ୍ରିକା ଖୁସିରେ କହୁଥିଲେ,

----ଜାଣିଛ ଭାନୁ, ମୁଁ ତୁମ ପାଇଁ chocolate ଆଣିଛି, ତୁମେ ନା chocolate ଖାଇବାକୁ ବହୁତ ଭଲ ପାଉଥିଲ । ଆଉ ମୁଁ ସବୁ ଦିନ ତୁମ ପାଇଁ chocolate ନେଇ କି ଆସୁଥିଲି । ଖାଇବନି ?

---- ଆରେ ନା ନା, ଆଜିକୁ ୨୦ ବର୍ଷ ହେବ, ମୁଁ ଚକୋଲେଟ ଖାଇବା ଛାଡ଼ି ଦେଇଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

---- କାହିଁକି ? ? ?

---- ହୃଦୟର ସ୍ପନ୍ଦନକୁ ଛାଡିଦେଲି, ସେ ଦେଉଥିବା ଏଇ ଚକୋଲେଟକୁ ଛାଡି ପାରିବିନି ?

---- ହଉ, ଏବେ ଖାଇ ଦିଅ, ମୁଁ ଆଉ କୁଆଡେ ଯିବିନି, ତୁମର ଛାଇ ହୋଇ ରହିବି ।

ଏଇ ଦେଖ, ସେ ଜହ୍ନ କିପରି ବାଦଲ କୋଳରେ ଲୁଚି ଯାଉଚି । ମୁଁ ବି ଲୁଚିଯିବି, ମୋତେ ଖୋଜିବନି ? ? ?

----ତୁମେ କୁଆଡେ ଲୁଚିବ ? ? ?

----ସେଇଠି, ସେହି ବାଦଲ ଭିତରେ ! ! ! କୁହନା ଖୋଜିବନା ନାହିଁ ? ? ?

---- ଓଃ ଏ ପାଗିଳୀ କଣ ଯେ କୁହେ, ପିଲାଳିଆମି ଏବେ ବି ଛାଡ଼ିନି ! ! ଯେମିତି ଥିଲା ସେମିତି ଅଛି । ଗୁଣୁଗୁଣୁ ହୋଇ କହୁଥିଲେ ଚନ୍ଦ୍ରଭାନୁ ।

ହଉ ଯାଅ, ଲୁଚି ଯାଅ.....

............

----ଆରେ, କୁଆଡେ ଗଲ ? ମୁଁ ପାଉନି ତୁମକୁ, କେଉଁଠି ଅଛ ? ? ?

ଚନ୍ଦ୍ରିକା ଆସ, please.ଚନ୍ଦ୍ରିକା....

ଖିଲି ଖିଲି ହସର ଫସଲ ଖେଳାଇ, ଚନ୍ଦ୍ରିକା ଠିଆ ହୋଇଗଲେ ସାମ୍ନାରେ ।

----- କେଉଁଠି ଥିଲ ? ପଚାରିଲେ ଚନ୍ଦ୍ରଭାନୁ ।

-----ମୁଁ, ଏଇ ବାଦଲ ପଛରେ ଲୁଚିଥିଲି ।।।

----କଣ ? ? ? ବାଦଲ ପଛରେ ? ? ହସିଲେ ଚନ୍ଦ୍ରଭାନୁ । ଚନ୍ଦ୍ରିକାର କଥା ତାଙ୍କୁ ରହସ୍ୟମୟ ଲାଗୁଥିଲା ।

-----ହଉ ମୋ ପାଗିଳୀ, ଏବେ ଚାଲ, ଘର ଭିତରକୁ ଯିବା ! ! ନିଦ ଆସିଲାଣି, ରାତି ଦୁଇଟା ହେଲାଣି ପରା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

---ନାଇଁ, ମୁଁ ତୁମର ସେ ଘର ଭିତରକୁ ଯିବିନି । ତୁମେ ସେଠାରେ lite ଜଳଉଛ । ଆଲୋକକୁ ମୋତେ ବହୁତ ଡ଼ର ଲାଗୁଛି । ମୁଁ ଏଇଠି ଠିକ୍ ଅଛି । ଆଉ ତୁମର ସେ ସକାଳର ସୂର୍ଯ୍ୟୋଦୟ ମୋ ପାଇଁ ଆଉ ଆସିବନି । ତୁମର ସେ ସୂର୍ଯ୍ୟଙ୍କୁ ନା, ମୋର ଭାରି ଡର, ଆଉ ତାଙ୍କ ଆଲୋକକୁ । ମୋତେ ଅନ୍ଧାର ବହୁତ ଭଲ ଲାଗୁଚି । ମୁଁ ତ ଏଇ ଅନ୍ଧାରକୁ ନିଜର କରି ନେଇଛି ।

ଆଶ୍ଚର୍ଯ୍ୟ ହୋଇଗଲେ ଚନ୍ଦ୍ରଭାନୁ, ଯିଏ ଦିନେ ଥିଲା, ଅନ୍ୟମାନଙ୍କ ପାଇଁ ଆଲୋକ ବର୍ତ୍ତିକା, ଅନ୍ଧାରକୁ ଯିଏ ଭୟ କରୁଥିଲା, ସେ ପୁଣି ଆଜି କହୁଛି, ଅନ୍ଧାର ତାକୁ ଭଲ ଲାଗୁଛି । କଥା କଣ ??

---- ହଉ, ମୁଁ, lite ବନ୍ଦ କରିଦେବି, ଚାଲ । ଏମିତିରେ ବି କାଲି ସକାଳୁ ୧୦୦K.M. ରାସ୍ତା ଯିବାର ଅଛି, ତୁମ ଘରକୁ, ତୁମକୁ ଛାଡିବାକୁ ।

--- ନା ମୁଁ ସେଠାକୁ ଆଉ ଯିବି ନାହିଁ, ସେ ଘରର କର୍ତ୍ତବ୍ୟ ମୋର ଶେଷ । ମୁଁ, ଏଇଠି ତୁମ ପାଖରେ, ତୁମର ଛାଇ ହୋଇ ରହିବି ।

--- ପାଗିଲୀଟା.....ହସିଲେ ଚନ୍ଦ୍ରଭାନୁ ।

ପରିବେଶବିତ୍ କୁଆର କା,କା, ଡାକରେ ଚନ୍ଦ୍ରଭାନୁଙ୍କର ନିଦ ଭାଜିଗଲା । ରାତ୍ରି ପାଇବାର ସୂଚନା ।

ପୂର୍ବ ଦିଗରୁ ସିନ୍ଦୁରା ଫୁଟାଇ ସୂର୍ଯ୍ୟ ଉଇଁ ଆସୁଥାନ୍ତି । ସୂର୍ଯ୍ୟ ଆଗମନୀର ମନ୍ତ୍ର କହୁଥାଏ କୁମ୍ଭାଟୁଆ ।

ଡାକିଲେ ଚନ୍ଦ୍ରଭାନୁ,

---ଚନ୍ଦ୍ରିକା, ଉଠିଲଣିନା ନାହିଁ, ଟିକିଏ ଚା, କର । ହଁ ଚିନି ଦେବ ନାହିଁ ।

ଚନ୍ଦ୍ରଭାନୁ ବାବୁ ଦେଖିଲେ ଟେବୁଲ ଉପରେ, ଚା ଭର୍ତ୍ତି କପ୍ ଟିଏ ରଖାଯାଇଛି । ଗବାକ୍ଷର ଦ୍ୱାର ଫିଟାଗଲେ, ଚନ୍ଦ୍ରଭାନୁ । ସକାଳର କଅଁଳିଆ ଖରା ଧାରେ ଫିଟି ପଡ଼ିଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚା ଟେବୁଲ ଓପରେ ।

ବାହାରୁ Calling bell ବାଜିବାର ଶବ୍ଦ । paper ଆସିଗଲ । ବୋଧେ !! କହିଲେ ଚନ୍ଦ୍ରଭାନୁ ।

ଚା କପ୍ ରେ ଥରଟେ ଚୁମ୍ବନ ଦେଇଛନ୍ତି ସେ, paperର ପ୍ରଥମ ପୃଷ୍ଠାକୁ ଦେଖି, ଚମକି ପଡ଼ିଲେ ଚନ୍ଦ୍ରଭାନୁ ।

Paperର ପ୍ରଥମ ପୃଷ୍ଠାରେ ବାହାରି ଥିଲା....

"**ଶୋକ ସମ୍ବାଦ"**

"ଗତକାଲି ସନ୍ଧ୍ୟା ୬ ଘଟିକା ସମୟରେ, ଶ୍ରୀଯୁକ୍ତ ପ୍ରଦୀପ୍ତ ମହାନ୍ତିଙ୍କର ଧର୍ମପତ୍ନୀ, ଶ୍ରୀମତୀ ଚନ୍ଦ୍ରିକା ଚାନ୍ଦଲିପ୍ତା ମହାନ୍ତିଙ୍କର ସ୍ୱକିୟ ବାସଭବନରେ, ହୃଦ୍ଘାତରେ, ଦେହାନ୍ତ ହୋଇ ଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୪୫ ବର୍ଷ ହୋଇଥିଲା ।"

ସ୍ତବ୍ଧ ହୋଇଗଲେ ଚନ୍ଦ୍ରଭାନୁ ।

ଏହା କଣ ସମ୍ଭବ ?????? ଚନ୍ଦ୍ରିକା ତ ମୋ ପାଖରେ !!!! କିନ୍ତୁ, ଫଟୋରେ ତ ଏ ସେଇ ଗୋଲାପୀ ପାଢ଼ୀ ବାଲା ନୀଳ ଶାଢ଼ୀ ପିନ୍ଧିଛନ୍ତ !!!

ବିକଳ ହୋଇ ବିବ୍ରତ ଭାବରେ ଡାକିଲେ, ଚନ୍ଦ୍ରଭାନୁ....

---- ଚନ୍ଦ୍ରିକା, ଚନ୍ଦ୍ରିକା, ମୋ ଚାନ୍ଦିନୀ, କୁଆଡ଼େ ଗଲ ତୁମେ ???

ଆରେ, ସେ ଝରକା ପାଖରେ କଣ କରୁଛ ?

ଉଠି ଗଲେ, ଚନ୍ଦ୍ରଭାନୁ, ଝରକା ପାଖକୁ ।

କିନ୍ତୁ, ସେଠାରେ କେହି ନ ଥିଲେ । ୪ ଭାଙ୍ଗ ହୋଇ ଖଣ୍ଡିଏ କାଗଜ ରଖା ଯାଇ ଥିଲା ।

ବିକଳରେ ସେଇଟିକୁ ଉଠାଇ ଆଣିଲେ ଚନ୍ଦ୍ରଭାନୁ ।

ସେଥିରେ ଲେଖା ଥିଲା.......

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

"ବିଦାୟ ଭାନୁ,

ଦେଖାହେବ ଆର ଜନ୍ମରେ,

ରହୁଛି,

ମୁଁ, ତୁମ ଅପେକ୍ଷା ରେ""

"ଚାନ୍ଦିନୀ"

ଓ, ଏବେ ବୁଝୁଛି, କାଲି କାହିଁକି ତୁମେ, ରହସ୍ୟମୟ ଲାଗୁଥିଲ । ତାହେଲେ, ତୁମେ ଆଉ ଏ ଜହ୍ନରାତି, ସବୁ କଣ ତୁମ ଆତ୍ମାର ? ? ?

ବିନା ବର୍ଷାରେ ବଜ୍ରପାତ ହେବା ପରି ଲାଗୁଥିଲା ତାଙ୍କୁ ।

---- ନା, ଏପରି ହେଇ ପାରିବନି, ମୁଁ ଏମିତି ଭାବରେ ନିଃସ୍ୱ ହୋଇ ପାରିବିନି ଚାନ୍ଦିନୀ ।

ମୋ ଜୀବନକୁ ଅଧୁରା ରଖି................

ତୁମେ ଯେଉଁ ଜହ୍ନରାତିର ସ୍ମୃତି ମୋ ପାଇଁ ଛାଡିଗଲ, ତାହା ହିଁ ହେବ ମୋର ବଞ୍ଚିବାର ରାହା ।

ସତରେ, ତୁମେ ଜିତିଗଲ ଚାନ୍ଦିନୀ । ମୋତେ ଶୂନ୍ୟ କରି.................

ଆଖିରୁ ଝରି ପଡୁଥିଲା ଧାର ଧାର ଲୁହ । ଖୋଲା ହୋଇଥିବା କାଗଜ ଉପରେ ପଡୁଥିଲା..... ଠପ୍ ଠପ୍ ଠପ୍ ଆଉ ଧିରେ ଧିରେ ଚାନ୍ଦିନୀ ଯେମିତି ତାଙ୍କ କାନ ପାଖରେ କହୁ ଥିଲେ, ଏ "ଚନ୍ଦ୍ରଭାନୁ" ମୋତେ ଭୁଲି ଯିବନି ତ ! ! ! ! ! ! !.......

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଏ ମୋତେ ଭୁଲିଯିବନି ତ !

ପ୍ରତାପ କିଶୋର ରାଉତ



ବିଭବମୟୀ ନଗରୀ ମୁମ୍ବାଇରୁ ଅଠର ବର୍ଷ ପରେ ଫେରୁଛି ବିଶିଷ୍ଟ ଶିଳ୍ପପତି ବିଜୟ ସାମନ୍ତରାୟଙ୍କର ଏକମାତ୍ର ପୁତ୍ର ଅନୁରାଗ । ରାତି ପାହି ଆସୁଛି । ଟ୍ରେନ ଭିତରେ ଯାତ୍ରୀମାନେ ନିଜ ନିଜର ଜିନିଷ ପତ୍ର ସଜାଡ଼ିବାରେ ବ୍ୟସ୍ତ । ଆଉ ଅଧାଘଣ୍ଟା ପରେ ଭୁବନେଶ୍ୱର ଷ୍ଟେସନ ଛୁଇଁବ ଟ୍ରେନ । ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠରେ ବସି ପ୍ରଭାତର ମନୋରମ ଦୃଶ୍ୟକୁ ଅବଲୋକନ କରୁଥିଲା ଅନୁରାଗ । ଠିକ ସମୟରେ ପ୍ଲାଟଫର୍ମ ଛୁଇଁଲା ଟ୍ରେନ । ଟ୍ରେନରୁ ଓହ୍ଲାଇ ଜେଜେ ପଠାଇଥିବା କାରରେ ବସିଲେ ଅନୁରାଗ । କାରଟି ଗ୍ରାମ ଅଭିମୁଖେ ଚାଲିଲା । ବିଶ୍ୱନାଥ ମଉସା ବିଶ୍ୱସ୍ତ ଡ୍ରାଇଭର । କାର ଚଳାଉଛନ୍ତି ଏଣେ ଛୋଟ ବାବୁଙ୍କ ସହିତ ଗପରେ ମାତି ଯାଇଛନ୍ତି ।

ଗାଁ ମୁଣ୍ଡରେ ପହଞ୍ଚୁଣୁ ଆଖି ଆଗରେ ନାଚି ଉଠିଲା ଗାଁ ତୋଟାର ସ୍ମୃତି । ଦୀର୍ଘ ପନ୍ଦରଟି ବସନ୍ତ କଟିଛି ଏଇ ଗାଁ ମାଟିରେ । ଏଇ ତୋଟାରେ କେତେ ସ୍ମୃତି ଜଡିତ ରହିଛି ।

ଆରେ ବିଶୁ ମଉସା - ବିଶୁ ମଉସା ଗାଡି ଅଟକାଅ !

କଣ ହେଲା ଛୋଟ ବାବୁ ? ଏଇଠି କାହିଁକି ରହିବା । ଘର ତ ଆଉ ଅଳପ ବାଟ ।

ବିଶୁ ମଉସା ! ଏଇ ଗାଁ ତୋଟାକୁ ଟିକେ ମନଭରି ନଦେଖି ମୁଁ କଣ ଘରକୁ ଯାଇ ପାରିବି ?

ଗାଡି ଅଟକିଲା । ଓହ୍ଲାଇ ପଡିଲେ ଅନୁରାଗ । ସେତେବେଳର ତୋଟା ଆଜି ଆଉ ନାହିଁ । ତୋଟାରେ ଗଛ ସଂଖ୍ୟା କମି ଯାଇଛି, ଚାରି ଆଡ଼େ ଅସନା । ଯେମିତି ଆଉ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଜିକାଲି ଏ ତୋଟା ଗ୍ରାମ ଜୀବନରେ ଅଲୋଡ଼ା ହୋଇ ଯାଇଛି । କେତେ ବାଗୁଡି ଖେଳ, ବୋହୂଚୋରି ଖେଳ, ଦୋଳୀ ଖେଳ, ଲୁଚକାଳି ଖେଳ ଏଇଠି କଟିଛି । ଖରାବେଳେ ତୋଟାକୁ ଆସି ବାପାଙ୍କ ଠାରୁ ମାଡ ଖାଇଛି । ସବୁ ସ୍ମୃତିଗୁଡିକୁ ବିଶୁ ମଉସାଙ୍କ ଆଗରେ ବଖାଣୁଛନ୍ତି ଅନୁରାଗ । ହଠାତ ଗୋଟିର ଆମ୍ବ ଗଛରେ ଦୃଷ୍ଟି ପଡିଗଲା । ସେଠାକୁ ଆଗେଇ ଗଲେ ଅନୁରାଗ । ତନ୍ନ ତନ୍ନ କରି ଗଛଟିକୁ ନିରୀକ୍ଷଣ କଲେ । ଆମ୍ବ ଗଛରେ ଅସ୍ପଷ୍ଟ କେଇଟା ଲେଖା ଅକ୍ଷର ଦେଖିଲେ । ସେଠାରେ ଲେଖାଯାଇଥିଲା ପ୍ରୀତି ଓ ତଳକୁ ଅନୁରାଗ । ଚମକି ଉଠିଲେ ଅନୁରାଗ । ପ୍ରୀତି ତାଙ୍କର ସ୍କୁଲ ବେଳର ସହପାଠିନୀ । କେଉଁଠି ଅଛି, କେମିତି ଅଛି । ସୁର ସାରଙ୍କର ଝିଅ । ବଡ ଗେହ୍ଲବସରରେ ବଢିଥିଲା । ସ୍କୁଲ ଜୀବନର ସବୁ ସ୍ମୃତି ଜାଗି ଉଠିଲା । ସାଙ୍ଗ ହୋଇ ଖେଳିବାଠାରୁ ଆରମ୍ଭ କରି ପ୍ରୀତି ହିଁ ଯେମିତି ତାଙ୍କ ପିଲାଦିନର ସବୁ କିଛି । ଗାଁରୁ ଯେଉଁଦିନ ବାପାଙ୍କ ସାଙ୍ଗରେ ମୁମ୍ବାଇ ଗଲେ ସେଦିନ ପ୍ରୀତି ତାଙ୍କୁ ବିଦାୟ ଦେବାକୁ ଗାଁ ମୁଣ୍ଡ ପର୍ଯ୍ୟନ୍ତ ଆସିଥିଲା । ଛଳ ଛଳ ଆଖିରେ ପ୍ରୀତି କହିଥିଲା - ଅନୁରାଗ ! ତୁ କେବେ ଆସିବୁ ? ? ତୋ ସହିତ ଆଉ କେବେ ଦେଖା ହେବ ? ? ମୋତେ ଭୁଲି ଯିବୁନି ତ ? ? ? ? ? ? ?

ତାକୁ ପ୍ରବୋଧନା ଦେଇ ସେଦିନ ଚାଲି ଆସିଥିଲେ ଅନୁରାଗ । ଆଜି ପ୍ରୀତି କେଉଁଠି ଅଛି, କେମିତି ଅଛି !

ତା ବିଷୟରେ ଗୋଟିକ ପରେ ଗୋଟିଏ ପ୍ରଶ୍ନ ପଚାରି ଚାଲିଲେ ଅନୁରାଗ ତାଙ୍କ ଅତି ଆପଣାର ବିଶୁ ମଉସାଙ୍କୁ ।

ବିଶୁ ମଉସା ସବୁ ଗୋଟି ଗୋଟି କରି ବଖାଣି ଚାଲିଲେ । ବଡ ଅଭାଗିନୀଟା ସେ । ବିଭାଘରର ବର୍ଷେ ନପୁରୁଣୁ ବିଚରା ସ୍ୱାମୀଟି ଗାଡି ଦୁର୍ଘଟଣାରେ ଆରପାରିକୁ ଚାଲିଗଲା । ଶଶୁର ଘରେ ତାର ଜୀବନଟା ଦୁର୍ବିସହ ହୋଇଗଲା । ଅମଙ୍ଗୁଳି କହି ତାକୁ ନାନା ପ୍ରକାର ନିର୍ଯାତନା ଆରମ୍ଭ କରିଦେଲେ । ଶଶୁର ଘରର ସମସ୍ତ ବିପଦ ପାଇଁ ସେ ଯେମିତି ଦାୟୀ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଚାରି କେତେଦିନ ଆଉ ଏମିତି କଷ୍ଟ ସହି ସେଠି ପଡି ରହିଥାନ୍ତା । ଶେଷରେ ବାପଘରକୁ ଚାଲି ଆସିଲା ପ୍ରୀତି । ଦୁଃଖର ପାହାଡ଼ ଯେମିତି ଖସି ପଡ଼ିଲା ତା ମୁଣ୍ଡ ଉପରେ ।

ଏକଥା ଶୁଣି ଅନୁରାଗର ମନ ରାଇଜରେ ଯେମିତି ଏକ ଝଡ଼ଟିଏ ବହିଗଲା । ଗାଡ଼ିରେ ବସି ସିଧା ତାଙ୍କ ଘରକୁ ଚାଲିଲେ ଅନୁରାଗ । ଗାଡି ଅଟକିଲା ତାଙ୍କ ଦ୍ୱାର ଆଗରେ । ଇତସ୍ତତଃ ଭରେ ସିଧା ଚାଲିଲେ ତାଙ୍କ ଘରଭିତରକୁ । ଯାହା ଦେଖିଲେ ସତେ ଯେମିତି ତାଙ୍କ ପାଦ ତଳୁ ମାଟି ଖସି ପଡ଼ିଲା । ବାଡ଼ି ପିଣ୍ଡାରେ ବସି ଏକୁଟିଆ ଲୁହ ଝରାଉ ଥିଲା ପ୍ରୀତି । ଅନୁରାଗକୁ ଦେଖି ଯେମିତି ସ୍ଥାଣୁ ପାଲଟି ଯାଇଥିଲା । ଚାରି ଆଖିର ମିଳନରେ ସତେ ଯେମିତି ସେଇ ଅତୀତର ଦୃଶ୍ୟ ଗୁଡିକ ନାଚି ଯାଉଥିଲେ ।

ଛଳ ଛଳ ଆଖିରେ କଇଁ କଇଁ ହୋଇ କାନ୍ଦି ଉଠିଲା । ବୈଧବ୍ୟ ବେଶରେ ତାକୁ ଦେଖିବା ତାଙ୍କ ପକ୍ଷରେ ଯେମିତି ଅସମ୍ଭବ ହୋଇ ପଡ଼ିଲା । ହାତରୁ ଲଥ କରି ଖସିପଡ଼ିଲା ବ୍ରିଫକେଶ । ହଜିଲା ଅତୀତକୁ ରୋମନ୍ଥନ କରୁଥିଲେ ଅନୁରାଗ । ଆଜି ସେ କଣ ଦେଖୁଛନ୍ତି ! ଏସବୁ ଦେଖିବାକୁ ସତେ ଯେମିତି ତାଙ୍କର ଆଉ ଧୈର୍ଯ୍ୟ ନଥିଲା । ଗାଁ ତୋଟାମାଳରେ ରୁଚିଥିବା ସେଇ ନାଁଟି ଯେମିତି କହୁଥିଲା, ସତରେ ଅନୁରାଗ ତୁମେ ବହୁତ ଡେରି କରିଦେଲ ।

*ତେନ୍ତୁଳିପଦୀ, ହାଟଡିହି ,କେନ୍ଦୁଝର*

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଏ ମୋତେ ଭୁଲିଯିବନି ତ ?

ଦେବେନ୍ଦ୍ର ନାୟକ



ଅବିଭକ୍ତ ମୟୂରଭଞ୍ଜ ଜିଲ୍ଲାସ୍ଥିତ ଠାକୁରମୁଣ୍ଡା ବ୍ଲକର ମିଟୁଆଣୀ ଗ୍ରାମ । ସେହି ଗ୍ରାମର ବାସ କରନ୍ତି ରାଘବ ଦାସ । ତିନୋଟି ସନ୍ତାନ । ଦୁଇଟି ଝିଅ ଓ ଗୋଟିଏ ପୁଅ ଦେଇଛନ୍ତି ଈଶ୍ୱର । ଅନେକ ଦିନରୁ ଆରପାରିକୁ ଚାଲି ଯାଇଛନ୍ତି ପିତା ମାତା । ଜଣେ ଚାଷୀ ଭାବରେ ବେଶ୍ ପରିଚିତ । ସ୍ୱଭାବରେ ଖୁବ୍ ସରଳ । ଚାଷ ଭଲ ତ ସିଏ ଭଲ ! ପରିବା ପତ୍ର ଚାଷବାସ କରି ତାଂକ ବିକ୍ରୟ କରି ନିଜର ଗୁଜୁରାଣ ମେଣ୍ଟେଇ ନିଅନ୍ତି । ସ୍ୱଳ୍ପ ଆୟ ଭିତରେ ତିନୋଟି ପିଲାଙ୍କ ପାଠ ପଢା ତଥାପି ସେ କେବେ ଭାଙ୍ଗିପଡି ନାହାଁନ୍ତି । ବଡ଼ ଝିଅ ସାଗରିକା ମା ବାସୁଳୀ ମହାବିଦ୍ୟାଳୟରେ +୨ ପ୍ରଥମ ବର୍ଷର ଛାତ୍ରୀ, ସାରଥୀ ନବମ ଓ ପୁଅ ସାଗର ସପ୍ତମ ଶ୍ରେଣୀରେ ପଢନ୍ତି ।

ବଡ ଝିଅ ସାଗରିକା କଲେଜରେ ପାଠ ପଢ଼ିବା ସମୟରେ +୩ ଡିଗ୍ରୀ ମହାବିଦ୍ୟାଳୟର ତୃତୀୟ ବର୍ଷର ଛାତ୍ର ସମରେନ୍ଦ୍ର ସହିତ ମଧୁର ସମ୍ପର୍କ ଗଢି ଉଠିଲା । ସମରେନ୍ଦ୍ରର ଘର ସେହି ଠାକୁରମୁଣ୍ଡା ବ୍ଲକର ରୁଗୁଡିବେଡା ଗ୍ରାମରେ । ବାପା ଅନୁସରଣ ପୋହି, ପେଶାରେ ଜଣେ ଶିକ୍ଷକ । ଦୁହେଁ ଦୁହିଁକୁ ଭଲ ପାଇ ବସିଲେ ! କଲେଜରେ ମୋବାଇଲ୍ ଫୋନର ବ୍ୟବହାର ବାରଣ ଥିଲେ କ'ଣ ହେଲା ଦୁହେଁ ଘରକୁ ଗଲେ କଥାବାର୍ତ୍ତା ହୁଅନ୍ତି । ଧିରେ ଧିରେ ଦୁଇ ପରିବାର ମଧ୍ୟରେ ଏ କଥା ପଡିଲା କି ସେମାନେ ପରସ୍ପରକୁ ଭଲ ପାଆନ୍ତି ଆଉ ବିବାହ କରିବେ ମଧ୍ୟ । ରାଘବ ଦାସ ବଡ଼ ସ୍ୱଭିମାନି ସେ ନିଜ ବଡ଼ ଝିଅ ସାଗରିକାକୁ ଡାକି ସିଧା ସିଧା ପଚାରିଲେ ମା ମୁଁ ଯେଉଁ କଥା ଶୁଣୁଛି ତାହା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କ'ଣ ସତ ? ନାଗରିକ ବିନମ୍ର ଭାବରେ ଉତ୍ତର ଦେଲା- ବାପା ହଁ ଏକଥା ସତ ! ଆପଣ ଭାବୁଛନ୍ତି କି ମୁଁ ଆପଣଙ୍କ ମୁଣ୍ଡ କେବେ ତଳକୁ କରି ଚାଲିଯିବି ? ନାଁ ବାପା ! ମୁଁ ଯାହାକୁ ବିବାହ କରିବା ପାଇଁ ମନସ୍ଥ କରିଛି ସେ ଆମ ଜାତିର ପିଲା ଆଉ ଯେ ପର୍ଯ୍ୟନ୍ତ ଆମର ପାଠପଢା ନ ସରିଛି ସେ ପର୍ଯ୍ୟନ୍ତ ଆମ ବିବାହ ହୋଇ ପାରିବ ନାହିଁ କିମ୍ବା ଆମେ କେବେ ଭୁଲ୍ ରାସ୍ତାରେ ପାଦ ଦେବୁନାହିଁ ।

ଆଉ ସମରେନ୍ଦ୍ରଙ୍କର ବାପା ନିଜେ ଆମ ଘରକୁ ବିବାହ ପ୍ରସ୍ତାବ ନେଇ ଆମ ଘରକୁ ଆସିବେ । କେବଳ ଆପଣ ଆମ ଦୁହିଁଙ୍କୁ ଆଶୀର୍ବାଦ କରନ୍ତୁ ଆମେ କିପରି ନିଜ ଗୋଡ଼ରେ ନିଜେ ଛିଡ଼ାହୋଇ ପାରିବୁ । ଏ କଥା ଶୁଣି ରାଘବ ଦାସଙ୍କ ପାଟି ଚୁପ୍ ହୋଇଗଲା । ଠିକ୍ ଅଛି ମାଆ ସେହି ଈଶ୍ୱରଙ୍କ ଇଚ୍ଛା । ଏହା କହି ସେ ନିଜ ଶୋଇବା ଘରକୁ ଚାଲିଗଲେ । ଝିଅ ମଧ୍ୟ ନିଜ ବାଟରେ ଚାଲିଗଲା ।

ସାଗରିକା ଆଉ ସମରେନ୍ଦ୍ର ଦୁହିଁଙ୍କର କଥାବାର୍ତ୍ତା କେତେବେଳେ ମଧୁର ତ କେତେବେଳେ ଥଟା ତାମସା ଏମିତି ଅନ୍ୟ ଦୁଇ ଭାଇଭଉଣୀ ମଧ୍ୟ ତାଙ୍କ ମଝିରେ ପଶି ଗେହ୍ଲା ଥଟାରେ ସାମିଲ୍ ହୋଇ ଯାଆନ୍ତି । ସାଗରିକା ସମରେନ୍ଦ୍ରକୁ କଥା ହେବା ଭିତରେ କହେ ଏ ତମେ ଆଗ ଚାକିରି କଲେ ମୋତେ  ଭୁଲି ଯିବନି ତ ? ସମରେନ୍ଦ୍ର କହେ ଆରେ ନାଇଁ ବାବା ନାଇଁ ମୁଁ ଏବେ ସ୍ୱାର୍ଥପର ନୁହେଁ ! ତମେ ନିଜ କଥା କୁହ ! ନାରୀ ଜାତିକୁ ସଭିଏଁ କହନ୍ତି ବିଶ୍ୱାସ ନାହିଁ! ସାଗରିକା ମଧ୍ୟ ନିଜକୁ କେବେ ଛୋଟ କରିବନି ଦୃଢ଼ ଭାବରେ ଉତ୍ତର ଦିଏ । ସମରେନ୍ଦ୍ର ମଧ୍ୟ ନିଜ ପରିବାର ଲୋକଙ୍କୁ ଏସବୁ ଘଟଣା କହି ସାରିଥିଲା । ଦୁଇ ପରିବାରର ସହମତି ଏକ ପ୍ରକାର ଚୁଡାନ୍ତ ହୋଇ ସାରିଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଏମିତି କିଛିଦିନ ଗଲା ପରେ ସମରେନ୍ଦ୍ର ଭାରତୀୟ ସେନା ବାହିନୀରେ ଚାକିରି କରିବା ପାଇଁ ଯେଉଁ ପରୀକ୍ଷା ଦେଇଥିଲା ସେଥିରେ ସେ କୃତକାର୍ଯ୍ୟ ହୋଇ ଥିବାର ଚିଠି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆସି ଘରେ ପହଞ୍ଚି ଯାଇଛି । ଏ ଖବର ଖୁବ୍ ଶୀଘ୍ର ଦୁଇ ପରିବାର ମଧ୍ୟରେ ଏବଂ ଗାଁରେ ଖେଳି ଯାଇଥିଲା । ସାଗରିକାର ଆଉ ସମରେନ୍ଦ୍ର ଉଭୟଙ୍କର ସେହି ଗୋଟିଏ କଥା ଏ ମୋତେ ତମେ ଭୁଲି ଯିବନି ତ ! ହାତରେ ୨୦ଦିନ ସମୟ ଅଛି ଚାକିରିରେ ନିୟୋଜିତ ହେବାକୁ । ଉଭୟଙ୍କ ବୟସ ମଧ୍ୟ ହୋଇ ଯାଇଛି । ଦୁଇ ପରିବାର ମଧ୍ୟରେ ଆଲୋଚନା କରି ୪/୫ ଦିନ ଭିତରେ ବିବାହ ଦିନ ଧାର୍ଯ୍ୟ କରି ଦୁହିଁଙ୍କୁ ପବିତ୍ର ବନ୍ଧନରେ ବାନ୍ଧି ଦେଲେ ପରିବାର ଲୋକେ । ଦୁହିଁଙ୍କର ଖୁସି କହିଲେ ନ ସରେ !

ଜଣେ ପରିବାର ସହିତ ନିଜ ଜୀବନ ସାଥୀକୁ ଛାଡ଼ି ନିଜ କାର୍ଯ୍ୟ କ୍ଷେତ୍ରକୁ ସୈନିକ ଭାବରେ ଯିବ ଆଉ ଜଣେ ନିଜ ସ୍ୱାମୀ ଓ ବାପା ମାଆ ଭାଇଭଉଣୀଙ୍କୁ ଛାଡ଼ି ନୂଆ ବିବାହ କରି ସ୍ୱାମୀର ଫେରିବା ବାଟକୁ ଚାହିଁ ପଡିରହିବ ଶ୍ୱଶୁର ଘରେ ! ଏଇତ ଜୀବନ ! ଅଳପ ଦିନର ଗଳପ..... ଉଭୟଙ୍କ ଗୋଟିଏ ପ୍ରଶ୍ନ "ଏ ମୋତେ ଭୁଲି ଯିବନି ତ ?........

ସମରେନ୍ଦ୍ର ଘରକୁ ଆସିବାର ଏକ ସପ୍ତାହ ବାକି ଅଛି ! ପରିବାର ସହିତ ସାଗରିକାର ଖୁସି କହିଲେ ନସରେ ! ହଠାତ ଖବର ଆସି ପହଞ୍ଚିଲା କି ସମର ବାହିନୀର ସମର ଶିକ୍ଷା ଚାଲିଥିବା ସମୟରେ ଭୁଲ୍ ବଶତଃ ସମରେନ୍ଦ୍ରର ଛାତିରେ ଗୁଳି ବାଜି ଯିବାରୁ ତା'ର ପ୍ରାଣହାନୀ ଘଟିଛି !

ଓଃ କି ଦୁଃଖଦ ଏ ଖବର....

ସାଗରିକାର ସେହି ଗୋଟିଏ ଘୋଷା କ୍ରନ୍ଦନର

ରୋଳ ଏ ତମେ ମୋତେ ଭୁଲି ଯିବନି ତ......

ଦେବେନ୍ଦ୍ର ନାୟକ

ମିଟୁଆଣୀ,ଠାକୁରମୁଣ୍ଡା,ମୟୂରଭଞ୍ଜ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଲୁହର ମାନଚିତ୍ର

ସଞ୍ଜୀବ କୁମାର ଦାସ



ସୁକାନ୍ତିଙ୍କୁ ଆଜି ତର ନାହିଁ । ତାଙ୍କ ପାଦ ଲାଗୁନାହିଁ ତଳେ । ସିଦ୍ଧାର୍ଥ ସମର୍ଥକୁ ସାଙ୍ଗରେ ନେଇ ଆସୁଛି ବହୁଦିନ ପରେ । ବଡ଼କୁ ସୁକାନ୍ତି ମାନୁ ଏବଂ ସମର୍ଥକୁ ସାନୁ ବୋଲି ଡାକନ୍ତି । ଆର୍ମି ହେଡ୍‌କ୍ୱାର୍ଟରରୁ ଛୁଟି ମଞ୍ଜୁରୀ କରେଇ ଦୁଇଭାଇ ଘରକୁ ଆସୁଛନ୍ତି । ସ୍ଥଳସେନାରେ କମିସନଡ଼ ଅଫିସର ଭାବରେ ନିଯୁକ୍ତି ପାଇବା ପରେ ସିଦ୍ଧାର୍ଥ ଲଦାଖରେ ନିଯୁକ୍ତି ପାଇଲା । ସମର୍ଥର ପୋଷ୍ଟିଙ୍ଗ ଦେଶର ଉତ୍ତର-ପୂର୍ବ ଅଂଚଳରେ ହେଲା । ସୁରକ୍ଷା ଦୃଷ୍ଟିରୁ ଏହି ଦୁଇଟି ଜାଗାରେ ନିଯୁକ୍ତି ପାଇଥିବା ସେନାର ସବୁ ଅଧିକାରୀ ତଥା ସୈନିକମାନଙ୍କ ଦାୟିତ୍ୱ ଢେର ଅଧିକ । ଦେଖୁ ଦେଖୁ ସେନାରେ ଯୋଗ ଦେବାର ସେମାନଙ୍କ ଚାରି ବର୍ଷ ପୂରି ଗଲାଣି । ଯେଉଁ ଉଦ୍ଦେଶ୍ୟ ନେଇ ସେମାନଙ୍କ ବାପା ସେନାରେ ଯୋଗ ଦେବାକୁ ଉତ୍ସାହିତ କରିଥିଲେ, ତାହା ସଫଳ ହୋଇଛି ବୋଲି ଦୁଇ ଭାଇ ବିବେଚନା କରନ୍ତି । ଶୃଙ୍ଖଳିତ ଜୀବନ ଯାପନ ସହିତ ରାଷ୍ଟ୍ରର ସର୍ବୋଚ୍ଚ ସେବା ପାଇଁ ମିଳିଥିବା ଏହି ସୁଯୋଗଟି ସେମାନଙ୍କ ଆଶା ଓ ଆକାଂକ୍ଷାକୁ ପୂର୍ଣ୍ଣ ରୂପେ ଚରିତାର୍ଥ କରିପାରିଛି । ଦକ୍ଷତା ଏବଂ ସମର୍ପଣ ମନୋଭାବ ଯୋଗୁଁ ବାଟାଲିୟନରେ ସେ ଦୁହିଁଙ୍କର ବେଶ ସୁନାମ ।

ଭଗବତ କୃପାରୁ ପିଲା ଦୁଇ ଜଣଙ୍କୁ ବଡ କରି ମଣିଷ କରି ପାରିଥିବାରୁ ସୁକାନ୍ତି ଓ ତାଙ୍କ ସ୍ୱାମୀ ଜୀବନ ଈଶ୍ୱରଙ୍କ ପାଖରେ ସବୁବେଳେ ଋଣୀ । ଏବେ ସେମାନେ ନିଜ ଗୋଡ଼ରେ ଠିଆ ହେବା ପରେ ତାଙ୍କ ଘର ସଂସାର ବସେଇ ଦେଲେ ସେ ଦୁହେଁ ଟିକିଏ ନିଶ୍ଚିନ୍ତ ହୋଇଯିବେ । ଏହି କଥା ଭାବି ବଡ଼ ପୁଅର ବାହାଘର କରି ଦେବାକୁ ସୁକାନ୍ତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନକଥା ଖୋଲିକରି କହିଥିଲେ । ଜୀବନ କହିଲେ ଜଣକର କାହିଁକି, ଦୁଇ ଜଣଙ୍କ ବାହାଘର ଏକ ସଂଗେ କରିଦେବା । ଭଲ ପାତ୍ରୀ ଦୁଇଟି ସେ ବାଛି ସାରିଥିଲେ । ସୁକାନ୍ତି ହଁ ଭରିଲେ । ବାପାମା'ଙ୍କ କଥା ପୁଅ ଦୁଇ ଜଣ ଏଡେଇ ଦେବେ ନାହିଁ ଏ ଭରସା ଜୀବନଙ୍କର ଥିଲା । ତଦନୁସାରେ ସେମାନେ ସାନୁ ମାନୁଙ୍କୁ ଜଣାଇଥଲେ । ଜୀବନ ନିଶ୍ଚିତ ଥିଲେ ତାଙ୍କ ପୁଅ ଦୁଇ ଜଣ ସେ ଦେଇଥିବା ସଂସ୍କାରକୁ କଦାପି ଅଣଦେଖା କରିବେ ନାହିଁ ।

ଜୀବନଙ୍କ ଅବସର ନେବା ଏହା ଭିତରେ ବର୍ଷଟିଏ ପୂରି ଗଲାଣି । ବୟସର ଆଧିକ୍ୟ ହେତୁ ମଝିରେ ମଝିରେ ଦେହ ଟିକିଏ ଅକଳିଆ ଲାଗୁଚି । ଶିକ୍ଷକତା ଭିତରେ ସେ କେବେ ବି ସାମାଜିକ ଦାୟିତ୍ୱବଦ୍ଧତା ସହିତ ସାଲିସ କରି ନାହାନ୍ତି । ସେଥିପାଇଁ ସେ ଲୋକଙ୍କ ସ୍ନେହ ଓ ଆଦର ଖୁବ ସାଉଣ୍ଟିଛନ୍ତି । ପ୍ରଶଂସାର ଲମ୍ବା ଫର୍ଦ ସେ ସବୁର ଜୀବନ୍ତ ସାକ୍ଷୀ । ସେହି ଦୃଷ୍ଟିରୁ ତାଙ୍କ ପୁଅ ଦୁଇ ଜଣଙ୍କ ପାଇଁ କିଛି କର୍ତ୍ତବ୍ୟ ରହିଛି ସେମାନଙ୍କର - ବାପା ହିସାବରେ ତାଙ୍କର ଆଉ ଗେହ୍ଲି ମା' ରୂପେ ସୁକାନ୍ତିଙ୍କର । ଫଗୁଣରେ ଲଗ୍ନ ଦେଖି ବାହାଘର କରିବାକୁ ସୁକାନ୍ତି ଓ ଜୀବନ ଏକ ପ୍ରକାର ନିଷ୍ପତ୍ତି ନେଇଗଲେ । ଭାବି ସମୁଦୀ ଦୁଇଜଣ ପିଲାମାନଙ୍କୁ ଡକାଇ କଥାବାର୍ତ୍ତା କରିବାକୁ ଚାହୁଁଥିଲେ ଏବଂ ଯଥାଶୀଘ୍ର ବାହାଘର କରିଦେବାକୁ ପ୍ରସ୍ତାବ ରଖିଥିଲେ । ଜୀବନ ସେହି ଅନୁସାରେ ଯେତେ ଜଲ୍‌ଦି ହେବ ଦୁହିଁଙ୍କୁ ଆସିବାକୁ ଖବର ଦେଲେ । ସୀମାନ୍ତରେ ଅଶାନ୍ତି ଲାଗି ରହିଥିବାରୁ ରିଜିଓନାଲ କମାଣ୍ଡାଣ୍ଟ ଛୁଟି ମଂଜୁର ନକରି ତାଙ୍କୁ ହେଡ଼ କ୍ୱାର୍ଟର ଯିବାକୁ ପରାମର୍ଶ ଦେଲେ । ଦିଲ୍ଲୀରେ ପହଂଚି ସେମାନେ ତାଙ୍କ ବିଭାଗୀୟ ମୁଖ୍ୟଙ୍କୁ ଭେଟି ବାପାଙ୍କ ଚିଠି ଦେଖାଇଲେ ସାନୁ ମାନୁ ଦୁଇ ଜଣଙ୍କର ଅମଳିନ ରେକର୍ଡ ଏବଂ ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ହେଡ଼ କ୍ୱାର୍ଟର ତାଙ୍କୁ ଦୁଇସପ୍ତାହ ଛୁଟି ମଂଜୁର କଲେ ।

ବାପା ଜୀବନାନନ୍ଦ ଚୌଧୁରୀ ଶିକ୍ଷକତା ଭିତରେ ସ୍କୁଲ ପିଲାମାନଙ୍କୁ ଦେଶପ୍ରେମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଷୟରେ କେତେ ଯେ ଉପଦେଶ ଦେଇ ସେମାନଙ୍କୁ ଦେଶ ସେବା ନିମନ୍ତେ ସୈନ୍ୟ ବାହିନୀରେ ଯୋଗ ଦେବାକୁ ପ୍ରବର୍ତ୍ତାଇଛନ୍ତି ତାହା ଆଖପାଖର ଗାଁ ଲୋକ ଜାଣିଛନ୍ତି । ତାଙ୍କ କଥାକୁ ସମ୍ମାନ ଦେଇ ଅନେକ ଛାତ୍ର ତାଙ୍କର ଆଜି ଦିନରେ ସେନା ବାହିନୀର ଭିନ୍ନ ଭିନ୍ନ ପଦରେ ଅଧିଷ୍ଠିତ । ସେଥିପାଇଁ ଜୀବନ ବାବୁ ନିଜକୁ ଖୁବ ଗର୍ବିତ ମନେ କରନ୍ତି ଏବଂ ଖୁସି ହୁଅନ୍ତି ଯେ ତାଙ୍କ ଅଂଚଳର ପିଲାମାନେ ମାତୃଭୂମିର ସେବା ପାଇଁ ନିଜ ନିଜକୁ ଉତ୍ସର୍ଗିତ କରି ପାରିଛନ୍ତି । ସେ ଦେଖିଛନ୍ତି ତାଙ୍କ ସାଇ ପଡିଶା ,ବନ୍ଧୁ ବାନ୍ଧବ ଏବଂ ସେ ଚାକିରୀ କରିଥିବା ଜିଲ୍ଲାର ପ୍ରାୟ ଅଧିକାଂଶ ଅଂଚଳର ସବୁ ବାପା ମା ପିଲାମାନଙ୍କୁ ଡାକ୍ତର,ଇଂଜିନିୟର କିମ୍ବା ବଡ଼ ଅଫିସର କରିବାକୁ କେଡେ ବ୍ୟସ୍ତ ଏବଂ ସେଥିପାଇଁ ମନ ,ଧନ ଏବଂ ପ୍ରାଣ ସବୁ କିଛି ବାଜି ଲଗେଇ ଦେଇଛନ୍ତି । ଅଖିଆ ଅପିଆ ପିଲା ଗୁଡାକ ସକାଳ ଠୁଁ ସଞ୍ଜ ଯାଏ ଟିଉସନରୁ ମୁକ୍ତି ନପାଇ କେମିତି ପାଠ ପଢ଼ାରେ ନେସି ହୋଇଯାଇ ଘାଣ୍ଟି ଚକଟି ହେଉଛନ୍ତି । ସେମାନଙ୍କ ପାଇଁ ଦିନ ରାତି ସବୁ ସମାନ ଯେମିତି । ପିତାମାତା ହୁଅନ୍ତୁ କି ଗାର୍ଜନ,ସମସ୍ତଙ୍କ ଗୋଟିଏ ଲକ୍ଷ୍ୟ ପିଲାଟି ତାଙ୍କର ଯେମିତି ହେଉ ପରୀକ୍ଷାରେ ଭଲ ରେଙ୍କଟିଏ ରଖି ନାଁ କରା ଶିକ୍ଷ୍ୟାନୁଷ୍ଠାନରେ ଦାଖିଲ ହେଇଯାଉ । ସେଇଠୁ ବାହାରି ସେ ଭଲ ଚାକିରିଟିଏ ପାଇଯିବ । ସେ ଜାଣନ୍ତି ଅନେକ ଅଭିଭାବକଙ୍କ ସ୍ୱପ୍ନ ସାର୍ଥକ ହୋଇଥିବ । ହେଲେ ପଢା ନିଶାରେ ଏବଂ କୋଚିଂ କ୍ଲାସ ସଂସ୍କୃତିରେ ଛନ୍ଦି ହୋଇ କେତେ କେତେ ମେଧାବୀ ଛାତ୍ର ଛାତ୍ରୀ କୃତକାର୍ଯ୍ୟ ନ ହୋଇ ପାରି ଶେଷରେ ଆତ୍ମହତ୍ୟା ପରି କାପୁରୁଷତାକୁ ଆପଣେଇଛନ୍ତି । ତେଣୁ ସେ ଚାହିଁଥିଲେ ଚିରାଚରିତ ଚାକିରୀ ପଛରେ ନ ଧାଇଁ ତାଙ୍କ ଦୁଇ ପୁଅ ସେନାରେ ଯୋଗ ଦେଇ ପରିବାର,ଗାଁ ଆଉ ରାଜ୍ୟର ନାଁ ରଖନ୍ତୁ । ସୁକାନ୍ତି ଏଥିରେ ବାଧା ଦେଇ ନ ଥିଲେ ଯଦିଓ ସେ ଚାହିଁଥିଲେ ତାଙ୍କ ପିଲା ଦୁଇଟି ଅନ୍ୟ ମାନଙ୍କ ଭଳି ସରକାରୀ କିମ୍ବା ଭଲ କମ୍ପାନୀରେ ଚାକିରୀ କରନ୍ତୁ ।

ସାନୁ ମାନୁ ଦିହେଁ ଯାଆଁଳା ହୋଇ ସୁକାନ୍ତି କୋଳକୁ ଆସିଥିଲେ । ଏମାନେ



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁକାନ୍ତିଙ୍କ ପେଟରେ ରହିବା ଦିନଠୁଁ ସେ ଲାଗ ଲାଗ ନାହିଁ ନ ଥିବା ବେମାରୀକୁ ସାମନା କଲେ । ଗୋଟେ ସମୟରେ ସେ ଭାବିଲେ ମାତୃତ୍ୱର ପ୍ରଥମ ସ୍ପର୍ଶ ପାଇବାରୁ ସେ ଏକାବେଳେ ବଂଚିତ ହୋଇଯିବା ସାର ହେବ ଯାହା । ତାଙ୍କ ବୟସର ବୋହୂମାନେ ଗୋଟିଏ ବା ଯୋଡିଏ ପିଲାର ମା ହୋଇଥିବାର ସୌଭାଗ୍ୟ ବି ତାଙ୍କ ଭାଗ୍ୟରେ ଜୁଟିବ ନାହିଁ । ଆଶା କମ ଏବଂ ଆଶଙ୍କା ତାଙ୍କ ପାଇଁ ଅଧିକ ଜଣା ଗଲା । ସେହି ସମୟରେ ତାଙ୍କ ସ୍ୱାମୀ ଜୀବନ ଏବଂ ଶାଶୁ ତିଳୋତ୍ତମା ତାଙ୍କୁ ଧୈର୍ଯ୍ୟ ଧରିବାକୁ କହୁଥାନ୍ତି । ଆଜନ୍ମ ରୋଗିଣି ସୁକାନ୍ତି ପ୍ରଥମରୁ ଏଇ ପରିବାର ଚଳାଇବା ଭିତରେ ପାଉଥିବା ଆନନ୍ଦ ଭିତରେ ନିଜ ଦେହ ପ୍ରତି ଧ୍ୟାନ ଦେଉ ନ ଥିଲେ ମଧ୍ୟ ଛୋଟିଆ ପରିବାର ଭିତରେ ସ୍ନେହ ମମତାର ଡୋରି ମହୌଷଧି ଭଳି ଲାଗୁଥିଲା ତାଙ୍କୁ । ତାହାରି ଭିତରେ ସେ ଯେମିତି ସମ୍ପୂର୍ଣ୍ଣ ଉପଶମ ଲାଭ କରୁଥିଲେ । ମାତ୍ର ଏବେ ନିଜେ ଏବଂ ଗର୍ଭସ୍ଥ ପିଲାଟି ପାଇଁ ତାଙ୍କୁ ତ ପୁଷ୍ଟିକର ଖାଦ୍ୟ ସହିତ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ନିୟମିତ ଔଷଧ ଖାଇବାକୁ ହେବ । ସେସବୁକୁ ଅଣଦେଖା କରିବାର ଯୁ ତାଙ୍କ ପାଖରେ ନଥିଲା ପରିବାରର ସଦସ୍ୟଙ୍କ ନିୟମିତ ତଦାରଖ ଆଗରେ ।

ଅଭିଜ୍ଞ ଡାକ୍ତରଙ୍କ ତତ୍ତ୍ୱାବଧାନ ଏବଂ ଶାଶୁମା'ଙ୍କ ଭୋଳେନାଥଙ୍କ ପାଖରେ ଶୁଭ ମନାସ ବଳରେ ସ୍ୱାଭାବିକ ଭାବେ ତାଙ୍କ କୋଳକୁ ଆସିଥିଲେ ଯମଜ ପୁତ୍ର ସାନୁ ଆଉ ମାନୁ । ପରିବାରରେ ଖୁସିର ସୀମା ନ ଥିଲା ସେଦିନ ଯେବେ ସୁକାନ୍ତି ନିଜେ ହସି ହସି ଡାକ୍ତରଖାନାରୁ ଘରକୁ ଫେରିଥିଲେ ଯାଂଳା ଦୁହିଁଙ୍କୁ ନେଇ । ମାତୃତ୍ୱ ଲାଭ କରିବାର ଦ୍ୱନ୍ଦ୍ୱ ଜନିତ ଆଶଙ୍କାର ଅବସାନ ସେଦିନ ହୋଇଥିଲା ଆଉ ଆଶାର ସୌଧରେ ଯେମିତି ଲାଗି ଯାଇଥିଲା ସଶକ୍ତ ଦୁଇଟି ଖମ୍ବ । ଡାକ୍ତରଖାନାରୁ ବିଦାୟ ନେବାବେଳେ ଡାକ୍ତରଙ୍କ କଡା ନିର୍ଦ୍ଦେଶ ଥିଲା କୌଣସି ପ୍ରକାର ଅବହେଳା ତାଙ୍କ ସ୍ୱାସ୍ଥ୍ୟ ପାଇଁ ଘାତକ ହୋଇପାରେ । ଦୁଇ ଦୁଇଟି ପିଲାଙ୍କ ଯତ୍ନ ଭଗ୍ନ ସ୍ୱାସ୍ଥ୍ୟ ଅନ୍ତରାୟ ସୃଷ୍ଟି କରିପାରେ । ସୁକାନ୍ତି ସେହିଦିନୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଜ ଭିତରେ ଆବିଷ୍କାର କରିଥିଲେ ସର୍ବଗୁଣସମ୍ପନ୍ନା ମା' ଟିଏ ହେବା ପାଇଁ ତାଙ୍କୁ ପ୍ରସ୍ତୁତ ହେବାକୁ ପଡିବ । ସେବେଠୁଁ ସେ ତାଙ୍କ ପଣରେ ଅଡ଼ି ରହିଛନ୍ତି । ଖୁବ ଯତ୍ନ ନେଇଛନ୍ତି ତାଙ୍କ ସ୍ୱାସ୍ଥ୍ୟ ସହିତ ପିଲାଙ୍କ ନିତିଦିନିଆ ଦେଖାରଖା ।

ଘରେ ସାନୁ ମାନୁ ପହଂଚି ସରିଲା ପରେ ସେ ଦୁଇ ଜଣଙ୍କୁ କୋଳେଇ ନେଇ ଖୁବ କାନ୍ଦିପକେଇଲେ ସୁକାନ୍ତି । ପିଲା ଦୁଇଟି ତାଙ୍କୁ ଛାଡି କେଉଁଠି କେମିତି ରହୁଛନ୍ତି ସେ ବିଷୟରେ ତାଙ୍କର କିଛି ବି ଧାରଣା ନ ଥିଲା । ସୀମାନ୍ତରେ ନିଯୁକ୍ତି ମିଳିଥିବାରୁ ଦୁଇ ଭାଇ ସୁକାନ୍ତିଙ୍କୁ ସେମାନଙ୍କ ଅପରେସନ ଏରିଆର ଯାଗାଗୁଡିକର ମାନଚିତ୍ର ଥରେ ଅଧେ ଦେଖେଇଥିଲେ । ଛୋଟ ବେଳର ଦୁଇ ପୁଅଙ୍କୁ ଗେଲ କଲାପରି ଆଜି ବି ମୁଣ୍ଡରୁ ତଳିପା ଯାଏ ସେ ଥର ଥର କରି କୁଣ୍ଢାଇ ପକାଉଥାନ୍ତି ସାନୁ ଓ ମାନୁଙ୍କୁ । ଶାଶୁ ତିଲୋତ୍ତମା ଏବଂ ସ୍ୱାମୀ ଏକ ନୟନରେ ଚାହିଁ ରହିଛନ୍ତି ସୁକାନ୍ତିଙ୍କୁ । ସେମାନେ ମା'ଟିର ଆଖିରୁ ଝରି ପଡୁଥିବା ଅବାରିତ ଲୋତକଧାରାରେ ବିଘ୍ନ ସାଜିବାକୁ ଚାହିଁଲେନି । ତିଲୋତ୍ତମାଙ୍କ ଆଖି ସାମନାରେ ଜୀବନାନନ୍ଦଙ୍କ ପିଲାଦିନ ଗୋଟି ଗୋଟି ଦେଖା ହୋଇଗଲା । ଗୋଟିଏ ବୋଲି ପୁଅ ଏକୋଇର ବଳା ବିଶିକେଶନର ଯତ୍ନ ନେବାରେ ସେ କେବେ ବି ଅବହେଳା କରି ନାହାନ୍ତି । ଆଜି ସୁକାନ୍ତି ତାଙ୍କ ନାତି ଦୁହିଁଙ୍କୁ ମା'ର ପଣତରେ ଗୋଡେଇ ପକାଇଲାବେଳେ ସେ ଅନୁଭବ କରୁଥିଲେ ଜନ୍ମଦାତ୍ରୀ ଜନନୀର ସ୍ନେହ ପରଶ ମାତୃଭୂମିର ରକ୍ଷା ନିମନ୍ତେ ବୀର ସୈନିକମାନଙ୍କୁ ଯେଉଁ ଭାବେ ଉତ୍ସର୍ଗୀକୃତ ହେବାକୁ ପ୍ରେରଣା ଦେଇଥାଏ,ତାହା କୌଣସି ମିଲିଟାରୀ ଟ୍ରେନିଂ ଠୁଁ କମ ନୁହେଁ ।

ଦିନ ବାର ଧାର୍ଯ୍ୟ ହୋଇଯାଇଥିବାରୁ ଲଗ୍ନ ମୁତାବକ ଦୁଇ ପୁଅଙ୍କ ବାହାଘର ପରମ୍ପରା ଅନୁଯାୟୀ ନିରାଡ଼ମ୍ବର ଶେଷ ହେଲା । ସୁକାନ୍ତି ଓ ଜୀବନାନନ୍ଦ ପୁଅ ମାନଙ୍କ ପାଇଁ କୁଳୀନ ପାତ୍ରୀ ଦୁଇଟି ବାଛିଥିଲେ । ଗୁଣ ,ଶିକ୍ଷା ଦୀକ୍ଷା ଓ ସୌନ୍ଦର୍ଯ୍ୟରେ ବୋହୂମାନେ ଚୌଧୁରୀ ପରିବାର ପାଇଁ ଖୁବ ଉପଯୁକ୍ତ ବୋଲି ସମସ୍ତେ ବିବେଚନା କଲେ । ଏପରି ଏକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାମାଜିକ ସ୍ୱୀକୃତି ଜୀବନାନନ୍ଦଙ୍କୁ ବେଶ ଅମୋଦିତ କରିଥିଲା ଏବଂ ସେ ଢେର ଆତ୍ମତୃପ୍ତି ଲାଭ କରିଥିଲେ ।ବିବାହ ପର୍ବର ସବୁ କାର୍ଯ୍ୟକ୍ରମ ଶେଷ ହେବାପରେ ପିଲାଏ କର୍ମକ୍ଷେତ୍ରକୁ ଯିବାପାଇଁ ପ୍ରସ୍ତୁତ ହେଲେ । ଛୁଟି ଅବଧିର ସମାପ୍ତି ସଂଗେ ସଂଗେ ବାଟାଲିୟନରେ ଯୋଗଦେବାକୁ ହେବ ଆଦେଶ ଅନୁଯାୟୀ । ଅତି ବିଶେଷ କିଛି ପରିସ୍ଥିତି ନ ଉପୁଜିଲେ ଅନ୍ୟ ସେବା ଭଳି ଛୁଟିର ମିଆଦ ବଢାଇବାକୁ ଭାରତୀୟ ସେନା ମଞ୍ଜୁରୀ ପ୍ରଦାନ କରେ ନାହିଁ । ଦେଖୁ ଦେଖୁ ଦୁଇ ସପ୍ତାହ ଏହାଏ ଭିତରେ କେମିତି ଚାଲିଗଲା କେହି ଜାଣି ପାରିଲେ ନାହିଁ । ଝିଅ ଝିଆଣି ,ବନ୍ଧୁ ବାନ୍ଧବ ,ସାଙ୍ଗ ସାଥିଙ୍କ ଘୋଳ ମେଳ ଏବଂ ବାହାଘର ପରି ଉତ୍ସବର କୋଳାହଳମୟ ପରିବେଶ ଭିତରେ ସମସ୍ତେ ଯେମିତି ଏକାକାର ହୋଇଯାଇଥିଲେ । ଏହାରି ଭିତରେ ସାନୁ ମାନୁଙ୍କ ମନଜାଣି ଖାଇବା ପିଇବା ବି ସୁକାନ୍ତି କରି ପାରି ନ ଥିଲେ ।କେବଳ ଘରେ ପହଂଚିବାର ଦିନେ ଦୁଇ ଦିନ ପିଲା ଦି 'ଟାଙ୍କର କଥା ଯାହା ଯେମିତି ବୁଝିଥିଲେ । ତିଳୋତ୍ତମା ମଧ୍ୟ ନାତି ଦୁଇ ଜଣଙ୍କୁ ଠିକ ଭାବେ ଜେଜେମା ସୁଲଭ ସ୍ନେହ ଟିକକ ଦେବାକୁ ସୁଯୋଗ ପାଇ ନ ଥିଲେ ।

ଘରେ ଏକ ସଂଗେ ଦୁଇ ନବବଧୂଙ୍କ ପଦାର୍ପଣ ଚୌଧୁରୀ ପରିବାର ଭିତରେ ଅପୂର୍ବ ଉଲ୍ଲାସ ଓ ଉନ୍ମାଦନା ଖେଳେଇ ଦେଇଥିଲା । ସତେ ଯେମିତି ବଧୂ ବେଶରେ ଲକ୍ଷ୍ମୀଙ୍କ ଆଗମନ ହୋଇଥିଲା ସେଇଠି । ସୁକାନ୍ତି ତାଙ୍କ ଦୁଇ ପିଲାଙ୍କ କଥା ବୋହୂମାନଙ୍କୁ ଚୁମକେ ଚୁମକେ କହି ଦେଇଥିଲେ । ସେମାନଙ୍କ ସ୍ୱଭାବ ଏବଂ ଭଲ ମନ୍ଦର ଲମ୍ବା ବିବରଣୀ ଦେବାର ପ୍ରୟୋଜନ ନ ଥିଲା କାରଣ ଖୋଦ ଜୀବନାନନ୍ଦ ତାଙ୍କ ସମୁଦି ଓ ସମୁଦୁଣୀଙ୍କୁ ବିବାହ ପ୍ରସ୍ତାବ ସମୟର କଥାବାର୍ତ୍ତା ବେଳେ ସାନୁ ମାନୁଙ୍କ ପାଠ ପଢା ଠୁଁ ଆରମ୍ଭ କରି ସେନାରେ ଯୋଗ ଦେବା ପର୍ଯ୍ୟନ୍ତ ଅ - କ୍ଷ ଅବଗତ କରାଇ ଦେଇଥିଲେ । ଶିକ୍ଷିତା ବୋହୂ ଦୁହିଁଙ୍କର ଭାବୀ ସ୍ୱାମୀ ମାନଙ୍କ ବିଷୟରେ କୌଣସି ପ୍ରକାର ଦ୍ୱନ୍ଦ୍ୱ ଦୂର କରିବା ଉଦ୍ଦେଶ୍ୟରେ ହିଁ ସବୁ କଥା ଖୋଲି କରି କହି ଦେଇଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେନାରେ କାର୍ଯ୍ୟରତ ଅଧିକାରୀଙ୍କ ଆଗରେ ଦେଶ ସୁରକ୍ଷାର ଆହ୍ୱାନ ବିଶେଷ ଗୁରୁତ୍ୱ ରଖେ ଏବଂ ଏହାକୁ ସେମାନେ ଯେ କୌଣସି ପରିସ୍ଥିତିରେ ଗ୍ରହଣ କରିବାକୁ ପ୍ରସ୍ତୁତ ଥାଆନ୍ତି । ମାତୃଭୂମିର ସେବା ପାଇଁ ନିଜ ଜୀବନ ଉତ୍ସର୍ଗ କରିବାକୁ ତିଳେ ମାତ୍ର ପଛଘୁଞ୍ଚା ଦିଅନ୍ତି ନାହିଁ । ସେହି ଅନୁସାରେ ବୋହୂମାନେ ମଧ୍ୟ ମାନସିକ ସ୍ତରରେ ନିଜକୁ ସଜାଡି ନେଇଥିଲେ । ସାଂସାରିକ ଜୀବନର ଅଯ୍ୟମାରମ୍ଭରେ ଚୌଧୁରୀ ପରିବାରର ଅଲିଖିତ ଆଦର୍ଶନାମାର ପ୍ରତି ପୃଷ୍ଠାକୁ ଥରେ ପଢିବା ପାଇଁ ଅଭ୍ୟାସ କଲେ ।

ଆଜି ନାହିଁତ କାଲି ବୋହୂମାନେ ପିଲାଙ୍କ ସହିତ ସେମାନଙ୍କ କର୍ମକ୍ଷେତ୍ରକୁ ଚାଲିଯିବେ । ପୁଣି ଥରେ ଘର ଖାଲି ଖାଲି ହୋଇଯିବ,ସେ ପ୍ରକାର ଅଭାବନୀୟ ଦୁଃଖଟି ସୁକାନ୍ତିଙ୍କୁ ଅତିଶୟ ବିଚଳିତ କରୁଥିଲା । ପୂର୍ବ ଭଳି ସେ,ଜୀବନ ଓ ଅତି ସ୍ନେହମୟୀ ଶାଶୁମା'ଙ୍କର ଏଡ଼େ ବଡ଼ ଖଞ୍ଜା ଭିତରେ ପଞ୍ଜୁରୀରେ ପଡି ରହିବା ସାର ହେବ । ହେଲେ ପିଲାଙ୍କ ଖୁସିରେ ନିଜକୁ ସାମିଲ କରେଇ ନେଇ ଏକାକୀବୋଧର ଯନ୍ତ୍ରଣା ଟିକକ ଯେତେ ଘାଣ୍ଟିଲେ ବି ସେ ସେଥିପ୍ରତି ଭୃକ୍ଷେପ କଲେ ନାହିଁ । ବୋହୁ ଦୁଇଜଣ ଅନ୍ତତଃ କିଛିଦିନ ଘରେ ରହିଗଲେ ସେ ନିଜକୁ ଅଭ୍ୟସ୍ତ କରେଇ ନେବେ ପରିସ୍ଥିତି ସହିତ । ଏ ବିଷୟରେ ସେ ସାନୁ ମାନୁଙ୍କ ସହିତ ବି କଥା ହୋଇଥିଲେ ଏବଂ ପୁଣି ଛୁଟି ରେ ଘରକୁ ଆସିଲେ ବୋହୁ ମାନଙ୍କୁ ସାଙ୍ଗରେ ନେଇଯିବେ ବୋଲି ଜୀବନ ଓ ଶାଶୁଙ୍କ ସାମନାରେ କଥା ରଖିଥିଲେ । ସୁକାନ୍ତିଙ୍କ କଥାରେ ହିଁ ସମସ୍ତେ ହଁ ଭରିଥିଲେ ।

*****

ଛୁଟିରୁ ଫେରି ସାନୁ ମାନୁ କାର୍ଯ୍ୟରେ ଯୋଗ ଦେଲେ ନିଜ ନିଜ କ୍ୟାମ୍ପରେ । ଘରେ ଆତ୍ମୀୟ ସ୍ୱଜନଙ୍କ କଥା ଖୁବ ମନେ ପଡୁଥାଏ ଦୁହିଁଙ୍କର । ପଡ଼ିବା ସ୍ୱାଭାବିକ ଦୁଇ ନବ ବିବାହିତ ଯୁବକଙ୍କର । ଘରୁ ବାହାରିବା ସମୟରେ ଦୁଇ ନବାଗତା ବଧୂଙ୍କର ପାଦରୁ ନା ଶୁଖିଥିଲା ଅଳତା ନା ହାତରୁ ମେହେନ୍ଦି । ଜୀବନ ଯୌବନର କାହିଁ କେତେ କଥା ନିଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭିତରେ ବାଣ୍ଟିବାର ସୀମିତ ମୁହୂର୍ତ୍ତ ଗୁଡିକ ସେମାନଙ୍କ ଆଖି ଆଗରେ ଆସି ଯାଉଥିଲେ । ସପନ ରାଇଜର ସାଇତା କଥା ପରସ୍ପରଙ୍କୁ ଶୁଣାଇବାର ଅବକାଶ ନ ଥିଲା ସେମାନଙ୍କର ନିର୍ଦ୍ଧାରିତ ସମୟ ସାରଣୀ ଭିତରେ । କର୍ତ୍ତବ୍ୟ ଆଗରେ ସେ ସବୁକୁ ଦୁହେଁ ବନ୍ଦୀ କରି ରଖି ଦେଇଥିଲେ ମନର ଗୋଟିଏ ଆବଦ୍ଧ କୋଠରୀରେ । ମାତ୍ର ବାପା ମାଆଙ୍କର ଭରସାକୁ ତୁଟେଇ ନ ଦେବାର ପଣ ସେମାନଙ୍କ ପ୍ରତିବଦ୍ଧତାକୁ ଦୃଢ଼ କରି ଚାଲିଥିଲା । ଅନ୍ୟ ପଟେ ଦେଶ ସେବାର ବୃହତ୍ତର ଅଙ୍ଗୀକାରବଦ୍ଧତା ଦୁଇ ଭାଇଙ୍କର ସାଂସାରିକ ଜୀବନ ଏବଂ ବ୍ୟକ୍ତିଗତ ଆଦର୍ଶର ଆବେଗକୁ ସବୁବେଳେ ପଛକୁ ଟାଣି ରଖୁଥିଲା । ଏଥିରେ ସେମାନେ କେବେବି ବିଚଳିତ ହୋଇ ନ ଥିଲେ । ସମର୍ପିତ ଜୀବନ ଧାରାର ଏକ ଏବଂ କେବଳ ଏକମାତ୍ର ଲକ୍ଷ୍ୟ ଦେଶର ଅଖଣ୍ଡତା ରକ୍ଷା ସେମାନଙ୍କୁ ଶୃଙ୍ଖଳିତ ସେନା କରିବାର ବଡ ଭୂମିକା ନିର୍ବାହ କରିଥିଲା ।

ସୀମା ସୁରକ୍ଷାର ଗୁରୁ ଦାୟିତ୍ୱ ଦୁଇ ଭାଇଙ୍କ ଠାରେ ନ୍ୟସ୍ଥ ଥିଲା । ଘରୁ ଫେରି ସେମାନେ ପୁଣି ଥରେ ଲାଗି ପଡିଲେ ଯବାନ ମାନଙ୍କୁ ଟ୍ରେନିଂ ଦେବାପାଇଁ । ଭବିଷ୍ୟତ କାର୍ଯ୍ୟପନ୍ଥା ପାଇଁ ଯୋଜନା ପ୍ରସ୍ତୁତ ହୋଇଗଲା ହେଡ଼କ୍ୱାର୍ଟର ନିର୍ଦ୍ଦେଶରେ ।

ଉତ୍ତର-ପୂର୍ବାଂଚଳରେ  ମାହୋଲ ଲଦାଖ ଅପେକ୍ଷା ସାମାନ୍ୟ ଭଲ ଥିଲା ଯଦିଓ ସୁରକ୍ଷା ସ୍ଥିତି ଉପରେ କେନ୍ଦ୍ର ସରକାର ସବୁବେଳେ ତୀକ୍ଷ୍ଣ ନଜର ରଖୁଥିଲେ । ସରକାରଙ୍କ ଦୃଢ଼ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଆତଙ୍କବାଦୀଙ୍କ ଦୌରାତ୍ମ୍ୟ ଉପରେ ଭାରତୀୟ ସେନା ବେଶ ନିୟନ୍ତ୍ରଣ ରଖି ପାରିଥିଲେ । କିନ୍ତୁ ସେପଟେ ଲଦାଖ ସ୍ଥିତି ଥିଲା ଭିନ୍ନ । ସିଦ୍ଧାର୍ଥ ୨୦୨୦ ମସିହାରେ ସେନାରେ ଯୋଗ ଦେବା ସମୟରେ ସୀମା ସୁରକ୍ଷାରେ ଅନେକ ସୁଧାର ହୋଇପାରିଥିଲା ପ୍ରତିରକ୍ଷା ବିଭାଗର ଆବଶ୍ୟକ ପଦକ୍ଷେପ ଯୋଗୁଁ । କିନ୍ତୁ ପୂର୍ବ ବର୍ଷ ବିଭିନ୍ନ ସମୟରେ  ସେଠାରେ ୧୫୩ଟି ଆତଙ୍କବାଦୀ ଆକ୍ରମଣ ଏବଂ ୧୦୨ ଟି ଏନକାଉଣ୍ଟର ଭିତରେ ୪୪ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିବାବେଳେ ୧୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜଣ ଆତଙ୍କବାଦୀଙ୍କୁ ନିପାତ କରି ସେନା ଅସୀମ ସାହସିକତାର ପରିଚୟ ଦେଇଥିଲା । ମାତ୍ର, ଆତଙ୍କର ସେହି ଘନଘଟା ଭିତରେ ଭାରତୀୟ ସେନାର ୮୦ ଜଣ ବୀର ସୈନିକ ସହିଦ ହୋଇଯାଇଥିଲେ ।

ସେନାରେ ଯୋଗ ଦେବାପରେ ଏ ସଂକ୍ରାନ୍ତରେ ସିଦ୍ଧାର୍ଥ ବାପାଙ୍କ ସହିତ କଥା ହୋଇଥିଲା। ସୁକାନ୍ତି ଜୀବନଙ୍କ ଠାରୁ ଏ କଥା ଶୁଣି ପ୍ରଥମେ ଡରି ଯାଇଥିଲେ। ତାଙ୍କ ମନରେ କେମିତି ଏକ ଅହେତୁକ ଆଶଙ୍କା ଉଦ୍ରେକ ହେଲା। ଆଗକୁ ଯେ ବଡ ଆତଙ୍କବାଦି ହାମଲା ହେବ ନାହିଁ ସେ କଥା କିଏ କହି ପାରିବ ! ସେ ଶୁଣିଥିଲେ ସିଦ୍ଧାର୍ଥ ଯେତେବେଳେ ସୀମା ପାର ଆତଙ୍କକୁ ପ୍ରତିରୋଧ କରିବା ପାଇଁ ଯୋଜନା କରେ ସେତେବେଳେ ସେ ଲଦାଖ ସହିତ ସମ୍ପୂର୍ଣ୍ଣ  ଜାମ୍ମୁ କାଶ୍ମୀରର ଟିକି ନିଖି ଜାଗାର ଅବସ୍ଥିତିକୁ ମନ ଭିତରେ ଆଙ୍କି ନେଇଥାଏ। ସେଇଟା କହିବାକୁ ଗଲେ ତା ସୁରକ୍ଷା ଯୋଜନାର ବଡ଼ ମାନଚିତ୍ରଟିଏ।

ସୁକାନ୍ତି କିନ୍ତୁ କଳି ପାରନ୍ତି ନାହିଁ ସିଦ୍ଧାର୍ଥ ଆଙ୍କିଥିବା ଦେଶ ସୁରକ୍ଷା ପାଇଁ ଉପଯୋଗୀ ମାନଚିତ୍ରର ବାସ୍ତବ ରୂପରେଖ।

୨୦୧୯ ପ୍ରାଣଘାତୀ ଆକ୍ରମଣ ସମଗ୍ର ଦେଶକୁ ସ୍ତମ୍ଭିଭୂତ କରି ପକଥିଲା।

ହେଲେ ସେନାର ମନୋବଳ ପୂର୍ବଭଳି ଦୃଢ଼ ରହିଥିଲା । ୨୦୨୩ ଶେଷ ଆଡକୁ ସିଦ୍ଧାର୍ଥ ନିଜ କ୍ୟାମ୍ପର ସହାୟକ ସେନା ମୁଖ୍ୟ ଭାବେ ଅବସ୍ଥାପିତ ହୋଇସାରିଥିଲା । ପର ବର୍ଷ ଆରମ୍ଭରେ ଏକ ଶୀତୁଆ ରାତିରେ ସୀମାପାର ଧୂର୍ଦ୍ଧର୍ଷ ଆତଙ୍କ ଗୋଷ୍ଠୀକୁ ସାମନା କରିବାର ଦାୟିତ୍ୱ ତା ଉପରେ ପଡିଲା । ବିଭିନ୍ନ ପାହ୍ୟାର ବାର ଜଣ ସୈନିକଙ୍କୁ ନେଇ ସେ ବାହାରି ପଡିଲା କର୍ତ୍ତବ୍ୟ ପଥରେ । ନିୟତିର ନିର୍ଦ୍ଦେଶ କିଛି ଅଲଗା ଥିଲା ।

ଆତଙ୍କୀଙ୍କ ପଛୁଆ ଆକ୍ରମଣରେ ଶିକାର ହୋଇଗଲା ତା ଟୋଲୀ । ଅଧାରୁ ଅଧିକ ଯବାନ ସହିଦ ହୋଇଗଲେ ଆଖି ପିଛୁଳାକେ । ତା ପୂର୍ବରୁ ସେମାନେ ଡର୍ଜନରୁ ଅଧିକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆତଙ୍କବାଦୀଙ୍କ ମୃତ୍ୟୁର କାରଣ ବନି ଯାଇଥିଲେ । ଧୈର୍ଯ୍ୟର ସହ ସିଦ୍ଧାର୍ଥକୁ ଆଗକୁ ବଢିବାକୁ ହେଲା । ଆଖି ସାମନାରେ ସାଥି ଯବାନଙ୍କ ବୀର ଗତିକୁ ପ୍ରାପ୍ତି ହେବାର ଦୃଶ୍ୟ ତା ଶିରାପ୍ରଶିରାରେ ଆଣିଦେଲା ଉନ୍ମାଦନା ଏବଂ ବାହୁରେ ସିଂହର ବଳ । ମନରେ ଅଦମ୍ୟ ସାହସ ଏବଂ ଆଖିରେ ଦେଶପ୍ରେମର ବହ୍ନି ଆଗରେ ଆତଙ୍କୀ ଆକ୍ରମଣ କୁ ପ୍ରତିହତ କରିବାର ଦୁର୍ବାର ଆଶା ଅଙ୍କୁରିତ ହୋଇଥିଲା ସିଦ୍ଧାର୍ଥର । ବିଳମ୍ବ ନ କରି ସେ ଟୋଲୀ ର ବାକି ସଦସ୍ୟଙ୍କୁ ନେଇ ଆତଙ୍କିଙ୍କ ଶିବିରରେ ପ୍ରତ୍ୟାକ୍ରମଣ କଲା।  ପ୍ରାରମ୍ଭିକ ସଫଳତା ହେତୁ ସିଦ୍ଧାର୍ଥ ପ୍ରତିପକ୍ଷର ଆଗଧାଡିର ଅନେକ ସୈନ୍ୟଙ୍କୁ ମୃତ୍ୟୁ ଘାଟରେ ପହୁଞ୍ଚାଇ ଦେଲା। ହେଲେ ଆତଙ୍କି ଶିବିରର ଶକ୍ତିଶାଳୀ ଗ୍ରେନେଡ  ମାଡ଼ରେ ସିଦ୍ଧାର୍ଥ ସବୁଦିନ ପାଇଁ ଆଖି ବୁଝି ଦେଇ ସହିଦ ହୋଇଗଲା।

ଦେଶ ସେବାର ଏହି  ବଳିଦାନ ଇତିହାସ ପୃଷ୍ଠାର ଏକ ବଳିଷ୍ଠ ସ୍ୱାକ୍ଷର ହୋଇ ରହିଲା ଉଭୟ ଦେଶ ଓ ସିଦ୍ଧାର୍ଥର ପରିବାର ପାଇଁ । ଜୀବନାନନ୍ଦ ସହଜରେ ଗ୍ରହଣ କରି ନେଇଥିଲେ ଏହି ବିପତ୍ତିକୁ । ଗର୍ବ ଅନୁଭବ କରୁଥିଲେ  ସେ ସିଦ୍ଧାର୍ଥ ପାଇଁ । ସେ ପଢ଼ାଇଥିବା ଦେଶାତ୍ମବୋଧ ଅଧ୍ୟାୟ ତାଙ୍କ ପୁଅ ଠିକ୍ ବୁଝି ପାରିଛି ବୋଲି ତାଙ୍କର ହୃଦବୋଧ ହେଲା।  * ସ୍ୱାମୀଙ୍କୁ ଚିରଦିନ ହରାଇ  ଜୀବନଙ୍କ ବଡ଼ବୋହୂ ଅତ୍ୟନ୍ତ ମର୍ମାହତ ହୋଇଥିଲା । ତାକୁ ସାନ୍ତ୍ୱନା ଦେବାପାଇଁ ପରିବାରବର୍ଗଙ୍କ ପାଖରେ ବି ଭାଷା ନ ଥିଲା । ସମୟକ୍ରମେ ସେ ମନରେ ପୁଞ୍ଜିଭୂତ  ଗ୍ଲାନିକୁ ଯଥାଯଥ ଊଣା କରିବାକୁ ସତତ ପ୍ରୟାସ କଲା ଏବଂ ନିଜକୁ ସଜାଡି ନେଲା । ଜୀବନଙ୍କ ଆଦର୍ଶରେ ଅନୁପ୍ରାଣିତ ଶିକ୍ଷିତା ବଡ଼ବୋହୂ ଦେଶସେବାରେ ନିଜକୁ ଉତ୍ସର୍ଗୀକୃତ କରିବାପାଇଁ ମନ କଥା ଶ୍ୱଶୁରଙ୍କୁ କହିଲା । ଜୀବନାନନ୍ଦଙ୍କ ଖୁସିର ସୀମା ରହିଲା ନାହିଁ । ସେ ଜାଣିଥିଲେ ମହିଳାମାନଙ୍କୁ ସେନାରେ ଯୋଗଦେବାପାଇଁ ସୁଯୋଗ ରହିଛି । ସମର୍ଥ ସହିତ ପରାମର୍ଶ କରି ବଡ ବୋହୂକୁ ସେନା ଶିକ୍ଷା କୋରରେ ଭର୍ତ୍ତି କରିବାକୁ ପ୍ରସ୍ତାବ ଦେଲେ । ଯୋଗ୍ୟତା ପରୀକ୍ଷା ଆଧାରରେ ବଡ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୋହୂର ନିଯୁକ୍ତି ମିଳିଲା । ସୁକାନ୍ତିଙ୍କ ବାରଣ ସତ୍ତ୍ୱେ ସ୍ୱାମୀଙ୍କ ଚିନ୍ତାଧାରାରେ ନିଜକୁ ସାମିଲ କରି ବୋହୁ ତାଙ୍କର ଦେଶ ସେବାର ମହାନ ମନ୍ତ୍ରଟିକୁ ସାକାର କରିବାକୁ ଚାହିଁଲା । ସମର୍ଥ ବଡ଼ ଭାଇର ପଦାଙ୍କ ଅନୁସରଣ କରି ଦେଶ ପାଇଁ ନିଶ୍ଚୟ ଗୌରବ ଆଣିବ, ଏ ବିଶ୍ୱାସ ତାଙ୍କର ଥିଲା । ଏବେ ବୋହୂ ତାଙ୍କର ଆଗକୁ ଆଉ ପାଦେ ଯାଇ ଦେଶାତ୍ମବୋଧର ଗୋଟିଏ ଅଧ୍ୟାୟ ଯୋଡ଼ିଦେଲା । ହେଲେ ଅଲିଅଳି ମା ସୁକାନ୍ତିଙ୍କ ଆଖିରୁ ଝରି ପଡୁଥିବା ଲୁହ ମାନୁର ସୁରକ୍ଷା ମାନଚିତ୍ରକୁ ଆର୍ଦ୍ର କରି ପାରି ନ ଥିଲା ।

( ଲେଖକ ଓ ସ୍ତମ୍ଭକାର)

ସଞ୍ଜୀବ କୁମାର ଦାସ

ମର୍କତ ନଗର

କଟକ - ୭୫୩୦୧୪

ଦୂର ଭାଷ :୬୩୭୧୬୧୯୦୦୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୁଁ ଅବଳା ବୃଦ୍ଧା ନାରୀଟିଏ

ଦେବାର୍ଚ୍ଚନ ମେହେର



ଏକ ବର୍ଷ ତଳର କଥା ହଠାତ୍ ଏମିତି ଏକ ଦୁର୍ଘଟଣା ଘଟିଲା ଯାହା ଭାବିଲା ବେଳକୁ ଦେହ ଶୀତେଇ ଯାଉଛି । ମୁଁ ଅବଳା ବୃଦ୍ଧା ନାରୀଟିଏ ବୋଲି ମୋର ସାହା ଭରଷା କେହି ନାହିଁ । ମୋ ଘରରେ କେହି ନଥିଲେ । ମୁଁ ଏକୁଟିଆ ଥିବା ସମୟରେ ଦୁଇ ଜଣ ଅସଭ୍ୟ ଯୁବକ ଆସି ମୋତେ ଅଭଦ୍ର ଭାଷାରେ ଗାଳି ଗୁଲଜ କରିବା ସହ ମୋ ମୁହଁକୁ, ଛାତିକୁ, ମୁଣ୍ଡକୁ ମୁଠି ମାରି ରକ୍ତାକ୍ତ କରିଦେଲେ ଏବଂ ମୁଁ ଭୂମି ଉପରେ ପଡ଼ିଯିବା ପରେ ମୋ ଶରୀରକୁ ଲାତରେ ମାରୁଥିଲେ । ମୋତେ ମାରୁଥିବାର ଦେଖି ମୋର ଭାଣଜୀ ଏବଂ ଝିଆରୀ ସେଇ ଦୁଇ ଅସଭ୍ୟ ଲୋକଙ୍କୁ ସେଇଠୁ ତଡ଼ି ମୋତେ ଘର ଭିତରକୁ ନେଇ ଆସିଲେ । ସେଇ ସମୟରେ ମୋ ଘରେ କେହି ନଥିଲେ । ଯେଉଁ ସମୟରେ ମୋର ପୁଅ ଓ ନାତି ଘରକୁ ଆସି ଦେଖିଲେ ଯେ ମୁଁ ରକ୍ତାକ୍ତ ଅବସ୍ଥାରେ ଅଛି । ଏହା ଦେଖି ସେ ଦୁହେଁ କାନ୍ଦିଲେ ଓ ମାଆ ତୁମର ଏମିତି ଅବସ୍ଥା କିଏ କରିଲା ବୋଲି ପ୍ରଶ୍ନ କଲେ । ମୋ କଥା ଶୁଣିବା ପରେ ସଙ୍ଗେ ସଙ୍ଗେ ପୋଲିସକୁ ଫୋନ କରିଲେ କିନ୍ତୁ ପୋଲିସ ନ ଆସିବା ଯୋଗୁଁ ମୋ ପୁଅ ତା ସାଙ୍ଗଙ୍କୁ ଡ଼ାକି ମୋତେ ଥାନାକୁ ନେଇକି ଆସିଲେ । ପୋଲିସ ବାବୁ ଥାନାରେ କାର୍ଯ୍ୟ ପ୍ରକ୍ରିୟା ଆରମ୍ଭ କରିଲେ ।

ମୋ ସହ ଏଇ ଅତ୍ୟାଚାର ଘଟୁଥିବାର ମୋ ସାହିର ସମସ୍ତ ଲୋକମାନେ ଦେଖୁଥିଲେ । କିନ୍ତୁ କଣ ପାଇଁ ସେହି ବୃଦ୍ଧା ସ୍ତ୍ରୀ ଲୋକଙ୍କୁ ପିଟୁଛନ୍ତି ବୋଲି କେହି ମଧ୍ୟ ଆବାଜ୍ ବାହାର କରିଲେ ନାହିଁ । ଭକୁଆଙ୍କ ପରି ଦେଖୁଥିଲେ । କୌଣସି ଲୋକଙ୍କ ପାଟିରୁ ଆହା ଶବ୍ଦଟେ ବାହାରୁ ନଥିଲା । ସମସ୍ତ ବ୍ୟକ୍ତିଙ୍କ ମନର ଭାବନା ଥିଲା ଯେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆପେ ବଞ୍ଚିଲେ ବାପାର ନାଆଁ । ଯିଏ ଯାହା ହେଉଛି ହେଉ ଆମର ବା କଣ ଯାଏ ଆସେ ।

ଏ ସମାଜର ଲୋକମାନେ ବହୁତ ସ୍ୱାର୍ଥପର ହୋଇଗଲେଣି । ନ୍ୟାୟ ଅନ୍ୟାୟରେ ମଧ୍ୟ ଆବାଜ୍ ଉଠେଇବା ଭୁଲି ଗଲେଣି । ସାହି ପଡିଶାର ଲୋକମାନେ ସାହାଯ୍ୟ କରିବା ତ ଦୂରର କଥା କଣ ହେଲା ବୋଲି ଟିକେ ପଚାରିଲେ ନାହିଁ । ନିଜ ଲୋକମାନେ ତ ତାଙ୍କଠୁ ବେଶି ଅଣଦେଖା କରିଛନ୍ତି । ଏ ହେଉଛି ସ୍ୱାର୍ଥପର ଦୁନିଆଁର ମଣିଷମାନେ । ମୋତେ ରକ୍ତାକ୍ତ କରି ପିଟିବା ସହ ମୋ ପୁଅକୁ ମିଛ କେସ୍ ରେ ଫସେଇ ଦେଇଛନ୍ତି । କିନ୍ତୁ କାହାରିକୁ କିଛି ଫରକ୍ ପଡେନି । ଏହା ମୋର ପୁଅ ନାଁ ! ତାହାରି ଭବିଷ୍ୟତ ନଷ୍ଟ ହୋଇଗଲା । ଅନ୍ୟର କଣ ଯାଏ ବା ଆସେ । ଏ ସବୁ ଘଟଣା ଘଟୁଥିବାର ଧର୍ମ ଦେବତା ମଧ୍ୟ ଦେଖୁଥିଲେ । କିନ୍ତୁ ଭଗବାନ୍ କାହିଁକି ମୋତେ ଏ ବୃଦ୍ଧା ସମୟରେ ଏତେ ଦଣ୍ଡ ଦେଲେ । ମୁଁ କିଛି ବୁଝିପାରେ ନାହିଁ ।

ସବୁ ତ ତୁମରି ବିଚାର ପ୍ରଭୁ । ମୋର ବା ଏଠି କଣ ଅଛି ? ସବୁ କରିବା ଲୋକ ତୁମେ, ମାରିବା ଲୋକ ବି ତୁମେ । ମୁଁ ଅନ୍ୟ କାହାକୁ ବା କଣ କହିବି । ମୁଁ ଅବଳା ବୃଦ୍ଧା ନାରୀଟିଏ ଯାହା ତୁମରି ଇଚ୍ଛା ପ୍ରଭୁ । ଯାହା ତୁମରି ଇଚ୍ଛା ପ୍ରଭୁ ।

ଦେବାର୍ଚ୍ଚନ ମେହେର

ବାପୁଜୀନଗର

ଜିଲ୍ଲା - ବୌଦ୍ଧ

ମୋ - ୭୮୯୪୩୪୩୫୫୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମହାଲକ୍ଷ୍ମୀକଁର୍ ସାହେଜକାରୀ

ସତ୍ୟ ନାରାୟଣ ମିଶ୍ର



ମା ପଦ୍ମଲୟା ବିଷ୍ଣୁ ପାଟରାନୀ ଗୁରୁବାର ଦିନେ ବଡ ଦେଉଲୁବାହାରି କରି ପରା ବୁଲି ଗଲେ ଆରୁ ଗାଆଁ ମୁଡ଼ଶାର୍ ଘଷେନ୍ ଶ୍ରୀୟା ଘରେ ପୂଜା ଘେନଲେ ବୋଲି ଜାନି ପାରଲେ ତାଙ୍କର୍ ଦେଢଶୁର୍ ବଲିଆ ।

ରିଷେ ତମତମ ହେଇ ଭାଇ କଲାକାହ୍ନୁକେ ବଲିଆ କହେଲେ ତୋର ମାଏଝି ଘସିଏନ୍ ଘରେ ପୂଜା ପାଇ କରି ବିଟାଲେନ୍ ହେଇ ଜେଇଛେ ବୋ । ଯେତେ ଜଲଦି ତାକେ ତୁଇ ଛାଡ଼ ପତର୍ ଦେଇଦେ । ବଡ଼ ଦେଉଲର୍ ଭିତରକେ ସମାବୁ ନାଇଁ ଆସଲେ । କାଲିଆ ଯେତେ ବୁଝାଲେ ଭିଲ୍ ବଲିଆ ମାନବା କେ ନାରାଜ୍ । ତ, ହତାସିଆ ହେଇ କରି ଲକ୍ଷ୍ମୀକେ ଘରୁ ଖେଦବାର୍ କେ ପଡଲା । ପଦ୍ମଲୟା ରିଷେ ସାଏପ ଦେଇକରି କହିଥିଲେ ତମେ ଦୁଇଭାଇ ମତେ ବିନା ଦୁସେ ଘସେନ୍ ବୋଲି ଘରୁ ଖେଦୁଛ, ବାର ବରଷ ଯାକେ ତମକୁ ଅରନ୍ ନାଇଁ ମିଲେ, ଭିଖାରି ଲକ୍ଷ୍ମୀ ଛଡା ହେଇଯିବ ତମେ । ଯେଭେ ମୁଇଁ ଭାତ ରାନ୍ଧିକରି ପର୍ସି ଦେମି ତେଭେ ଯାଇ ଖାଏବ । ତ ଲକ୍ଷ୍ମୀର୍ ଅଭିଶାପ ପଡିଚେ ଆରୁ ଦୁହି ଭାଇ ଅରନ୍ ନାଇଁ ପାଇ ବାର ବଛର ଯାକେ । ଲକ୍ଷ୍ମୀର୍ ହାତ ରନ୍ଧା ଭାତ ଖୁଏଇ କରି ବଲିଆ ର୍ ଗରବ୍ କେ ଭାଙ୍ଗିଥିଲେ ଜଗନ୍ନାଥ । ସବୁ ଲୀଳା ସେ ଏକା କରେଇଛନ୍ । ଲକ୍ଷ୍ମୀଙ୍କର୍ ଇ ନିରାଶିରି ସମିଆଁ ଥି ଜେନମାନେ ତାହକୁଁ ସାହେଜ କରଛନ୍ ସେ ବିଷେ କେ ଇନ ଧ୍ୟାନ ଦେମା । କାଲିଆ ର୍ ନୁ ଖେଦା ଖାଇ କରି ଲକ୍ଷ୍ମୀ ପହେଲା ତାକର୍ ବାପା ବରୁନ୍ କଁ ର୍ ଏରିଆ ସମୁଦର୍ ଖଣି ପାହା ଥାପିଛନ୍ । ସୁମରନା କରିଛନ୍ ବିଶ୍ୱକର୍ମା କେ, ଯେ କି ମା ର୍ ଲାଗି ସେନ ବନେଇଦେଲେ ବଢେ ଟେ ମହଲ୍ । ନିଦ୍ରା ଦେବୀ ଭିଲ ଲକ୍ଷ୍ମୀ କେ ସାହେଜ କରବାକେ ଯାଇ କରି କଲା ଗୁରା ଦୁଇ



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାଇ କେ କାଲ୍ ଝୁମୁରା ଥି ଅଚେତ କଲେ ବୋଲି ଅଷ୍ଟ ବେତାଲ୍ ବଡ଼ ଦେଉଲ୍ ନୁ ସବୁ ଦରବ ବୁହି ଆନିଛନ୍ । ଦେବୀ ସରସତି ସବୁ ଲୋକ ର୍ କଣ୍ଠେ ବିଜେ କଲେ ବୋଲି ଦୁହି ଭାଇ କାଲିଆ ବଲିଆ କେ କିହେ ଭିଲ ଖାଇବା କେ ଅରନ୍ ମୁଠେ ନାଇଁ ଦେଲେ । ବଡା ଦିନ ଭୁକେ ସୁଷେ ଗୁଲଗୁଲା ହେଇ ଯୁଗୀ କେ ଭେଟିଥିଲେ ଦୁଇଭାଇ । ଲିଆ ଦୁଇ ଉଞ୍ଜୁଲା ପାଏଲେ ଖାଏବାର ଲାଗି । ହେଲେ, ପବନଦେବ୍ ଜୋର ସେ ଧୂକି ଦେଲା ବୋଲି ଉଡ଼ିଗଲା ସବୁ ଲିଆ । ଖୁଜି ନୁରି କରି ଦୁହେଁ ଲକ୍ଷ୍ମୀ ର୍ ମହଲ ଆଡେ ଚାଲଲେ ବେଲେ ସୁରୁଜ୍ ଦେବ ଭି ପରଖର୍ ତେଜ ଥି ବାଟ ର୍ ବାଲି ତତେଇ ଦେଇଛନ୍ । ଛଟପଟ ହେଇ ଦୁହେଁ ଯେତେବେଲେ ଲକ୍ଷ୍ମୀ ମହଲ ଥି ପହଁଚି କରି ଭିକ ମାଗିଛନ୍ ଦାସୀ ର୍ ଜରିଆରେ ଜାନଲେ ଯେ ସେଟା ଘସିଏନ୍ ଘର । ନିଜେ ରାନ୍ଧି କରି ଖାଏବାକେ ଚଉଲ ଡାଏଲ୍ ପାଇଛନ ସେନୁ । ହେଲେ, ମା କେ, ଅଗ୍ନି ଦେବ ର୍ ସାହେଜ ଲାଗି ଚୁଲ୍‌ହା ମୁଟେ ଜଲି ନାଇଁ । ବଲିଆ ହାଣ୍ଡି କେ ରିଷେ ପିଟି ଦେଇଛନ୍ ଆରୁ ଜା ଏ ତ୍ ପଛେ ଯାଉ ଆଜି ଇ ଘରେ ଖାଉଁ, ନହେଲେ ମରିଯିମି ବୋଲି କାଲିଆ କେ କହିଛନ୍ । ଶେଷେ ଲଖିମି ର୍ ହାତୁ ଦୁଇଭାଇ ଅରନ୍ ଖାଇ କରି ନିଜର ଭୁଲ ମାନିଛନ୍ । ବଲିଆ ର୍ ଗରବ୍ ଖରବ୍ ହେଇଛେ । ଲକ୍ଷ୍ମୀକେ ନେଇ କରି ଜଗନ୍ନାଥ ବଡ଼ ଦେଉଲ୍ କେ ଯାଇଛନ୍ ।ଲକ୍ଷ୍ମୀ ପୁରାନ୍ ଥି ଇ ସବୁ ବିଷେ ଅଛେ,ଲକ୍ଷ୍ମୀ ମା କେ ସାହେଜ କରିଛନ୍ ବରୁନ, ବିଶ୍ୱକର୍ମା, ନିଦ୍ରାବତୀ, ସରସ୍ୱତୀ, ଅଷ୍ଟବେତାଲ, ପବନ, ସୁରୁଜ, ଅଗ୍ନି । ସମାଜକେ ନାରୀ ସନମାନ୍, ଜାତିଭେଦ ପ୍ରଥା ବିରୋଧ, ପରିଷ୍କାର, ସାଫ ସୁତୁରା ଚଲନ୍, ଗୃହସ୍ଥର୍ ଧରମ୍ କରମ୍ ନିୟମ, ଯୁଗାବା ନାଇଁ ଯୁଗାବା ର୍ ଟିପ୍ସ । ନାରୀ ଧରମ୍, ଆରୁ ସନାତନ ଧର୍ମ ସୁରକ୍ଷା ସମାଜ ସଂସ୍କାର, ଇ ପ୍ରକାର ଆରୁ କେତେ କେତେ ଶିକ୍ଷା ଦେଇ ପାରିଛେ ବଲରାମ ଦାସଙ୍କର୍ ଲକ୍ଷ୍ମୀ ପୁରାନ୍ ବହି । ଓଡ଼ିଆ ପରମ୍ପରା ଥି ଲକ୍ଷ୍ମୀ ପୂଜା ମାଧ୍ୟମନେ ବହୁତ ଟେ ଶିକ୍ଷା ଦେସି ମଗସିର ଗୁରୁବାରର୍ ଲକ୍ଷ୍ମୀ ପୁରାନ୍ ପାଠ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଲାଁଚ୍ ମହରା

ସନ୍ତୋଷ କୁମାର ଅଦାବର



ସାର୍ଦୁଲ୍ ବାବୁ ବଢ୍ଏ ଲାଁଚ୍ ଖାଉ । ବାବୁକଁର୍ ଇ କାର୍‌ନାମା ଲାଗି ତାହାକୁଁ ଧୁରିଆକେ ବଦ୍‌ଲି ହେଇଗଲା । ନୁଆଁ ଜାଗା, ନୁଆଁ ଲୋକ୍, ନୁଆଁ ପାଏନ୍ ପବନ୍ ! କାଣା କାଣା ଭାଏଲ୍ ହେଇଯିବା ବଲି ବାବୁଁ ଦିନାହୁ ଉପୁରିଆ କମାନି ବଏନ୍ଦ୍ କରିଦେଲେ । ସେନର୍ ଲୁକେ ବାବୁକୁ ବଢିଆଁ ଅଫିସର୍ ବାବୁ ଝନେ ବଲି ସନ୍‌ମାନ୍ ଦେଲେ । ଲୁକେ କୁହାକୁହି ହେଲେ ଯେ ଝନେ ଅଏନ୍ ବାବୁଟେ ଆଇଛନ୍ । ସବ୍‌କର୍ କଥା ବୁଝି ପାରୁଛନ୍ । ସବୁ ଅଫିସିଆ କାମ୍ ନୁକୋକିରି ହେଉଛେ । ଆଘ୍‌ରୁ ଯେନ୍ ଲାଁଚ୍‌ଖାଉ ଅଫିସର୍‌ମାନେ ଆମର୍ ଇନେ ଥିଲେ,ତାଁକର୍ ଏନ୍ତା ଇ ବାବୁ ଝନ୍‌କ ନୁହେ ଆଏ ବଲି ସଭେ କୁହାକୁହି ହେଲେ ଆରୁ ବାବୁକୁଁ ନିଜର୍ କରିନେଲେ । ଲୁକକଁର୍ ଇ ସେନ୍‌ହୋ ସଁସେ ଆରୁ ଭଲ୍‌ପାଏବାର୍‌ଟା ବାବୁକଁର୍ ମନ୍‌କେ ଘିନିନେଲା । ଲାଁଚର୍ ଲୋଭ୍ ଠାନୁ ଲୋକ୍‌କର୍ ଭଲ୍ ପାଏବାର୍‌ଟା ବାବୁକୁ ଗୁଟେ ଦୁସୁରା ଦୁନିଆଁକେ ନେଇଗଲା । ଆଘର୍ ବାଗିର୍ ବାବୁକଁର୍ ଉପୁରିଆ କମାନିକେ ମନ୍ ନାଇଁ ଡାକ୍‌ଲା । ରାତିନେ ଅଚିନ୍ତା ଝୁମୁରା ଲାଗ୍‌ଲା । ଦରମା ଟଁକାରେ ସେ ଠାଟ୍ ସେ ବଁଚିଲେ, କୁଟୁମ୍ ଚଲାଲେ । ମନ୍ ଭିତ୍‌ରୁ ଲୋଭ୍ ଅହଁକାର୍ କୋର୍ କପଟ୍ ପର୍ଛା ମେଟିଗଲା । ଦିନେ ଫୁର୍‌ସତ୍ ସମିଆଁନେ ବାବୁ ମନେ ମନେ ଭାବୁ ଥାଆନ୍ ସଥେ, ଇ ଲାଁଚ୍ ଗୁଟେ ମହରା ଆଏ । ନିଜର୍ ହଁକ୍ କମାନି ଥି ବଁଚିବାର୍ ସୁଖ୍ ଠାନୁ ବଡ୍ ଦରବ୍ ଆରୁ କିଛୁ ନାଇଁ ନ ଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଁସାରେ । ଝନେ ହଁକ୍‌ରେ ଅଦ୍‌ଲେ କମାନିକରି ଭିଲ୍ ସୁଖେ ରହୁଛେ । ଟେପେ ପେଟ୍ ଆରୁ ଗୁଟେ ଦିହିଁ ଦେଇଛନ୍ ମହାପୁରୁ ତ ମୁଠେ ଅରନ୍, ଖଁଡେ ପିନ୍ଧ୍‌ନା ଆରୁ ରହେବାର୍ ଲାଗି କୁରିଆ ଗୁଟେ ବନ୍‌ଏ ଉପେଥି ପାଏବାର୍ ବାଟ୍ ନିଷ୍ଟେ କଢ଼ାବେ ।

ସନ୍ତୋଷ କୁମାର ଅଦାବର

ସୁବର୍ଣ୍ଣପୁର, ମୋ-୯୭୭୭୯୧୦୭୨୮



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କବିତା ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନାୟିକାର ନାମ ଶ୍ରାବଣୀ

ଶିବନାରାୟଣ ଦାସ



ତୁମେ ମୋର କିଏ ଗୋ ଶ୍ରାବଣୀ
ସେ କଥା ତ ନ ଥିଲି ମୁଁ ଜାଣି,
ଝିପି ଝିପି ବରଷାରେ ଭିଜି
ସମ୍ମୋହିତ ହେଲାପରେ
ଭିଜା ଭିଜା ମାଟିର ସୁଗନ୍ଧେ
ମନେ ହେଲା ତୁମେ ମୋର ପ୍ରିୟତମ
ଆଉ ପୁଣି
ପ୍ରେମାସ୍ପଦ ପରମ ପ୍ରେମିକା,
ଯୁଗାନ୍ତରୁ ଆସୁଅଛ କେତେ ନାମ-ରୂପେ
ଶ୍ରାବଣ ରାତିରେ ସାଜି
ମୋ ଜୀବନ ଏକାନ୍ତ ନାୟିକା ।

କେତେବେଳେ ଆସ ପୁଣି
ନାଚି ନାଚି ତୁମେ ଗୋ ଶ୍ରାବଣୀ
ମୋ ସ୍ୱପନେ
ଚପଳା ଛନ୍ଦରେ,
ରୁଣୁଝୁଣୁ କରି ତୁମ ପାଦର ନୁପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଭିସାରିକାର ବେଶେ
ଆସ ମୋର ତନ୍ମୀତ ଆବେଶେ,
ମୋହାଚ୍ଛନ୍ନ କରି ମୋତେ

ତୁମେ ତୋଳ ରାଗର ଝଙ୍କାର
ଆଲିଙ୍ଗନ କରି ମୋର
ସମଗ୍ର ସତ୍ତାକୁ
ତୁମରି ସୁରିଲା କଣ୍ଠ
ସଂଗୀତ ବେହାଗେ ।

ଶ୍ରାବଣୀ ଗୋ  !
କେତେବେଳେ ମନେହୁଏ ତୁମେ ମୋର
ଏକାନ୍ତ ନିଜର
ଆପଣାର ବଧୂ ନିରୁପମା,
ମୋ ସଂସାର ସୁଖ-ଦୁଃଖ ସହ
ହୋଇ ଏକାକାର
ପାଲଟିଛ ସର୍ବଂସହା
ରୂପର ସୁଷମା ।
ତୁମେ ଯେବେ ସଞ୍ଜବତୀ ଜାଳି
ଆଲୋକିତ କର ମୋ ଅଗଣା,
ଶ୍ରାବଣୀ ଗୋ  !

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲାଗ ମୋତେ ଚିହ୍ନା ଚିହ୍ନା
କେତେ ଜନମର
ଅନନ୍ୟ ମହୀମମୟୀ
ଐଶ୍ୱର୍ଯ୍ୟ-ଗରିମା ।

ହାତ ପରେ ରଖି ହାତ
ତୁମ ସହ ଆସିଲି ମୁଁ ଚାଲି
କେତେ ବାଟ, କେତେ ପଥ -
ଦେଶ - ଦେଶାନ୍ତର,
ସୁଦୂର ଅତୀତ ଡେଇଁ
ସୂର୍ଯ୍ୟୋଦୟ ଠାରୁ ଲମ୍ବି ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ
ତୁମ ସହ ପାରିହେଲି
ଶ୍ରାବଣୀ ଗୋ ମୁହିଁ

ସମୟର ସାଥେ କେତେ
ଯୁଗ-ଯୁଗାନ୍ତର !
ତଥାପି ରହିଛି ଚାହିଁ
ତୁମେ କେବେ ଆସିବ ଗୋ ଫେରି
ଏଇ ଜନମରେ ଅବା
ପୁଣି କେଉଁ ଆଗାମୀ ଦିନରେ
ଅଗ୍ନି-ସ୍ନାତ ତପସ୍ୱିନୀ ହୋଇ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବହ୍ନି-ସ୍ନାନ ପ୍ଲାବନରେ
ପରିଶୁଦ୍ଧ ହେଉଥିବା ଯାଏ
ଜଳୁଥିବି ମୁହିଁ
ଚେତନାର ଚୈତନ୍ୟ ଦ୍ୟୁତିରେ
ଆଉ ପୁଣି ନିର୍ବାପିତ ହେଉଥିବି
ମୋ ଅସ୍ମିତା ବିବରରୁ
ତୁମରି ସେ ଶାଶ୍ୱତ ଜ୍ୟୋତିରେ ।

ଶିବନାରାୟଣ ଦାସ
ପଣ୍ଡିଚେରୀ
Mobile: 9999024656
Email: dasshibanarayan61@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରଣୟ ପ୍ରତୀକ୍ଷା

ସିଦ୍ଧେଶ୍ୱର ତ୍ରିପାଠୀ



ଶିହରିତ ଏଇ ମୋ ତନୁ ମନରେ
କିଏବା ଲଗାଏ ନିଆଁ
ତାଳୁଠୁ ତଳିପା ହୁଏ ଅଣାୟତ
ଖୋଜେ ତୁମ ମିଠା ଛୁଆଁ ।

ତୁମ ଲାଜଭରା ଥରିଲା ଓଠକୁ
ଛୁଇଁବାକୁ ମନ ଚାହେଁ
ଗହନ ରାତିର ବହଳ ଅନ୍ଧାରେ
ଆସ ଆସ ଥରୁଟିଏ ।

ଛାତିର ତାତିକୁ ଛାତିରେ ମାପିବ
ହେବ ନାହିଁ ଅମାନିଆଁ
ଶିହରିତ ଏଇ ମୋ ତନୁ ମନରେ
କିଏବା ଲଗାଏ ନିଆଁ ।

ରାତିର ସାଥିରେ ତାତି ବଢୁଥିବ
ଅଙ୍ଗବାସ ହେବ ଦୂର
ମୋହିନୀ ମାୟାରେ ହୋଇ ବିହ୍ୱଳିତ
ହେବାଗୋ ନିକଟତର ।

ତୁମ ଆଲିଙ୍ଗନେ ଏ ଜୀବନ ବାଟ
ଲାଗୁଥିବ ନୂଆ ନୂଆ
ଶିହରିତ ଏଇ ମୋ ତନୁ ମନରେ
କିଏବା ଲଗାଏ ନିଆଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନାରୀ

ଜୟନ୍ତ ଦାସ



ସୃଷ୍ଟି ରଚନାର ନାରୀର ପ୍ରାଧାନ୍ୟ
ସଦା ସମ ଦେବୀ ତୁଲ୍ୟ,
ନାରୀର ମହତ୍ତ୍ୱ ଅସୀମ ଗାରିମା
ଅଜ୍ଞାନୀ କି ବୁଝିବ ମୂଲ୍ୟ ।(୧)

ଜନ୍ମ ହେବା ପୂର୍ବ କନ୍ୟା ଭ୍ରୁଣ କହି
ଗର୍ଭେ ହୁଏ କେବେ ନଷ୍ଟ,
କନ୍ୟା ଭ୍ରୁଣ ଜାଣି ମାଆ ସହେ ପୁଣି
ନିନ୍ଦା ଅପବାଦର କଷ୍ଟ ।(୨)

କେବେ ମାଆ ସାଜି ଦଶ ମାସେ ଗର୍ଭେ
ଧାରଣ କରେ ସେ ପିଢ଼ି,
ମମତାମୟୀ ସେ ଜନନୀ ରୂପେଣ
ଲଂଘେ ଅଭିଳାଷ ସିଢି ।(୩)

ଅର୍ଦ୍ଧାଙ୍ଗିନୀ ରୂପେ ସ୍ୱାମୀ ସେବା ବ୍ରତ
କରେ କେବେ ନିଜ ଧର୍ମ,
କେବେ ସେ ଖାଏ କେବେ ସେ ପିଏ
ଜଣା ନଥାଏ ତା କର୍ମ ।(୪)

ଭଗିନୀ, ଜାୟା, ଜନନୀ ରୂପରେ
କରେ ସିଏ ଅଭିନୟ,
ଧର୍ଯ୍ୟର ବାହକ ସାହସୀ ନାୟିକା
ସେହି ପରା ସୃଷ୍ଟିମୟ ।(୫)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅବଳା ଦୁର୍ବଳା ନୁହେଁ ସେ ନାରୀ
ନାରୀ ଅଟେ ଶକ୍ତିମୟୀ,
ଅନ୍ନଦାତା ସାଜି କ୍ଷୁଧା ମେଣ୍ଟାଇଛି
ଏନ୍ତୁଡ଼ିଶାଳରେ ଶୋଇ ।(୬)

ଋତୁମତି ସାଜି ଦିଏ କେବେ ସିଏ
ସତୀତ୍ୱର ପରିଚୟ,
ଦୁଇ କୂଳ ହିତା ପାଇଁ ତାର ଜନ୍ମ
ହୁଏନି ତା ପ୍ରେମକ୍ଷୟ ।(୭)

ଦୀପଟିଏ ପରି ନିଜେ ଜଳି ଜଳି
ହସେ ସେ ଲୁହର ହସ,
ସର୍ବଂସହା ସିଏ ଜୀବନ୍ତ ମୂରତି
ସଜାଡି ଘୃଣାର ପ୍ରତ୍ୟୁଷ ।(୮)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୋ ମୁହଁ

ପ୍ରଭାସ କୁମାର ମହାପାତ୍ର



ପ୍ରେମମୟ ଏଇ ସାରା ସଂସାରରେ
ତୋ ପ୍ରେମ ଭାରି ନିଆରା ।
ନଥିଲା କାମନା ବାଶନା ପ୍ରାପ୍ତିର
ତୋ ପ୍ରେମ ସୁନେଲି ଖରା ॥

ପ୍ରତିଶୃତି କେବେ ଦିଆ ନିଆ ଆମ
ହେଇନି ଦୁଇ ମଧ୍ୟରେ ।
ତଥାପି କାହିଁକି ଅତୁଟ ବନ୍ଧନ
ନଥାଇ ସ୍ୱାର୍ଥ ଏଥିରେ ॥

ହଜାରେ ମୁଁହ ତ ଅଛି ଦୁନିଆଁରେ
ତୋ ମୁହଁ କାଇଁ ଦିଶୁଛି ।
ହଜାରେ ଭିଡରେ ଥିଲେ ଯେତେ ଦୁରେ
ଆଖି  ତ ଚିହ୍ନି ଦଉଛି ॥

ଦିହ ଭାବ ପାଶେ ଭିଡତ ଲାଗିଛି
ଦୁନିଆ ପ୍ରେମ ହାଟରେ ।
ଆଜିବି ଅତୁଟ ଅଛି ଆମ ପ୍ରେମ
ବିଦେହ ପ୍ରେମ ରୂପରେ ॥

ମୟୁରଭଞ୍ଜ, ଓଡିଶା
ଦୂରଭାଷ-୯୮୭୧୭୦୮୩୦୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହିଂସା

ଶୁଭଶ୍ରୀ ଶୁଭସ୍ମିତା



ହିଂସା କଣ ?

କଣ କରେ ଯେବେ ଲୋକଟି ହିଂସା କରେ ?

କାମ କଣ ତାର, ଆଡ ଆଖିରେ ଅନାଇବା ?

ୟା ନାରେ ତା ନା ରେ ମିଛ କହିବା ?

ମିଛ କୁ ସତ କହି ନିଜେ ଗର୍ବ କରିବା ? ୧।।

ଏଟା ମୋର ସେଟା ତାର କହିବାକୁ ତା ଜିଭ କେବେ ଥକେନି,

ନା କରିବାକୁ ଥକେ ତା ହାତ,

କହି କହି କେବେ ସେ ଘରର ଠାକୁରକୁ ବି ଅଲଗା କରିବସେ,

ସେ କଥା କୁ ବି ବୁଝେନି ସେ। ୨।।

କାଠିର ଘରଟିଏ, କେତେବା ଜୋର ତାର,

ମାତ୍ର ସେ ଘରେବି ଅଛି ଗୋଟେ ଠାକୁର ଘର।

ବାସ୍ ଖାଲି ନା କୁ ମାତ୍ର, ହେଲେ ସେଠି ଅଛି କଣ ? ଖାଲି ଠାକୁର ଅଛନ୍ତି,

ବାକି ସବୁ ତ ହିଂସା ପାଖରେ। ୩।।

ଏତେ ହିଂସା ଆସୁଛି କଉଠୁ,

ସେ ଘରର ମୁରବିମାନଙ୍କ ପାଖରୁ ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେ ଘରର ପୁଅ ବହୁମାନଙ୍କ ପାଖରୁ ?

ନା ସେ ଘରର ପିଲା ପିଲାମାନଙ୍କ ପାଖରୁ,

କାହା ପାଖରୁ ? ୪।।

ହେଇଥାଇ ପାରେ ସେ ଘରଟି ଲୋକମାନଙ୍କୁନେଇ ଗଢା ହେଇଚି,

ମାତ୍ର ସେମାନେତ ଆଉ ବାଲି, ମାଟି, ଗୋଡି ନୁହେଁ,

ସେ ଘର ଆଜି ଛିଡା ହୋଇଛି ହିଂସାରେ,

ସେ ଘରେ ଆଜି ହିଂସା କରେ ସେ ଘରର କବାଟ, ଝରକା,

ଝରକା ପାଖରେ ବସା ବାନ୍ଧିଥିବା ଗୋଟେ ବୁଢିଆଣୀର ପରିବାର ଆଉ,

ସେ ଘରର ବନ୍ଧା। ୫।।

ଏବେ କହିପାରିବ ହିଂସା କରେ କଣ ? ନା କହିହେବନି,

ହେଇପାରେ ଏତିକିରେ ସେ ସରିଯାଇନି, ହେଇପାରେ ତା ରୂପ ଏବେ ଏବେ ଫିଟିଚି,

ବୋଧେ ଆହୁରି କିଛି ଅଛି ତାର ସେ ରୂପ ତଳେ,

ବୋଧେ ଆହୁରି କିଛି ସମୟ ଲାଗିବ ତାକୁ ଜାଣିବାକୁ,

ବାକି ତାକୁ ଦେଖୁଥିବା ଲୋକର ଆଖି ଦୁଇଟା ଖୋଲା ଥିଲେ,

ତାର ଆଉ କିଛି ରୂପକୁ ଦେଖି ପାରନ୍ତା,

ଆଉ କିଛି ତାର କଲମର ମୁନରେ ଲେଖି ପାରନ୍ତା। ୬।।

ଯାଜପୁର

୯୧୧୪୮୩୬୨୮୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନାରୀ

ରୋହିତ୍ ପଟ୍ଟନାୟକ



ନାରୀ ନା ତୁମେ ଗିରିଦରୀର ଜଳପରି
ସୁବର୍ଣ୍ଣ ମୁଖି ଅଳଙ୍କାର ଶୋଭିତ ତୁମେ ସେ ସ୍ତ୍ରୀ ।।

ପ୍ରେମରେ, ସ୍ନେହରେ ନା ଅଙ୍ଗରେ ନ କଲି ଯେ ଅଧୁରା
ହାତ ଧରି ଅଗ୍ନି ସାକ୍ଷୀରେ ବିବାହ କରି ଜୀବନ ମୋର ନେହୁରା ।।

ଜନ୍ମ ଦେଲା ବାପା ମାଆ ହେଲେ ଆକୁଳ
ସଂସାର ଜୀବନରେ ସମସ୍ତେ ବିକଳ ।।

କି ପ୍ରକାରଭେଦ ରହିଲା ମୋ ପାଖରେ
ଜୀବନ ଥାଇ ଦୁଃଖର ସମୁଦ୍ରେ ଭିତରେ ।।

ମୋହ ମାୟା ଭିତରେ ହେଲି ପୁରେଇ
ନିଜ ସ୍ୱାଭିମାନ କୁ ଛାଡି ଗଲି ଦୂରେଇ ।।

ଭବାନୀପାଟଣା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆକାଶ ତଳର ଜହ୍ନ

ସଞ୍ଜୟ କୁମାର ଦାଶ

ମୁଁ ଆଜିବି ପୂର୍ଣ୍ଣିମା ଜହ୍ନକୁ ଅନେଇ ବସେ,
କାଳେ ତୁମେବି ଦେଖୁଥିବ ସେଇ ସନ୍ଧ୍ୟାରେ ।
ଆଲୋକର ପ୍ରତିଫଳନ ନିୟମରେ ନୁହେଁ,
ସୁପ୍ତ ଆକାଶର ତାରାଙ୍କ ମେଳରେ ।
ସେମିତି ଅପେକ୍ଷା କରେ ତୁମକୁ,
ଭାବେ ପରୀଟିଏ ହୋଇ ଉଡ଼ି ଆସନ୍ତ କି ମୋ ପାଖକୁ,
ଲୁଚାଇ ରଖି ଦିଅନ୍ତି ମୁଁ ତୁମକୁ -
ମୋ ଖୁସିର ସମୁଦ୍ରରେ
ସେଠି ନଥିବ ଲୁହର ବାସ୍ନା,
ମୋ ଛାଇରେ ଶୁଆଇଦେବି,
ତୁମକୁ ନିଘୋଡ଼ ନିଦରେ ।
ତୁମେ ମୋତେ ପାଇବ,
ଭଲପାଇବା ଉପନ୍ୟାସର ଶେଷ ପୃଷ୍ଠାରେ ।
ମୁଁ ସେମିତି ଦେଖୁଥିବି ତୁମକୁ କିଛି ନଭାବି,ନକହି ।
ତୁମେ ଉଠି ହସିବ, ପିଲାପରି ମୋତେ ଦେଖି,
କହିବ, ତୁମେ ସଦ୍ୟ ଆଷାଢ଼ରେ ଆଜିବି ବର୍ଷୁଛ ?
ଚାଉଁ କିନା ଲାଗେ ମୋତେ,
ଇଏ ସ୍ୱପ୍ନ ନା ବାସ୍ତବତା ?
ଏ ସ୍ୱପ୍ନ ରହିବ ନା ଏଇଠି ସରିଯିବ ?
କୁହ ? ମୋ ଆକାଶ ତଳର ଜହ୍ନ !


ଯୋରନ୍ଦା, ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜୀବନ ଅଙ୍କ

କୀର୍ତ୍ତନ ସାହୁ



ଦୁଃଖର ବୋଝକୁ ଆପଣାର କରି
ଚାଲୁ ଅଛି ଯିଏ ବାଟ
ତାକୁ ଡରାଇବ ଆଉ କେଉଁ ଦୁଃଖ
ଯେତେ ଜଗିଲେ ବି ଘାଟ ।

ମଣିଷ ଜୀବନ ପାଣି ଫୋଟକାରେ
ଏଇ ଅଛି ଏଇ ନାହିଁ
ଯେତିକି ସମୟ ମିଳିବ ସେଥିରେ
ସରସତା ଦେବା ପାଇଁ
ସଂସ୍କାର ମନ୍ଦିରେ କର୍ମ ଦିଅଁ ପୂଜି
ପିନ୍ଧି ଥିବା ପ୍ରେମ ପାଟ ... ।

ଗୋଡ ଖସଡିବ ଉଠିବାକୁ ହେବ
ଲକ୍ଷ୍ୟ ସ୍ଥଳ ଛୁଇଁବାକୁ
ମନ ରଥ ଦୃଢ଼ କରି ଗଡାଇବା
ସୁଖ ହାର ନାଇବାକୁ
ଜୀବନ ଅଙ୍କରେ ସାରିବାକୁ ହେବ
ବାକି ଥିବା ଶେଷ ନାଟ ... ।


ମିଶ୍ର କଲୋନୀ
ଶାଳ ପଡ଼ା , କେନ୍ଦୁଝର
ଦୂର ଭାଷ - ୯୪୩୮୪୧୪୭୦୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଧନ

ଅଜିତ କୁମାର ରାଉତ



ଶୁଣିବା ଭାଗବତ ବାଣୀ,
ମନୁଷ୍ୟ କର୍ତ୍ତବ୍ୟ କାହାଣୀ !
ଦୁଃଖେ ଅର୍ଜିତ ଯେତେ ଧନ,
ନୁହେଁ ସୁଖରେ ପ୍ରୟୋଜନ !
ଧନ ଅର୍ଜଣ ଦାନ କରି,
ହସି କୁହନ୍ତି ନର ହରି !
ପରମ ଶାସ୍ତ୍ର ଭାଗବତ,
ପଢ଼ିବା ତାରେ ଅବିରତ !
ହରି ଯେ ଜୀବଙ୍କର ଭେଳା,
କରିବେ ଦୟା ଚକାଡୋଳା !
ଅର୍ଜିତ ଧନ ଦାନ କର,
ଭବ ସଂସାରୁ ହୁଅ ପାର !

ଭାଗବତ ଏ ଜ୍ଞାନ ତନ୍ତ୍ର,
ଅର୍ଜୁନେ ଦେଲେ ଗୁରୁ ମନ୍ତ୍ର !
ଲଙ୍ଗଳା ଆସିଛୁ ମର୍ତ୍ତ୍ୟରେ,
ଯିବୁ ଲଙ୍ଗଳା ସ୍ମଶାନରେ !
ନ ଯିବ ଅର୍ଜିତ ଧନରେ,
କାହିଁ ପାଇଁଟି ଚିନ୍ତା ତାରେ !
କର୍ତ୍ତବ୍ୟ ମନୁଷ୍ୟ ଜୀବନେ,
ରଖିବୁ ସତ୍ୟ ପଥ ଜ୍ଞାନେ !
ପତିତ ସେବା ଧର୍ମ ତୋର,
ସଞ୍ଚିତ ଧନ ଦାନ କର !

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଇବୁ ଆଶୀର୍ବାଦ ତାଙ୍କ,

ସାର୍ଥକ ଜୀବନ ସର୍ବାଙ୍ଗ !

ହରେ କୃଷ୍ଣ ରାମ ଭୋଜିବୁ,

ଚରଣେ ଭକ୍ତି ରଖିଥିବୁ !

ଜଗା କାଳିଆ କୃଷ୍ଣ ରାମ,

ସୃଷ୍ଟିକର୍ତ୍ତା ସେ ଦାରୁବ୍ରହ୍ମ !

କରିବୁ ରାଷ୍ଟ୍ରହିତେକାର୍ଯ୍ୟ,

ରଖିବୁ ସତ୍ୟ ମାର୍ଗେ ଧର୍ଯ୍ୟ !

ମନୁଷ୍ୟ କର୍ତ୍ତବ୍ୟ କରିବୁ,

ବୈକୁଣ୍ଠପୁର କୁ ପାଇବୁ !

ମୁର୍ଖ ଅଜ୍ଞାନୀ ମୁହିଁ ଛାର,

କରିବ କ୍ଷମା ନିରାକାର !

ମହିମା ଦେବେ ଅଗଚର,

ବର୍ଣ୍ଣିବା ଶକ୍ତି କାହିଁ ମୋର ?

ସଭାପତି ଉତ୍କଳ ସମ୍ମିଳନୀ ଷଢ଼େଇକଳା ଖରସୁଆଁ

ଜିଲ୍ଲାର ରାଜନଗର ବ୍ଲକ ଶାଖା ଝାଡ଼ଖଣ୍ଡ ରାଜ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୋରିଷ ଫୁଲ

ରାମ ଚନ୍ଦ୍ର ପ୍ରଧାନ



ଅଳସୀ ଶୀତର କାକର ମୋତିରେ
ସୁନା ରଙ୍ଗି ଶାଢ଼ୀ ସମ
ଦିଗନ୍ତ ବିସ୍ତାରି ସୋରିଷର କ୍ଷେତ
ଦିଶେ ଭାରି ମନୋରମ ।
ଅବନୀ ବକ୍ଷରେ ପ୍ରସ୍ଫୁଟିତ ହୋଇ
ଚହଟେ ସୋରିଷ ଫୁଲ
ଗାଆଁ ପରିବେଶ ଶୋଭା ସେ' ବଢ଼ାଏ
ଦେଇ ତା' ଅମୁଲ ମୁଲ ।
ଫଗୁଣ ପରଶେ ଲୁଚକାଳି ଖେଳେ
ଶୀତ ସଙ୍ଗେ ବସି ମିତ
ପିତାମ୍ବରୀ ବର୍ଣ୍ଣେ ସୁନ୍ଦରୀଟେ ସାଜି
ଗୁଣୁଗୁଣୁ ଗାଏ ଗୀତ ।
ସୋରିଷର କ୍ଷେତ ହସେ କିରିକିରି
ଗାଆଁ ନଈପଠା ଧାରେ
ମହାଲକ୍ଷ୍ମୀଙ୍କର ପ୍ରିୟ ସେ' ଅଟଇ
ଖୋଜାପଡ଼େ ମାର୍ଗଶିରେ ।

ହେଉ ବିଲବାଡ଼ି ବନ, ଉପବନ
ଅବା ଗହିରିଆ ପାଟ
ମନଲୋଭା ତା'ର ସୌନ୍ଦର୍ଯ୍ୟ ପସରା
ସତେ ଚାରୁ ଚିତ୍ରପଟ୍ଟ ।
ସତରେ ନିଆରା ଏ ସୋରିଷ ଫୁଲ
ଅପୂର୍ବ ରୂପ ସମ୍ଭାରେ
ନବବଧୂ ପରି ଓଢ଼ଣା ଫାଙ୍କରେ
ହସୁଥାଏ ପବନରେ ।

ଶିକ୍ଷକ, ଟେକ୍ନିକାଲ୍ ହାଇସ୍କୁଲ୍,
ଆସିକା, ଗଞ୍ଜାମ
ମୋ : ୯୮୬୧୬୩୮୭୩୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିହଙ୍ଗିନୀ

ସତ୍ୟ ନାରାୟଣ ମିଶ୍ର



ଭିଣୋଇ କହିଲେ ଶଳାରେ ତୁ ପରା
ଯାଇଥିଲୁ କାଇଁ କନିଆଁ ଦେଖି
ପସନ୍ଦ ହେଲା କି ନା ହେଲା ତୋହର
ଦେଖିବାକୁ ସିଏ କେମିତି ??
ଭାବ ଗଦ ଗଦ ଶାଳକ କହୁଛି
କି କହିବି ଭାଇ ତା ରୂପ ଗୁଣ
ସର୍ବ ସୁଲକ୍ଷଣା ଗୁଣ ସମ୍ପର୍ଣ ସେ
ଝିଅ ବିଷୟରେ କହୁଛି ଶୁଣ ।
ମରାଳ ଗମନା ଚାଲଇ ଯେମିତି
ରାଜହଂସୀ ଚାଲେ ଢଳି ଢଳି
ପିକ ଭାଷିନି ସେ କଥା କହୁଥିଲେ
ରାବଇ କି ସତେ ରାଣୀ କୋଇଲି ।
ଶୁକ ଓଷ୍ଟିନି ତା ଓଠ ଦେଖିବାକୁ
ଶୁଆ ଥଂଟ ପରି ନାଲି
ପାଟ ପତନି ତା ମୟୁର ଚନ୍ଦ୍ରିକା
କରୁଥାଏ ଝିଲିମିଲି ।
ସୁବର୍ଣ ବରନା ଦେହରଙ୍ଗ ତାର
ହଳଦୀ ବସନ୍ତ ଭଳିଆ
କଜଳ ପାତି ଠୁଁ ଆହୁରି କଳା
କେଶ ଗୁଛ କୁଂଚୁ କୁଞ୍ଚିଆ ।

ବଗୁଲିରାଣୀ ସେ ମଉନା ବତୀ
ବସୁଥାଏ ଟିକେ ଚୁପ୍ ଚା ପ୍
ଭାରି ଚତୁରୀ ସେ କାକ ପକ୍ଷୀ ଭଳି
ବଡ଼ ବୁଦ୍ଧିମତୀ ଚାଲାକ୍ ।
ଦୂରଦୃଷ୍ଟି ତାର ବାଇ ଚଢେଇ ଠୁଁ
ଆହୁରି ଅଧିକ ଟିକିଏ
କୁକୁଟ ଭଳି ସେ ସଅଳ ଉଠି କି
ଘରେ ସମସ୍ତଙ୍କୁ ଉଠାଏ ।
ଆଖି ଦୁଇ ତାର ପକ୍ଷୀଙ୍କ ଭଳିଆ
ଦିଶୁଥାଇ ସିନା ଗୋଲ୍ ଗୋଲ୍
ସୁନା ଚଢେଇ ମୋ ରୁପା ଚଢେଇ
ଅନମୋଲ୍ ଭାଇ ଅନମୋଲ୍ ।

ସିଂଧେକେଲା ବଲାଙ୍ଗୀର
ମୋ : ୯୪୮୩୭୦୪୯୧୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅନ୍ତିମ ଆଶରା

ଅଲେଖ ମେହେର (ଯାଯାବର)



ଭାବ ବିନା ପ୍ରେମ  ଭକ୍ତି ବିନା ନାମ
ଧରମକୁ ଆଖି ଠାରୁ,
ବିଜୁଳିର ତାର ମୂଷିକ କର୍ତ୍ତନେ
ଯେହ୍ନେ ଗୃହେ ଅନ୍ଧକାର ।
ସତ୍'ସଙ୍ଗର ଶକ୍ତି ଲକ୍ଷେ ଗଜଠାରୁ
ବଳି ହୁଏ ବଳୀୟାନ ,
ଶ୍ରବଣ କୀର୍ତ୍ତନେ  ଧନ ଗୋପ ଲକ୍ଷ୍ମୀ
ବାସେ ହୁଏ ତେଜୀୟାନ।
ଶାନ୍ତି ନମ୍ର ଭାବ  ମାନସେ ବିତରେ
ଷଡରୀପୁ ହୁଏ ନାଶ,
ପରମନ୍ଦ ଚିନ୍ତା  ଊର ଦିଏ ତେଜି
ଧର୍ମର ହୁଏ ପ୍ରକାଶ ।
କୁଚକ୍ରୀ କୋପରେ ମିଳଇ ଖେଦର
କ୍ଷଣସ୍ଥାୟୀ ମନେ ଭୟ,
ବିଶ୍ୱପତି ନେତ୍ରେ  ରୁହେ ଅତ୍ୟାଚାରୀ
ପାଏ ନାହିଁ ବରାଭୟ ।
ଖଳପ୍ରାଣୀ ଯେତେ କରୁ ଅତ୍ୟାଚାର
ଶୁଭ ମନାସିଲେ ତା'ର,
ପଶ୍ଚାତାପ ବହ୍ନି  ଅବଶ୍ୟ ଜଳିବ
ମାନିଯିବ ଦିନେ ହାର ।

ଯେତେ କାଟୁଥିଲେ ତୃଣକୁ କି ମରେ
ଗୁଚ୍ଛହୋଇ ବଢେ ହସି,
ତରୁର ଶାଖାକୁ ଯେତେ କାଟୁଥିଲେ
ଜନ୍ମି ଛାୟାଦିଏ  ବେସି ।
ଜନମ ଦେଇଛି  ଯିଏ ଏ ଶୟଳେ
ଭାଲରେ ଲିହିଛି  ଯାହା,
ପ୍ରାରବ୍ଧ ଅର୍ଜିତ କର୍ମଫଳ ଶେଷେ
ସିଏ ଦେଖେଇବେ ରାହା ।
ନୀଳାଚଳେ ବସି ଦେଖୁଅଛି ହସି
ହାତଠାରି ଡାକେ ଜନେ,
କହେ ଯାଯାବର  ଅନ୍ତିମ ଆଶରା
ଜଗନ୍ନାଥ ଏ ଜୀବନେ ।

ଅଲେଖ ମେହେର (ଯାଯାବର)
ବରପଧର,ଗୋବିନ୍ଦପୁର,ବରଗଡ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଜହ୍ନ

ସତ୍ୟ ସିଂ ବାଗ



ପୁନେଇଁ ଜହ୍ନ ସିଏ କଳା ଆକାଶର
ସଭିଙ୍କର ସିଏ ଆଦରତା ମୟ
ନକ୍ଷେତ୍ର ଗହଣେ ଆଭା ପରକାଶେ
ହୋଇଲେ ଦିଶେ ରାତ୍ରି ସମୟ !!
ହେ ଜହ୍ନ ମାମୁଁ ସରଗ ଶସି
ରାଇଜ ତୁମ ଥିବ ସକୁଶଳ
କେତେ ଚାଲିଗଲେ ମୁଁବି ଯିବି ଚାଲି
ସଭିଙ୍କ ମାମୁଁ ରହିବ କାଳ କାଳ......

ଆକାଶ ଗଗନେ ବ୍ୟାପି ଥାଏ ସଦା
ତାହାର ଶୀତଳତାର ଜୋଛନା
ସାଗର ଛାତିରେ ଉଠୁଥାଏ ଲହରୀ
ତାକୁ ସିଏ କରୁଥାଏ ଆନ ମନା !!
ଅଭୁଲା ପ୍ରେମିକ ଛବି ଦେଖିପାରଇ
ତାହାର ପ୍ରେମିକାର ଏ ଜହ୍ନରେ
ବିତିଗଲା କଥା ମନେହେତୁ କରିସେ
ଭୁଲି ପାରେନାହିଁ କେଜାଣେରେ !!
ହେ ଜହ୍ନ ମାମୁଁ ସରଗ ଶସି
ରାଇଜ ଥିବ ତୁମ ସ କୁଶଳ
କେତେ ଚାଲିଗଲେ ମୁଁବି ଯିବିଚାଲି
ସଭିଙ୍କ ମାମୁଁ ରହିବ କାଳ କାଳ......

ଛୁଆକୁ ମା ଖୁଆଇ ଦେଉଥାଏ
କହେ ଏଇ ଦେଖ ମାମୁଁ ତୋ ଜହ୍ନ
ଜହ୍ନମାମୁଁକୁ ଦେଖି ଭାତ ଖାଉଥାଏ
ଆନନ୍ଦେ ଭରେ ସେ ଛୁଆର ମନ !!
ଜହ୍ନକୁ ନେଇ ଅନେକ କବି ଲେଖନି
କରନ୍ତି ସୁନ୍ଦର୍ଯ୍ୟ ଦୃଶ୍ୟର ବର୍ଣ୍ଣନା
ଜହ୍ନ ଲାଗି ବଢ଼େ ମା ଧରଣୀର ଶୁଭା
ଜହ୍ନ ରାଇଜଟା ସଭିଙ୍କୁ କାମନା !!
ହେ ଜହ୍ନ ମାମୁଁ ସରଗ ଶସି
ରାଇଜ ଥିବ ତୁମ ସ କୁଶଳ
କେତେଗଲେ ଚାଲି ମୁଁବି ଯିବିଚାଲି
ସଭିଙ୍କ ମାମୁଁ ରହିବ କାଳ କାଳ......

ତେରେସିଂହା, କଳାହାଣ୍ଡି, ୭୩୫୩୩୭୪୫୦୯


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶୀତ ଆଗମନ

ଅଶୋକ କୁମାର ବାରୀକ



ପୌଷ ଓ ମାଘ ମାସେ ଆଗମନ ତୋର
ଇଂରାଜୀରେ ନଭେମ୍ବରରୁ ଜାନୁଆରୀ ।
ଉଲ୍ଲାସ ଝଲସୁଛି ପଲ୍ଲୀର ପଲ୍ଲବେ
ପ୍ରକୃତି ନର୍ତ୍ତନ କରେ ପକ୍ଷୀର ରାବେ ।
ରବି ଉଦୟ ହେଲେ ପୂରୁବ ଆକାଶେ
ମା ଉଠି ପୂଜା କରେ ବୃନ୍ଦାବତୀ ପାଶେ ।
ଥର ଥର ଥରୁଥାଏ ଗୋଡ଼ରୁ ହାତ
ନିଆଁ ଛାଡ଼ିଲେ ଲାଗଇ ଅଧିକ ଶୀତ ।
ଚାଷୀ ସକାଳୁ ହରଷେ କ୍ଷେତକୁ ଯାଏ
ଫସଲ କରି ବିଶ୍ୱକୁ ଦାନା ଯୋଗାଏ ।
ଖରା, ବର୍ଷାକୁ ପିଲାଏ ନଥାଏ ଡର
ଭିନ୍ନ ଜାଗା ବୁଲାବୁଲି କର ଏ ଥର ।
ନଳବଣର ସୌନ୍ଦର୍ଯ୍ୟ ଚିଲିକା ମଧ୍ୟେ
ଏ ଦିନେ ବିଦେଶୁ ପକ୍ଷୀ ଆସେ ଆନନ୍ଦେ ।
ଚାରୁଚିତ୍ର ତାର ଆହଃ କି ମନହୋର
ଥରେ ଦେଖିଆସ ଚିତ୍ତ ହବ ବିଭୋର ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ବସନ୍ତ ପଞ୍ଚମୀ ପାଳୁ ହରଷ ଚିତ୍ତେ

ଭୋଗ, ରାଗ, ଅର୍ଘ୍ୟ ଦେଇ ଆନନ୍ଦ ସତେ ।

ପରିଷ୍କାର ପରିଚ୍ଛନ୍ନ ଶରୀର ରଖୁ

ଶୀତେ ସ୍ୱପରିବର୍ତ୍ତନ ସ୍ୱଚ୍ଛତା ସିଖୁ ।

ଗରମ ଗରମ ଖାଦ୍ୟ ରାତିରେ ଖାଉ

କବାଟ ତାଟିକୁ ଦେଇ ସଅଳ ଶୋଉ ।

ବେରୁଆଁବାରି (ଦେଉଳସାହି)

ନୟାଗଡ଼,

ଯୋଗାଯୋଗ - ୮୭୩୭୨୩୫୭୧୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମିଠା ରାଗ

ସୁଜିତ କୁମାର ମିଶ୍ର



ଏ ଅଭିଶପ୍ତ ଜୀବନ ବି
ଖୋଜିଥିଲା କାଲି ଅନୁରାଗର ଶ୍ରାବଣ,
ନିଜକୁ ନିରୁଦ୍ଦିଷ୍ଟ କରିଥିଲି
ତୁମରି ଅସ୍ତିତ୍ୱରେ,
ଫୁଲ ଫଗୁଣ ସବୁକୁ ସାଉଁଟିଥିଲି
ତୁମରି ଭିତରେ
ପ୍ରେମରେ ଅଭିଷିକ୍ତ ହୋଇ
ସମର୍ପି ଦେଇଥିଲି ନିଜକୁ
ତୁମ ହୃଦୟର ପ୍ରଶସ୍ତ ଉପବନରେ ।

ଏବେ ଖାଲି
ଧୁ ଧୁ ଖରାର ଧାରୁଆ ଗତି,
ମନ ଭଗ୍ନ ଡେଣା,
ଆକାଶରେ ଟହଲ ମାରୁଛି କଳାମେଘ,
ନିସଙ୍ଗତାର ଗର୍ଜନରେ ନୀରବିଛି
ଓଠରେ ଶତ କଦମ୍ବର ରୋମାଞ୍ଚ ହସ,
ସମ୍ପର୍କ ପଡିଛି ମଉଳା ଫୁଲ ପରି
ଚୋରେଇନେଇଛି କିଏ ବାସ ?

ଏବେବି ଆକାଶପରି ଆଶାବାଦୀ ମୁଁ
ଉଡାଣଖୋର ପକ୍ଷୀଟିଏ ହେବି,
ଆଗପରି କିଏ ମୋତେ ସଜେଇଦେବ
ମିଠା ରାଗର ଗୀତ ଗାଇ,
ମୁଁ କହୁଥିବି ନାହିଁ ନାହିଁ
ତମେ ରହିଥିବ ଛାଇ ହୋଇ ।


ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର, ୭୬୮୩୮୬୭୭୪୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଭୁଲିବାକୁ କଥା ମନେ ରହିଲା

ବିନୟ ମହାପାତ୍ର



ଦୁଆର ମୁକୁଳା ରଖିଲି,
ଘର ଆଗେ ତୋରଣ ସଜାଇ ଦେଲି,
ତୁମେ ଫେରିବ ବୋଲି,
ସାରା ଅଗଣାରେ ମଲ୍ଲୀ ମାଳତୀ
ଆଉ ଗୋଲାପର ଗଛ ଲଗେଇଲି ।
ତୁମେ ଆସିଥିଲେ,
ହୁଏତ ଫୁଲ ସବୁ ଫୁଟିଥାନ୍ତା
ମହକେଇ ଦେଇଥାନ୍ତେ ସାରା ଅଗଣାରେ,
ଝରକା ପାଖ ମଲ୍ଲିକା ବି
ଶୋଇବା ଘରେ ବାସ ଭରିଥାନ୍ତା ।
ହେଲେ ଏଇମିତି ବିତିଗଲା ଦିନ ସବୁ,
ନିସଙ୍ଗ ସାୟାହ୍ନ ଆଉ ବିନିଦ୍ର ରଜନୀ
ହେଲେ ତୁମେ ଥରେ ଫେରିକି ଦେଖିଲନି ।

ଯାହା କିଛି ଭୁଲିବାକୁ ଥିଲା
ସବୁ ତୁମେ ମନେ ରଖିନେଲ,
ମନେ ରଖିବାର କଥା ସବୁ
କୁହ, କେତେ ସହଜରେ
ତୁମେ ସତେ ଭୁଲିଗଲ ?
ଆଖିର ସେ କଥା, ମୃଦୁ ମୃଦୁ ହସ
ଆଉ କୋଇଲିର କୁହୁ କୁହୁ ତାନ,
କେତେ ରୋମାଞ୍ଚିତ ମୁହୂର୍ତ୍ତ
ଭୁଲିଗଲ ମିଳନର ପ୍ରଥମ ସୋପାନ ।
କେମିତି ପାରିଲ ଭୁଲି
ପ୍ରଥମ ମିଳନର ରୋମାଞ୍ଚିତ ରାତି
ଟିକେ ଟିକେ ଡର, ଅଳ୍ପ ଅଳ୍ପ ଲାଜ,
ମିଳନର କାମନାରେ ଧକ୍ ଧକ୍ ଛାତି ।
ଉତ୍ତେଜିତ ଶରୀର କମ୍ପନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କମ୍ପିତ କଣ୍ଠରେ, ତୁମର ସେ ଡର ଡର

ଖନି ଖନି ଲାଜ ଲାଜ ସ୍ୱର  !

ଦୁହେଁ ମିଶି ଅସଜଡା ନୀଡ଼ ସଜାଡ଼ିଲେ

ଗୋଟି ଗୋଟି କାଠି କୁଟା ସାଉଁଟି ଆଣିଲେ,

ଘର ମୋର ଖାଲି ଘରଟିଏ ଥିଲା,

ତୁମେ ଆସିଲ,

ଘରକୁ ମୋ ସଂସାର କରିଦେଲ ।

ରାଣ ଖାଇଥିଲେ, ଦୁଃଖ ସୁଖ,

ହସ କାନ୍ଦ ସବୁ କିଛି ବାଣ୍ଟି ନେବା

ଘରକୁ ଆମର ସ୍ୱର୍ଗ କରିଦେବା ।

ହେଲେ ଏମିତି କଣ ଯେ ହେଲା,

ପଦିଏ କଥାରେ ସବୁ କିଛି ଉଜାଡି ଦେଲ,

ଲକ୍ଷେ ସୁଖର ମୁହୂର୍ତ୍ତ ସବୁକୁ

ଗୋଟିଏ ଭୁଲ ବୁଝାବଣାର

ଯୁପକାଠେ ବଳି ଦେଇଦେଲ ।

ପଟିଆ, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆୟୁଷର ରଙ୍ଗିନ୍ ଗୋ

ତାରା ପ୍ରସାଦ ଜେନା



ଆୟୁଷର ରଙ୍ଗିନ୍ ଗୋ ସଙ୍ଗ ତୁମ ମନ୍ଦ ନୁହେଁ
ପୀୟୂଷର ନାଲି ଓଠ ଢଙ୍ଗ ତୁମ ମନ୍ଦ ନୁହେଁ
.......ମନ୍ଦ ନୁହେଁ..... ମନ୍ଦ ନୁହେଁ..... ମନ୍ଦ ନୁହେଁ ! ୦ !

କେତେବେଳେ ଇନ୍ଦ୍ରଧନୁ ଆକାଶର ରଙ୍ଗ
ସପନର ଲୁହ ପୋଛି କେବେ ଆଶା ଭଙ୍ଗ,
ସହରର ଆଲୋକରେ ଟିକେ ହାସ୍ୟ ଖେଳ
ଯାତନାର ଜଉଘରେ କେବେ ନିଆଁ ଗୋଳ,
ଚିହ୍ନିବାକୁ ଅଭିସାର ଜଣାନାହିଁ ମୁହେଁ
........ଆୟୁଷର ରଙ୍ଗିନ୍ ଗୋ
ସଙ୍ଗ ତୁମ ମନ୍ଦ ନୁହେଁ
.......ମନ୍ଦ ନୁହେଁ..... ମନ୍ଦ ନୁହେଁ..... ମନ୍ଦ ନୁହେଁ ! ୧ !

ତୁମେ କେବେ ଆହ୍ଲାଦିନୀ ସାଜ ପ୍ରାଣ ପ୍ରିୟା
ତୁମେ ପୁଣି ମାୟାବିନୀ ରାଜ୍ ମୋହ କାୟା,
କ୍ଷଣେ ହୁଅ ଖୋଲା ବହି ଭାବ ମନ ପୃଷ୍ଠା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିବା ପୁଣି ଲିଭିଯାଅ ପାଣିଗାର ନିଷ୍ଠା,

ଗଭୀରତା ଜଣାନାହିଁ କେତେ ଅଛ ସ୍ନେହେ

........ଆୟୁଷର ରଙ୍ଗିନ୍ ଗୋ

ସଙ୍ଗ ତୁମ ମନ୍ଦ ନୁହେଁ

.......ମନ୍ଦ ନୁହେଁ..... ମନ୍ଦ ନୁହେଁ..... ମନ୍ଦ ନୁହେଁ ।୨ ।

ରଣପୁର (ଗୋଡ଼ିପାଟଣା ସାହି), ଡାକ-ରାଜ ରଣପୁର,

ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬, ଓଡ଼ିଶା

ଦୂରଭାଷ-୯୩୪୦୫୪୩୦୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜଳ

ନୀଳମଣି ଚାନ୍ଦ



ନାହିଁରେ ରଙ୍ଗ, ଗନ୍ଧ ଓ ସ୍ୱାଦ
ନାହିଁ ଆକାର ତା'ର
ଅତ୍ୟାବଶ୍ୟକ ଦ୍ରବ୍ୟରେ ଗଣା
ନିହାତି ଦରକାର ।

ସକଳ ଜୀବ ଖାଆନ୍ତି ଖାଦ୍ୟ
ତାପରେ ତା'ର ପାଇଁ
ପାନୀୟ ଭାବେ ନଥିଲେ ସିଏ
ହୁଅନ୍ତି ହାଇଁପାଇଁ ।

ଜଳ, ସଲିଳ, ନୀର, ଉଦକ
ପାଣିଟି ତାର ନାମ
ପ୍ରାଣୀ, ଉଦ୍ଭିଦ ପାଇଁ ସିଏରେ
କରଇ ବଡ଼ କାମ ।

ମରୁଭୂମିରେ ନାହିଁ ବୋଲି ସେ
ପଡ଼ଇ ହାହାକାର
ଧରାରେ ଅଛି ତିନିଭାଗ ଯେ
ପରିମାଣଟି ତା'ର ।

ଢାଳ, ଗିଲାସ, କୂଅରେ ରହେ
ସେହି ଆକାର ଧରି
ଢାଳେ, ଗିଲାସେ କୂଏ ପାଣିରେ
କହୁ ବର୍ଣ୍ଣନା କରି ।

ଜଳ ଉପମା ଜଳର ସାଥେ
ତା' ପରି କେହି ନାହିଁ
ପଞ୍ଚଭୂତରୁ ସେ ଅନ୍ୟତମ
ଭାବେ ମୁଁ ତାକୁ ଚାହିଁ ।

୨୭,ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର,ମୋ:୯୪୮୩୨୦୨୩୫୭

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ହେ ମାନବିକତା

ସରୋଜିନୀ ମିଶ୍ର



ହେ ମାନବିକତା
କାହିଁ  ଗଲ ଛପି ?
କଳିର କରାଳ ଗହ୍ୱରେ ?
ବୟସର ବ୍ୟଙ୍ଗେ ?
ସ୍ୱାର୍ଥର ସୁଡଙ୍ଗେ ?
ଅବା
ତମସା ରାଜ୍ୟରେ ?

ମାନବ ସମାଜକୁ
କରି ଧ୍ୱଂସ ସ୍ତୁପ
ଖେଳୁଅଛ ଲୁଚକାଳୀ ଖେଳ ?

କନ୍ୟା ସନ୍ତାନଟିଏ
ଦେଖିବା ପୂର୍ବରୁ
ନବ ସୂର୍ଯ୍ୟାଲୋକ
ପାଇବା ପୂର୍ବରୁ
ମମତାର ସ୍ନେହସିକ୍ତ ସ୍ପର୍ଶ
ଚିରନିଦ୍ରାରେ ଶୋଇଯାଏ
ଜନନୀ ଜଠରେ ।

ବୃଦ୍ଧ ପିତାମାତାଙ୍କ ମନ୍ଦିର
ହେଲା ଜରାଶ୍ରମ
ଜୀବନଟା ସ୍ୱପ୍ନର  ସମାଧି
ଶରଶଯ୍ୟାରେ ମୁଦ୍ରିତ ନୟନ
ଅପେକ୍ଷାରତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୃତ୍ୟୁର ପ୍ରଶାନ୍ତି ପରଶେ ।

ସ୍ନେହ, ପ୍ରେମ, ଦୟା, କ୍ଷମା
ସୁପ୍ତ ଆଜି ଅତୀତ ଗହ୍ୱରେ
ଭାଇ ଭାଇ, ସ୍ୱାମୀସ୍ତ୍ରୀ, ବାପପୁଅ
ଖେଳୁଛନ୍ତି ରକତର ହୋଲି
ସମ୍ପର୍କ, ଆନ୍ତରିକତା
ସୁନୀଳ ଗଗନେ
ଦିଏ ନାହିଁ ଧରା
ଭାବନାର ଡୋର ତାଙ୍କୁ
ପାରେ ନାହିଁ ଟାଣି ।

ଅନ୍ୟାୟ ଅନୀତି ଚଢିଲେ
ଏଭେରେଷ୍ଟ ଶୃଙ୍ଗ
ଭ୍ରଷ୍ଟାଚାର କରି ସହଗାମୀ
ଅଟ୍ଟହାସ୍ୟେ କମ୍ପାଇ ଧରିତ୍ରୀ
ବିଜୟଶ୍ରୀ ଟିକା ସହ
ହୁଅନ୍ତି ଅମର ।

ହେ ଅମୃତର ସନ୍ତାନଗଣ
କରି ନିଦ୍ରା ଭଙ୍ଗ
ଜାଗିଉଠ
ଜାଗିଉଠି ହୁଅ ସାବଧାନ
ଛୁପିବାକୁ ଦିଅନାହିଁ ମାନବିକତାକୁ
ଖୋଜି ଖୋଜି ନେଇ ଆସି
ରୋପିଦିଅ ଶାନ୍ତିର ଉଦ୍ୟାନେ
ହୃଦେ ହୃଦେ ବିଞ୍ଚି ଦିଅ
ସଦ୍ ଭାବନାର ବୀଜ
ହସି ଉଠୁ
କ୍ରନ୍ଦନ ରତା ଧରିତ୍ରୀ ।

ଆଲୋକ ନଗର, ଆମ୍ବପୁଆ
ବ୍ରହ୍ମପୁର, ଗଞ୍ଜାମ
ଦୂରଭାଷ - ୯୯୩୮୪୭୫୨୦୭

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସୋରିଷ ଫୁଲରେ ଗୁନ୍ଥିଛି ମାଳ ମୁଁ

ଭରତବନ୍ଧୁ ବିଶ୍ୱାଳ



ମାର୍ଗଶୀର ମାସ ଆଜି ଗୁରୁବାର
ଝଲମଲ ମୁକ୍ତା ହିମ କାକର
ସୋରିଷ ଫୁଲରେ ଗୁନ୍ଥିଛି ମାଳ ମୁଁ
ଲିପିଛି ଗୋମୟେ ଘର ପବିତ୍ର ।

ଭିଜାଇ ଅରୁଆ ବାଟିଛି ଚିତୋଉ
ପକାଇଛି ଝୋଟି ଶ୍ରୀପାଦ ଚିହ୍ନ
ଯତନେ ସଜାଇ ରଖିଛି ଖଟୁଲି
ଭରି ମୁଁ ରଖିଛି ମାଣରେ ଧାନ ।

ଅରଚନା ଲାଗି କରିଛି ସଂଗ୍ରହ
ବରକୋଳି ପତ୍ର ଦୁର୍ବା ଅକ୍ଷତ
ଅର୍ଘ୍ୟଥାଳୀରେ ମୋ ଚନ୍ଦନ ସିନ୍ଦୂର
ଧୂପ ଦୀପ ନଇବେଦ୍ୟ ପ୍ରସ୍ତୁତ ।

ସ୍ମରିବି ସୁମନେ ମାଆ ଗୋ ତୁମକୁ
ଶ୍ରୀୟା ପଦ୍ମାଳୟା ଶ୍ରୀହରିପ୍ରିୟା
ସାଗର ଦୁଲଣୀ ଦେବୀ ମହାଲକ୍ଷ୍ମୀ
ସାହା ହେବୁ ମାଆ ସିନ୍ଧୁ ତନୟା ।

କି ଦେଇ ତୋଷିବି ମାଆ ଅନ୍ନପୂର୍ଣ୍ଣା
ତୁମେ ପଡିଦାତ୍ରୀ ଜଗଜ୍ଜନନୀ
ଅରପୁଛି ଭକ୍ତି ଶ୍ରଦ୍ଧା ସମର୍ପଣ
କୃପା ରଖିଥିବ ମାତ କଲ୍ୟାଣୀ ।

ଉପର ବରୁଆଁ, କବୀରପୁର, ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୋରିଷ ଫୁଲରେ ଗୁନ୍ଥିଛି ମାଳ ମୁଁ

ବଟକୃଷ୍ଣ ପଣ୍ଡା



ସୋରିଷ ଫୁଲରେ ଗୁନ୍ଥିଛି ମାଳ ମୁଁ
ଦେବି ମାଆକୁ ପିନ୍ଧାଇ
ହଳିଦିଆ ଫୁଲ ବହୁତ ଆଦର
ତିଆରିଛି ମୁଁ ତା ପାଇଁ ।

ହସେ ଚଷା ଝିଅ ହସେ କ୍ଷେତ ତାର
ମାଆ ଆଶୀର୍ବାଦ ପାଇ
ମଗୁଶିର ମାସେ ଲକ୍ଷ୍ମୀ ଆସିଅଛି
ବାପଘର ବୋଧେ ସେହି ।

ଗୋଟେ ଦିନ ଆଗୁ ତା ସ୍ୱାଗତ ପାଇଁ
ଘର ଲିପିଛି ଗୋବରେ
ତାର ଆବାହାନ କରିବା ପାଇଁକି
ଚିତା ପକାଏ ଚାଉଳେ ।

ଆଖୁ ମୂଳା ଧାନ ସଜାଡି ଦେଇଛି
ସୋରିଷ ଫୁଲ ରଖିଛି
ଲକ୍ଷ୍ମୀ ପାଦ ପଦ୍ମ ଆଙ୍କି ଦେଇଅଛି
ପାଟବସ୍ତ୍ର ପିନ୍ଧାଇଛି ।

କି ସୁନ୍ଦର ଶୋଭା ଅଟେ ମନଲୋଭା
ମଣ୍ଡପ ଗୋଟି ମୋହର
କରି ଯତନରେ ତିଆରିଛି ମୁହିଁ
ଦିଶୁଛି କେଡେ ମଞ୍ଜୁଳ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହଳଦୀ ମୁହିଁ ମୋ ଜଗତ ଜନନୀ
ସାଥେ ହଳଦିଆ ଫୁଲ
ଦାଉ ଦାଉ କରି ଦେଖାଯିବ ମାଆ
ବରୁଣ ନନ୍ଦିନୀ ମୋର ।

ଜାଣି ନାହିଁ ମନ୍ତ୍ର ତନ୍ତ୍ର ଆରଧନା
ଆବହାନ ଜଣା ନାହିଁ
ଅଟେ ଭକ୍ତିହୀନ ମୁହିଁ ମୂଢ଼ଜନ
କ୍ଷମାକର ମାତ ତୁହି ।

ଆସି ମଗୁଶିରେ ପ୍ରତି ଘରେ ଘରେ
କର ମା ଭଣ୍ଡାର ପୂର୍ଣ୍ଣ
ନରହୁ ଭୋକିଲା ଜନନୀ ଗୋ କେହି
ପଣତେ ରଖ ସନ୍ତାନ ।


ଭେରୁଣିଆ, ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସୋରିଷ ଫୁଲରେ ଗୁନ୍ଥିଛି ମାଳ ମୁଁ

ବୀଣା ସାହୁ



ହଳଦୀ ରଙ୍ଗର ସୋରିଷ ଫୁଲଟି
ଦିଶେ କେଡ଼େ ସୁନ୍ଦର,
ପେନ୍ଥା ପେନ୍ଥା ଏଇ ସୁନେଲି କ୍ଷେତ
କିଣି ନିଏ ମନ ମୋର ।

ସୋରିଷ ଫୁଲରେ ଗୁନ୍ଥିଛି ମାଳ ମୁଁ
ମା ଲକ୍ଷ୍ମୀଙ୍କୁ କରିବି ଅର୍ପଣ
ହଳଦୀ ମୁଖି ହଳଦୀ ଫୁଲରେ ପୁର୍ଣ୍ଣାଙ୍ଗ
ହୋଇବେ ଆଭୁଷଣ ।

ମନମୁଗ୍ଧକର ସୋରିଷ ଫୁଲର ମହକ
ବାଢଇ ଧୀରେ ଧୀରେ
ଶୀତର ପ୍ରକୋପେ ଆସେ ହସି ହସି
ଧରଣୀ ବକ୍ଷରେ ଖେଳେ ।

କି ସୁନ୍ଦର ଦିଶେ ସୋରିଷର ଫୁଲ
ଖେଳୁଥାଏ ହଲିଝୁଲି
ଲହଡ଼ି ମାରୁଛି ପବନର ଗତି
ଭ୍ରମର ବି ବୁଲ ବୁଲି ।

ସୌନ୍ଦର୍ଯ୍ୟ ତାର କିଣି ନିଏ ମନ
ଖେଳୁଥାଏ ଫୁଲ ରାଣୀ
ସବୁଜ ବନାନୀ ହଳଦୀ ରଙ୍ଗର
ଟାଣିଛି ପାଟ ଓଢଣୀ ।

ସୁନେଲି କିରଣେ ଶିଶିର ଟୋପାରେ
ସ୍ନାନ କରୁ ଆନନ୍ଦରେ
ମା ଲକ୍ଷ୍ମୀଙ୍କ ପାଖେ ପୂଜା ପାଉଥାଉ
ଅତିବ ଶରଧାରେ ।

ତୁମରି ମସ୍ତକେ ସଜାଇବି ମା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୋରିଷ ଫୁଲର ମାଳ,
ହଳଦୀ ରଙ୍ଗର ମା ବିମଣ୍ଡିତ
ଦିଶେ ମୁଖ ଉଜ୍ଜ୍ୱଳ ।

ପ୍ରଭାତେ ଦିଅଇ ଫୁଲ ମାଳ ଗୁନ୍ଥି
ଜାଳଇ ଘୃତର ଦୀପ
ତୁମ ପାଦ ତଳେ ରହୁ ମୋର ମତି
ଢାଳିଦିଅ ମା ଆଶିଷ ।

ମଗୁଶିର ରାଣୀ ଆନନ୍ଦ ମୁଖର
ଦେଖି ସୋରିଷର ଫୁଲ
ଘର ଅଗଣା ରେ ଝୋଟି ଚିତା ପଡି
ସବୁଠି ଚଳ ଚଞ୍ଚଳ ।

ସୋରିଷ ଫୁଲରେ ଗୁନ୍ଥିଛି ମାଳ ମୁଁ
ସଜାଇବି ମା କୁ ମୋର
ଛଅଟି ଋତୁ ମଧ୍ୟେ ପବିତ୍ର ଋତୁ ଏହି
ପାର୍ବଣର ଅବସର ।

ଯାଜପୁର




Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସୋରିଷ ଫୁଲରେ ଗୁନ୍ଥିଛି ମାଳ ମୁଁ

ନିବେଦିତା ପଣ୍ଡା



ମାର୍ଗଶୀର ମାସ ଶୁକ୍ଳ ଗୁରୁବାରେ
ଗୁନ୍ଥିଛି ସୋରିଷ ମାଳ,
ନୂଆ ଧାନ ନେଇ ମାଣ ବସାଇଛି
ବାଟିଛି ଝୋଟି ଚାଉଳ ।

କୃଷିଭିତ୍ତିକ ଏ ଗଣପରବଟି
ଓଡ଼ିଆ ଜାତିର ଗର୍ବ,
ଭକ୍ତି ସହକାରେ ପ୍ରତି ଘରେ ଘରେ
ପାଳିତ ହୁଏ ଏ ପର୍ବ ।

ଶୁକ୍ଳ ଧାନ ଦେଇ ମାଣକୁ ଭରିଣ
ହଳଦୀ କଉଡ଼ି ଆଙ୍କି,
ଧାନବେଣ୍ଟି ରଖି ନୂଆ କପଡ଼ାରେ
ଓଢ଼ଣୀ ଦିଅନ୍ତି ଢାଙ୍କି ।

ଆଖୁ, ମୂଳା, ଗୁଆ ଖଟୁଲିରେ ରଖି
ଆବାହନ କରାଯାଏ,
ଚାଉଳର ଝୋଟି ଲକ୍ଷ୍ମୀ ପାଦ ଚିହ୍ନ
ପଦ୍ମଫୁଲ ଅଙ୍କା ହୁଏ ।

ଧୂପ, ଦୀପ, ଝୁଣା କର୍ପୁର ଆଳତୀ
ସଭକ୍ତିରେ କରାହୁଏ ।
ଶଙ୍ଖ, ହୁଳହୁଳି, ଘଣ୍ଟର ଶବ୍ଦରେ
ଚତୁର୍ଦ୍ଦିଗ କମ୍ପୁଥାଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫଳ, ଖିରି ପିଠା, କାକରା ଓ ମଣ୍ଡା
ନାନା ଭୋଗରାଗ କରି,
ଖୁସି ଆନନ୍ଦରେ ପରିବାରେ ସର୍ବେ
ଖାଇଥାନ୍ତି ମନଭରି ।

ସାଗର ଦୁଲଣୀ ଲକ୍ଷ୍ମୀ ଠାକୁରାଣୀ
ବିଷ୍ଣୁଙ୍କର ପ୍ରାଣପ୍ରିୟା,
ଅନ୍ନ, ଜଳ, ବସ୍ତ୍ର ମିଳେ ଜୀବନରେ
ଥିଲେ ତାଙ୍କରି ସୁଦୟା।

ଅଭିମାନିନୀଙ୍କ ଦୋଷର ଶିକାର
ହୋଇ ଜଗତ ଗୋସାଇଁ,
ବାର ବର୍ଷ କଷ୍ଟ ପାଇ ଥିଲେ ପରା
ଥାଳ ଧରି ଦୁଇ ଭାଇ ।

ଶ୍ରୀୟା ଚଣ୍ଡାଳୁଣୀ ଭାବ ଭକ୍ତି ବଳେ
ମାଆଙ୍କୁ ସନ୍ତୁଷ୍ଟ କରି,
ଯଶ ରଖିଗଲା ଗଲା ଯୁଗ ଯୁଗକୁ
ଧନ ଐଶ୍ୱର୍ଯ୍ୟରେ ଭରି ।

ଛୁଆଁ ଅଛୁଆଁର ଭେଦଭାବ ଦୂର
କରିଥିଲେ ପଣ କରି,
ଶିରୀ ମନ୍ଦିରରେ ଚାଲେ ସେହି ନୀତି
ଆଜି ଅଦ୍ୟାବଧି ଧରି ।

ରାଉରକେଲା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସୋରିଷ ଫୁଲରେ ଗୁନ୍ଥିଛି ମାଳ ମୁଁ

ନୂତନ କୁମାର ବେହେରା



ସୋରିଷ ଫୁଲରେ ଗୁନ୍ଥିଛି ମାଳା ମୁଁ
ସ୍ୱର୍ଣ୍ଣ ବର୍ଣ୍ଣର ବର୍ଣ୍ଣାଢ୍ୟ କ୍ଷେତ ଭାଙ୍ଗେ ଢେଉ
ନୟନରେ ନାଚୁଛି ଫୁଟାଫୁଲର ଦିବ୍ୟ ଆଭା
ରୂପର ଦେଉଳ ଅପୂର୍ବ ରୂପରେ ଝଟକେ
ଭକ୍ତିରେ ଦେବୀ ମା' ଲକ୍ଷ୍ମୀ ପାଦ ଛୁଉଁ ଛୁଉଁ
ହେମନ୍ତର ଶିରୀ ଚତୁର୍ଦିଗ କରିଛି ହେମମୟ
କେଦାର କେଦାର ଭରିଛି ପାଚିଲା ଶସ୍ୟମାନ
ସ୍ୱୟଂ ବରୁଣଙ୍କ କନ୍ୟା ମର୍ତ୍ତ୍ୟେ ବିରାଜିତା
ସ୍ୱାଗତେ ତାଙ୍କର ସମ୍ବର୍ଦ୍ଧନା ଦିଅନ୍ତି ବିଲ ବଣ
କୁହୁକ ପ୍ରାୟେକ ବଦଳେ ସବୁ ଚାହୁଁ ଚାହୁଁ
ଘରେ ଘରେ ହୁଏ ଗୁରୁବାର ଓଷା ମାଣବସା
ଶୁଣାଯାଏ ମାତୃ ସ୍ତୁତିର ଆଡମ୍ବର ନୀରାଜନା
ସୁନ୍ଦର ଝୋଟି ଚିତ୍ରେ ଚିତ୍ରିତ ଘରଠାରୁ ଅଗଣା
କୁଳବଧୂ ଶୁଦ୍ଧ ଚିତ୍ତରେ ପ୍ରଭାତରୁ ସ୍ନାନ ସାରି
ମାଆ ମହାଲକ୍ଷ୍ମୀ ଶ୍ରୀପୟରେ କରେ ବନ୍ଦନା
ଆବାହନୀ ମନ୍ତ୍ର ସାଥେ ଶଙ୍ଖ ନାଦ ହୁଏ ଭୁଁ ଭୁଁ
ଘରଟିଏ ହେଉ ମନ୍ଦିର ସମାନ ପୁଣ୍ୟପୀଠ
କାୟ ମନ ବାକ୍ୟରେ ରହୁ ସତ୍ୟତା ସଦାଚାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନ ହୃଦୟ ହେଉ ପବିତ୍ର କରି ମହତ କର୍ମ
ମାର୍ଗଶିର ଦେଖାଏ ମାର୍ଗ ଟେକି ତାର ଶିର
ଶ୍ରମ ସାଧନାରେ ସଫଳ ହୁଅଇ ଅଭିଳାଷ
ଜୀବନର ବାସ ଛୁଟେ ଭକ୍ତିଗୀତ ଗାଉଁ ଗାଉଁ
ଭବ ସଂସାରର ଭବ୍ୟ ସଂପର୍କ ରହୁ ଅତୁଟ
ଭାବ ବିନିମୟେ ଭାବନା ହେଉ ସ୍ୱଚ୍ଛ ସୁନ୍ଦର
ପ୍ରତିଟି ପ୍ରାଣେ ପ୍ରକୃତ ପ୍ରେମ ଆଣୁ ଜାଗରଣ
ଦେବୀ ଧନ ଧାନ୍ୟେ ପୂର୍ଣ୍ଣ କରିଛନ୍ତି ମନୋବାଞ୍ଛା
ପ୍ରକୃତିରାଣୀ କହେ ହସି... ଉପହାର ଦେବାକୁ
ସୋରିଷ ଫୁଲରେ ଗୁନ୍ଥିଛି ମାଳା ମୁଁ...।


କୋହି, ବାରିପଦା, ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୋରିଷ ଫୁଲରେ ଗୁନ୍ଥିଛି ମାଳ ମୁଁ

ବିଦ୍ୟୁତ ପ୍ରଭା ମିଶ୍ର



ସୋରିଷ ଫୁଲରେ ଗୁନ୍ଥିଛି ମାଳ ମୁଁ
ମାଆ ଲୋ ତୋହରି ପାଇଁ,
ମାର୍ଗଶିର ମାସ ଗୁରୁବାରେ ମାଆ
ଆସିବ ସୁଦୟା ବହି ।
ଲିପା ପୋଛା କରି ଘର ଦ୍ୱାରମୋର
ପକାଇଛି ପାଦ ଚିତା,
ରାତିକରୁ ଉଠି ସ୍ନାହାନ ସାରି ମୁଁ
ପୂଜୁଛି ତୁମକୁ ମାତା ।
କଳସ ବସାଇ ଘଟ ଗଣେଶଙ୍କୁ
କରିଛି ମୁଁ ଆବାହନ,
ତାଙ୍କ ବିନା ପୂଜା ଅଧୁରା ଅଟଇ
ଆଦ୍ୟ ଦେବ ଭାବେ ମାନ୍ୟ ।
ସଜାଇ ରଖିଛି ଖଟୁଲିରେ ସେର
ଶ୍ୱେତ ଧାନ କରି ପୂର୍ଣ୍ଣ
ଆଖୁ କଦଳୀକୁ ତା ପାଖେ ସଜାଇ
ଓଢ଼ଣୀ ରଙ୍ଗ ବସନ ।

ବାଡ଼ିରେ ସେବତୀ ଗେଣ୍ଡୁ ଓ ସୋରିଷ
ଫୁଟି ଦିଶିଲାଣି ତୋରା,
ହଳଦୀ ବରଣ କୁସୁମ ଆଦିରେ
ତୁମରି ଶରଧା ପରା ।
ପ୍ରକୃତି ସଜାଏ ତୁମ ମନ ଜାଣି
ମଗୁଶିରେ ପୀତ ପୁଷ୍ପ,
ସୋରିଷ ଫୁଲଟି ସୂର୍ଯ୍ୟ କିରଣରେ
ଦିଶୁଥାଏ ଦପ ଦପ ।
ଗୁନ୍ଥିଛି ଯତନେ ସୋରିଷ ଫୁଲରେ
ତୁମ ପାଇଁ ଏକ ହାର,
ଜାଣିଛି ମାଆ ଲୋ ସୋରିଷ ଫୁଲରେ
ଶରଧା ଅଟେ ତୁମର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଦ୍ମାଳୟା ମାତ ପଦ୍ମ ଆସନଟି
ଅଟଇ  ତୁମର ପ୍ରିୟ,
କିଣି ଆଣିଛି ମୁଁ ପଦ୍ମ ଫୁଲଟିଏ
ତହିଁରେ ବିଜୟ ହୁଅ ।
ଭକ୍ତିରେ ସଜାଇ ଚନ୍ଦନ ସିନ୍ଦୂରେ
ଜାଳୁଛି ଘୃତର ବତୀ,
ଭୋଗ ନଇବେଦ୍ୟ ଅରପି ଦେଉଛି
ମାଆ ଲୋ ସରାଗେ ଅତି ।
ଶ୍ରୀୟା ପରି ଭାଗ୍ୟ ସତେକି ହୋଇବ
ଆସିବ କଲ୍ୟାଣ ମୟୀ,
ଦୁଃଖସବୁ ମୋର ଜଣାଇବି ମାତ
ତୁମ ପଦେ ଲୋଟିଯାଇ ॥

ଯାଜପୁର



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୋରିଷ ଫୁଲରେ ଗୁନ୍ଥିଛି ମାଳ ମୁଁ

ଭାରତୀ ମିଶ୍ର



ମାର୍ଗଶିର ମାସେ ସୋରିଷ ଫୁଲରେ
କ୍ଷେତ କମନୀୟ ଦିଶେ
ହଳଦୀ ରଙ୍ଗର  ରଙ୍ଗରେ ରଂଜିତ
ଫୁଲ ସୁଷମା ପ୍ରକାଶେ ।୧)

ଲକ୍ଷ୍ମୀ ଆଗମନେ ମାର୍ଗଶିର ମାସ
ଅତି ମଂଜୁଳ ଦିଶଇ
ଟୋପା ଟୋପା ହୋଇ  କାକର ବିନ୍ଦୁଯେ
ଘାସ ପତ୍ରେ ପଡିଥାଇ ।୨)

ବୁଧବାର ଦିନ ଘର ଲିପା ପୋଛା
ଗୋବର ପାଣି ପଡଇ
ଅରୁଆ ଚାଉଳ ଶୁକଳ ଝୋଟିରେ
ଘର ଦୁଆର ଶୋଭଇ।୩)

ଖଟୁଲି ଉପରେ ପଟ୍ଟବସ୍ତ୍ର ପଡି
ଲକ୍ଷ୍ମୀ ମୂର୍ତ୍ତି ବସାଯାଏ
ସୋରିଷ ଫୁଲର ମାଳା ଟିଏ ମଧ୍ୟେ
ଅନ୍ୟ ପୁଷ୍ପ ଶୋଭା ପାଏ ।୪)

ଲକ୍ଷ୍ମୀ ମାତାଙ୍କର  ଅପୂର୍ବ କାନ୍ତିତ
ସୁଦ୍ଧ ସୁବର୍ଣ୍ଣର ଭଳି
ତା' ମଧ୍ୟେ ସୋରିଷ  ଫୁଲର ମାଳଟି
ସୌନ୍ଦର୍ଯ୍ୟ ଦିଏ ବିସ୍ତାରି।୫)

ଅବତର ମାତ ଏଧରା ଧାମକୁ
ଛିଞ୍ଚ କରୁଣାର ବାରି
ଭୋକ ଶୋଷ ଆଉ  ଆକାଳ ମରଣ
ରୋଗ, ଶୋକ, ଯାଉ ଚାଲି। ୬)

ଜୟପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୋରିଷ ଫୁଲରେ ଗୁନ୍ଥିଛି ମାଳ ମୁଁ

ରମେଶ ଟାକ୍ରୀ



ଆସେ ମାର୍ଗଶିର ପଡ଼େ ଗୁରୁବାର
ମହାଲକ୍ଷ୍ମୀ ପୂଜାହେବ
ସୋରିଷ ଫୁଲରେ ଗୁନ୍ଥିଛି ମାଳ ମୁଁ
ଲକ୍ଷ୍ମୀ ପୂଜାରେ ଲାଗିବା।୦।

ସୋରିଷ କ୍ଷେତରେ ସୋରିଷ ଫୁଲର
ରଙ୍ଗ ରୂପ ବାସ ନେଇ
ମଳୟ ବହିଲେ ହଲିଝୁଲି ଖେଳେ
ଚାଷୀର କ୍ଷେତରେ ରହି

ରୂପଟି ତାହାର ହଳଦୀ ରଙ୍ଗର
ପ୍ରତି ମନ କିଣିନେବା।୧।

ଏ ଧରା ଧାମରେ ଶୋଭାକୁ ବଢ଼ାଇ
ପ୍ରାଣୀଙ୍କ ହିତରେ ରହି
ସଞ୍ଜ ସକାଳରେ ଶୀତ କାକରରେ
ଦେହକୁ ରଖେ ଭିଜାଇ

ରୂପର ରଙ୍ଗର ହୁଅଇ ଆଦର
ଖୁସିରେ ଦହଲୁ ଥିବା।୨।

ସୋରିଷ ଫୁଲର ମାଳଟିଏ ଭଲ
ପୂଜା ପାଇଁ ଗୁନ୍ଥା ହେବ
ଲକ୍ଷ୍ମୀଙ୍କ ପୂଜାରେ ସଜାଇବା ପରେ
ଭୋଗ ସାମଗ୍ରୀ ଲାଗିବ

ହଳଦୀ ମୁହଁ କୁ ହଳଦିଆ ରଙ୍ଗ
ମହାଲକ୍ଷ୍ମୀଙ୍କୁ ମାନିବା।୩।

ଏ ବି ଇ ଓ ତେନ୍ତୁଲିଖୁଣ୍ଟି
ନବରଙ୍ଗପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସୋରିଷ ଫୁଲରେ ଗୁନ୍ଥିଛି ମାଳ ମୁଁ

ସନ୍ତୋଷିନୀ ଦାଶ



ଶୀତଦିନେ ଉପବନର ଶୋଭା
ସନ୍ଦର୍ଶନେ ଦର୍ଶକ ମନଲୋଭା

ଫୁଲ ହାଟରେ କୁସୁମ ପସରା
ସନ୍ଦର୍ଶନେ ମଧୁପ ଆତ୍ମହରା

ଆଜି ମାର୍ଗଶିର ର ଗୁରୁବାର
ପୂଜିବି ମହାଲକ୍ଷ୍ମୀଙ୍କ ପୟର

ସଂଗ୍ରହ କରିଛି ସୋରିଷ ଫୁଲ
ଗୁନ୍ଥି ରଖିଅଛି ଗେଣ୍ଡୁର ମାଳ

ପଦ୍ମଫୁଲରେ ସଜାଇ ଆସନ
ପିନ୍ଧାଇ ଦେଇଛି ନାଲି ବସନ

ଖଟୁଲିରେ ରଖିଛି ପଦ୍ମଶାଳୀ
ଗଳାରେ ଲମ୍ବାଇ କୁସୁମ ମାଳି

ଅଙ୍କନ କରିଛି ମୁଁ ଲକ୍ଷ୍ମୀପାଦ
ପୂଜା ପାଇଁ ମନ କେଡ଼େ ଆନନ୍ଦ

ବିରି ଚାଉଳରେ ଜାଣିଛି ବରା
ଭୋଗ ଲଗାଇବି ମଣ୍ଡା କାକରା

ଭାତ ଡାଲି ତରକାରୀ ଓ କ୍ଷୀରି
ଆମ୍ବିଳ ସହିତ ରଖିଛି ପୁରି

ଘେନ ପଦ୍ମାଳୟା ଭକ୍ତର ଭାବ
କାହାରି କିଛି ନ ରହୁ ଅଭାବ

ପଦ୍ମପାଦେ ମାଁ ପଶୁଛି ଶରଣ
କର ତୁମେ ଜଗତର କଲ୍ୟାଣ


ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୋରିଷ ଫୁଲରେ ଗୁନ୍ଥିଛି ମାଳ ମୁଁ

ରଶ୍ମିତା ନାୟକ



କଟକ ସହର ତାରକସି କାମ,
ଦୁର୍ଗାପୂଜା, ବାଲିଯାତ
ଦେଶ ବିଦେଶରେ ଆମ ଓଡ଼ିଶାରେ
ଆମରି କଟକ ଖ୍ୟାତ ॥

ପଚ୍ଛୁଆ ବର୍ଗର କବିଟିଏ ବୋଲି
ମେସେଜରେ ନିମନ୍ତ୍ରିତ
ହୋଇ ଆନନ୍ଦିତ ଯାଇଥିଲି ମୁହିଁ
ହେବାପାଇଁ ସମ୍ବର୍ଦ୍ଧିତ ॥

ଇଆଡୁ ସିଆଡୁ ଦିପଦ କବିତା
ମଞ୍ଚ ଉପରେ ପଢ଼ିବି
ମାନପତ୍ର ଉପଢୌକନ ପାଇବି
ମାଗଣା ଗଣ୍ଡେ ଖାଇବି ॥

ଗଡ଼ଗଡ଼ିଆରେ ସଭାସ୍ଥଳୀ ଯେଣୁ
ବାଲିଯାତରା ହେଉଛି
କବିଟିଏ ବୋଲି ବିବେକ ଖଟାଇ
ଉପହାର ଦେବା କିଛି ॥

ଅତିଥିଙ୍କୁ ଦେବି ସମ୍ବର୍ଦ୍ଧିତ ହେବି
ମନେମନେ ଚିନ୍ତାକଲି
ବାଡିଅଗଣାରୁ ଶୋରିଷ ଫୁଲକୁ
ପୁଳାଏ ତୋଳି ଆଣିଲି ॥

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶୋରିଷଫୁଲରେ ଗୁନ୍ଥିଲି ହାର ମୁଁ
କିଛି କଲି ଫୁଲତୋଡ଼ା
ଘରୁ ବାହାରିଲି ମୁହିଁ ଯେତେବେଳେ
ସତେକି ଯୁଦ୍ଧର ଘୋଡା ॥

ହାଇହିଲ୍ ପିନ୍ଧି ଢପଢପ ହୋଇ
ପହଂଚିଗଲି ସଭାରେ
ଟାଉନବଅସ ଭିଡ଼ ହେଲା ବୋଲି
ପହଂଚିଲି ବିଳମ୍ବରେ ॥

ସୌଭାଗ୍ୟ ମୋହର ସଭାରେ ଅଳପ
କେତେ ଜଣ ଥିଲେ ରହି
ସେମାନଙ୍କୁ ଦେଖି ଥୋବରା ମୁହଁରେ
ହସିଦେଲି ଟିକେ ମୁହିଁ ॥

ମଞ୍ଚେ ମାନପତ୍ର ବାଣ୍ଟୁ ଥିଲେ ଯିଏ
ଡାକିଲେ ଜଲଦି ନିଅ
ନାଁ କହିଦିଅ ମାନପତ୍ର ନିଅ
ପରେ ହେବା ପରିଚୟ ॥

ବିଳମ୍ବ ହେଲାଣି ଅତିଥି ଗଲେଣି
ଶୀଘ୍ର ଶୀଘ୍ର ଆସ ବାବୁ
ଉପହାର ଦେବା କବିତା ପଢିବା
ଚୁଲୀକୁ ଗଲା ସେସବୁ ॥

ମାନପତ୍ର ଧରି ମୁହଁ ଟାଣ କରି
ଭୋଜନରେ ହେଲି ଲିପ୍ତ
ମଞ୍ଚ ଆଢୁଆଳେ ଚିହ୍ନା ଯୋଡି ବନ୍ଧୁ
ଚାହିଁଲି ହୋଇ ଚକିତ ॥

ବନ୍ଧୁ ଓ ବାନ୍ଧବୀ ଦୁହେଁ ଯୋଡିହୋଇ
ବାର୍ତ୍ତାଳାପେ ମାତିଥିଲେ
ଇଆଡ଼େ ସିଆଡେ ବନ୍ଧୁ ଅନେଇକି
ବାନ୍ଧବୀକୁ ଚୁମା ଦେଲେ ॥

ଏସବୁ ଦେଖି ମୋ ତଣ୍ଟିରେ ଲାଗିଲା
କାଶିକାଶି ହେଲି ଝାଳ
ବଫି ସିଷ୍ଟମରେ ଖାଉଥିଲି ଯେଣୁ
ଅବସ୍ଥା ହେଲା ବେହାଲ ॥

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫୁଲମାଳ ଝୁଲା ଖାଇବା ଠୋଲାଟା
ସବୁ ତଳେ ପଡିଗଲା
ଅଜାଣତେ ମୋର ପାଦ ପଡିଯାଇ
ଫୁଲ ହାର ନଷ୍ଟ ହେଲା ॥

ପାଣି ଟ୍ୟାପରେ ମୁହଁ ଧୋଇ ହୋଇ
ପାଉଜ୍ ପାଣି ପିଇଲି
ମାନପତ୍ର ଲୋଭ ଆଉ ରଖିବିନି
ସେଠାରେ ଶପଥ କଲି ॥

ଯେତିକି ଶୁଣିଛି ପ୍ରଭୁ ହିଁ ଈଶ୍ୱର
କବି ଦ୍ୱିତୀୟ ଈଶ୍ୱର
ସମାଜେ ଏପରି ଉଶୃଙ୍ଖଳ ହେଲେ
କିଏ ଲେଖିବେ ସଂସ୍କାର ॥

ଜ୍ଞାନୀ ଗୁଣି ପଢି ଦେହକୁ ନେବେନି
ଏହି ରମ୍ୟ ରଚନାକୁ
ଖରାପ ଭାବନା ମନରୁ ଦୂରେଇ
ଦୃଷ୍ଟାନ୍ତ ହୁଅ ସୃଷ୍ଟିକୁ ॥

ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୋରିଷ ଫୁଲରେ ଗୁନ୍ଥିଛି ମାଳ ମୁଁ

ଅନୁପମା ବିଶ୍ୱାଳ



ସୋରିଷ ଫୁଲରେ ସଜାଇ ହୋଇଛି
ଗାଆଁର ସବୁଜ କ୍ଷେତ
ତା' ମହ ବାସରେ ହୋଇ ବିମୋହିତ
ପ୍ରମତ୍ତ ହୁଏ ମାରୁତ ।
ଚୁମି ତା' ଦେହକୁ ମନ ହରଷରେ
ନୃତ୍ୟକରେ ଚାରିଦିଗେ
ପ୍ରେମ ଭକ୍ତି ଭାବ ବାଣ୍ଟି ଚାଲିଥାଏ
ରହି ସ୍ନେହ ଅନୁରାଗେ ।
ଦେଖିଲି ଯେବେ ମୁଁ ଏ ସୁନ୍ଦର ଶୋଭା
ପଲକ ନ ପଡେ ମୋର
ତା'ଠାରୁ ଦୂରେଇ ରହି ମୁଁ ନ ପାରି
ହେଲି ଯେ  ନିକଟତର ।

କୋମଳ ହସ୍ତରେ କରି ସମାଦର
ବଡ଼ ସରାଗେ ଆଉଁଶି
ଅନ୍ତର ଭାବନା ପ୍ରକାଶିତ କରି
ଦେଲି ମୁଚୁକୁନ୍ଦ ହସି ।
ସ୍ୱଇଚ୍ଛା ମନେ ତୋଳି ରଖି ଚାଙ୍ଗୁଡ଼ିରେ
ଗୃହେ ହୋଇ ଉପଗତ
ମାଳାଟିଏ ଗୁନ୍ଥି ଉତ୍କଳମାତାଙ୍କ
ପୟରେ କଲି ଅର୍ପିତ ।
ସେଇ ଫୁଲହାର ଜନନୀ ଗଳାରେ
ଦିଶେ କେଡେ ସୁଶୋଭିତ
ସେ ଶୋଭାରାଶିକୁ ବର୍ଣ୍ଣିବାରେ ଶବ୍ଦ
ହୋଇଯାଏ ପରାହତ ।

ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୋରିଷ ଫୁଲରେ ଗୁନ୍ଥିଛି ମାଳ ମୁଁ

ସୁନିତା ମହାନ୍ତି



ସୋରିଷ ଫୁଲରେ ମାଳ ମୁଁ ଗୁନ୍ଥିଛି
ସାଇତି ରଖିଛି  ମା' ପାଇଁ
ସୁନ୍ଦର ଦିସିବ  ମାଆଙ୍କୁ ସେ ମାଳ
ହଳଦିଆ  ରଙ୍ଗ ଶୋଭଇ  ।

ଆଦ୍ୟ ମଗୁଶୁର  ସୋରିଷ ଫୁଲରେ
 କ୍ଷେତ ବାଡ଼ି ପାଏ ଶୋଭା
ପାଚିଲା ଧାନରେ ହଳଦୀଆ ରଙ୍ଗ
ଅତି ସୁନ୍ଦର ମନ ଲୋଭା   ।

ହେମନ୍ତ ସକାଳେ ଶିଶିର ଟୋପାରେ
ପଡ଼ି ଦାତ୍ରୀ ମା' ଆସିବ ଯେ
ଘରେ ଘରେ, ପୁରେ ବିଜେ କରିବେ ମା'
ଶଙ୍ଖ ହୁଳହୁଳି  ଘଣ୍ଟ ବାଜେ ।

ନୂଆ ଧାନ ଜଟ ହଳଦୀ ବସନ
ସୋରିଷ ଫୁଲ ହାର ପିନ୍ଧି
ହଳଦୀ ମୁହିଁ  ସେ ଜଗତ ଜନନୀ
ସୁଖ ବାଣ୍ଟି ନେବ ଦୁଃଖ ବାନ୍ଧି  ।

ମାଆ କମଳିନୀ  ସାଗର ଦୁଲଣୀ
ଗୃହେ ଗୃହେ ସେ ବିରାଜିତା
ଶୁଭ୍ର ବସ୍ତ୍ର ଶୋଭା ନାହିଁ ତା ଉପମା
ଝୁଣା ଦୀପ ଧୂପ  ବିମୋହିତ  ।

ଜାଣେନାହିଁ ମନ୍ତ୍ର ପୂଜା ଅରଚନା
ଜାଣିନି ମାଆ ଭକ୍ତି ତୋର
ସୋରିଷ ଫୁଲରେ ମାଳ ଟିଏ ଗୁନ୍ଥି
ଉପହାର ଦେବି  ମା' ମୋର  ।

ପଦ୍ମ ପାଦେ ତୋର ପଶୁଛି ଶରଣ
ଅର୍ଘ୍ୟ ସବୁରି  ମା' ଘେନା କର
ଶୀତ ସକାଳରେ ସବୁରି ଦୁଆରେ
ପଡ଼ି ଚରଚି ପଦ୍ମ ପୟର  ।

କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୋରିଷ ଫୁଲରେ ଗୁନ୍ଥିଛି ମାଳ ମୁଁ

ଡଃ ତାନଶ୍ରୀ ପାଣିଗ୍ରାହୀ



ହଳଦୀ ରଙ୍ଗର ସୋରିଷ କିଆରୀ
ଦିଶଇ ଭାରି ସୁନ୍ଦର
ପେନ୍ଥା ପେନ୍ଥା ଫୁଲ ହସେ ଖିଲି ଖିଲି
ମନ କିଣେ ସଭିଙ୍କର...

ଅପରୂପ ଶୋଭା ଦିଶେ ଝଲମଲ
ଲାଜବତୀ ଫୁଲରାଣୀ
ହଳଦୀ ରଙ୍ଗର ନୂଆ ଶାଢ଼ୀ ପିନ୍ଧି
ମଥାରେ ପାଟ ଓଢଣୀ...

ଉତ୍ତରା ପବନ ବହେ ଶିରି ଶିରି
ମିତ ପରି ଆସେ ଶୀତ
ଘର ଓ ଅଗଣା ଚାଉଳ ଝୋଟିରେ
ହୋଇଥାଏ ସୁସଜ୍ଜିତ...

ରାତି ସାରା ଭିଜେ କାକର ଟୋପାରେ
ପ୍ରକୃତି ମାଆ ପଣତ
ମହାଲକ୍ଷ୍ମୀଙ୍କର ଆବିର୍ଭାବ ହୁଏ
ଧନ୍ୟ ହୁଏ ଏ ଜଗତ...

ଶୀତ ସକାଳରେ ମହକ ଛୁଟାଇ
ଆସିଛ ହେ ମାର୍ଗଶିର
ଗୁନ୍ଥିଛି ଯତନେ ସୋରିଷ ଫୁଲରେ
ତୁମ ପାଇଁ ପ୍ରୀତିହାର...॥

ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୋରିଷ ଫୁଲରେ ଗୁନ୍ଥିଛି ମାଳ ମୁଁ

ଗୀତାଞ୍ଜଳି ଭୂୟାଁ



ହେମନ୍ତର ଅନ୍ତ ପ୍ରତ୍ୟୁଷ ଶିଶିରେ
ସିକ୍ତ ଧୂମାୟିତ ନିଥର ଧରା
ପହିଲି ଶୀତର ନହୁଲି ପରଶେ
ପ୍ରକୃତି ମେଲିଛି ଶୋଭା ପସରା ।

ସ୍ୱର୍ଣ୍ଣ ବେହରଣ କେଦାର ସୁଷମା
ଦର୍ଶନେ ବିମୁଗ୍ଧ କୃଷକ ଚିତ୍ତ
ସାଗର ଦୂଲଣୀ ବାର୍ତ୍ତା ଆଗମନୀ
କରଇ ପ୍ରଚାର ମୃଦୁ ମରୁତ ।

ମାର୍ଗଶିର ମାସ ସ୍ୱଚ୍ଛ ପରିବେଶ
ଘର ଅଗଣା ମୋ ଧବଳ ତୋରା
ଗୁରୁବାର ଝୋଟି ପକାଇ ସୁମନେ
ସଜାଇଛି ଲକ୍ଷ୍ମୀ ଆସିବେ ପରା ।

ଆଙ୍କି ଦେଇଛି ମୁଁ ପଦ୍ମ ଶଙ୍ଖ ଚିତା
ମାଆ ଅନ୍ନପୂର୍ଣ୍ଣା ବେନି ପୟର
ସୁଦୟା କରିବ ମାତା ନାରାୟଣୀ
କୁଟିରକୁ ବାରେ ଆସିବ ମୋର ।

ଉଷା ସ୍ନାନ ସାରି ମାଣ ଧାନ ଭରି
ଖଟୁଲିରେ ଥାପି ମାଆ ମୂରତି
ସଜାଡି ରଖିଛି ନାନା ଉପଚାର
ନାଲି ଓଢଣୀରେ ଦିଶେ ଝଟତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଖୁ ଅଦା ଗୁଆ କଦଳୀ ନଡ଼ିଆ
ମୂଳା ଲାଗି ରହେ ମାଆ ପାଖରେ
ଧୂପ ଦୀପ ଝୁଣା ଅଗୁରୁ ଚନ୍ଦନ
ସୁବାସ ମହକେ ଚଉଦିଗରେ ।

ପଦ୍ମାଳୟାଙ୍କର ପଦ୍ମ ଫୁଲେ ଶ୍ରଦ୍ଧା
ରଖିଛି ଆମ୍ଭାନେ ସଯତ୍ନେ ଅତି
ଗେଣ୍ଡୁ କନିଅର ଟଗର କୁସୁମେ
ସଜାଇଛି ଅଙ୍ଗେ ଦେଇ ସେବତୀ ।

ସୋରିଷ ଫୁଲରେ ଗୁନ୍ଥିଛି ମାଳା ମୁଁ
ଗଳାରେ ଶୋଭିତ ସତେ ସୁବର୍ଣ୍ଣ
ଦାଉ ଦାଉ ଦିଶେ ହରିଦ୍ରା ବଦନୀ
ଦର୍ଶନେ ଆନନ୍ଦ ମୋ ମନ ପ୍ରାଣ ।

ପିଠା ପଣା ଖିରୀ ଖେଚେଡ଼ି ସାକର
ଭକ୍ତି ଭରେ ବାଢ଼ି ଦେବି ନୈବେଦ୍ୟ
ଜଗତ ଜନନୀ ପେଚକ ବାହିନୀ
ହରିବ ସକଳ ତମସା ଖେଦ ।

ସାଲେପୁର, କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୋରିଷ ଫୁଲରେ ଗୁନ୍ଥିଛି ମାଳ ମୁଁ

ଭାସ୍କର ରାଉତ



ହେଲା ମଗୁଶିର ପଡ଼ଇ କାକର
ସୁନା କ୍ଷେତ ଝଲସଇ,
ପାହାଡ଼ି କ୍ଷେତରେ ସୋରିଷ ବାଡ଼ରେ
ସୋରିଷ ଫୁଲ ହସଇ ।।୦।।
ହେବ ମାଣ ପୂଜା ଘରଦ୍ୱାର ସଜା
ଗୋମୟରେ ଲିପି ଦେଇ,
ନାନା ଜାତି ଚିତା ଦୁଆରେ ଶୋଭିତା
ସିନ୍ଧୁ ସୁତାଙ୍କର ପାଇଁ ।
ସୋରିଷ ଫୁଲରେ ହାର ଗୁନ୍ଥିଛିରେ
ଗଳାରେ ଦେବି ଲମ୍ବାଇ ।।
ନୂଆ ଧାନ ଦେଇ ମାଣକୁ ଭରାଇ
କଟୁରିରେ ଥାପି ଦେଇ,
ଧାନ ମେଣ୍ଟାଟିକୁ ଝୁଲାଇ ତାହାକୁ
ହଳଦୀ କଉଡ଼ି ନାଇ ।
ଶୁକ୍ଳ ବସନକୁ ଓଢ଼ଣୀରେ ତାକୁ
ମଥାରେ ଦେବି ଘୋଡ଼ାଇ ।।
ଧୂପ ଦୀପ ଜାଳି ହୋଇ ନିଉଛାଳି
ନାନା ଭୋଗକୁ ଲଗାଇ,
କ୍ଷୀରାବ୍ଧି ତନୟା ପାଦତଳେ କାୟା
ଅଚିରେ ସମର୍ପି ଦେଇ ।
ଜଗତ ମଙ୍ଗଳ ପାଇଁ ମୁଁ ଜଞ୍ଜାଳ
ତା ପାଶେ କରିବି ମୁହିଁ ।।

ଦେବମାୟା ଭବନ
ଶେରଗଡ଼,ଗଞ୍ଜାମ
୯୭୭୬୪୮୬୬୨୮

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସୋରିଷ ଫୁଲରେ ଗୁନ୍ଥିଛି ମାଳ ମୁଁ

ସଂଯୁକ୍ତା ସାହୁ



ଭିଜା ଭିଜା ଶୀତ କାକରର ସ୍ୱଚ୍ଛ ଧଳା ରଙ୍ଗରେ
ରଙ୍ଗାୟିତ ଘାସ ଗାଳିଚାର ଚାଦର
ନା ନା ରଙ୍ଗ ଫୁଲ ଫଳ ଭରା ବାଡ଼ି ବଗିଚାର
ଦୃଶ୍ୟ ଦିଶୁଥାଏ କେଡେ ସୁନ୍ଦର ।
ପବିତ୍ର ମାର୍ଗଶିର ମାସର ଆଗମନରେ ସାରା
ସଂସାର ମଧୁମୟ ହୋଇଯାଏ
କୃଷକ ତା ଧାନ କ୍ଷେତର ପସରା ମେଲେଇ
ଅତି ଆନନ୍ଦରେ ବିହ୍ୱଳିତ ହୁଏ ।
ସୁନ୍ଦରୀ ସୋରିଷ ଫୁଲ ତା ଦେହରେ ହଳଦୀ
ମାଖି ଫୁଲେଇ ହୋଇ ଝୁମୁଥାଏ
କି ସୁନ୍ଦର ତା 'ର ରୂପଟି ଯେ ଭ୍ରମର ଉଡି
ଏପଟ ସେପଟ ହୋଇ ବୁଲୁଥାଏ ।
ସେଇ ସୋରିଷ ଫୁଲ ଅତି ଦରକାରୀ ପରା
ମାଆ ଲକ୍ଷ୍ମୀଙ୍କର ପୂଜାକୁ ନେଇ
ଗୁରୁବାର ମାଣବସା ଓଡ଼ିଆଙ୍କ ବଡ଼ ପୂଜା
ତା ବିନା ଖଟୁଲି ସଜା ହୁଏ ନାହିଁ ।
ସେଇ ଫୁଲକୁ ଗୁନ୍ଥିଛି ମାଳ ମୁଁ ଭକ୍ତିର ଅର୍ଘ୍ୟ
ଢ଼ାଳି ମାଆ ଲକ୍ଷ୍ମୀଙ୍କୁ ସଜାଇବି
କି ସୁନ୍ଦର ଦିଶିବେ ମୋ ମାଆ ଠାକୁରାଣୀ
କି ଉପମା ମୁଁ ତାଙ୍କୁ ବା ଦେବି ।


ରାହାମା, ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବାନ୍ଧବୀର ରୋଷ

ପ୍ରକ୍ଷାଳୀନ ସାହୁ



କର୍ମ ବ୍ୟସ୍ତତାରେ ହଜି ଯାଇଥିଲି
ଭୁଲି ନିଜ ଭାବ ପୁର
କବିତା ବାନ୍ଧବୀ ରୋଷ କରିଅଛି
ଆସୁନି କାହିଁ ତା ଘର ।।
ହୃଦୟରେ ସିଏ ସ୍ପନ୍ଦନ ସାଜିକି
ଅମ୍ଳଜାନ ଦେଉଅଛି
ଜଣା ତାକୁ ସର୍ବ ସାଜୁଛି ଅଜଣା
ଦେଖି ମୁହଁ ଫେରାଉଛି ।।
ନିଜ ନାବିକକୁ ପଠାଉଛି ପଛେ
ବୁଝିବାକୁ ହାଲଚାଲ
ପ୍ରକ୍ଷାଳୀନ ହୃଦ ଗାଉଛିକି ନାହିଁ
ଜୀବନର ସତ୍ତା ମୂଲ୍ୟ ।।
ଆସିଥିଲେ ଦିନେ ନାବିକ ସେ ଦୁଇ
ବସାଇଲେ ନାଡ଼ ମଧ୍ୟେ
ହସାଇ ହସାଇ ସ୍ନେହ ପୁର ସ୍ୱର୍ଗେ
ଚାଲିଗଲେ ତାଙ୍କ ପଥେ ।।
ଭାବିଥିଲି ମୁହିଁ ସେହି ପଥ ଅନ୍ତେ
ସତେ କି ମୁଁ ଦିଗହରା
କର୍ମ ପଛେ ପଛେ ଭୁଲି ମୁଁ ଯାଉଛି
ମୋ ନିଜ ଖୁସି ପସରା ।।

ଏହି ଭାବ ବୁଝି ହସିଲା ବାନ୍ଧବୀ
ରୋଷ ତାର ଭାଙ୍ଗିକରି
ବୁଝାଇଲା ସାଥି କର୍ମ ହିଁ ଜୀବନ
ହସେ ବିହଙ୍ଗ ସେ ପରୀ ।।
ନିଜକୁ ଭୁଲିବା ଅଜ୍ଞାନର ଗୁଣ
ନିଜକୁ ଜ୍ଞାନୀ ବୋଲାଇ
ଅନ୍ତର ହସିଲେ ପରମାତ୍ମା ବେଶ
କର୍ମ ମୁଖେ ଦିଶିଥାଇ ।।
ଶୁଣି ବାନ୍ଧବୀର ମଧୁର ଏ ଭାଷା
ଲେଖିଦେଲି ଦୁଇପଦ
କର୍ମ ଧର୍ମ ସହ ହସାଅ ସ୍ୱ ସ୍ଥିତି
ହସାଇକି ଭାବ ହୃଦ ।।

ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମା ପଦ୍ମାଳୟା

ଭାରତୀ ହୋତା



ମା ' ସାଗର ନନ୍ଦିନୀ

ଜଗତ୍‌ଜନନୀ ! ! !

ଆସ ମା'

ପରିତ୍ରାଣ କର

ଧରାର ଅଭାବ ଅନାଟନ

ମନ୍ତ୍ର ପାଣି ସିଞ୍ଚି ହରଣ କର

ଦୁଃଖୀ ରଙ୍କିଙ୍କ ଦୈନ୍ୟ ଦୁର୍ଦ୍ଦଶାକୁ

ସ୍ୱର୍ଣ୍ଣିମ ପୂର୍ବାକାଶରୁ

ସଭିଙ୍କ କଣ୍ଠକୁ ତୋଳି ଆଣ

ନବ ପ୍ରଭାତର ଓଁକାର ଧ୍ୱନି

ଜୟ ଜୟ ଧ୍ୱନି ଝଙ୍କୃତ ହେଉ ଗଗନେ ପବନେ

ସାର୍ଥକ ହେଉ ନାମ ପତିତ ପାବନୀ ।

ମା' ମହାଲକ୍ଷ୍ମୀ

ବିଶ୍ୱବାନ୍ଧବୀ

ସୃଷ୍ଟି ପାଳିନୀ

ଆସ ମାତଃ ! !

ଦୂର ଦିଗବଳୟରୁ

ପକ୍ଷୀମାନଙ୍କ କାକଳିରୁ

ସବୁ ସୀମାନ୍ତନୀଙ୍କ ଓଢ଼ଣା ତଳକୁ

ସାଉଁଟି ଆଣ ଆନନ୍ଦର ହୁଳହୁଳି

ନିର୍ବାପିତ କର ମନରୁ

ଦୁଃଖ ଆଉ ଦୁର୍ଦ୍ଦିନର ମେଘ

ଧେନୁ, ବତ୍ସା, ଆବାଳବୃଦ୍ଧ ବନିତା,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବନପୁଷ୍ପ, କୀଟ ପତଙ୍ଗ
ସଭିଙ୍କ ମୁଖରେ ମାଖିଦିଅ
ସ୍ମିତହାସ୍ୟର ଅମୃତଧାରା ।

ମା 'କମଳିନୀ
ପଦ୍ମହସ୍ତା
ବିଶ୍ୱଜନନୀ
ପଡ଼ିଦାତ୍ରୀ
ଆସ ମାତଃ !
ସର୍ବହରାର ଶୂନ୍ୟ ପାତ୍ରରେ
ଢାଳିଦିଅ ତଣ୍ଡୁଳ
ଧ୍ୱଂସକରି ଅଭାବର କରାଳଛାୟା,
ସବୁ ହୃଦୟରେ ଜାଳିଦିଅ
ଅଭୟର ଅନଳ ।

ମା 'ହରିପ୍ରିୟା
ଯୁବପୀଢ଼ି ଛାତିତଳେ
ଛାଇଦିଅ ମାତୃ ପ୍ରେମ ଗୀତି
କୀଟଠାରୁ ତୃଣ
ପ୍ରବୀଣଠୁ ଭୃଣ
ସଭିଙ୍କ ଓଠରେ ଦିଅ
ଦେବୀ ସ୍ତୁତି...।

ମା' କମଳିନୀ
ଅଭୟ ବରଦାୟିନୀ
ଅନ୍ନପୂର୍ଣ୍ଣା
ଆସ ମାତଃ ! !
ପରିତ୍ରାଣ କର ସସାଗରା ଧରା
ମାନବ ପାଦରେ ଦିଅ ସ୍ଫୁର୍ତ୍ତି
ଚକ୍ଷୁରେ ଦିଅ ଜ୍ୟୋତି
ଲଲାଟରେ ଦିଅ ତେଜ
ଅନ୍ତରାତ୍ମାରେ
ପ୍ରଜ୍ୱଳିତ କର ସ୍ନେହାଗ୍ନି
ଶିରରେ
ଢାଳିଦିଅ
ଶାନ୍ତିର ସହସ୍ର ଧାର ଶୁଭାଶିଷ ।

ନୂଆପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କ୍ଷୀରାବ୍ଧି ତନୟା

ନିରୁପମା ପଣ୍ଡା



କ୍ଷୀରାବ୍ଧୀ ତନୟା ଜଗତ ଜନନୀ
ବିଷ୍ଣୁ ଙ୍କ ପ୍ରାଣ ବଲ୍ଲଭା
ସମୁଦ୍ର ମନ୍ଥନ ଦେବାସୁର କଲେ
ମାଆ ଲୋ ହୋଇଲୁ ଉଭା ।।

ଶ୍ରୀ ନାରାୟଣଙ୍କ ବକ୍ଷସ୍ଥଳେ ବାସ
ଶ୍ରୀ ସମ୍ପଦ ଅଧିଷ୍ଠାତ୍ରୀ
ଶୁଦ୍ଧ ସ୍ୱତମୟୀ ଲୋଭ ମୋହ ନାହିଁ
ତୁମେ ମାତା ଭୃଗୁ ପୁତ୍ରୀ ।।

ସାଗରୁ ପ୍ରକଟ ଖିରାବ୍ଧି ତନୟା
ପଦ୍ମିନୀ ବିଦ୍ୟା ଭୂଷିତା
ସ୍ୱର୍ଗେ ସ୍ୱର୍ଗ ଲକ୍ଷ୍ମୀ ରାଜେ ରାଜ ଲକ୍ଷ୍ମୀ
ଭୋଗ ବିନା ତୁମେ ତୃପ୍ତା ।।

ଗୃହେ ଗୃହ ଲକ୍ଷ୍ମୀ ତୁମେ ଅଟ ମା
ଆଠ ରୂପ ତୁମ ଶ୍ରେଷ୍ଠ
ଆଦ୍ୟଲକ୍ଷ୍ମୀ ବିଦ୍ୟାଲକ୍ଷ୍ମୀ କାମଲକ୍ଷ୍ମୀ
ପଦ୍ମ ଫୁଲେ ଉପବିଷ୍ଟ ।।

ସୌଭାଗ୍ୟଲକ୍ଷ୍ମୀ ସତ୍ୟଲକ୍ଷ୍ମୀ ଯୋଗଲକ୍ଷ୍ମୀ
ଭାଗ୍ୟ ଲକ୍ଷ୍ମୀ ନାରାୟଣୀ
ଭୋଗଲକ୍ଷ୍ମୀ  ତୁମେ ଅମୃତଲକ୍ଷ୍ମୀ ମା
ଜୀବ ଜଗତ ପାଳିନୀ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଦ୍ରା କାରଣ ଆଦ୍ରା ଅନ୍ତକରଣରେ
ଭକ୍ତ ଦୁଃଖ ଦୂର କରୁ
ଦୁଃଖ ଦାରିଦ୍ର୍ୟକୁ ଜାଳି ଦେଇ ତୁହି
ସୁଖର ଆଲୋକ ଭରୁ ।।

କମଳ ବିହାରିଣୀ ମା ବିଷ୍ଣୁପ୍ରିୟା
କମଳ ଗନ୍ଧା କମଳା
ଶ୍ୱେତା ଶୁଭ୍ରବସ୍ତ୍ରା ବିମଣ୍ଡିତା କାନ୍ତା
କମଳ ହସ୍ତା କମଳା ।।

ଜୟ ମହାଲକ୍ଷ୍ମୀ ଜଗତ ଜନନୀ
କୋଟି କୋଟି ପ୍ରଣିପାତ
ଜଗତର ଦୁଃଖ ହାରିଣୀ ମା ଲୋ
ସମସ୍ତେ ତୋର ଆଶ୍ରିତ ।।

ଆଳି, କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶିକ୍ଷକର ବିଚାରକ କିଏ

ବିଜୟ କୁମାର ମୁଣ୍ଡା

ସକାଳ ହୋଇଛି ନାହିଁ ଉଠି ଯାଏ
ଘର ପାଇଁ ବେଳ ନ ଥାଏ ।

ସବୁବେଳେ ଚିନ୍ତା ଥାଏ କେମିତି ବିଦ୍ୟାଳୟ
ତାକୁ ବିଦ୍ୟାଳୟ ପରିବେଶ କେତେ ଆନନ୍ଦ ଦିଏ ।
ଠିକ୍ ସାଢ଼େ ନଅ ହେଉ ହେଉ ବିଦ୍ୟାଳୟରେ ପହଞ୍ଚି ଯାଏ
ଦଶଟା ବେଳକୁ ପ୍ରାର୍ଥନା ଆରମ୍ଭ ହୁଏ
ତା ପରେ ନୀତି ଶିକ୍ଷା ଆଉ ପିଲାଙ୍କ ଗଣନା ନଖ ଦେଖା ।

ଭଲ ମଣିଷ ଟିଏ ଗଢ଼ିବା ପାଇଁ ପାଇଁ ବୁଢ଼ା ମାଷ୍ଟର ଅକ୍ଳାନ୍ତ ପରିଶ୍ରମ କରେ ।
ସେଇଠି ସାହିତ୍ୟ ସେଇଠି ଗଣିତ ପୁଣି ଇତିହାସ ଭୂଗୋଳ ଏକା ଜଣେ ଶିକ୍ଷକ

ବିଶ୍ରାମ ନେବା ପାଇଁ ୨ ମିନିଟ୍ ର ବି ସମୟ ନ ଥାଏ
ତା ଭିତରେ ପିଲାଙ୍କ ଦୁଷ୍ଟାମି ସମ୍ଭାଳିବାକୁ ହୁଏ ।

ଠିକ୍ ୧ ଟା ବାଜିଲେ ପିଲାମାନେ ଖାଇବେ
୨ ଟା ବେଳୁ ପୁଣି ଆଉ ଥରେ ପାଠ ପଢ଼ା ଆରମ୍ଭ ।
ଏହି ଭଳି ପ୍ରତି ଦିନର ଘଟଣାରେ ଏହି ବୁଢ଼ା ମାଷ୍ଟରଟା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତା ଜିବନରେ କେତେ ଜୀବନ ଗଢିଛି ।

କେତେ ଡାକ୍ତର ଗଢ଼ିଛି କେତେ ଇଂଜିନିୟର
ଗଢିଛି ପୁଣି କେତେ ଅଫିସର୍ ।

କେତେ ନୀତିଶିକ୍ଷା ବାଣ୍ଟିଛି ନିଜ କଥା ଭାବିନି
ସବୁ ବେଳେ ପିଲାଙ୍କ ଭବିଷ୍ୟତ ପିଲାଙ୍କ ଆଲୋକିତ ଜୀବନ ।

ଏହି ସଙ୍ଘର୍ଷ ମୟ ଜିବନରେ ଆଜି ତା ବିଚାରକ ସାଜିଛି କୁଆଡ଼େ ସାମ୍ବାଦିକ ।
ସାମ୍ବାଦିକ ସମ୍ବାଦର ମୁଖ୍ୟ ପୃଷ୍ଠାରେ ଲେଖିଛି ସାର୍ ଡାଲି ଟଙ୍କା ଖାଇଗଲେ ।

ଜୀବନ ସାରା ଯାହାର ଜୀବନ ଉସର୍ଗ ଥିଲା
ଦେଶ, ଜାତି ଟେକ ଆଉ ପିଲାଙ୍କ ଭବିଷ୍ୟତ ଚିନ୍ତାରେ ।

ଆଜି ଏ କି ଉପହାର ମିଳିଲା ସାମ୍ବାଦିକ ସାଜିଲା ବିଚାରକ
ବଦନାମ୍ ହେଲା ଆଜି ଡାଲି ପାଇଁ ଏ କି ନ୍ୟାୟ ।

ଉତ୍କଳ କରାଟେ ସ୍କୁଲ ତେଲକୋଇ
୭୦୦୮୯୨୪୦୬୧



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନାରୀ

ଚିନ୍ମୟୀ ମିଶ୍ର

ବହିଯାଏ ତା ଲୁହ ଆଜି ହୋଇ ଝର
ଜାଣିନି ଆଜି ସେ ପଥ ତାର
ଅନେକ ଯନ୍ତ୍ରଣା ମନେ ଭରି ରହିଛି ତାର
ତଥାପି ସେ ସେ ହାରିନି
ବହି ଚାଲିଛି ହୋଇ ସେ ନିର୍ବିକାର
ନାହିଁ ଆଜି ନିଜ ଠିକଣା ତାର
ନା ସେ ଆଜି ଝିଅ ବାପଘରର
ନା ସେ ବୋହୂ ଶାଶୁଘରର
ସବୁ କାହାଣୀ ଲୁହ ଭିଜା ତାର
ଲୁହ ପୋଛି ହସ ଫୁଟାଇ କି ପାରିବ
କୋଉ ଯାଦୁଗରର ଯାଦୁ ଅବା ତାର
ନାରୀଟିଏ ବୋଲି
ମୂଲ୍ୟ ନାହିଁ କି ଆଜି ତା ଲୁହର
କଣ୍ଟକିତ ଭରା ପଥ ଯେ ତାର
ହେଲେ ବି ସେ ଚାଲିଛି ଆଜି କରି ସଭିଙ୍କୁ ଆପଣାର
ହେଲେ ବି ନାହିଁ ସନମାନ ଏଠି ତାର
ନାରୀ ନୁହେଁ ସେ ଜିଅନ୍ତା ଠାକୁର...

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜହ୍ନ ହସେ କିରିକିରି

ଜ୍ୟୋସ୍ନା ପାଣି



ଜହ୍ନ  ହସେ କିରି କିରି
ପୂର୍ଣ୍ଣିମା ଦିନକୁ ଚାହିଁ ରହିଥାଏ
ବିରହ ଯାତନା ସହି
ଉଇଁ ଆସ ଯେବେ  ନୀଳ ଗଗନରେ
ଭାବେ କିଛି ଦେବି କହି ।
ତୁମ ଆଉ  ମୋର ପ୍ରେମ ପ୍ରଣୟ ଟି
କେତେ ଯେ ଗଭୀର  ସତେ
କୋମଳ  ମୋ ତନୁ
ସରସୀ ଜଳରେ ଝରୁଥାଏ ସଦା କେତେ ।
କଇଁ ଖୋଜୁଥାଏ ଚାନ୍ଦର ପରଶ
ଜାଣିଛି ପାର୍ଥିବ ମିଳନ ନାହିଁ
ତଥାପି ଶାଶ୍ୱତ ପ୍ରେମର ସ୍ମାରକୀ
ପ୍ରେମର ଦୂରତ୍ୱ କଳନା ନାହିଁ ।

ଦୁହିଁଙ୍କ ହୃଦୟ ମିଳନର ଗାଥା
ସତେ କେତେ ଗାଢ ଆଉ ଅମର
ଅଦିନିଆ ଝଡ ବତାସ ଜୋସ୍ନାକୁ
କଇଁ ଠାରୁ କେବେ ହେବନି ଦୂର ।
ଜହ୍ନ ଜୋଛନାର କିରି କିରି ହସ
ଝରୁଥାଏ ସଦା କୁମୁଦ ପାଇଁ
ଜାଳୁ ଏ ଦୁନିଆ ସେହି ପ୍ରେମ ବହ୍ନି
ମିଥ୍ୟା ପ୍ରଲୋଭନର ମୂଲ୍ୟ ନାହିଁ ।

ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା
୯୩୩୭୭୨୧୯୭୧

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଜହ୍ନ ହସେ କିରିକିରି

ଦେବେନ୍ଦ୍ର ନାୟକ



ପୁନେଇଁ ତିଥିରେ ଅତି ହରସ ରେ
କିରି କିରି ଜହ୍ନ ହସେ
ରାହାସ ପୂର୍ଣ୍ଣିମା ତିଥିଟି ସୁନ୍ଦର
ରାଧା କୃଷ୍ଣ ପୂଜା ଆସେ ।
କୁଆଁର ପୁନେଇ ଜହ୍ନ ହସେ ଦେଖି
କୁଆଁରୀ ହସ୍ତରେ ଚାନ୍ଦ
କୁଆଁରୀ ମାନେ ଯେ ପୂଜା କରିଥାନ୍ତି
ଯାଚି ନାନା ନଇବେଦ୍ୟ ।
ଜହ୍ନ ହସୁଥାଏ କଇଁ ପ୍ରୀତି ଦେଖି
ଆହା କି ନିଆରା ପ୍ରେମ
ଭାବକୁ ନିକଟ ଅଭାବକୁ ଦୂର
ନଥାଏ ମିଳନ କାମ୍ୟ ।

ଜହ୍ନର ଯୋଛନା ଶାନ୍ତିର ପ୍ରେରଣା
ପ୍ରେମୀ ଯୁଗଳଙ୍କୁ ଦେଖି
କିରି କିରି ହସେ ନକରି ସନ୍ଦେହ
ଆଶିଷ ବରଷା ରଖି ।
ରୂପା ଶଗଡ଼ିରେ ସୁନା କନିଆଁ ଟି
ଯେବେ ଯାଏ ଜହ୍ନ ଦେଖି
କିରି କିରି ହସି ଜହ୍ନ କହିଦିଏ
ସଦା ରହିବୁ ତୁ ସୁଖି ।

ମିଟୁଆଣୀ, ଠାକୁରମୁଣ୍ଡା, ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପ୍ରିୟା

ସରୋଜ କୁମାର ପଣ୍ଡା



ପ୍ରିୟା....

ତୁମେ ଆସ ଯେବେ.......

ଭିଜା ଭିଜା ମାଟି ବାସ୍ନାରେ

ପୁନେଇ ରାତିର ଜ୍ୟୋସ୍ନାରେ

ବସନ୍ତର ମୃଦୁ ମଳୟରେ

ବାତ୍ୟାବିଭୀଷିକା ପ୍ରଳୟରେ

ପ୍ରୀତି ଫଗୁଣର ଅବିରରେ

ମେଘମହ୍ଲାର ବର୍ଷା ଧାରେ ।

ତନୁ ମନ ମୋର

ଶିହରିତ ହୁଏ......

କୋମଳ ହାତର ସ୍ପର୍ଶରେ

ତୁମ ଗୋଲାପୀ ରଙ୍ଗର ବସ୍ତ୍ର ରେ

ତୁମ ନାଲି ଅଧରର ଚୁମ୍ବନରେ

ତୁମ ଲାଜେଇ ଆଖିର ଅଞ୍ଜନରେ

ତୁମ ପଣତ କାନିର ଛୁଆଁରେ

ପୁଣି ପ୍ରେମ ପ୍ରଣୟର ନିଆଁରେ ।

ମନ ଲାଖିଯାଏ

ଦେଖିଦିଏ ଯେବେ.......

ଆଖିରେ ଆଖିର ଇଶାରା ରେ

ଆଶା ବିଶ୍ୱାସରର ସାହାରାରେ

ସ୍ୱଚ୍ଛ ମନର ଆଇନାରେ

ନିଝୁମ ରାତିର ବିଛଣା ରେ

ଶୀତୁଆ ସକାଳ କାକରରେ

ପୁଣି କୃଷ୍ଣଚୂଡ଼ା ନାଲି ଅଧରରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଙ୍କିଦିଅ ଯେବେ

ତୁମ ଭାବରେଖା.......

ମନ କମଳର ପାଖୁଡ଼ାରେ

ହିସାବ ଖାତାର ପୃଷ୍ଠାପରେ

ରଙ୍ଗବୋଲା କୋରା କାଗଜରେ

ଶ୍ରାବଣର ଭସା ବଉଦରେ

ସୁପ୍ତ ପ୍ରାଣର ଉଜାଗରେ

ପ୍ରେମ ମନ୍ଦିରର ପୂଜାଘରେ।

ଧର୍ମଗଡ଼, କଳାହାଣ୍ଡି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଫେରିଆରେ ସମୟ ତୁ ଫେରିଆ ଥରେ

ସ୍ୱାଗତିକା ସାହୁ



ଭାବନାର ପଣତ କାନିରେ
ସମୟର ସାତରଙ୍ଗକୁ
କେମିତି ପାରିବି ବାନ୍ଧି ???
ସେ ତ ଚାଲି ଯାଇଛି ପ୍ରଜାପତି ସାଜି
ବଦଳି ଯାଇଛି ଋତୁ ଋତାୟନ ତା ବାସ୍ନା
ଯେବେ ମନେ ପଡେ ଅଳ୍ପ ଅଳ୍ପ....
ଲେଖି ବସେ ଛାତି ଦରଜାର ଶବ୍ଦ ନେଇ
ଲୋତକର ମୁକ୍ତା ଅଞ୍ଜଳିରେ,
କେବେ ପଖାଳେ ତା ସ୍ମୃତି ଦର୍ପଣକୁ...
କେବେ ସାଇତି ରଖେ
ଓଠର କମୋଳତାରେ....

ସ୍ୱପ୍ନକୁ ସଜାଉ ଥିବା ମନଟା ଥିଲା
ଭାରି ଚଗଲା ! ଚୁଲ୍ ବୁଲି...
କେବେ ଚାଲି ଯାଇଛି ପ୍ରଜାପତି ଖୋଜି
କେବେ ବାପା କୋଳେରେ ମିଠା ମିଠା କଥା
କେବେ ସାଙ୍ଗ ସାଥିରେ ଗୁପଚୁପ ମଜା
କେବେ ସ୍କୁଟି ଧରି କଲେଜ୍ ସଜ୍ଜା

ଆଉ ପ୍ରାଟିକଲ୍ ରେ ବେଙ୍ଗ କଟା ନିଶାଟା
ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟର ପେଶା
ଭାଇ ଭଉଣୀ ସହ ମନ ଅଭିମାନ
ଖାଇ ସାରି ମାଁ ପଣତରେ ହାତ ପୋଛା...

କେବେ ଆଉ ଆସିବନି,
ସେଇ ସ୍ମୃତିରେ ବେଳାଭୂମି ...
ଅନେକ କଥା ବରି ନେଇଛି
ଏବେ ଏ ନୀରବତା ... ! !
ଫେରିଆରେ ସମୟ ତୁ ଫେରିଆ ଥରେ
ଛାପ ଚିହ୍ନ ସବୁ ରହିଛି ତେଜି...

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଉଁଶ ତଳର ନିଆଁ ପରି

କୁହୁଳୁଛି କିଛି ସ୍ମୃତି

ନିଆଁରେ ଦହକାରେ

ଜଳି ଯାଇଛି ତମାମ ସମୟ...

କେବେ ବଡ଼ ହୋଇଗଲି ବାହା ବେଦିରେ

ଲୁହ ଲୁଚାଇ ସାଜେ କୂଳବଧୂଟେ

ଏବେ ସାଥୀ ସହ ସାଥୀ ହୋଇ କାଟେ

ବଳକା ଆୟୁଷ ନେଇ ବିଭୁ ନାମ

ସେଇ ସମୟର ଚିବୁକରେ

ଚାଲିଯାଇଥିବା ସମସ୍ତ ସମୟକୁ

ବଶ କରି ପାରେନା ମୋ କବିତା ବି...

ଉମରକୋଟ, ନବରଙ୍ଗପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୁଁ

ବାସନ୍ତୀ ଲତା ଜେନା



ମୁଁ ଦିବ୍ୟ ଆଲୋକର ସନ୍ତାନ
ମୁଁ ନାରାୟଣ ଅଂଶ ମହାନ
ମୁଁ ର ପରିଧି ଅତିବ ବିଶାଳ
ଜୀବ ପରମର ଭାବର ମିଳନ ।୧।

କର୍ତ୍ତବ୍ୟ ପଥରେ ସଦା ବ୍ରତୀ ଥିବି
ଜଗତର ହୀତ କଲ୍ୟାଣ କରିବି
ଦୁର୍ଲ୍ଲଭ ଜୀବନ ସଫଳ କରିବି
ପରହିତେ ସଦା ଦିନ ବିତାଇବି ।୨।

ଅସୀମ ସହସେ ନିର୍ଭିକ ହୋଇବି
ବିଶ୍ୱାସ ଭରସା ନିଜଠି ରଖିବି
ଭଗବାନ ନାମ ତୁଣ୍ଡରେ ଧରିବି
କର୍ତ୍ତବ୍ୟ ପଥରେ ଆଗେଇ ଚାଲିବି ।୩।

ମୁଁ ସ୍ୱଚ୍ଛ ସରଳ ନିରୀହ ଜୀବନ
ସତ୍ୟ ଦୟା କ୍ଷମା ମୋ ନିଜସ୍ୱ ଗୁଣ
ଦୁର୍ନୀତି ଦୂରେଇ ନୀତିରେ ଚାଲିବି
ଅହିଂସା ପଥରେ ପଥିକ ହୋଇବି ।୪।

ବାଲ୍ୟ କାଳୁ ଧର୍ମ ଧନ ମୁଁ ସଞ୍ଚିବି
ଈଶ୍ୱରଙ୍କ ଗୁଣ ନାମ ଜପୁ ଥିବି
ମୁଁ ସର୍ବ ସମ୍ପୂର୍ଣ୍ଣ ଅହଂ ନ କରିବି
ମାନବ ସେବାରେ ଜୀବନ ମୁଁ ଦେବି ।୫।

ମୁଁ ର ରାକ୍ଷସ ସର୍ବ କରେ ଗ୍ରାସ
ଲୋଭ ମୋହ ସାଥେ ନ ହୋଇବି ବଶ
ଅହଂ ଛାଡି ଦେଇ ସରଳ ହୋଇବି
ଭଗବାନ ପାଶେ ଶରଣରେ ଯିବି ।୬।

ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୁଁ କିଏ

ବିଷ୍ଣୁ ପ୍ରସାଦ ମିଶ୍ର



ମୁଁ, କିଏ ଜଗା, ମୁଁ ମଲାପରେ,
ମୋ ପାଇଁ ମାଗିବି, ତୋ ସ୍ୱର୍ଗଦ୍ୱାର  (୨ଥର)
ଆସିଛି କାହିଁକି, ଯିବି କେଉଁଠିକି (୨ଥର)
"ସତେ" ଏ ଦେହ ତ, ନୁହେଁ ମୋର... ୦. ପଦ.

ମିଛ, ଦୁନିଆଁରେ, ମାୟା ପୁତୁଳିକୁ,
ମର'ଦେହ କହେ ମୋର,
ମୁଁ, ମଲା ପରେ, କି'ଅବା ଦେଖିବି
ଯେତେ, ଅର୍ଜିତ ମୋହର,
ମୋତେ, ପୋଡ଼ିବେ କି, ପୋତିବେ ଜାଣିନି,
ମୁଁ'ଯେ, ମରିଗଲେ ହେବି ମଢ଼....
ମୁଁ, କିଏ ଜଗା, ମୁଁ ମଲାପରେ..... ୧.

ମୋ ପୁଅ, ମୋ ପାଖେ, ଥିବ କି ନଥିବ,
ମୁଁ 'କି ମରିବି ମୋ ଘରେ,
ମୋହରି, ବିଚାର, ମୋ ପାଖରେ ଥିବ,
ମୁଁ' ଥିବି କା'ର ଇଶାରେ,
ମୋର, ପରିବାର, ଆସିବେ କି, ସଙ୍ଗେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

"ମାୟା" ରୋଦନ ଖାଲି ଯା' ସାର...

ମୁଁ, କିଏ ଜଗା, ମୁଁ ମଲାପରେ....... ୨.

ମୋ ପାଇଁ, ଛଖଣ୍ଡ, କାଠ, କି, ମିଳିବ

ଥିବ' କି ଖଇ କଉଡ଼ି,

ଆଣିବ କି, କେହି, ମୋ ପାଇଁ ହାଣ୍ଡିଟେ,

"ମୋ"କୋକେଇ ନେବେ, ଯୋଗାଡ଼ି,

ବନ୍ଧୁ, ପରିଜନ, ନେବେ 'କି' 'ନ' ନେବେ

"କିବା" ଝୁରିବ ଘରଣୀ ମୋର....

ମୁଁ, କିଏ ଜଗା, ମୁଁ ମଲାପରେ...... ୩

ନିରନ୍ତର ଯଦି, ଦେଖଇ ଅନ୍ତରେ,

ଅନ୍ତରର ଅନୁଭୂତି,

ନିଜର ଭିତରେ, ନିଜେ ମୁଁ ନଥାଏ ,

ନିଜର ନୁହେଁ ମୋ ସ୍ଥିତି.

ନିର୍ଦ୍ଦେଶକ ତୁମେ, ନିୟନ୍ତ୍ରଣ ରୁପି,

"ପ୍ରଭୂ" ନିଷ୍ପତ୍ତି, ସବୁ ତୁମର......

ମୁଁ, କିଏ ଜଗା, ମୁଁ ମଲାପରେ.... ୪.

ରଥଶର୍ମା କଲୋନୀ

କୋରାପୁଟ, ୯୧୨୪୦୪୯୧୨୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁମ ମନ କଥା

ପୁଷ୍ପଲତା ମିଶ୍ର



ତୁମ ମନ କଥା ଜାଣି ପାରୁ ଥିଲି
କହେ ମୁଁ ଲାଜେଇ କଥା,
ମୋ ମନକୁ ତୁମେ ପଢ଼ି ପାରିଲନି
ଘୁରିଗଲା ମୋର ମଥା ।।

ତୁମ ସହ ଦେଖା କରିବା ପାଇଁ କି
ମନ ମୋ ଉଚ୍ଚାଟ ହୁଏ,
ବାଟରେ ଘାଟରେ ଦେଖା ହୋଇ ଗଲେ
ମନ ମୋର ନାଚି ଯାଏ ।।

ମୋ ମନ ଭାବନା ବାସନା କାମନା
ଫଗୁଣର ଫୁଲ ବନ,
ପ୍ରେମର ପ୍ଲାବନେ ମୋ ହୃଦ କାନନେ
ହୋଇଯାଏ ତ ରଙ୍ଗୀନ ।।

ପ୍ରଥମ ଦେଖାରେ ପାଉଥିଲି ଭଲ
ବୁଝି ତ ପାରିଲ ନାହିଁ,
ତୁମ ମନ କଥା ମୋ ମନ ର ବ୍ୟଥା
କେବେ ସେତ ମଲା ନଇ ।।

ଭାଗ୍ୟ ଆକାଶରେ ତୁମରି ଭାବନା
ଭାବୁଛି ମୁଁ ପ୍ରତି ଦିନ,
ଜୀବନଟା ତୁଚ୍ଛ ହେଲା ପ୍ରତାରିତ
ତୁମେ ମୋ ଜୀବ ଜୀବନ ।।

ତୁମ ପାଇଁ ମୁଁହି ସାଇତି ରଖିଛି
ଅସରନ୍ତି ପ୍ରୀତି ଫୁଲ,
ଦୁଃଖର ରାତିକୁ ସୁଖେ ପାହି ନେବି
ତୁମେ ମୋ ଆଶା ସକାଳ ।।

ଭୁବନେଶ୍ୱର, ୯୩୩୮୨୯୪୬୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପଢୁଛି ଅଳପ ବୁଝୁଛି ବେଶୀ

ଡଃ ନାରାୟଣ ଚନ୍ଦ୍ର ସେନାପତି



ସାହିତ୍ୟ ସମୁଦ୍ର ଭିତରେ
ଭାବ ତୋଳେ ଅଦ୍ଭୁତ ତରଙ୍ଗ
ଯାଦୁକରର ଯାଦୁ ପରି ରଚେ କୁହୁକ
ସପ୍ତବର୍ଣ୍ଣ ଏଣ୍ଡୁଅ ପରି ବଦଳାଏ ରଙ୍ଗ
ବେଳେବେଳେ ଏମିତି ଅର୍ଥରେ ଭ୍ରମ ସୃଷ୍ଟି କରେ ଯେ
ଲାଗେ  ଅଭିଜ୍ଞତା ମାନେ
ଦେଉଛନ୍ତି କି ଛତ୍ରଭଙ୍ଗ ।

ଅଭିଜ୍ଞ ପାଠକ ପାଠିକା ପଢିଥାନ୍ତି ଦେଇ ମନ
କରନ୍ତି ଗଭୀର ଅନୁଶୀଳନ
ଭାବକୁ ଆଉଁସି ବୋଧରେ
ଉତ୍ପନ୍ନ କରନ୍ତି ମହଣେ ଶ୍ରଦ୍ଧା
ତଥ୍ୟକୁ ମାପି ତତ୍ତ୍ୱରେ
ଦେଇଥାନ୍ତି ମତ ଗଦା ଗଦା
ଲାଗେ ସତେ ଯେମିତି ଉଇଁଛିକି
ପୁନେଇଁ ଆକାଶର ଉଦିଆ ଜହ୍ନ ।

ଏମିତି କିଛି ଅଛନ୍ତି ପାଠକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେଉଁମାନେ ପଢନ୍ତି ଅଳପ ଆଉ ବୁଝନ୍ତି ଅନେକ

ନ କରି ହେୟଜ୍ଞାନ

କରିଲେ ଶ୍ରଦ୍ଧାର ପଠନ

ଅଚିରେ ଉଦିତ ହେବ

କଲ୍ୟାଣ କାରୀ ଦିବ୍ୟଜ୍ଞାନ

ଖୁସି ହେବେ ଲେଖିକା ଲେଖକ

ମୋ ରାଜ୍ୟ ପାଇବ

କେତେ ଉଦାରୀ ସାହିତ୍ୟିକ ।

ଜମ୍ପୁରା, କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମା'

ଏଲିଜା ଜେନା



କିଏ ଜାଣେ କାହା ପାଇଁ 'ମା' ଶବ୍ଦ କ'ଣ
କିନ୍ତୁ ମୋପାଇଁ ସେ ଶବ୍ଦ ଜୀବନ ସମାନ ।
ମା' ବୋଲି ଯେଉଁ ଦୁଇଟି ଅକ୍ଷର
କି ଅମୃତ ଝରେ ତହିଁ
ମୋ ପାଇଁ ସେ ସବ୍ଦ ଜୀବନ ସମାନ
ଭୁଲି ମୁଁ ପାରିବି ନାହିଁ ।

ପିତା ମୋର ଯେବେ ଗଗନର ସମ
'ମାତା' ମୋ ସ୍ୱର୍ଗ ଠୁ ବଳି
ପିତା ମୋର ଯେବେ ରବିର କିରଣ
'ମାତା' ମୋ ପଙ୍କଜ କଳି ।

ସ୍ୱର୍ଗଠାରୁ ପିତା ହେଲେ ବି ବିରାଟ
ଧରି ସୂର୍ଯ୍ୟ, ଚନ୍ଦ୍ର, ତାରା
ପିତା ଠାରୁ 'ମାତା' ମୋ ମତେ ବିରାଟ
ସର୍ବଂସହା ବସୁନ୍ଧରା ।

ଜୀବନର ପଥେ ଚାଲୁ ଚାଲୁ ଯେବେ
ପାଦ ମୋର ଥକି ଯାଏ
ଲୁହ ପୋଛି ଦିଏ ପଣତ କାନିରେ
ମୋ' ଜୀବନ ଅଟେ ସିଏ ।

'ମା' ସର୍ବଂସହା, 'ମା' ପୂଣ୍ୟତୋୟା,
'ମା' ମୋର ପୂଜନୀୟା
ଆକାଶଠୁ ବଡ଼ ମୋରି 'ମାଆ'
ସେତ ଚିର ବନ୍ଦନୀୟା ।


ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅଭିନନ୍ଦନ ସଜ ସକାଳର

ଏଲିନା ପାଣିଗ୍ରାହୀ



ହେ ପ୍ରଭୁ ଲକ୍ଷ୍ମୀକାନ୍ତ ନାରାୟଣ....
ଦୁଃଖିର ଆଖିରୁ ଲୁହ ପୋଛିଦେଇ
ହରୁଛ ସବୁରି ଦୁଃଖ
ବଡ଼ ଦେଉଳରେ ମଉନେ ବସିଛ
ହେ ନାଥ ଶ୍ରୀକଳାମୁଖ ।

ପାଦ ନଥାଇ ପ୍ରଭୁ ଜଗତେ ବୁଲ
ଭକ୍ତକୁ ବଢ଼ାଇ ହାତ
କାନ ନଥାଇ ତୁମେ ଗୁହାରି ଶୁଣ
ଆହେ ପ୍ରଭୁ ଜଗନ୍ନାଥ ।

ମୋ ଅବ୍ୟକ୍ତ ବେଦାନାର ମୂକ ସାକ୍ଷୀ
ତୁମେ ମୋ ଜୀବନ ଧନ
ଜଗତ ଜନଙ୍କୁ ସୁଖେ ରଖ ପ୍ରଭୁ
ଏତିକି ମୋ ନିବେଦନ ।

ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜଗତର ପିତା

ନଳିନୀ ଦାଶ



ଆହେ ଜଗନ୍ନାଥ  ନିତି ମୁଁ ଡାକୁଛି
ଆଖିରୁ ଝରାଇ ଲୁହ
କେତେ ମୁଁ ପିଇବି ଦୁଃଖର ଗରଳ
ତୁମେ ପ୍ରଭୁ ସାହା ହୁଅ ।
ଆତୁରେ ଡାକୁଛି ଭରସା କରିଛି
ତୁମେ ଦୁଃଖୀ ଜନ ବନ୍ଧୁ
ଭକତର ଡ଼ାକ  ଶୁଣି ଦେଲେ ଥରେ
ବୁହାଇ ଦିଅ ହେ ସିନ୍ଧୁ ।
କମ୍ବୁ କଟକରେ  କନକ ବେଦୀରେ
ବସି ପାଉଅଛ ପୂଜା
କେତେ ଭକତଙ୍କୁ ଉଦ୍ଧାର କରିଛ
ନାମେ ଉଡୁଅଛି ଧ୍ୱଜା ।
ଜଗନ୍ନାଥ ତୁମେ  ଜଗତର ପିତା
ସବୁ ଘଟେ ରହିଥାଅ
କୁପଥରେ ଗଲେ  ସୁପଥ ଦେଖାଅ
ବିପଦରେ ଦେଖାଦିଅ ।

କୋଟି ଜନତାଙ୍କ  ଠାକୁର ବୋଲାଅ
ତୁମେ ମୋର ଗତି ମୁକ୍ତି
ସାହାସ ଶକତି  ଦିଅ ମୋର ଦେହେ
ପାଦେ କରୁଥିବି ଭକ୍ତି ।
ସଞ୍ଜ ସକାଳରେ  ତୁମ ନାମ ଡାକେ
ଶୁଣିକି ପାରୁନ କୁହ
ତୁମ ବିନା ପ୍ରଭୁ  ଜୀବନ ଅସାର
ମନରେ ଭରହେ ମୋହ ।

ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ—୯୨୩୮୯୯୬୬୪୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସ୍ୱପ୍ନରେ ତୁମେ

ଦୀପକ ରଂଜନ ଜେନା

ସ୍ୱପ୍ନରେ ତୁମେ ଆସ ପ୍ରତିଦିନ
କେତେ ସଜବାଜ ହୋଇ
ରହିଥାଏ ଚାହିଁ ବାଟକୁ ତୁମର
କେତେ ବ୍ୟାକୁଳିତ ହୋଇ। ।

ତୁମ ରୂପ ଗୁଣ ଏତେ ଯେ ସୁନ୍ଦର
ଭୁଲି ମୁଁ ଯେ ପାରେ ନାହିଁ
ବିଧାତାର ଏତେ ସୁନ୍ଦର ସର୍ଜନା
କଳ୍ପନା ଯେ ହୁଏ ନାହିଁ। ।

ଭାବେ ସବୁବେଳେ ତୁମ କଥା ମୁଁହି
ବଗିଚାରେ ବୁଲି ବୁଲି
ସପନ ରାଇଜେ ଆସୁଥିବ ଯେବେ
ବାସ୍ତବ ଜୀବନ ଖାଲି। ।

ମନ ହୁଏ ଦୁଃଖ ଭାବିଲେ ଏସବୁ
କିଛି କହିପାରେ ନାହିଁ
ହୁଏ ବିଭୋରିତ ହୁଏ ଆନ୍ଦୋଳିତ
ତୁମରି ବାଟକୁ ଚାହିଁ। ।

ମନର ନାୟିକା ମନର ପ୍ରେମିକା
ସ୍ୱପ୍ନରେ ଆସୁଥାଇ
ସ୍ୱପ୍ନକି ମୋର ବାସ୍ତବ ହୋଇବ
ପ୍ରତ୍ୟୟ ହୁଏ ନାହିଁ। ।

ରାଜନୀତି ବିଜ୍ଞାନ ଅଧ୍ୟାପକ,
ପାରିମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,
ପଣ୍ଡୁଆ, ଢେଙ୍କାନାଳ
ମୋ:୯୯୩୮୩୩୫୫୯୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୁଁ ମଡ଼ର୍ଣ୍ଣ ବୋହୁ

ପ୍ରାଣବନ୍ଧୁ ରାଉତ



ଏକବିଂଶ ଶତାବ୍ଦୀର ମଡ଼ର୍ଣ୍ଣ ବୋହୁ ମୁଁ
ଇନଷ୍ଟାରେ ଖେଳ କରୁଛି ।
ଅଣ୍ଟା ହଲିଗଲେ ମିଲିଅନ ଛୁଏଁ
ଲାଇକି କାମେଟ ମାଳ ଛୁଟୁଛି ।
ଦେଢଶୁର ମୋତେ ନାଇସ ଲେଖନ୍ତି
ଥାଙ୍କ୍ୟୁ କହି ଦେଇଛି ।
ଓଥରା ଟୋକାଙ୍କ କମେଟ ପଢିକି
ମନ ପ୍ରଫୁଲିତ ହେଉଛି ।
ଛପନ ଇଁଚିର ଛାତିଟା ମୋହର
ଅଠାବନ ଇଁଚି ଲାଗୁଛି ।
ଡେରିରେ ଶୋଇକି ଡେରିରେ ଉଠୁଛି
ଶାଶୁ ଶଶୁରଙ୍କୁ ଚାକର କରିଛି ।
ଗେରସ୍ତ ମୋହର ଦାଦନ ଖଟୁଛି
ମହିଳା ସମିତି ସେକ୍ରେଟାରୀ ହେଇଛି ।

ସାହି ଗୋଟାକରେ ଖୋଜା ମୋତେ ପଡେ
ନାୟ୍ଥ ନିଶାପ ଡକରା ଆସୁଛି ।
ହିନ୍ଦୀ ଇଂରେଜିରେ ଝାଡ଼ି ଦେଇଯିବି
କ କୁ ବ ମତେ କରି ଆସିଛି ।
ଚୌଦ ପୁରୁଷ ମାଟି ତାଡୁଥିଲେ
ସ୍କୁଟି ମୋବାଇଲ ଧରି ବୁଲୁଛି ।
ରାଉତ ଘରର ମଡ଼ର୍ଣ୍ଣ ବୋହୁ ମୁଁ
ଖଣ୍ଡାରେ ନୁହେଁ ହାତରେ ମୁଣ୍ଡ କାଟୁଛି ।
ନାରୀ ସଭା ନେତ୍ରୀ ପଦଟା ମୋହର
ଆଗାମୀ ସରପଞ୍ଚ ମୁଁ ହେଉଛି ।
ଆଗାମୀ ସରପଞ୍ଚ ମୁଁ ହେଉଛି ।

ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୁଁ ମୋ ଶତ୍ରୁ

ପାରଦ କୁମାର ପାଢ଼ୀ

ଭାଷା ଜନନୀର ଗର୍ଭରୁ ସମ୍ଭୂତ
ନାମ ଟି ମୋର ମଣିଷ,
ଚିହ୍ନିବା ପାଇଁକି ଅନ୍ୟଠୁ ପୃଥକ
ତିନିଟି ପୁରୁଷ ଖାସ୍ । ୧
ପ୍ରଥମ ଦ୍ୱିତୀୟ ତୃତୀୟ ସେମାନେ
ଏକ ଓ ବହୁ ବଚନ ,
ମଣିଷଙ୍କ ସଂଖ୍ୟା ଏକରେ ସୀମିତ
ବେଳରେ "ମୁଁ "ଉଚ୍ଚାରଣ । ୨।
ମୋହର ଆମର ମୋତେ ଓ ଆମକୁ
ଶ୍ରବଣେ ଥିଲା ମଧୁର ,
ଦୁଇଜଣ ହେଲେ ତାପାଇଁ, ତୁ,ତୁମେ
ତୋତେ, ତୁମକୁ, ତୁମର । ୩
ଆମର, ଆମକୁ, ଆମଠୁ ଓ ଆମେ
ଏମାନଙ୍କ ମଧୁରତା,
ଆଜିର ମଣିଷ ଖାଇ ସେ ସ୍ଥାନରେ "ମୁଁ " ଆଣିଦେଲା ତୀବ୍ରତା । ୪
ଭାବୁଛି ସେ "ମୁହିଁ" ମହୀ ବଳୀୟାର କିଛି ଟିକେ ଜ୍ଞାନ ପାଇ,
ଯା ସବୁ ହେଉଛି ସେ କରେ କେବଳ ତା ବିନୁ କିଛି ବି ନାଇଁ । ୫
କିନ୍ତୁ ସବୁ କିଛି ଯାହା " ମୁଁ "କରଇ
ଜାଣୁନାହିଁ ପରିଣତି ,
କିଛି ଦିନପରେ ସମାଜ ଭୋଗିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୈରାଶ୍ୟର ଦୁରଗତି । ୬
କ୍ଷଣେ"ମୁଁ" ଆହରେ ଧନ ଆଉ ଖୁସି କ୍ଷଣେ ସ୍ୱାର୍ଥ ସିଦ୍ଧି ପାଇଁ ,
ଯାଏ ନାହିଁ ଯାହା ଶମଶାନ ଯାଏଁ
ଜାଣି ମଧ୍ୟ ବୁଝେ ନାହିଁ । ୭
"ମୂଁ "ମୋର ତାହାଙ୍କୁ ଭେଜାଲ ଜିନିଷ
ଖୋଲା ବଜାରକୁ ଛାଡେ,
କିଣିବେ ନିଶ୍ଚିତେ ଭାଗ୍ୟକୁ ଆଦରି
ବଞ୍ଚି ରହିବାକୁ ଥୋଡେ । ୮
ଖାଦ୍ୟ ଓ ଔଷଧ ଜାଲ ମୁଁ କରଇ କାମରେ ସଦା ଠକଇ ,
କେବଳ ଅଧିକ ପାଇବି ଆଶାୟୀ
ହୋଇ ରହିଥାଏ " ମୁହିଁ" । ୯
ଆତ୍ମ ଅହଂକାର ଦିନୁଦିନ ବଢେ
ଦେଖ ବସୁମାତା ସହେ ,
ବରଦାସ୍ତ ବେଶି ଦିନ କରିବନି
ଯେହ୍ନେ ସାବଧାନ ରହେ; ୧୦
ମୋତେ ସାବଧାନ କର ମହାବାହୁ
ଉଚିତ ପଥେ ଚାଲିବି,
ଯେସନେ ତେଜିକି "ମୁଁ, ମୋତେ, ମୋ ଦ୍ୱାରା "
ଆମ ମଙ୍ଗଳ ଚିହ୍ନିବି । ୧୧

ଅବସରପ୍ରାପ୍ତ ଶିକ୍ଷକ
ହିଞ୍ଜିଳିକାଟୁ, ଗଞ୍ଜାମ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପ୍ରକୃତି ରାଣୀ

ଚନ୍ଦ୍ରକାନ୍ତ ଜେନା



ରାଣୀ ତ ରାଣୀ, ପ୍ରକୃତି ରାଣୀ
ସଜେଇ ହୋଇଛି ମନକୁ ଜାଣି,
ମନଲୋଭା ଲାଗେ ତାର ସେ ଠାଣି
ହୃଦୟକୁ ସତେ ନେଇଛି କିଣି ।

*ରାଣୀ ତ ରାଣୀ*

ରାଣୀ ତ ରାଣୀ,ପ୍ରକୃତି ରାଣୀ
ଧରାକୁ କରିଛି ସୁନ୍ଦର ପୁଣି,
ଅପରୂପ ବେଶେ ଜଗତ ଜିଣି,
ପ୍ରେମର ପ୍ରତୀକ ମଉଡ଼ମଣି ।

*ରାଣୀ ତ ରାଣୀ*

ରାଣୀ ତ ରାଣୀ,ପ୍ରକୃତି ରାଣୀ
ସବୁଜ ତା ରଙ୍ଗ ଓଢଣୀ ଟାଣି,
ଗଛଲତା ଘେରା ପାହାଡ଼ ପୁଣି,
ପ୍ରକୃତି ପ୍ରେମୀଙ୍କୁ କରିଛି ଗୁଣି !

*ରାଣୀ ତ ରାଣୀ*

ରାଣୀ ତ ରାଣୀ,ପ୍ରକୃତି ରାଣୀ
ତା ନଦନଦୀ ଝରଣା ପାଣି,
କୁଳୁକୁଳୁ ନାଦ ତାହାର ଶୁଣି,
ସାଗର ବେଳାରେ ବାଲୁକା ବୁଣି ।

*ରାଣୀ ତ ରାଣୀ*

ରାଣୀ ତ ରାଣୀ, ପ୍ରକୃତି ରାଣୀ
ଫୁଲ,ଫଳେ ଭରା ତାହାର ମୁଣି,
ସୁରୁଜ ଉଇଁଲେ ଆକାଶେ ପୁଣି,
ସୁନେଲି କିରଣ ଦେଉଛି ବୁଣି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

*ରାଣୀ ତ ରାଣୀ*

ରାଣୀ ତ ରାଣୀ,ପ୍ରକୃତି ରାଣୀ
ମନକୁ ସତେ ମୋ ନେଇଛି କିଣି,
ତା ଗାଥାକୁ କେ ପାରେ ବଖାଣି !
ଅବଦାନେ ତା ହୋଇଛୁ ଋଣୀ ।

*ରାଣୀ ତ ରାଣୀ*

ରାଣୀ ତ ରାଣୀ,ପ୍ରକୃତି ରାଣୀ
ଜୀବନ ଭରିଛି ତାର ସେ ମୁଣି,
ତାର ସୁରକ୍ଷା କରିବା ଜାଣି,
ତା ଛାତିର ଧୂଳି ମଥାର ମଣି ।

ରାଣୀ ତ ରାଣୀ ସେ ସବୁରି ରାଣୀ,
*ପ୍ରକୃତି ରାଣୀ*

ସହକାରୀ ଶିକ୍ଷକ,
ବ୍ରାହ୍ମଣ ସାଇଲୋ ସରକାରୀ ଉଚ୍ଚ ବିଦ୍ୟାଳୟ
କଣ୍ଟାପଡ଼ା, କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କବିପଣ

ଦୀନବଂଧୁ ବେଜ



କବି ହେବାର ଯେଉଁ ଉନ୍ମାଦ
ତାକୁ କିଏ ବା ବର୍ଣ୍ଣିବ
ତାକୁ କିଏ ବା ଦେବ ଗୌର ଚନ୍ଦ୍ରିକା ...
ଶବ୍ଦଭେଦୀ ବାଣର ଟଙ୍କାର ଭିତରେ
ଆସନ୍ନ ପ୍ରସବା କବିତା
ଟକମକ କରି ଫୁଟାଏ ପାଠକର ଛାତି ,
ଭିଜାଏ କିଛି ଲୋମ କୂପରୁ ନିଗିଡ଼ା ଘର୍ମ
ସାମାନ୍ୟ କଷା ପୁଣି ବେଶି ଲବଣାକ୍ତ ...
ଆଦ୍ର କରିଥାଏ ଆଖି ।

ଯେତେ ବେଳେ ଯୁଦ୍ଧ ପାଇଁ ଶିଶୁଟିଏ
କୁନି ଭ୍ରାତା ଭଗ୍ନୀକୁ କାଖରେ ଧରି
ଭଗ୍ନସ୍ତୁପ ଭିତରୁ ନିଜ ଶୈଶବ ଖୋଜେ ...
ଆହା ବୋଲି ବିଶ୍ୱ ଚ଼ିହିକି ଉଠେ ,
ସେତେବେଳେ ନା ଥାଏ ନିଆଁ ନା ଥାଏ ଧୁଆଁ
ଏମିତି ଅନେକ କଥା ବଖାଣିବାକୁ
ଚେଷ୍ଟା କରିଥାଏ କବିର କଲମ ।

ଆପଣା ସ୍ୱାର୍ଥ ପାଇଁ ପ୍ରକୃତିକୁ ବହୁବିଧ ଭାବେ
ଲୁଟପାଟ କରି ଚାଲେ ମଣିଷ ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତାକୁ ଉଜାଡ଼ି ତା ଛାତିକୁ ଖପରା କରେ
ବୁଢୀ ମା' ର ମୁଢ଼ି ଭଜା ଭଙ୍ଗା ହାଣ୍ଡି ପରି ,
ଇଟା ପୋଡ଼ିଲେ ମୃତ୍ତିକା ହୁଏ ପରିତ୍ୟକ୍ତ
ଶୁଭେ ମୃତ୍ତିକା ର ତ୍ରାହି ମାଂ ଡ଼ାକ ।

ଖାଦ୍ୟର ଘୋର ଅଭାବ ଭିତରେ ଗାଁକୁ
ବିକଳରେ ପଶି ଆସନ୍ତି ଗଜରାଜ
ଶିକାର ହୁଏ ...ବାଣଫୁଟେ ... ଫାଟେ ମୁହଁ
ଖାଦ୍ୟ ଅନ୍ୱେଷଣର କୃତ୍ରିମ ପରିଣାମ
ଖାଦ୍ୟ ଖାଦକର ଛକାପଞ୍ଝା ଭିତରେ
କବି ଲେଖେ ଜୀବନୀ ଗୀତିକା ... ।

ସନ୍ତର୍ପଣରେ ଚ଼ାଲିଲେବି ପାଦରେ କଣ୍ଟା
କବି ଲେଖି ଚ଼ାଲେ ଅସୁମାରୀ କବିତା
ରୋଚ଼କ ଗଣ୍ଠି କଥାମାନ ଏହି ପରି ...
କବିକୁ ମିଳିଯାଏ ସମାଜ ଭିତରୁ,
ସବୁ କରୁଥିବା ମଣିଷ
ହସକାନ୍ଦ, ରାଗରୁଷା, ଗୋହିଖୋଲା
ବେରୋଜଗାରୀ, ଛିନତାଇ, ଲୁଟପାଟ
ହତ୍ୟା ପ୍ରେମ ପ୍ରଣୟ ବୈରାଗ୍ୟ ଧର୍ମଧାରଣା
ରାଷ୍ଟ୍ରପ୍ରେମ ଯୋଗ ପ୍ରାଣାୟମ ଓ ଖଚମିଛ
ଏହିପରି ପୃଷ୍ଟଭୂମିରେ ଗଜୁରେ କବିତା ଗଛ ।

ମାଲକାନଗିରି, ଓଡ଼ିଶା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶେଷ ଉପହାର

ଶଶାଙ୍କ ଶେଖର ପଣ୍ଡା



ଝୁରି ହେବା ଯଦି ଶେଷ ଉପହାର
ଦେଇଯାଅ ହସି ହସି
ସବୁକୁ ସାଉଁଟି ରଖିବି ସାଇତି
ଯେତେ ହେଉ ପଛେ ବାସି (୦)
ଅନୁରାଗଟିକ ରହିଗଲା ବାକି
ବିରାଗ ବାରିଧି ଜଳେ
ଅବସାଦ ଖାଲି ଉଦରେ ଝୁଲୁଛି
ବିଷାଦ ଅନଳ କୋଳେ,
ଅନୁଭବ ଯେବେ ଅନୁତାପ ହୁଏ
କାହାକୁ କରିବି ଦୋଷୀ (୧)

ଝୁରି ହେବା ଯଦି ଶେଷ ଉପହାର...

ପ୍ରଣତି ଗଣିତ ବୁଝିବା ଆଗରୁ
ପ୍ରତାରଣା ଗଲା ଭରି
ପ୍ରୀତି ପିୟୁଷ କି ବାଢିବ ପାଉଣା
ମରମ ମଲାଟ ଚିରି,
ଭଲପାଇବାଟା ଅପରାଧ ଯେବେ
ମିଳିଯାଉ ଥରେ ଫାସୀ (୨)

ଝୁରି ହେବା ଯଦି ଶେଷ ଉପହାର...


ଉତ୍ତରବାଡ଼, ଭଣ୍ଡାରିପୋଖରୀ
ଭଦ୍ରକ - ୭୫୬୧୨୦
ମୋ - ୯୯୩୭୧୨୬୮୦୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆନମନା ମନ

ଶିଲ୍ପାଲିପି ବେହେରା



କେବେ ପ୍ରେୟସୀ ସାଜେ
କେବେ ଆକାଶେ ବିହଂଗ...
ମନ ମୋର ଉଡ଼ିବୁଲେ
ଖୋଜିଚାଲେ କେତେ ରାଗ..

ଯେବେ ଧରେ ହାତେ ଲେଖନୀ
ପାଗଳ କରିଦିଏ ଏ କବିତ୍ୱ ମୋତେ...
ମନେ ପଡ଼ିଯାଏ ଅନେକ ଅଭୁଲା ସ୍ୱପ୍ନ
ମନେ ପଡେ ବିତିଥିବା ଦିନ କେତେ...

କେବେ ବଉଦ ଲଂଘି ଏ ମନ
ପରୀ ରାଜ୍ୟେ ପହଁଚେ..
କେବେ ପୁଣି ବୁଢ଼ୀ ମା'ର
ପଣତକୁ ଆଉଜେ..

ଅମାନିଆ ମନ ମୋର ଖୋଜୁଥାଏ
ଦିନ ରାତି କାହାକୁ ?
ଫଗୁଣରେ ରଂଗ ଖୋଜେ
ଶ୍ରାବଣରେ ପ୍ରୀତିକୁ..||

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଖ୍ରୀଷ୍ଟମାସ

ଆକୁଳାନନ୍ଦ ପୃଷ୍ଟି



ଯିଏ ବୁଝି ନାହିଁ ପାପ ପରିଣାମ
ହସି ହସି କରେ ପାପ
ସେପରି ପାପୀକୁ କ୍ଷମା ଦାନ କର
କରିବାକୁ ପଶ୍ଚାତାପ ।

ଘୃଣା କରୁଥିବା ଅଧମ ମାନଙ୍କୁ
କରିଥାଅ ତୁମେ ପ୍ରେମ
ଗାଳି ମନ୍ଦ ଶୁଣି ନିର୍ବିକାର ଥାଅ
ସ୍ୱାଭାବିକ କ୍ରିୟା କର୍ମ ।

ଅଭିଶାପ ଦେଲେ ଆଶୀର୍ବାଦ କର
ନ ଥାଏ ମନରେ ଦୁଃଖ
ହିଂସାବାଦ କଲେ ଅଂହିସା ଆଚରି
ସ୍ନେହରେ ପାଖକୁ ଡାକ ।

ତୁମ ସ୍ୱର୍ଶ ପାଇ ଆରୋଗ୍ୟ ଲଭିଲେ
ଅସଂଖ୍ୟ ଦୁଃସ୍ଥ ନର
ଅତ୍ୟାଚାରୀ ଙ୍କୁ ଶୁଭ ବୁଦ୍ଧି ଦିଅ
ପ୍ରଭୁଙ୍କୁ ପ୍ରାର୍ଥନା କର ।

ସତ୍ୟ କହି ତୁମେ କ୍ରୁଶବିଦ୍ଧ ହେଲ
ଦେଲ ଆତ୍ମ ବଳିଦାନ
ମାନବ ଉଦ୍ଧାର ପାଇଁ ଜନ୍ମିଥିଲ
ତୁମ ସୃଷ୍ଟି ଖ୍ରୀଷ୍ଟ ଧର୍ମ ।

୨୦୨୪ ବର୍ଷ ତଳେ
ତୁମେ କରିଥିଲ ଧରାବତରଣ
ପାଲେଷ୍ଟାଇନିରେ
ଯୋଶେଫ୍ ମେରୀଙ୍କ କୋଳେ
ଆଜି ସେ ଶୁଭ ଦିବସ
୨୫ ତାରିଖ ଡିସେମ୍ବର ମାସ
ଖ୍ରୀଷ୍ଟ ଜନ୍ମ ଖ୍ରୀଷ୍ଟ ମାସ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଳପଡ଼ା, କଖଡି, କଟକ
ମୋ -୯୪୩୭୮୬୪୫୭୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଡିସେମ୍ବର

କିରନ୍ ସ୍ୱାଇଁ



ଏ ବରଷର
ଶେଷ ପ୍ରାନ୍ତରରେ
ବଗିଚା ନ ଥିବ
ଫୁଲ ବି ନ ଥିବ
ଜୀବନର ମହକ
ସବୁ ହାହାକାର
ସାଇତା ଲୁହର
କୋଲାଜ୍ କରି
ବିଷାଦିନୀ ପ୍ରଜାପତି
ଉଡ଼ି ବୁଲୁଥିବ
ଏପାଖୁ ସେପାଖ ହୋଇ ।

ଅଭିମାନ ଭରା ଆହତ ମନରେ
ସମୟର କପଟ ହାତରେ
ବାରବାର ଜଳୁଥିବ
ଲିଭୁଥିବ
ଆଖିର ଲୁହରେ
ଜୀବନର ଅନ୍ଧାର
ଧୋଇ ହୋଇ
ମୁଠାଏ ସପନ
ଅଧୀର ପବନ
ଘୂରି ବୁଲୁଥିବ
ମଧୁର ରାଗିଣୀ ଗାଇ ।


ବହିଆପଦର, ବରପାଲି, ବରଗଡ଼

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଭୂମିର ଶୁଭ ଜନ୍ମଦିନେ

ଅମରନାଥ ବାରିକ



ଅନେକ ଜପ ତପ ଫଳେ

ପାଇଛୁ ତୋତେ ଆମ କୋଳେ ।

ତୁ ଆମ ହୃଦୟ ଶଙ୍ଖାଳି

ନୟନ ମଣି ଗଳା ମାଳି ।

ଶ୍ରୀକୃଷ୍ଣ ପ୍ରଭୁ ପାଦ ତଳେ

ନିତି ପ୍ରଣତି ମୁହିଁ ଢାଳେ ।

ନ ଲାଗୁ ତୋ ଦେହରେ ଧୂଳି

ଦୟା କରନ୍ତୁ ବନମାଳି ।

ଦୁଃଖ ଶୋକର ଛାୟା ମାତ୍ର

ନଛୁଉଁ ହୁଅ ସୁଖେ ପାତ୍ର ।

କା ସଙ୍ଗେ ନକରିବ କଳି

ଥିବ ସଭିଙ୍କ ସାଥେ ଚଳି ।

ଶଙ୍କଟ ବେଳରେ ଇଶ୍ୱର

ସାହାଯ୍ୟ କର ଚକ୍ରଧର ।

ଶ୍ରଦ୍ଧା ସୁମନ ହସ୍ତେ ତୋଳି

ମଧୁ ବଚନ ମୁଖେ ଭାଳି ।

ରହିବୁ ସମୟର ସହ

ଯେମନ୍ତ ଚନ୍ଦ୍ର ସୂର୍ଯ୍ୟ ଗ୍ରହ ।

ଜାଳିବୁ ସତ୍ୟର ଦୀପାଳି

ମିଥ୍ୟାକୁ ପାଦେ ଦେବୁ ଦଳି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୀଳାଚଳିଆ ତୋ କମଳେ
ସଞ୍ଜ ସକାଳେ ଦୀପ ଜାଳେ ।
ଏତିକି ମାତ୍ର ମୋର ଅଳି
ଜଗା ଭରିଦେ ମୋର ଥାଳି ।
ଭୂମି'ର ଶୁଭ ଜନ୍ମ ବେଳେ
ତାକୁ ରଖିବ ଭୁଜ ତଳେ ।
ବାଢ଼ୁଛି ପାଦେ ପୁଷ୍ପାଞ୍ଜଳି
ଦିଅ ଆଶିଷ ବାରେ ଢ଼ଳି ।
କୃପାସିନ୍ଧୁ ତୋ କୃପା ଜଳେ
ଉତ୍ସର୍ଗ ଏ କବିତା ମାଳେ ।
ଲେଖୁଛି ମୋ କଲମ ତୂଳୀ
ସେ ଆମ ନୟନ ପିତୁଳି ।
ଚତୁର୍ଥ ବର୍ଷେ ପଦାର୍ପଣ
ପାଦ ଥାପିଲା ସେହୁ ପୁଣ ।

ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର, ଜି-ଯାଜପୁର
ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧
ଦୂରଭାଷା - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କାଗଜ ଉବାଚ

ବସନ୍ତ କୁମାର ମଲ୍ଲିକ



ଲେଖିବାକୁ ଯେବେ ପ୍ରୟାସ କରଇ, କାନ୍ଦଇ କାଗଜ ରାଣୀ
ନେହୁରା ହେଇ ପଚାରେ ଯେ ମୋତେ, ଲେଖୁଛୁ କାହା କାହାଣୀ
ତୁ ଏକ ଲେଖକ ପ୍ରକାଶ କରାଉ, ପ୍ରତିଛବି ସମାଜର
ପ୍ରଶଂସା ତୁ ପାଉ କେତେ ଖୁସିହେଉ, ଲେଖାଟି ଯେ ତୋ ନିଜର ।
କେବେକି ଭାବିଛୁ ମୋ ମନର କଥା, ବେଦନା ମୋ ହୃଦୟର
ପଚାରି ବି ନାଁହୁ କେବେବି ମୋ ଦୁଃଖ, ହେଇ ଟିକେ ଆପଣାର ।
ତୁ, ସ୍ୱାର୍ଥପର କବି ନିଜ ସ୍ୱାର୍ଥ ଦେଖୁ, ଦୟା ତୋ ମନରେ ନାହିଁ
ମୁଁ ଏକ କାଗଜ ପଦାର୍ଥ ନିର୍ଜୀବ ଭାବିବୁ ବା କାହିଁ ପାଇଁ ।
ପ୍ରତିବାଦ ହେଲେ କରିନାହିଁ ତିଳେ, ମୁଁ ନିରବ ରହିଥାଏ
ପ୍ରତିମୁହୂର୍ତ୍ତରେ ଆଘାତ ମିଳଇ, ସବୁକିଛି ସହିଯାଏ ।
ତୋ କଲମ ମୁନ ଖୁମ୍ପି ଚାଲେ ମୋତେ, ବ୍ୟଥା ଯେ କେତେ ସହିଛି
ସହିଛି ବହୁତ କାନ୍ଦିଛି ଅନେକ, କହିନାହିଁ କେବେ କିଛି ।
କ୍ଷତ ବିକ୍ଷତ ମୋ ଦେହ ପ୍ରତିକ୍ଷଣେ, ପାଇ କଲମ ଆଘାତ
ରକ୍ତାତ ଶରୀର ଦେହ ଅବଶୋଷ, କରିନାହିଁ ପ୍ରତିବାଦ ।
ସୁଖ, ଦୁଃଖ, ହସ, କାନ୍ଦ ଅବା ରୋଷ, ବକ୍ଷେ ମୋର ଆଙ୍କୁ ନିତି
ମୁଁ ଛାର କାଗଜ ପଚାରୁଛି କିଏ, ନଜର ନାହିଁ ମୋ ପ୍ରତି ।
ବିଦାରଦଇ ଲେଖକ ମୋ ପାଇଁ ବି ଲେଖ, ମୁଁ ପରା ଅଟେ କାଗଜ
ନିଜ ବକ୍ଷେ ନିଜ କାହାଣୀ କୁ ଦେଖି, ଶିଖୁ କିଛି ଏ ସମାଜ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁମ କଥା ଆଗେ କହୁନ

କାହିଁ ପାଇଁ ଆଜି ମନହେଲା ଟିକେ, ଲେଖିବାକୁ କିଛି କବିତା
ବାରମ୍ବାର କିନ୍ତୁ ମନେ ପଡ଼ିଯାଏ, ପିଲାଦିନର ସେ ବବିତା ।
ଜନମିଲା ଠାରୁ କଲେଜ ପର୍ଯ୍ୟନ୍ତ, ପଢିଥିଲୁ ପାଠ ସାଥିରେ
ଛାଡ଼ିଦେଇ ମୋତେ ଚାଲିଗଲା ଯେବେ, ରହିଗଲି ମୁଁ ଏ ମଠରେ ।
ଯାଇଥିଲୁ ବୁଲି ପାର୍କକୁ କାଲି, ସାଥିରେ ମୋ ଥିଲେ ଘରଣୀ
ଛନ୍ଦା ଛନ୍ଦି ହେଇ ଚାଲିଥିଲୁ ଦୁହେଁ, ଜାଗାର ନାମ "ମୋ ଜଟଣୀ"
ଦୂରରୁ ଦେଖିଲି ମହିଳା ଜଣକୁ, ପାଶେ ଥାଏ କୁନି ଝିଅଟି
ନଜରଟି ମୋର ଲାଖି ହେଇଗଲା, କାହିଁକି କେଜାଣି ସେଇଟି ।
ସିଏ ଚାହୁଁଥିଲା ମୁଁ ଚାହୁଁଥିଲି, ଝିଅ ଟି ଥିଲା ତା ସାଥିରେ
କାହିଁକି କେଜାଣି ନଜର ପଡିଲା, ନ ଥିଲା ସିନ୍ଦୁର ମଥାରେ ।
ଚାରି ନୟନରୁ ବହିଥିଲା, ଚାରି ବୁନ୍ଦା ଅଶ୍ରୁଜଳ ସେଇଟି
ବଲ ବଲ କରି ଚାହିଁଥିଲେ ପତ୍ନୀ, ଚାହିଁଥିଲା ସେଇ ଝିଅଟି ।
ପଚାରିଲି ତାକୁ କେମିତି ଅଛୁ ଲୋ, କିଛି ଟିକେ ହେଲେ କହୁନ
ଉତ୍ତର ଆସିଲା ମୋତେ ସେ କହିଲା, ତୁମ କଥା ଆଗେ କହୁନ ।

ଜଟଣୀ, ଖୋର୍ଦ୍ଧା, ଓଡ଼ିଶା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିବାହ ସଂସାରର ନିୟମ

ତପସ୍ୱିନୀ ସାହୁ



ସମୟର ପଥିକ ଯେ ବେଳ ବୁଡିଲେ ଫେରେ ଘରକୁ
ହେଲେ ରାସ୍ତାର  ଅଭିଜ୍ଞତା ନାହିଁ ଯା ପାଖରେ
ବାଟ ଚାଲିବା ଶିଖିନି ଯେ
ଚାଲିବା ଆରମ୍ଭ କରିଛି ନିର୍ଜନ ପଥରେ
ସମସ୍ତଙ୍କ ଅଭିଜ୍ଞତାରୁ କିଛି କିଛି ନେଇ ସାଙ୍ଗରେ
ସାହସ ପାଖରେ ନାହିଁ କାହାକୁ କିଛି ପ୍ରଶ୍ନ କରିବାକୁ ।

ଆସିଥିଲା ଦିନେ କୁନିକୁନି ପାଦେ ମାଆକୁ ମମତାର ସ୍ମରଣ କରାଇ
ଚାଲିଯିବ ସେ  ଯେ ସବୁ ସମ୍ପର୍କ ତୁଟାଇ
ହୃଦୟର ଏ ଯନ୍ତ୍ରଣା କାହାକୁ କହିବ ଖୋଲି
ସାଜିଛି ସେ ଆଜି ନିରାଶ ବାଟୋଇ ବୋଲି ।

ନୀରବ ଏ ମନ କହେ କିଛି କ୍ଷଣ ରହିଯିବି
ସମାଜ ଭୟରେ ଅକୁହା କଥାକୁ  ହୃଦେ ଚାପି ରଖିଥିବି
ଯଦି ଏ ଘର ଦାନାପାଣି ସରିଲା ତା ପାଁଇ
କାହିଁ ଅବା ଅଟକିବ ଏଠି କ୍ଷଣିକ ପାଇଁ
ଏମିତି ଏ ଯନ୍ତ୍ରଣା ଯା'ର କୌଣସି ଉପଶମ ନାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପକ୍ଷୀଟିଏ ପରି ଉଡିଯାଏ ସମୟ ଅନ୍ତରାଳେ
ପୁନର୍ବାର ନୀଡ ରଚନା କରେ ଅନ୍ୟ ଏକ ଡାଳେ
ସ୍ୱାର୍ଥ ରହିତ କର୍ମେ ସର୍ବସ୍ୱ ଓଜାଡି ନିଷ୍ପ୍ରାଣ ଜୀବନ ବଞ୍ଚେ
ହୃଦୟର କ୍ରୋଧ, ମନର ଅପୂର୍ଣ୍ଣତା କେବେ ଯେ ପ୍ରକାଶ ନ କରେ
ପବିତ୍ର ହୋମ ନିଆଁ ଚୀର ଦିନ ପାଇଁ ତାକୁ ବନ୍ଧନରେ ବାନ୍ଧେ ।
କେଉଁ ପାପର ଫଳ ଏ ବିରହ
ଛାତିରେ ଛାତିଏ କୋହ, ଆଖିରେ ଆଖିଏ ଲୁହ ।

ଲୋକେ ବୋଲନ୍ତି ବିବାହ ଏକ ପବିତ୍ର ବନ୍ଧନ, ସଂସାର ନିୟମ
ସମାଜ ଗଢିଲା କେମିତି ଏ ନିୟମ
ଯଦି ଏ ବନ୍ଧନ ସ୍ତ୍ରୀ ଓ ପୁରୁଷ ଉଭୟ ମଧ୍ୟର
ଯଜ୍ଞର ଆହୁତି କେବଳ ଗୋଟିଏ ପକ୍ଷର ।

ହାତର ଶଙ୍ଖା,ମୁଣ୍ଡର ସିନ୍ଦୂର ସମାଜର ସ୍ୱୀକୃତି ପାଇଁ
ବିଦା ହୁଏ ନିଜ ଘରୁ ନାରୀ ଜୀବନର ସାର୍ଥକତା ପାଇଁ।
ଚକମକ ରଙ୍ଗୀନ ଦୁନିଆ, ମନରେ ଅସୁମାରୀ ସ୍ୱପ୍ନ
ସମୟ ଅତିକ୍ରାନ୍ତେ ସଫେଦ୍ ଶାଢୀ ଆଉ ବେରଙ୍ଗ ଜୀବନ
ପ୍ରଶ୍ନ କରେ ସମାଜକୁ ବିବାହ ସଂସାରର ନିୟମ,କିନ୍ତୁ କାହା ପାଇଁ ?

ଉଦଳା, ମୟୂରଭଞ୍ଜ, ୭୫୭୦୪୧

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଇଚ୍ଛା

ବିଶ୍ୱରଞ୍ଜନ ମହାନ୍ତି



ଟିକିଏ ବର୍ଷରେ ଆଜି ଥମିଯାଏ ଜୀବନ
ମନେପଡେ ପିଲାଦିନ ଖୁସିର ସେ ସପନ ।

କାଗଜର ଡଙ୍ଗା ଭସା ରାସ୍ତାକଡ ନାଳରେ
ଉଙ୍କିମାରି ଦେଖିବାର ମଜା ପୋଲ ପଛରେ ।

ବିଦ୍ୟାଳୟ ପଡ଼ିଆରେ ଲାଲ ସାଧବ ବୋହୁ
ବିଷୟରେ ପିଲା ମେଳେ ଗପସପ ହେଉ ।

ଅଧା ଗଳା ସାଇକେଲେ କେତେ ବାଟ ବୁଲିଲୁ
ନ ଡରି ବାପାଙ୍କର ମାଡ ସବୁ ସହିଲୁ ।

ନଟୁ ଖେଳ ବାଟି ଖେଳ ଗୁଡି ଉଡା ଖୁସି
ମାଂଜ ଦେବା ଦେଖୁଥାଉ ଗଲେରୀରେ ବସି ।

ପୁରୁଣା ଚକ ଗାଡି ଖେଳିବାରେ ସାଙ୍ଗ ତ
ଗୋଡ଼ା ଗୋଡି ଲଣ୍ଠନ ବାଡ଼ି ବୋହୁ ଚୋରି ସମେତ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୋଟା ଖରା ବେଳ ଯାକ ବୁଲି ବୁଲି ଥାଇଆ
ଘରଠାରେ କେବେ ଆମେ କରୁନାହିଁ ଅଳିଆ ।

ବରା ପିଆଜି ଆଉ ଘୁଘୁନିର ସୁଆଦ
ବିଦ୍ୟାଳୟ ପଛପାଖ ସାହୁ ଝୁଡ଼ି ବରାଦ ।

ଫୁଲ ଫଳ ଚୋରିଟା ତ ନୁହେଁ ଏତେ ଗହନ
ଗଛ ଛାଇ ଲୋଡ଼ା ନାହିଁ ଲୋଡ଼ା ନାହିଁ ପବନ ।

ପରୀକ୍ଷାରେ ଡର ନାହିଁ ଯାହା ହେଲେ ଚଳିବ
ସାଥିବହି କିଣିଦେଲେ ସବୁ ପାଠ ମିଳିବ ।

ଚିନ୍ତା ନାହିଁ ଦକ ନାହିଁ ପିଲାଦିନ ଜୀବନ
କୌଣସି ପ୍ରକାରେ ନାହିଁ ଧନର ପ୍ରୟୋଜନ ।

ଅନ୍ଧାରରେ ମନେପଡେ କଥା ଆଉ କାହାରି
ଇଛାହୁଏ ସେହି ସ୍ଥାନ ଫେରିବାକୁ ଆହୁରି ।

ଚାଟାର୍ଡ ଆକାଉଣ୍ଟାଣ୍ଟ
ୟୁନିଟ ୮, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜଳୁଛି ବହ୍ନି

ଅମୃତନାରାୟଣ ଶତପଥୀ



ଜଳୁଛି ବହ୍ନି ଅହର୍ନିଶ ଏବେ ଗୋଷ୍ଠୀ ଗୋଷ୍ଠୀ ମଧ୍ୟେ ଅନେକ କନ୍ଦଳ,
ସେଥିପାଇଁ ଜଗତରେ ମାନବିକତା ଦିନକୁ ଦିନ ହେଉଛି ଦୁର୍ବଳ ।(୧)
ଶସ୍ତା ରାଜନୀତି ପ୍ରତ୍ୟେକ କ୍ଷେତ୍ରରେ ଜ୍ୱଳନ୍ତ ଅଗ୍ନିରେ ପକାଏ ଘୃତ,
ଫିରିଙ୍ଗି ଗଲେ ବି ଚେତନା ତାଙ୍କର ଅନେକଙ୍କ ନିକଟରେ ଜୀବିତ ।(୨)
ଆଜି ବି ସେହି ବାବୁଆନି ଭାବ ସ୍ୱାର୍ଥ କୈନ୍ଦ୍ରିକ ଆତ୍ମାଭିମାନ,
ଯାହା ଆହ୍ୱାନ ସୃଷ୍ଟି କରୁଛି ସାଧାରଣ ବ୍ୟକ୍ତିର ସ୍ୱାଭିମାନ ।(୩)
ସ୍ୱାଧୀନତା ଭିତରେ ପରାଧୀନତାର ଶିକୁଳୀ ଏବେ ବି  ରଖିଛି ଅନେକଙ୍କୁ ବାନ୍ଧି,
ଚିନ୍ତା ଭାବନା ଚେତନ ଅବଚେତନ ଅବା ଅଚେତନ ମନକୁ ଛନ୍ଦି ।(୪)
ଜ୍ୱଳନ୍ତ ବହ୍ନିରେ କୀଟ ସଦୃଶ ଯୁବପିଢି ଦେଇଦେଉଛି ଝାସ,
କାରଣ ଏବେ ଅଧିକାଂଶ ପୁଣି ଆଭାସୀ ଦୁନିଆ ମୋହରେ ଗ୍ରାସ ।(୫)
ପ୍ରକୃତ ବନ୍ଧୁ ଠୁ ଅତ୍ୟଧିକ ଏବେ ସାମାଜିକ ଗଣମାଧ୍ୟମ ସାଥୀ,
ଜଣା ପଡେନାହିଁ ଯୁବପିଢିଙ୍କର ଅଯଥାରେ କେତେ ବିତଇ ରାତି ।(୬)
ସନ୍ଧ୍ୟା ଆଲୋକରେ ରଙ୍ଗିନ୍ ଯେବେ ହୋଇଯାଏ ପୁଣି ଗ୍ରାମ ସହର,
ବେକାର ବେସାହାରା ବେଲଗାମ୍ ଯୁବକ ଫେସନ୍ ହୋଇ ଘରୁ ବାହାର ।(୭)
ରାତିର ମଉଜ ଲାଗେ ସ୍ୱର୍ଗ ସୁଖ ସତେ ଯେହ୍ନେ ଇନ୍ଦ୍ରପୁରୀ,
କିନ୍ତୁ ଟାକି କରି ବସିଥାନ୍ତି କେତେ ଠକ ଚୋର ଯେ ଦଲାଲ ବେପାରୀ ।(୮)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧନ ହାନୀ ପ୍ରାଣ ପୀଡା ସହ ଯେବେ ରାତିର ନିଶା ସକାଳେ ଉତୁରେ,

କିନ୍ତୁ ସେତେବେଳେ ଛାଡେ ନାହିଁ ନିଦ କାର୍ଯ୍ୟକ୍ଷମ ଦିବସ ଶବ ବତ୍ ପଡି ଖଟରେ ।(୯)

ଏବେ ଅଧିକାଂଶ ଉପଭୋଗ କରନ୍ତି ଯେହ୍ନେ ନିଜ ରକ୍ତ କଣ୍ଟାଗଛ ଚୋବାଉଥିବା ମରୁଭୂମି ଓଟ ତୁଲ,

ଏହି ଜ୍ୱଳନ୍ତ ବହ୍ନି ନିର୍ବାପିତ ପାଇଁ ସାମୂହିକ ଜାଗରଣେ ବୁଝିବାକୁ ହେବ ନୈତିକତା ଓ ଜୀବନ ମୂଲ୍ୟ ।(୧୦)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରବନ୍ଧ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅନାଥର ନାଥ କାଳିଆ ସାଆନ୍ତ

ଆଶୁତୋଷ ନାୟକ



ଏ ବିଶ୍ୱ ବ୍ରହ୍ମାଣ୍ଡରେ ମନୁଷ୍ୟ ସର୍ବଶେଷ୍ଠ ପ୍ରାଣୀ । ଆମ ହିନ୍ଦୁ ଶାସ୍ତ୍ରରେ ଏହା ବର୍ଣିତ ଅଛି ଯେ ମନୁଷ୍ୟ ଜୀବନ ଅତି ଦୁର୍ଲଭ କାରଣ ଏହା ବିଶ୍ୱାସ କରାଯାଏ ଅନେକ ତପସ୍ୟା ଏବଂ ପୁଣ୍ୟ ବଳରେ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ବିଶ୍ୱର ଅନେକ ପ୍ରସିଦ୍ଧ ବୈଜ୍ଞାନିକଙ୍କ ଆକଳନ ଅନୁଯାଇ ୧୮ ଲକ୍ଷ ପ୍ରଜାତିର ଜୀବଙ୍କ ମଧ୍ୟରୁ ମନୁଷ୍ୟ ସର୍ବଶ୍ରେଷ୍ଠ, ସର୍ବଶକ୍ତିମାନ, ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ପ୍ରାଣୀ । ସେଥିପାଇଁ ଶ୍ରୀମଦଭାଗବତମଂ ୭ / ୬ / ୨ରେ ଏହା ବର୍ଣିତ ଅଛି,

"କୌମାର ଆଚରେତ ପ୍ରାଜ୍ଞ ଧର୍ମାନ ଭାଗବତାନିହ ।

ଦୁର୍ଲଭଂ ମାନୁଷଂ ଜନ୍ମ ତଦପ୍ୟ ଧ୍ରୁବମର୍ଥଦମ୍ ।"

ପରମ ଶାସ୍ତ୍ର ଭାଗବତରେ ଏହା ବର୍ଣ୍ଣିତ ରହିଛି ୮୪ଲକ୍ଷ ଜନ୍ମ ପରେ ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ସେଥିପାଇଁ କୁହାଯାଇଛି ବାଲ୍ୟକାଳରୁ ମନୁଷ୍ୟକୁ ଈଶ୍ୱରଙ୍କ ଆଶ୍ରିତ ହେବା ଅତ୍ୟନ୍ତ ଆବଶ୍ୟକ କାରଣ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ କ୍ଷଣିକ ଏବଂ ପରମାର୍ଥ ପ୍ରଦାନ କରିବାରେ ସମର୍ଥ । ଏ ବିଶ୍ୱବ୍ରହ୍ମାଣ୍ଡରେ ଦେଖାଯାଉଥିବା ସମସ୍ତ ସୁନ୍ଦର ବସ୍ତୁ ବଡ଼ ବଡ଼ ଅଟ୍ଟାଳିକାଠାରୁ ଆରମ୍ଭ କରି ନଦୀ ପୁଷ୍କରିଣୀ ଅରଣ୍ୟ ସାଗର ପର୍ଯ୍ୟନ୍ତ ସବୁଦିନ ମାଟିରେ ମିଶିବ । ଯାହାର ସୃଷ୍ଟି ହୋଇଛି ତାହାର ଧ୍ୱଂସ ସୁନିଶ୍ଚିତ ସେ ସଜୀବ ହୁଅନ୍ତୁ କିମ୍ବା ନିର୍ଜୀବ । ଏହା ଚିରନ୍ତନ ସତ୍ୟ । ମନୁଷ୍ୟ ଜୀବନ ମଧ୍ୟ କ୍ଷଣସ୍ଥାୟୀ । ପାଣି ଫୋଟକା ପରି ମନୁଷ୍ୟର ଆୟୁଷ ମଧ୍ୟ ଅତି ସଂକ୍ଷିପ୍ତ ।

ଜନ୍ମ ଏବଂ ମୃତ୍ୟୁ ମନୁଷ୍ୟର ନିୟନ୍ତ୍ରଣରେ ନଥାଏ । ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୃଷ୍ଟିକର୍ତ୍ତା ଜଗତର ନାଥ ଜଗନ୍ନାଥଙ୍କ ନିର୍ଦ୍ଦେଶ ବିନା କୌଣସି କାର୍ଯ୍ୟ ହୋଇନଥାଏ । କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହିକି ଏକବିଂଶ ଶତାବ୍ଦୀର ଅହଙ୍କାରୀ ସ୍ୱାର୍ଥବାଦୀ ମନୁଷ୍ୟ କାମନା ବାସନା ଓ ମାୟାବନ୍ଧନରେ ଆବଦ୍ଧ ହୋଇ ଇଶ୍ୱରଙ୍କ ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ମୃତ୍ୟୁ କେତେବେଳେ କେଉଁ ରୂପରେ କାହା ମାଧ୍ୟମରେ ଆସିବ ତାହାକୁ କଳ୍ପନା କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ । ତାହା କେବଳ ସୃଷ୍ଟିକର୍ତ୍ତା ପରମବ୍ରହ୍ମ ଅନାଥର ନାଥ କାଳିଆ ସାଆନ୍ତଙ୍କୁ ଜଣା ।

ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ । ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରା ର ମହାନତା ର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା ।

ଏକବିଂଶ ଶତାବ୍ଦୀର ସ୍ୱାର୍ଥବାଦୀ ମନୁଷ୍ୟ ଅହଂକାରରେ ବଶବର୍ତ୍ତୀ ହୋଇ ଅର୍ଥ ଏବଂ ପ୍ରାଚୁର୍ଯ୍ୟ ବଳରେ ଅନ୍ଧ ହୋଇ ନିଜକୁ ସର୍ବଶ୍ରେଷ୍ଠ, ସର୍ବଶକ୍ତିମାନ ମନେକରୁଛି । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି କଳିଯୁଗ ମନୁଷ୍ୟର ଔଦ୍ଧତ୍ୟ ଏବେ ଚରମ ସୀମାରେ । ଇଶ୍ୱରଙ୍କ ସୁନ୍ଦର ସୃଷ୍ଟି ପ୍ରକୃତିକୁ ଧ୍ୱଂସ କରିବାରେ ସେ ବ୍ୟଗ୍ର । ଅନେକ ଜଙ୍ଗଲ, ଗଛଲତାକୁ ମନୁଷ୍ୟ ନିଜର ସ୍ୱାର୍ଥ ପାଇଁ ଧ୍ୱଂସ କରିଦେଉଛି । ଏହାଛଡା ନିରୀହ ପଶୁପକ୍ଷୀଙ୍କ ଉପରେ ସ୍ୱାର୍ଥବାଦୀ ମନୁଷ୍ୟ ନିଷ୍ଠୁରତା, ବର୍ବରତା ଆଚରଣ କରୁଛି । କେତେବେଳେ ସେମାନଙ୍କ ଉପରେ ଏସିଡ, ଗରମ ପାଣି ପକାଇଦଉଚି, ସେମାନଙ୍କ ଖାଉ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଥିବା ଖାଦ୍ୟରେ ବିଷ ମିଶାଇଦଉଚି ତ ଆଉ କେତେବେଳେ ସେମାନଙ୍କୁ ହତ୍ୟା କରି ସେମାନଙ୍କ ମାଂସ ଭକ୍ଷଣ କରୁଛି ।

ସତ୍ୟ ସନାତନ ହିନ୍ଦୁ ଧର୍ମ ଶାସ୍ତ୍ରରେ ଉଲ୍ଲେଖ ରହିଛି ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ରୁଷ, ଜାପାନ, ଇଂଲଣ୍ଡ ମଧ୍ୟ ସନାତନ ହିନ୍ଦୁ ଧର୍ମକୁ ଯଥେଷ୍ଟ ସମ୍ମାନ କରନ୍ତି ଏବଂ ଏହାର ଉପାଦେୟତା ଓ ମହତ୍ତ୍ୱକୁ ବୁଝି ନିଜର ବ୍ୟସ୍ତବହୁଳ ଜୀବନକୁ ସରସ ସୁନ୍ଦର ଏବଂ ଶାନ୍ତିପୁର୍ଣ କରିବା ପାଇଁ ଯଥାସମ୍ଭବ ପ୍ରଚେଷ୍ଟା କରୁଛନ୍ତି । ସେଥିପାଇ କୁହାଯାଇଛି

"ସର୍ବ ପୁରାତନ ଧର୍ମ ସତ୍ୟରେ ସ୍ଥାପିତ, ସନାତନ ଧର୍ମ ନାମେ ବିଶ୍ୱରେ ବିଦିତ ।

ବେଦରେ ପର୍ଯ୍ୟବେଶିତ ଏହି ଆମ ଧର୍ମ, ସର୍ବଦା ବିକାଶଶୀଳ ବୈଜ୍ଞାନିକ ଧର୍ମ, ପୃଥିବୀର ସୃଷ୍ଟି ବେଳୁ ରହିଛି ଏକ ଧର୍ମ ଏବଂ ସୃଷ୍ଟି ନାଶ ଯାଏ ରହିବ ଏ ଧର୍ମ । ବହୁମତ ବହୁପଥ ମିଳିତ ଏଠାରେ, ସ୍ଥାପିତ ନୁହେଁ ଏ ଧର୍ମ ବ୍ୟକ୍ତି ବିଶେଷରେ ।

ବିନାଶ କରିବା ପାଇଁ ଏ ଧର୍ମ ଅସ୍ତିତ୍ୱ, ବିଧର୍ମୀ ଷଡ଼ଯନ୍ତ୍ରର ରହିଛି ଦୃଷ୍ଟାନ୍ତ, ସବୁ ଭୟ ପ୍ରଲୋଭନ କରି ପ୍ରତିହତ, ଆଜିବି ଏ ଧର୍ମ ଅଛି ଦିଗନ୍ତ ବିସ୍ତୃତ ।

ସତ୍ୟ ଓ ଅହିଂସା ମୂଳତତ୍ତ୍ୱ ଏ ଧର୍ମର, ଦୟା, କ୍ଷମା, ଦାନ, ପରୋପକାର ଚ଼ରିତ୍ର ହିନ୍ଦୁର ।

ଅହିଂସା ପରମ ଧର୍ମ ମାନିଥାଏ ହିନ୍ଦୁ । ଧର୍ମ, ଅହିଂସା ନୀତି ପାଳିଥାଏ ହିନ୍ଦୁ ।

ଭାଗବତ ଗୀତା ହିନ୍ଦୁ ଜୀବନ ଆଦର୍ଶ । ତହିଁରେ ରହିଛି ସବୁ ଜ୍ଞାନର ନିଷ୍କର୍ଷ ।

ଋକ, ସାମ, ଯଜୁ ଏବଂ ଅଥର୍ବ ଯେ ବେଦ, କୋଟି ବ୍ରହ୍ମାଣ୍ଡର ଜ୍ଞାନ ତହିଁ ଲିପିବଦ୍ଧ ।

ଅନେକ ପରମ୍ପରା ଓ ଦର୍ଶନ ନୀତି, ନିୟମ ଆଦର୍ଶର ମେଳ, ସନାତନ ଧର୍ମ ଏହାଥିବ ଚିରକାଳ ।"

ଇତିହାସରୁ ଜଣାଯାଏ ଯେ ଶ୍ରୀମନ୍ଦିର ଉପରେ ସମୁଦାୟ ଅଠରଥର ଆକ୍ରମଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇଥିଲା । ଏଥିମଧ୍ୟରୁ ପାଞ୍ଚଥର ଆକ୍ରମଣର ସବିଶେଷ ବିବରଣୀ ଗବେଷଣା ହୋଇ ଆଲୋଚନା ପରିସରକୁ ଆସିନାହିଁ । ତେରଥର ଆକ୍ରମଣ କାଳରେ ମହାପ୍ରଭୁ ଶ୍ରୀମନ୍ଦିର ରତ୍ନବେଦିରୁ ଯାଇ ଓଡ଼ିଶାର ବିଭିନ୍ନ ସ୍ଥାନକୁ ୨୧ ଥର ସ୍ଥାନାନ୍ତର ହୋଇଛି । ସେଥିମଧ୍ୟରୁ ଦୁଇଥର ଶ୍ରୀକ୍ଷେତ୍ର ଭିତରେ ଲୀଳା ହୋଇଥିବା ବେଳେ ଶ୍ରୀକ୍ଷେତ୍ର ବାହାରେ ଊଣେଇଶ ଥର ସ୍ଥାନାନ୍ତର ହୋଇ ଲୀଳା କରିଛନ୍ତି । ଚିଲିକାର ଗୁରୁବାଇଗଡ଼ ଓ ବାଣପୁର ତହସିଲର ନଈରୀଗ୍ରାମର ହରେଶ୍ୱର ମଣ୍ଡପକୁ ଦୁଇ ଦୁଇଥର ବିଜେ କରି ଲୀଳା କରିଥିଲେ । ମହାପ୍ରଭୁ ସମୁଦାୟ ଦୁଇଥର ପାତାଳୀ ଲୀଳା କରିଛନ୍ତି । ଥରେ ସୋନପୁରଠାରେ ଓ ୧୫୬୮ ମସିହାରେ କଳାପାହାଡ଼ ଆକ୍ରମଣରେ ଚିଲିକାର ହାତୀପଡ଼ା ଠାରେ ମହାପ୍ରଭୁଙ୍କର ପାତାଳୀ ଲୀଳା ହୋଇଥିଲା । ଦୁଇଥର ମହାପ୍ରଭୁ ବ୍ରହ୍ମଲୀଳା କରିଛନ୍ତି । ଏହାଥିଲା ମହାପ୍ରଭୁଙ୍କର ଅଭିନବ ବ୍ରହ୍ମଲୀଳା । ନଷ୍ଟ ହେଇଯାଉ ଦାରୁ ବିଗ୍ରହ, କିନ୍ତୁ ବ୍ରହ୍ମ ସୁରକ୍ଷିତ ଥାଆନ୍ତୁ । ଏ ଜାତିର 'ବିଶ୍ୱାସ' ଟିକକ ହସ୍ତାନ୍ତର ହୋଇ ନଯାଉ କି ମନୋବଳ ଭାଙ୍ଗି ଚୁରମାର ହୋଇ ନଯାଉ । ସେହି ବିଶ୍ୱାସରେ ବ୍ରହ୍ମଲୀଳା ସମ୍ପନ୍ନ ହୋଇଥିଲା । ପ୍ରଥମ ବ୍ରହ୍ମଲୀଳା ବିଶର ମହାନ୍ତିଙ୍କ ଦ୍ୱାରା ହୋଇଥିଲା । ଦ୍ୱିତୀୟ ବାର ବ୍ରହ୍ମଲୀଳା ୧୬୨୨ ମସିହାରେ ମିର୍ଜା ଅହମ୍ମଦ ବେଗ ସମୟରେ ହୋଇଥିଲା । ଖୁବ ଗୋପନରେ ଗଜପତିଙ୍କ ପରାମର୍ଶରେ ସେବକମାନେ ଖୋର୍ଦ୍ଧାଜିଲାର ଗଡ଼ମାଣତ୍ରୀରେ ବ୍ରହ୍ମଲୀଳା କରେଇଥିଲେ । ୧୭୩୧ ମସିହାରେ ଶ୍ରୀମନ୍ଦିର ଉପରେ ତକି ଖାଁ ଦ୍ୱିତୀୟବାର ଆକ୍ରମଣ କରିଥିଲେ । ସେତିକିବେଳେ ମହାପ୍ରଭୁଙ୍କୁ ଭାର୍ଗବୀ ନଦୀର ଦୋବନ୍ଧା ପେଣ୍ଟରୁ ବଡ଼ ପରୀକ୍ଷା ପରମାନନ୍ଦ କୁଅଁର ମହାପାତ୍ର ଓ ସାନ ପରୀକ୍ଷା ବିଷ୍ଣୁ ପଶ୍ଚିମ କବାଟ ଚିଲିକା ବାଟଦେଇ ନଈରୀ ଗ୍ରାମର ମଣ୍ଡପରେ ଗୋପନରେ ବିଜେ କରାଇଥିଲେ । ଶ୍ରୀମନ୍ଦିର ଉପରେ ପ୍ରଥମେ ୧୬୭୦ ମସିହାରେ ଆକ୍ରମଣ ହୋଇଥିଲା । ଏହା ୧୭୩୩ ମସିହା ପର୍ଯ୍ୟନ୍ତ ଚାଲିଥିଲା । ଏହି ସମୟ ମଧ୍ୟରେ ହାରାହାରି ୨୫୦ ବର୍ଷରୁ ଅଧିକ ସମୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମହାପ୍ରଭୁ ଶ୍ରୀକ୍ଷେତ୍ର ବାହାରେ ଲୀଳା କରିଥିଲେ । ତାଙ୍କର ଲୀଳାରେ ଶ୍ରୀକ୍ଷେତ୍ର ବାହାରେ ନଈରୀଠାରେ ଗୋଟିଏ ଥର ରଥଯାତ୍ରା ହୋଇଥିଲା ।

ଶାସ୍ତ୍ର ବେଦ ଉପନିଷେଦ କହେ ସନାତନ ହିନ୍ଦୁ ଧର୍ମ ସର୍ବଶ୍ରେଷ୍ଠ ଓ ସର୍ବପୁରାତନ ଏଥିରେ ହିଂସାର କୌଣସି ସ୍ଥାନ ନଥାଏ । ଅନାଥର ନାଥ କାଳିଆ ସାଆନ୍ତ, ଦୀନବନ୍ଧୁ, ଭାବଗ୍ରାହୀ, ଭକ୍ତବତ୍ସଳ ଜଗନ୍ନାଥଙ୍କ ବାଖ୍ୟା କରିବାକୁ କିଏ ବା ସମର୍ଥ ହେବ ।

ସେ ଅନନ୍ତ, ଅସୀମ, ଚିରସତ୍ୟ ତାଙ୍କର ଆଦି ନାଁହିଁ କି ଅନ୍ତ ନାହିଁ, ସେ ନଶ୍ୱର, ନିରାକାର, ପରମବ୍ରହ୍ମ, ପୁରୁଷୋତ୍ତମ । ମହାପ୍ରଭୁ କାଳିଆ ସାଆନ୍ତ ବିଶ୍ୱର ସବୁଠାରୁ ରହସ୍ୟମୟ ଠାକୁର । ଜଗନ୍ନାଥ ମନ୍ଦିରର ଇତିହାସ ଏବଂ ତାର ରହସ୍ୟ ବୁଝିବା ଆମ ପରି ରକ୍ତମାଂସଧାରୀ ସାଧାରଣ ମନୁଷ୍ୟ ପକ୍ଷେ ଅସମ୍ଭବ ।

ଅନେକ ବିଦ୍ୱାନ ପଣ୍ଡିତ, ଶାସ୍ତ୍ର ବିଶାରଦ, ଜ୍ଞାନୀ ଗୁଣୀ, ଜଗନ୍ନାଥ ସଂସ୍କୃତି ଇତିହାସ ସମ୍ପୂର୍ଣ ଭାବେ ବୁଝିବାରେ ଜାଣିବାରେ ସମର୍ଥନ ହୋଇପାରି ନାହାନ୍ତି । ଏବେ ବି ଏହା ରହସ୍ୟମୟ ହୋଇରହିଛି ।

ଜଗନ୍ନାଥ ଉପାସନା କେବେ କେଉଁଠାରୁ ହେଲା ଓ ଜଗନ୍ନାଥଙ୍କ ନାମକରଣ କେବେ କାହିଁକି ହେଲା ସେ ବିଷୟ ଏବେବି ନିର୍ବିବାଦରେ ନିର୍ଣ୍ଣିତ ହୋଇପାରିନାହିଁ । ଜଗନ୍ନାଥଙ୍କ ସଂସ୍କୃତି ସହିତ ବହୁ ଧର୍ମ ଜଡିତ ହୋଇରହିଛି । ଯୁଗ ଯୁଗ ଧରି ଜଗନ୍ନାଥ ରହସ୍ୟମୟ ଦେବତା ହୋଇ ରହିଆସିଛନ୍ତି । ଅନାଥର ନାଥ ଜଗତର ନାଥ ଜଗନ୍ନାଥ ଏକ ଚେତନାର ଚିନ୍ତାଧାରାର ସଂସ୍କୃତିର ସଂକେତ । ଜଗନ୍ନାଥ ସଂସ୍କୃତି ପରମ୍ପରା ବସୁଦେବ କୁଟୁମ୍ବକମର ଚିନ୍ତାଧାରା ଉପରେ ପର୍ଯ୍ୟବେଷିତ । ସମଗ୍ର ବିଶ୍ୱକୁ ଏକତା ସୂତ୍ରରେ ବାନ୍ଧି ରଖିବା ଏହାର ମୂଳମନ୍ତ୍ର । ଜଗନ୍ନାଥ ସଂସ୍କୃତିର ମୂଳମନ୍ତ୍ର ବିଶ୍ୱପ୍ରେମ, ଶାନ୍ତି, ଅହିଂସା, ପ୍ରେମ ମୁକ୍ତି, ଆନନ୍ଦ, ସତ୍ୟ, ଦୟା, କ୍ଷମା ଓ ଅନନ୍ତ ବ୍ୟାପିର ପ୍ରତୀକ ।

ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ କାଳିଆ ସାଆନ୍ତ ଅସୀମ ବିଶ୍ୱବ୍ରହ୍ମାଣ୍ଡର ଜୀବନ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେବତା । ସେ ପରବ୍ରହ୍ମ, ପୁରୁଷୋତ୍ତମ ସର୍ବବ୍ୟାପି, ସାର୍ବଭୌମ୍ୟ, ନିରାକାର । ତାଙ୍କର ଆରମ୍ଭ ନାହିଁ କି ଅନ୍ତ ନାହିଁ । ସେ ଅନାଦି ସେ ଅଶେଷ । ପୁଣି ତାଙ୍କର ଯେଉଁ ଦୁଇଟି ବାହୁର କଳ୍ପନା କରାଯାଇଛି ତାହା ସମାନ୍ତରାଳ । ଦୁଇ ସମାନ୍ତରାୟ ସରଳ ଲେଖାରେ ମିଳନ ଏକ ଅନନ୍ତ ବିନ୍ଦୁରେ ।

ଜଗନ୍ନାଥଙ୍କ ପରମ ଓ ଚରମ ସତ୍ତ୍ୱ ସେହି ସେହି ଅନନ୍ତ ବିନ୍ଦୁରେ ହିଁ ଉପଲବ୍ଧି କରିହୁଏ । ସେ ଅରୂପ ପୁଣି ସ୍ୱରୂପ । ସେ ନିର୍ଗୁଣ ପୁଣି ସଗୁଣ ।

ବହୁ ରୂପରେ ତାଙ୍କର ପରିକଳ୍ପନା । ବିଶ୍ୱର ତେତିଶି କୋଟି ଦେବାଦେବୀଙ୍କ ମଧ୍ୟରେ ଜଗନ୍ନାଥଙ୍କର ନୀତିକାନ୍ତି ସ୍ୱତନ୍ତ୍ର ଏବଂ ସର୍ବଶ୍ରେଷ୍ଠ । ଆଉ କୌଣସି ଦେବତାଙ୍କର ଏପରି ମାନବୀୟ ଲୀଳା ଦେଖିବାକୁ ଏ ବିଶ୍ୱ ବ୍ରହ୍ମାଣ୍ଡରେ ମିଳିନଥାଏ । ବୈଷ୍ଣବ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ବିଷ୍ଣୁ ରୂପରେ ।

ବୌଦ୍ଧ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ବୁଦ୍ଧ ରୂପରେ । ଶୈବ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ଶିବ ରୂପରେ । ଗାଣପତ୍ୟ ଭକ୍ତ ମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଗଣପତି ରୂପରେ । ତେଣୁ ମହାପ୍ରଭୁ ଜଗନ୍ନାଥ ନିର୍ଦ୍ଦିଷ୍ଟ ସୀମା ବା ରୂପରେ ଆବଦ୍ଧ ନୁହନ୍ତି । ଗୋଟିଏ ବଳୟ ଭିତରେ ଗୋଟିଏ ନିର୍ଦ୍ଦିଷ୍ଟ ପରିସୀମା ଭିତରେ ମହାପ୍ରଭୁ କାଳିଆ ସାଆନ୍ତଙ୍କର ସ୍ଥିତି କଳ୍ପନା କରିବା ଅସମ୍ଭବ । ଜଗନ୍ନାଥ ହେଉଛନ୍ତି ବଡ଼ ଠାକୁର, ଜଗନ୍ନାଥଙ୍କର ଦେଉଳ ହେଉଛି ବଡ଼ ଦେଉଳ, ଜଗନ୍ନାଥଙ୍କ ଦାଣ୍ଡ ହେଉଛି ବଡ଼ ଦାଣ୍ଡ, ପଣ୍ଡା ହେଉଛି ବଡ଼ ପଣ୍ଡା, ତାଙ୍କର ଦୀପ ହେଉଛି ମହାଦୀପ, ତାଙ୍କର ଉଦଧି ହେଉଛି ମହା ଉଦଧି (ମହୋଦଧି), ତାଙ୍କର ଶକ୍ତି ହେଉଛନ୍ତି ମହାଲକ୍ଷ୍ମୀ, ତାଙ୍କର ପ୍ରସାଦ ହେଉଛି ମହା ପ୍ରସାଦ । ତେଣୁ ଜଗନ୍ନାଥଙ୍କ ଚେତନା ଭିତରେ ନାହିଁ ସଂକୀର୍ଣ୍ଣତା, ନାହିଁ ଅହମିକା, ନାହିଁ ଅହଂକାର, ନାହିଁ ଉଚ୍ଚନୀଚ, ବଡ଼ସାନର ଭେଦଭାବ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶ୍ରୀକ୍ଷେତ୍ର, ସୁଭଦ୍ରା, ବଳଭଦ୍ର, ସୁଦର୍ଶନଙ୍କ ନାମ ଭିତରେ ରହିଛି ସୁନ୍ଦର, ଶିବ ବା ଶୁଭର ସୂଚନା । ନୀଳଚକ୍ର ଚିରନ୍ତନ ସତ୍ୟ ଓ ନ୍ୟାୟର ପ୍ରତୀକ । କାଳିଆ ସାଆନ୍ତଙ୍କ ସିଂହଦୁଆରରୁ କୌଣସି ଭକ୍ତ ଖାଲି ହାତରେ ଫେରିନି । ମହାପ୍ରଭୁ ପାଖରେ ଧନୀ, ଗରିବ ସମସ୍ତେ ସମାନ । ସମସ୍ତଙ୍କର ମନସ୍କାମନା ପୂର୍ଣ୍ଣ କରିଛନ୍ତି ଦରଦୀ ଠାକୁର, ଦୀନବନ୍ଧୁ, ଅନାଥର ନାଥ, ଜଗତର ନାଥ ବଡ଼ ଠାକୁର ଜଗନ୍ନାଥ ।

ମହାପ୍ରଭୁ କାଳିଆ ସାଆନ୍ତଙ୍କ ଦିବ୍ୟ ଲୀଳାକୁ ଆମ ପରି ସାଧାରଣ ରକ୍ତ ମାଂସ ଧାରୀ ମନୁଷ୍ୟ ବୁଝିବା ଅସମ୍ଭବ । ବିଶ୍ୱ ବ୍ରହ୍ମାଣ୍ଡର ସର୍ବଶ୍ରେଷ୍ଠ ଯାତ୍ରା ଘୋଷଯାତ୍ରାର ଯେଉଁ ଈଶ୍ୱରୀୟ ବାର୍ତ୍ତା ରହିଛି ତାହା ଆମ ମାନବ ସମାଜ ପାଇଁ ଅତୀବ ଉପାଦେୟ । ମହାପ୍ରଭୁ କାଳିଆ ସାଆନ୍ତଙ୍କ ପାଖରେ ଧନୀ, ଗରିବ, ଉଚ୍ଚ, ନୀଚର ଭେଦଭାବ ନଥାଏ । ଏ ବିଶ୍ୱବ୍ରହ୍ମାଣ୍ଡର ମାଲିକ ଜଗନ୍ନାଥ । ସମସ୍ତଙ୍କ ଦୁଃଖ ବୁଝନ୍ତି ସେ ।

ଏ ବିଶ୍ୱବ୍ରହ୍ମାଣ୍ଡରେ କେହିବି ଅନାଥ, ନିରାଶୟ, ନ ହୁଅନ୍ତୁ ଏହି ଆଶ୍ୱାସନା ମିଳେ ଜଗନ୍ନାଥଙ୍କ ନାମ ଭିତରେ । ଜାତି ବର୍ଣ୍ଣ, ଧର୍ମ ନିର୍ବିଶେଷରେ ମହାପ୍ରଭୁ ଚକାଡୋଳା ଅନନ୍ତକୋଟି ବ୍ରହ୍ମାଣ୍ଡ ନାୟକ ଜଗତର ନାଥ ଜଗନ୍ନାଥ ଦର୍ଶନ ଦିଅନ୍ତି ରଥଯାତ୍ରାରେ । ସ୍ନେହ, ପ୍ରେମ, ଭାତୃତ୍ୱ, ବଳିଦାନ, ଭଲପାଇବା, ମାନବିକତା, ତ୍ୟାଗର ବାର୍ତ୍ତା ମିଳେ ରଥଯାତ୍ରାରେ । ଯେଉଁଠି ସ୍ୱାର୍ଥପର ଅହଂଙ୍କାରୀ ମନୁଷ୍ୟ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ପାଇଁ ନିଜର ଜନ୍ମଦାତା ପିତା, ଜନ୍ମଦାତ୍ରୀ ମାତା, ବନ୍ଧୁ, ପରିଜନକୁ ହତ୍ୟା କରିବାକୁ ପଛଘୁଞ୍ଚା ଦେଉନାହିଁ, ସେଠି ମହାପ୍ରଭୁ ଜଗନ୍ନାଥଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଜୀବନକୁ ଶୃଙ୍ଖଳିତ କରିପାରିଲେ ମାନବ ସମାଜ ପାଇଁ ଏହା ଏକ ବରଦାନ ସାବ୍ୟସ୍ତ ହେବ ।

ଗୋପାଳପୁର,, ବାଲେଶ୍ୱର,,

ମୋବାଇଲ- ୭୦୨୦୬୧୧୩୦୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗଛର ଛାଇରେ ଜୀବନର ସତ୍ୟ

ମଧୁସ୍ମିତା ସାହୁ



ସତ୍ୟ ହିଁ ଈଶ୍ୱର, ସତ୍ୟ ହିଁ ସୁନ୍ଦର ସତ୍ୟ ହିଁ ପରମ ତପ ।

ଜୀବନର ସମସ୍ତ ସତ୍ୟ ଭିତରେ ଏହି ବିରାଟ ସତ୍ୟ ଲୁଚି ରହିଛି । ତାହାର ଅବଦାନରେ ମନୁଷ୍ୟ ଜୀବନ ଚଳପ୍ରଚଳ ସ୍ୱାଭାବିକ ହୋଇଅଛି । ପୁରାତନ କାଳରୁ ଆରମ୍ଭ କରି ଏହି ଆଧୁନିକ ଯୁଗକୁ ଭିତ୍ତିକରି ସମଗ୍ର ସତ୍ତାରେ ଲୁଚି ରହିଛି ବୃକ୍ଷର ଅବଦାନ ।

ଆଜି କିନ୍ତୁ ବିକାଶର ଚକ ତଳେ ପଡ଼ି ଦହଗଞ୍ଜ ହେଉଛି ଏହି ବୃକ୍ଷ । ଜୀବନ କାଳରୁ ଆରମ୍ଭ ଠାରୁ ଶେଷ ପର୍ଯ୍ୟନ୍ତ ସେ କେବଳ ନିଜକୁ ସେବାରେ ନିବୃତ କରି ସମର୍ପିତ କରି ଚାଲିଛି ।

ବୃକ୍ଷର ମହତ୍ୱ ଜୀବନ ଶୈଳୀରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଯାହା ଦ୍ୱାରା ଆମକୁ ଅମ୍ଳଜାନର ଉପାଦେୟତାରେ ଭରପୂର କରି ଦେଇପାରେ ।

ଗଛ ତଳେ ବସିବା ବିଷୟରେ କିଛି ଗଭୀର ଆଧ୍ୟାତ୍ମିକ ଚିନ୍ତାଧାରା ଅଛି । ଏହା କେବଳ ଗରମ ଗ୍ରୀଷ୍ମ ଦିନରେ ଥଣ୍ଡା, ଆରାମଦାୟକ ଛାଇ ବିଷୟରେ ନୁହେଁ; ଗଛ ଏବଂ ଜୀବନର ଗଭୀର ସତ୍ୟ ମଧ୍ୟରେ ଏକ ଅନ୍ତର୍ନିହିତ ସଂଯୋଗ ଅଛି । ଯେତେବେଳେ ସେମାନଙ୍କର ମୂଳ ସହିତ ପୃଥିବୀର ଗଭୀରରେ ଖୋଳା ଯାଇଛନ୍ତି ଏବଂ ସେମାନଙ୍କର ଶାଖା ସ୍ୱର୍ଗ ଆଡ଼କୁ ବିସ୍ତାରିତ ହୁଅନ୍ତି, ବୃକ୍ଷଗୁଡ଼ିକ ଆମ ଜୀବନର ଏକ ନୀରବ କିନ୍ତୁ ଶକ୍ତିଶାଳୀ ପ୍ରତିଫଳନ ପରି ମନେହୁଏ, ଯେଉଁଥିରେ ଆମେ ଯାତ୍ରା କରୁଛୁ ଏବଂ ଯେଉଁ ସତ୍ୟଗୁଡ଼ିକ ଆମକୁ ପ୍ରାୟତଃ ବଢାଇଥାଏ । ଦୈନନ୍ଦିନ ଅସ୍ତିତ୍ୱ ପବନରେ ଘୁରି ବୁଲୁଥିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପତ୍ରର ଶାନ୍ତ ଶବ୍ଦ ଏକ ଭାଷା କହିବା ପରି ମନେହୁଏ ଯାହା ଏକ ଗଭୀର ସ୍ତରରେ ପୁନଃ ପ୍ରତିରୂପିତ ହୁଏ, ଯାହା ଆଧୁନିକ ଜୀବନ ପ୍ରାୟତଃ ବୁଡ଼ିଯାଏ । ଯେହେତୁ ଆମେ ଏହି ପ୍ରାକୃତିକ ଦାନଗୁଡ଼ିକ ତଳେ ଲୁକ୍କାୟିତ ପ୍ରତୀକ, ଜୀବନ ଶିକ୍ଷା, ଏବଂ ସତ୍ୟଗୁଡିକ ଅନୁସନ୍ଧାନ କରୁ, ଆମେ ଅନୁଭବ କରୁ ଯେ ଗଛଗୁଡିକ ସହସ୍ର ବର୍ଷ ଧରି ଆମ ସହିତ କଥା ହେଉଛନ୍ତି - ଯଦି ଆମେ ଶୁଣିବା ନିଶ୍ଚିତ ଆମ ସମସ୍ତଙ୍କ ମଙ୍ଗଳ ହେବ ।

ମୂଳ: ଶକ୍ତିର ଅଦୃଶ୍ୟ

ଆମେ ଯାହା ଲକ୍ଷ୍ୟ କରିବାରେ ବିଫଳ, ଭୂପୃଷ୍ଠ ତଳେ କଣ ଅଛି - ମୂଳ । ଗଛର ଏହି ଅଦୃଶ୍ୟ ଅଂଶଗୁଡ଼ିକ ଏହାକୁ କେଉଁ ଭୂମିରେ ପୋଷଣ କରେ ଏବଂ ଝଡ଼ ସମୟରେ ଏହାକୁ ଲଙ୍ଗର କରି ରଖେ । ଏହା ହେଉଛି ଜୀବନର ପ୍ରଥମ ଗଭୀର ସତ୍ୟ ଯାହା ଗଛ ଆମକୁ ଶିକ୍ଷା ଦିଏ: ଆମର ମୂଳ, ଯଦିଓ ଅଦୃଶ୍ୟ, ଆମର ମୂଳଦୁଆ । ଜୀବନରେ, ଆମର ମୂଳ ଜିନିଷଗୁଡିକର ପ୍ରତୀକ ଅଟେ ଯାହା ଆମକୁ ଭିତ୍ତି କରେ - ଆମର ମୂଲ୍ୟବୋଧ, ଆମର ଐତିହ୍ୟ, ଆମ ପରିବାର, ଆମର ପରିଚୟର ଭାବନା । ଗଛ ପରି, ଆମର ମୂଳ ଗଭୀର, ଆମେ ଦୃଢ ଭାବରେ ଠିଆ ହେବୁ । ଆମେ ପ୍ରାୟତଃ ବାହ୍ୟ ସଫଳତା ଏବଂ ଉପରେ ଧ୍ୟାନ ଦେଇଥାଉ, କିନ୍ତୁ ଏହା ଏକ ଅଦୃଶ୍ୟ ମୂଳଦୁଆ - ଭିତରର କାର୍ଯ୍ୟ, ଆତ୍ମ-ସଚେତନତା, ଏବଂ ଆମର ମୂଳ ମୂଲ୍ୟବୋଧ ସହିତ ସଂଯୋଗ - ଯାହା ଜୀବନର ଝଡ ଆସିବାବେଳେ ଆମକୁ ସ୍ଥିର ରଖେ । ଗଛର ଛାଇରେ, ଆମକୁ ସ୍ମରଣ କରାଗଲା । ଯାହା ଭୂପୃଷ୍ଠରେ ଅଛି ତାହା ବିଶ୍ୱକୁ ଦୃଶ୍ୟମାନ ହେବା ପରି ଗୁରୁତ୍ୱପୂର୍ଣ୍ଣ ଅଟେ ।

ପରିବର୍ତ୍ତନର ଋତୁ: ଜୀବନର ପ୍ରାକୃତିକ ଚକ୍ରକୁ ଗ୍ରହଣ କରିବା

ପରିବର୍ତ୍ତିତ ଋତୁଗୁଡିକ ଜୀବନର ଚକ୍ର ବିଷୟରେ ଏକ ଗଭୀର କାହାଣୀ କହିଥାଏ, ଏବଂ ଗଛଗୁଡ଼ିକ ଏହା ପାଇଁ ଉପଯୁକ୍ତ ରୂପାୟନ । ବସନ୍ତରେ, ସେମାନେ ଜୀବନ୍ତ ସହିତ ଫୁଲ ଫୁଟାନ୍ତି; ଗ୍ରୀଷ୍ମ ଋତୁରେ, ସେମାନେ ସମ୍ପୂର୍ଣ୍ଣ ଶକ୍ତିରେ ଉଚ୍ଚ ଅଟନ୍ତି; ଶରତରେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେମାନେ ଅତି ସୁନ୍ଦର ଭାବରେ ସେମାନଙ୍କର ପତ୍ର ଫଳନ୍ତି, ଏବଂ ଶୀତଦିନେ, ସେମାନେ ଖାଲି ଠିଆ ହୁଅନ୍ତି, ନବୀକରଣ ପାଇଁ ଶକ୍ତି ସଂରକ୍ଷଣ କରନ୍ତି । ବୃକ୍ଷଗୁଡିକ ଆମକୁ ଶିକ୍ଷା ଦିଅନ୍ତି ଯେ ପରିବର୍ତ୍ତନ ଅପରିହାର୍ଯ୍ୟ ଏବଂ ଆବଶ୍ୟକ ।  ଯେପରି ବୃକ୍ଷଗୁଡ଼ିକ ଋତୁ ଦେଇ ଗତି କରେ, ସେହିପରି ଆମେ ମଧ୍ୟ । ଅଭିବୃଦ୍ଧି, ପ୍ରଚୁରତା, ଏବଂ ଆନନ୍ଦ ସମୟ ଆସିବ, ତା'ପରେ କ୍ଷତି, ପ୍ରତିଫଳନ ଏବଂ ସ୍ଥିରତା ସମୟ ଆସିବ । ଏହି ପ୍ରାକୃତିକ ଗୀତକୁ ଗ୍ରହଣ କରିବା ଆମକୁ ଆବଶ୍ୟକ ସମୟରେ ଛାଡିଦେବାକୁ ଅନୁମତି ଦିଏ ଏବଂ ବିଶ୍ୱାସ କରେ ଯେ ପ୍ରକୃତି ପରି ଜୀବନ ସର୍ବଦା ଚକ୍ରରେ ଗତି କରେ । ଅନ୍ଧାର ଶୀତରେ ମଧ୍ୟ ବସନ୍ତ ଫେରି ଆସିବ । ଗଛର ଛାଇରେ, ଆମକୁ ଧୀରେ ଧୀରେ ସ୍ମରଣ କରାଗଲା ଯେ ପରିବର୍ତ୍ତନକୁ ପ୍ରତିରୋଧ ନକରି ବରଂ ଏହା ସହିତ ପ୍ରବାହିତ ହେବା, ପ୍ରତ୍ୟେକ ପର୍ଯ୍ୟାୟର ଉଦ୍ଦେଶ୍ୟ ଅଛି ବୋଲି ବିଶ୍ୱାସ କରିବା ।

ଧୈର୍ଯ୍ୟ: ଅଭିବୃଦ୍ଧିର ନୀରବ ଶକ୍ତି

ଆପଣ କେବେ ଗଛର ବୃଦ୍ଧି ଦେଖିଛନ୍ତି କି ?  ଏହା ଏକ ଧୀର, ପ୍ରାୟ ଅବିସ୍ମରଣୀୟ ପ୍ରକ୍ରିୟା । ଏକ ମଞ୍ଜି ଏକ ଗଡ଼ ଗଛ ହେବାକୁ ବର୍ଷ, ଏପରିକି ଦଶନ୍ଧି ସମୟ ନେଇଥାଏ । ଗଛଗୁଡିକ ଏକ ସ୍ମାରକ ଅଟେ ଯେ ପ୍ରକୃତ ଅଭିବୃଦ୍ଧି ସମୟ ନେଇଥାଏ । ଏକ ଦୁନିଆରେ ଯେଉଁଠାରେ ତତକ୍ଷଣାତ୍ ସନ୍ତୁଷ୍ଟତା ଆଦର୍ଶ ଅଟେ, ବୃକ୍ଷମାନେ ଆମକୁ ଧୈର୍ଯ୍ୟ ଶିଖାନ୍ତି - ଜିନିଷଗୁଡିକ ନିଜ ସମୟରେ ଖୋଲିବାକୁ ଅନୁମତି ଦେବାର କଳା । ଆମେ ପ୍ରାୟତଃ, ହାସଲ କରିବାକୁ, ଅଧିକ ହେବାକୁ ତତ୍ପର ହୋଇଥାଉ । କିନ୍ତୁ ଗଛଗୁଡିକ ପ୍ରକାଶ କରୁଥିବା ଗଭୀର ସତ୍ୟ ହେଉଛି ଧୀର ଅଭିବୃଦ୍ଧିରେ ସୌନ୍ଦର୍ଯ୍ୟ ଅଛି । ସେହିପରି ଭାବରେ, ବ୍ୟକ୍ତିଗତ ଅଭିବୃଦ୍ଧି, ଜ୍ଞାନର ଅନୁସରଣ, ଏବଂ ଅର୍ଥପୂର୍ଣ୍ଣ ଲକ୍ଷ୍ୟ ହାସଲ କରିବା ପାଇଁ ସମୟ, ଦୃଢତା ଏବଂ ଧୈର୍ଯ୍ୟ ଆବଶ୍ୟକ ହୁଏ । ଗଛର ଛାଇରେ, ଆମେ ବିରାମ କରି ଚିନ୍ତା କରିପାରିବା ଯେ ଯେଉଁମାନେ ଅପେକ୍ଷା କରନ୍ତି, ପୋଷଣ କରନ୍ତି, ଏବଂ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେମାନଙ୍କ ପାଇଁ ଜୀବନର ସର୍ବଶ୍ରେଷ୍ଠ ପୁରସ୍କାର ଆସେ । ନିଜ ଗତିରେ ବଢନ୍ତୁ ।

ଅନ୍ତଃସଂଯୋଗ: ଆମ ଠାରେ ଲୁକ୍କାୟିତ

ସାମ୍ପ୍ରତିକ ବର୍ଷଗୁଡିକରେ, ବଢିବା ସହିତ ମୂଳ ଏବଂ କବକଗୁଡିକର ଏକ ଭୂତଳ ସଂଯୋଗ ମାଧ୍ୟମରେ ପରସ୍ପର ସହିତ ସଂଯୁକ୍ତ । "କାଠ ୱାଇଡ୍ ୱେବ୍" ଭାବରେ ଜଣାଶୁଣା । ଏହି ସଂଯୋଗ ମାଧ୍ୟମରେ, ବୃକ୍ଷମାନେ ପରସ୍ପର ସହିତ ଯୋଗାଯୋଗ କରନ୍ତି, ଉତ୍ସଗୁଡ଼ିକ ଅଂଶୀଦାର କରନ୍ତି, ଏବଂ ପରସ୍ପରକୁ କୀଟନାଶକ ଭଳି ବିପଦ ବିଷୟରେ ମଧ୍ୟ ଚେତାବନୀ ଦିଅନ୍ତି । ଏହା ଜୀବନ ବିଷୟରେ ଏକ ଗଭୀର ସତ୍ୟକୁ କହିଥାଏ: ଆମେ ସମସ୍ତେ ସଂଯୁକ୍ତ ଅଟୁ । ଜଙ୍ଗଲରେ ଥିବା ଗଛ ପରି, ଆମେ ବିଚ୍ଛିନ୍ନ ପ୍ରାଣୀ ନୁହଁନ୍ତି । ଆମର କାର୍ଯ୍ୟ, ଶବ୍ଦ, ଏବଂ ଶକ୍ତି ଆମ ଆଖପାଖରେ ଥିବା ଲୋକଙ୍କୁ ପ୍ରଭାବିତ କରିଥାଏ ଯାହାକୁ ଆମେ ସବୁବେଳେ ଦେଖିନଥାଉ । ଏପରିକି ଯେତେବେଳେ ଆମେ ଏକାକୀ ଅନୁଭବ କରୁ, ଆମେ ଜୀବନର ଏକ ବୃହତ ଇକୋସିଷ୍ଟମର ଅଂଶ ଅଟୁ । ଆମର ସମ୍ପ୍ରଦାୟ, ସମ୍ପର୍କ, ଏବଂ ଆମର ପିତୃପୁରୁଷମାନେ ମଧ୍ୟ ଏହି ସଂଯୋଗର ଏକ ବିରାଟ ୱେବର ଅଂଶ ଅଟନ୍ତି । ଗଛର ଛାଇରେ, ଆମକୁ ଅନ୍ୟମାନଙ୍କ ସହିତ ଆମର ସମ୍ପର୍କ ଏବଂ ଆମକୁ ଅଦୃଶ୍ୟ ବନ୍ଧନଗୁଡ଼ିକର ମହତ୍ତ୍ୱ ବିଷୟରେ ମନେ ପକାଇଥାଏ ।

ସ୍ଥିରତା: ପ୍ରତିକୂଳ ପରିସ୍ଥିତିରେ

ଗଛଗୁଡିକ ଝଡ, ମରୁଡ଼ି, ଅଗ୍ନିକାଣ୍ଡ ଏବଂ ପବନର ସମ୍ମୁଖୀନ ହୁଏ, କିନ୍ତୁ ଶକ୍ତିଶାଳୀମାନେ ବଞ୍ଚନ୍ତି । ଭାଙ୍ଗିବା ବିନା ବଙ୍କା ହେବାର, ଅଙ୍ଗ ହରାଇବାକୁ କିନ୍ତୁ ପୁନଃ ପ୍ରତ୍ୟାବର୍ତ୍ତନ, ସେମାନଙ୍କର ସ୍ଥିରତାର ପ୍ରମାଣ । ପାଣିପାଗ ଭଳି ଜୀବନ ମଧ୍ୟ ପୂର୍ବାନୁମାନଯୋଗ୍ୟ ନୁହେଁ । ଝଡ ଆସିବ ଏବଂ ଚ୍ୟାଲେଞ୍ଜ ମଧ୍ୟ ସୃଷ୍ଟି ହେବ । ଗଛ ଗୁଡିକ ଆମକୁ ଶିକ୍ଷା ଦେଉଥିବା ଏକ ଗଭୀର ସତ୍ୟ ହେଉଛି ଯେ ସ୍ଥିରତା କଷ୍ଟକୁ ଏଡାଇବା ନୁହେଁ, ବରଂ ଏହାର ସମ୍ମୁଖୀନ ହେବା ଏବଂ ଏହା ସତ୍ତ୍ୱେ ବଢିବାରେ ଲାଗିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୃକ୍ଷଗୁଡ଼ିକ ବଜ୍ରପାତରେ କ୍ଷତବିକ୍ଷତ, ପବନ ଦ୍ୱାରା ଆକୃତିର ଏବଂ ସମୟ ଅନୁସାରେ ପାଣିପାଗ ହୁଏ, କିନ୍ତୁ ସେମାନେ ଉଚ୍ଚରେ ଠିଆ ହୁଅନ୍ତି । ଆମ ନିଜ ଜୀବନରେ, ଆମେ ମଧ୍ୟ ଚ୍ୟାଲେଞ୍ଜ ଦ୍ୱାରା ଆକୃଷ୍ଟ । ଆମେ ବଙ୍କା ହୋଇପାରେ, କିନ୍ତୁ ଆମକୁ ଭାଙ୍ଗିବାକୁ ପଡିବ ନାହିଁ । ଆମେ ସମ୍ମୁଖୀନ ହେଉଥିବା ଅସୁବିଧା ଆମକୁ ବିନାଶ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ଆମକୁ ଅଧିକ ଶକ୍ତିଶାଳୀ ହେବାକୁ ସାହାଯ୍ୟ କରିବା ପାଇଁ ଉଦ୍ଦିଷ୍ଟ ।

ଉଦାରତା: ନୀରବ ପ୍ରଦାନକାରୀ

ବୃକ୍ଷଗୁଡ଼ିକ ନିଃସ୍ୱାର୍ଥପର ଭାବରେ ଦିଅନ୍ତି । ପ୍ରତିବଦଳରେ କିଛି ନ ମାଗି ସେମାନେ ଛାଇ, ଅମ୍ଳଜାନ, ଖାଦ୍ୟ ଏବଂ ଆଶ୍ରୟ ପ୍ରଦାନ କରନ୍ତି । ସେମାନେ ମରିବା ପରେ ମଧ୍ୟ ସେମାନଙ୍କର କାଠ ନିର୍ମାଣ, ଇନ୍ଧନ ଏବଂ ଉଷ୍ମତା ପାଇଁ ବ୍ୟବହୃତ ହୋଇପାରେ । ଏହି ଶାନ୍ତ ଉଦାରତା ହେଉଛି ବୃକ୍ଷର ଛାଇରେ ଲୁଚି ରହିଥିବା ଅନ୍ୟ ଏକ ଜୀବନ ଶିକ୍ଷା । ସତ୍ୟ ହେଉଛି, ସବୁଠାରୁ ଅର୍ଥପୂର୍ଣ୍ଣ ଜୀବନ ପ୍ରାୟତଃ ଅନ୍ୟମାନଙ୍କ ସେବାରେ ବାସ କରୁଥିଲେ । ଏକ ଦୁନିଆରେ ଯାହା ପ୍ରାୟତଃ ଆମେ ଯାହା ହାସଲ କରିପାରିବା ତାହା ଉପରେ ଗୁରୁତ୍ୱ ଦେଇଥାଏ, ଗଛଗୁଡିକ ଆମକୁ ପ୍ରଦାନ କରୁଥିବା ଗଭୀର ପୂର୍ଣ୍ଣତା ବିଷୟରେ ମନେ ପକାଇଥାଏ । ଏହା ଆମର ସମୟ, ଆମର ପ୍ରେମ, କିମ୍ବା ଆମର ଉତ୍ସଗୁଡିକ ପ୍ରଦାନ କରୁ, ଉଦାର ହେବାର ଆନନ୍ଦ ଅଛି । ଯେପରି ବୃକ୍ଷଗୁଡ଼ିକ ସେମାନଙ୍କ ଚତୁର୍ପାର୍ଶ୍ୱରେ ଥିବା ଜଗତକୁ ପୋଷଣ କରନ୍ତି, ଆମେ ମଧ୍ୟ ଦୟାଳୁ କାର୍ଯ୍ୟ ଦ୍ୱାରା ଦୁନିଆକୁ ଉନ୍ନତ କରିପାରିବା, ଯେତେ ଛୋଟ ହେଲେ ମଧ୍ୟ ଗଛର ଛାଇରେ, ଆମ ଉଦାରତାର ପ୍ରଭାବ ବହୁ ଦୂରରେ ଥାଇପାରେ ବୋଲି ଆଶା ନକରି ଆମକୁ ଉତ୍ସାହିତ କରାଯାଏ । ଅଦୃଶ୍ୟ ହୋଇଥିଲେ ମଧ୍ୟ ପହଞ୍ଚିବା ।

ଉପସ୍ଥିତି: ସରଳ ହେବାର ଶକ୍ତି

ବୋଧହୁଏ ଗଛରୁ ଆମେ ଜାଣିପାରିବା ସବୁଠାରୁ ଗଭୀର ସତ୍ୟ ହେଉଛି ଉପସ୍ଥିତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେବାର କଳା । ଗୋଟିଏ ଗଛ ଦୌଡ଼େ ନାହିଁ; ଏହା ଅତୀତ କିମ୍ବା ଭବିଷ୍ୟତ ବିଷୟରେ ଚିନ୍ତା କରେ ନାହିଁ । ମୂହୁର୍ତ୍ତରେ ଏହା ସମ୍ପୁର୍ଣ୍ଣ ଭାବରେ ବିଦ୍ୟମାନ ଅଛି, ଗ୍ରାଉଣ୍ଡେଡ୍ ଏବଂ ଶାନ୍ତିପୂର୍ଣ୍ଣ । ଏକ ଦୁନିଆରେ ଯାହା ଆମକୁ କ୍ରମାଗତ ଭାବରେ ଏକ ହଜାର ଦିଗକୁ ଟାଣିଥାଏ, ଆମେ ପ୍ରାୟତଃ ବର୍ତ୍ତମାନର ଦୃଷ୍ଟି ହରାଇଥାଉ । ଆସନ୍ତାକାଲି ବିଷୟରେ ଚିନ୍ତା କିମ୍ବା ଗତକାଲି ପାଇଁ ଅନୁତାପ ଦ୍ୱାରା ଆମେ ଗ୍ରାସିତ । କିନ୍ତୁ ଗଛ ଆମକୁ ଶିକ୍ଷା ଦିଏ ଯେ କେବଳ ରହିବାରେ ଅପାର ଶକ୍ତି ଅଛି । ଗଛର ଛାଇରେ, ଆମେ ସ୍ଥିରତା ପାଇପାରିବା ଏବଂ ବର୍ତ୍ତମାନର ମୁହୂର୍ତ୍ତ ସହିତ ପୁନଃସଂଯୋଗ କରିପାରିବା - ଯେଉଁଠାରେ ଜୀବନ ପ୍ରକୃତରେ ଉନ୍ମୁକ୍ତ ହୁଏ । ଏକ ଗଛ ତଳେ ବସିବା, ତୁମ ତଳେ ଭୂମି ଅନୁଭବ କରିବା, ଏବଂ ପତ୍ରର ଶବ୍ଦ ଶୁଣିବା ମନ୍ଥର ଗତି ପାଇଁ ଏକ ସ୍ମାରକ ଅଟେ, ନିଶ୍ୱାସ ନିଅ ଏବଂ ହୁଅ । ସେହି ସ୍ଥିରତାରେ, ଆମେ ନିଜଠାରୁ ବଡ଼ କିଛି ସହିତ ସ୍ୱଚ୍ଛତା, ଶାନ୍ତି ଏବଂ ସଂଯୋଗ ପାଇଥାଉ ।

ମୃତ୍ୟୁ: ହରମୋନିରେ ଜୀବନ ଏବଂ ମୃତ୍ୟୁ

ଗଛଗୁଡିକ ଆମ ନିଜ ମୃତ୍ୟୁ ବିଷୟରେ ମନେ ପକାନ୍ତି, କିନ୍ତୁ କିଛି ମାତ୍ରାରେ ନୁହେଁ । ସେମାନେ ଆମକୁ ଦେଖାନ୍ତି ଯେ ଜୀବନ ଏବଂ ମୃତ୍ୟୁ ସମାନ ଚକ୍ରର ଏକ ଅଂଶ । ପତିତ ଗଛ, ଯଦିଓ ଆଉ ଜୀବିତ ନାହିଁ, ପୃଥିବୀକୁ ପୋଷଣ କରେ, ଜୀବମାନଙ୍କୁ ଆଶ୍ରୟ ଦିଏ ଏବଂ ନୂତନ ଜୀବନ ବଢିବା ପାଇଁ ସ୍ଥାନ ସୃଷ୍ଟି କରେ । ଏଠାରେ ଗଭୀର ସତ୍ୟ ହେଉଛି ମୃତ୍ୟୁ ଏକ ସମାପ୍ତ ନୁହେଁ, ବରଂ ଏକ ପରିବର୍ତ୍ତନ । ଜୀବନର ସବୁକିଛି କ୍ଷଣସ୍ଥାୟୀ, ଏବଂ ଆମେ ଯେତେ ଶୀଘ୍ର ଏହି ସତ୍ୟକୁ ଗ୍ରହଣ କରିବୁ, ସେତେ ଅଧିକ ଆମେ ସମ୍ପୂର୍ଣ୍ଣ ବଞ୍ଚିପାରିବା । ଯେପରି ବୃକ୍ଷଗୁଡ଼ିକ ଶରତରେ ସେମାନଙ୍କର ପତ୍ରର କ୍ଷୟକୁ ଗ୍ରହଣ କରନ୍ତି, ସେହିପରି ସମୟ ଆସିବା ପରେ ଆମେ ମଧ୍ୟ ଛାଡିବାକୁ ଶିଖିବା ଆବଶ୍ୟକ - ସଂଲଗ୍ନକ, ଭୟ, ଏପରିକି ଜୀବନ ମଧ୍ୟ । ଗଛର ଛାଇରେ, ଆମେ ଜୀବନର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅପାରଗତାକୁ ଗ୍ରହଣ କରୁ ଏବଂ ଏକ ନମ୍ର ସ୍ମାରକ । ପ୍ରତ୍ୟେକ ସମାପ୍ତି ମଧ୍ୟ ଏକ ଆରମ୍ଭ ହୋଇଥାଏ ।

ଗଛର ଛାଇରେ ଲୁଚି ରହିଥିବା ଜୀବନର ଗଭୀର ସତ୍ୟ

୧୦ ଟି ପ୍ରମୁଖ ସଂକ୍ଷିପ୍ତ ବାକ୍ୟ

ନୀରବତାର ଅଭିବୃଦ୍ଧି:

ଗଛଗୁଡିକ ଚୁପଚାପ୍ ବଢେ ଆମକୁ ଶିକ୍ଷା ଦିଏ ଯେ ଅର୍ଥପୂର୍ଣ୍ଣ ପ୍ରଗତି ପ୍ରାୟତଃ ଶବ୍ଦ କିମ୍ବା ସ୍ୱୀକୃତି ବିନା ଘଟେ । ପ୍ରକୃତ ଅଭିବୃଦ୍ଧି ସମୟ ଏବଂ ଧୈର୍ଯ୍ୟ ନେଇଥାଏ ।

ମୂଳତା ଏବଂ ସ୍ଥିରତା:

ଗଛଗୁଡିକ ଉଚ୍ଚରେ ଛିଡା ହୋଇଥାନ୍ତି କାରଣ ସେଗୁଡ଼ିକ ଗଭୀର ଭାବରେ ମୂଳ । ଜୀବନରେ, ଆମକୁ ଆମର ମୂଲ୍ୟବୋଧ ଏବଂ ବିଶ୍ୱାସରେ ଚ୍ୟାଲେଞ୍ଜ ମାଧ୍ୟମରେ ସ୍ଥିର ରହିବାକୁ ପଡିବ ।

ନବୀକରଣର ଚକ୍ର:

ଯେପରି ଗଛଗୁଡିକ ସେମାନଙ୍କର ପତ୍ର ଫାଳନ୍ତି, ଜୀବନ ନୂତନକୁ ସ୍ଥାନ ଦେବା ପାଇଁ ପୁରୁଣାକୁ ଛାଡିଦିଏ । ନବୀକରଣ ପାଇଁ ପରିବର୍ତ୍ତନ ଅତ୍ୟନ୍ତ ଜରୁରୀ ଅଟେ ।

ଅନ୍ତଃସଂଯୋଗ:

ଭୂମି ତଳେ, ଗଛଗୁଡିକ ମୂଳ ମାଧ୍ୟମରେ ପୁଷ୍ଟିକର ଅଂଶ ବାଣ୍ଟିଥାଏ । ସେହିପରି ଭାବରେ, ଜୀବନ ସଂଯୋଗ ବିଷୟରେ - ପରସ୍ପରକୁ ସମର୍ଥନ କରିବା ସମଗ୍ରକୁ ମଜବୁତ କରେ ।

ପରିସ୍ଥିତିକୁ ଅନୁକୂଳ କରିବା:

ଗଛଗୁଡ଼ିକ ପବନ ସହିତ ବଙ୍କା ହୁଏ କିନ୍ତୁ କ୍ୱଚିତ୍ ଭାଙ୍ଗିଯାଏ । ପ୍ରତିକୂଳ ପରିସ୍ଥିତିରେ ସେମାନେ ଆମକୁ ନମନୀୟ ଏବଂ ଅନୁକୂଳ ହେବାକୁ ମନେ ପକାନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମୟ ମାଧ୍ୟମରେ ସ୍ଥିରତା:

ବୃକ୍ଷର ପାଣିପାଗ ବର୍ଷକୁ ବର୍ଷା ଝଡ଼, ଆମକୁ ସ୍ଥିରତାର ଶକ୍ତି ଦେଖାଏ । ଜୀବନର ଅସୁବିଧା ସମୟ ଏବଂ ଶକ୍ତି ସହିତ ସହ୍ୟ କରାଯାଇପାରେ ।

ଅନ୍ୟମାନଙ୍କ ପାଇଁ ଛାୟା:

ପ୍ରତିବଦଳରେ କିଛି ଆଶା ନକରି ଗଛ ଛାଇ ଏବଂ ଆଶ୍ରୟ ଦେଇଥାଏ । ଏହା ଆମକୁ ଅନ୍ୟମାନଙ୍କ ପାଇଁ ନିଃସ୍ୱାର୍ଥପର ଭାବରେ ଉଦାର ହେବାର ମହତ୍ତ୍ୱକୁ ମନେ ପକାଇଥାଏ ।

ସରଳତା:

ଚେଷ୍ଟା କରିବା କିମ୍ବା ଦୌଡ଼ିବା ବିନା ବୃକ୍ଷଗୁଡ଼ିକ କେବଳ ବିଦ୍ୟମାନ । ଏହା ସୂଚିତ କରେ ଯେ ପୂର୍ଣ୍ଣତା ପ୍ରାୟତଃ ମୁହୂର୍ତ୍ତରେ ଉପସ୍ଥିତ ରହିବା ଦ୍ୱାରା ଆସିଥାଏ ।

ସ୍ଥିରତାର ଶକ୍ତି:

ଜଙ୍ଗଲର ଶାନ୍ତରେ, ଗଛଗୁଡ଼ିକ ଆମକୁ ସ୍ଥିରତାର ମୂଲ୍ୟ ଦେଖାଏ । ପ୍ରତିଫଳନ ଏବଂ ଆଭ୍ୟନ୍ତରୀଣ ଶାନ୍ତି ମିଳିଥାଏ ଯେତେବେଳେ ଆମେ ମନ୍ଥର ହୋଇଥାଉ ।

ଅସମ୍ପୂର୍ଣ୍ଣତାର ସୌନ୍ଦର୍ଯ୍ୟ:

କୌଣସି ଦୁଇଟି ଗଛ ସମାନ ନୁହଁନ୍ତି ଏବଂ ପ୍ରତ୍ୟେକର ସ୍ୱତନ୍ତ୍ର ଦାଗ ଏବଂ ବଙ୍କା ଥାଏ । ଜୀବନର ସୌନ୍ଦର୍ଯ୍ୟ ପ୍ରାୟତଃ ଏହାର ଅପାରଗତା ଏବଂ ବ୍ୟକ୍ତିତ୍ୱରୁ ଆସିଥାଏ ।

ପରିଶେଷରେ ବୃକ୍ଷର ଜ୍ଞାନ ଶୁଣିବ

ଜୀବନର ଗଭୀର ସତ୍ୟଗୁଡ଼ିକ ପ୍ରାୟତଃ ସାଧା ଦୃଶ୍ୟରେ ଲୁଚି ରହିଥାଏ, ଏବଂ ଗଛଗୁଡିକ - ନୀରବ, ମହାନ୍ ଏବଂ ସର୍ବଦା ଉପସ୍ଥିତ - ଏହି ସତ୍ୟଗୁଡ଼ିକର ଏକ ଝିଣ୍ଡୋ ପ୍ରଦାନ କରେ । ସେମାନଙ୍କର ମୂଳ, ଶାଖା, ପତ୍ର ଏବଂ ଉପସ୍ଥିତିରେ, ଆମେ ଶକ୍ତି, ଧୈର୍ଯ୍ୟ, ପରସ୍ପର ସହ ଜଡିତତା ଏବଂ ଜୀବନର ଚକ୍ରର ସୌନ୍ଦର୍ଯ୍ୟ ବିଷୟରେ ଜ୍ଞାନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଇପାରିବା । ଗଛର ଛାଇରେ, ଆମେ ପ୍ରକୃତିର ମନ୍ଥର ଗତି, ପ୍ରତିଫଳନ ଏବଂ ଶୁଣିବା ପାଇଁ ଆମନ୍ତ୍ରିତ । ଆମକୁ ସମସ୍ତେ ଶିଖାଇବାକୁ ଚେଷ୍ଟା କରୁଛନ୍ତି । ପରବର୍ତ୍ତୀ ଥର ଯେତେବେଳେ ଆପଣ ଏକ ଗଛ ତଳେ ବସିବେ, ଏହାର ଶାନ୍ତ ଜ୍ଞାନରେ ଭିଜିବାକୁ କିଛି ସମୟ ନିଅନ୍ତୁ । ଆପଣ ଖୋଜି ପାଇଥିବେ ଯେ ଆପଣ ଖୋଜୁଥିବା ଉତ୍ତରଗୁଡ଼ିକ ଛାଇରେ ଅଛି, ସବୁବେଳେ ରହିଛି ଏବଂ ରହିଥିବ ମଧ୍ୟ ।

ମଧୁସ୍ମିତା ସାହୁ
ବ୍ରହ୍ମା ନଗର ପ୍ରଥମ ଗଳି
ବ୍ରହ୍ମପୁର, ଜିଲ୍ଲା-ଗଞ୍ଜାମ, ଓଡ଼ିଶା
ମୋ-୯୩୪୮୨୮୫୪୧୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆମ ଚିନ୍ତାଧାରା

ଅଭୟ କୁଣ୍ଡ



ସୃଷ୍ଟି ବଡ ବିଚିତ୍ର । ଅନେକ ଅଦ୍ଭୁତ ଜୀବଜନ୍ତୁ ଦେଖାଯାଆନ୍ତି ଏଠାରେ । ପୁରାଣରେ ଦଶମୁଣ୍ଡ, ପାଞ୍ଚ ମୁଖ, ଦଶ ହାତ, ଚତୁର୍ଭୁଜ, ବିଂଶବାହୁ ଓ ତ୍ରିନେତ୍ର କଥା ଲେଖାଅଛି । ସେହିପରି ଗୋଟିଏ ପକ୍ଷୀ ଥିଲା ତାହାର ଦୁଇଟି ମୁଣ୍ଡ ଶରୀର ଗୋଟିଏ । ଉଡ଼ିବା, ଆହାର କରିବା ଓ ବିଶ୍ରାମ କରିବା ସବୁଥିରେ ଭିନ୍ନ ମତ । ଜଣଙ୍କର ଚିନ୍ତାଧାରା ଅନ୍ୟର ବିପରୀତ । ସେଥିପାଇଁ ଦ୍ୱନ୍ଦ ସୃଷ୍ଟି ହୁଏ । ଆକ୍ରମଣ ପ୍ରତି ଆକ୍ରମଣ ବି ହୁଏ ।

ଆହାର ଖାଇବା ସମୟରେ ଥରେ ଦ୍ୱିତୀୟ ମୁଣ୍ଡଟି ଗୋଟିଏ ଲାଲ୍ ଟକଟକ ଫଳ ଦେଖି ତାକୁ ଥଣ୍ଟରେ ଧରିଲା । ଏହା ଦେଖି ପ୍ରଥମ ମୁଣ୍ଡଟି କହିଲା ଏହା ଏକ ବିଷାକ୍ତ ଫଳ ତାକୁ ଖାଅନି । ଦ୍ୱିତୀୟ ମୁଣ୍ଡଟି କହିଲା ତୁ ଯେଉଁ ହଳଦିଆ ଫଳଟି ଖାଇଲୁ ତାହା କଣ ଅମୃତ ଫଳ ? କାହିଁ ମୁଁ ତ ବାରଣ କଲି ନାହିଁ । ତୁ ମତେ ସେଥିରୁ ଭାଗ ଦେଇଥିଲୁ କି ? ପ୍ରଥମ ମୁଣ୍ଡଟି କହିଲା ଆରେ ଆମର ତ ପେଟ ଗୋଟିଏ ମୁଁ ଖାଇଲେ କଣ ତୋର କ୍ଷୁଧା ମେଣ୍ଟିଲା ନାହିଁ କି ? ଦ୍ୱିତୀୟ ମୁଣ୍ଡ କହିଲା ତା ହେଲେ ତୁ କେବଳ ଖାଇବୁ ଆଉ ମୁଁ ଚାହିଁ ରହିବି ? ଏହା ବଡ଼ ଅନ୍ୟାୟ କଥା । ବିଷ ଫଳ କହି ମତେ ଭୁଆଁ ବୁଲାଉଛୁ । ପ୍ରଥମ ମୁଣ୍ଡ କହିଲା ଆରେ ବିଷ ଫଳ ଖାଇଲେ ଆମ ଦୁହିଁଙ୍କର ମୃତ୍ୟୁ ହେବ ବୁଝୁନୁ କାହିଁକି ? ଦ୍ୱିତୀୟ ମୁଣ୍ଡ କହିଲା ଏହା ଏକ ବିଷ ଫଳ ଜାଣିଲୁ କିପରି ? ତାହେଲେ ତୁ କଣ ଏହା ଚାଖିଛୁ କି ? ଯଦି ଚାଖିଲୁ କାହିଁ ଆମର ତ ମୃତ୍ୟୁ ହେଲାନି ? ମୁଁ ଏ ଫଳ ଖାଇବି କାହା କଥା ଶୁଣିବି ନାହିଁ । ପ୍ରଥମ ମୁଣ୍ଡ କହିଲା ଆରେ ଜୀବନ କଥା ଭାବି ଦେଖ୍ । ଏହା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରେ ଦୁଇ ଜଣଙ୍କ ଭିତରେ କଳି ବଢ଼ି ଚାଲିଲା । ଆକ୍ରମଣ ପ୍ରତି ଆକ୍ରମଣ ବି ।

ଠିକ୍ ଏତିକି ବେଳେ ଏକ ବାଜ ପକ୍ଷୀ ଆଙ୍କ ଆଡ଼କୁ ଝପଟି ଆସିଲା । ତା ଭୟଙ୍କର ରୂପ ଦେଖି ଗଛ କୋରଡକୁ ଦୁଇ ମୁଣ୍ଡ ପକ୍ଷୀ ଉଡିଗଲା । ଭୟରେ ତା ଲାଲ୍ ଫଳଟି ତଳେ ପଡି ଫାଟିଗଲା । ବାଜ ପକ୍ଷୀ ଭୟରେ ଏମାନେ ତଳକୁ ଗଲେ ନାହିଁ । ପକ୍ଷୀଟି ବଞ୍ଚିଗଲା । ବେଳେବେଳେ ଭୟ ମଧ୍ୟ ବିପଦରୁ ରକ୍ଷା କରେ ।

ପ୍ରତ୍ୟେକ ମଣିଷର ମୁଣ୍ଡ ଗୋଟିଏ ମାତ୍ର ଭାବନା ଅନେକ । କ୍ଷଣକେ ଭଲ ତ ପୁଣି କ୍ଷଣକେ ବିପରୀତ । ବିବେକବନ୍ତ ମଣିଷ ନିଜ ମନ ଉପରେ ନିୟନ୍ତ୍ରଣ ରଖେ । ଛୋଟ ବିପଦରୁ ଶିକ୍ଷା ଲାଭ କରେ ବଡ ବିପଦରୁ ରକ୍ଷା ପାଏ । ତେଣୁ ଆମ ଚିନ୍ତାଧାରା ସକାରାତ୍ମକ ହେବା ଉଚିତ୍ ।

ସହକାରୀ ଶିକ୍ଷକ
ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ
ପଡ଼ିଆଭଙ୍ଗା ତାଳଚେର ଅନୁଗୋଳ
ମୋ - ୯୪୫୬୭୯୮୯୭୨୩

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଭଲ ମଣିଷ

ସବିତା ଜେନା



ଶାସ୍ତ୍ର କହେ, ବହୁତ ଜନ୍ମ ପରେ ସତ୍ କର୍ମର ପୁଣ୍ୟ ବଳରେ ଜୀବ ମଣିଷ ଜନ୍ମ ପାଏ । କାରଣ ମଣିଷ ଜନ୍ମ ହେଉଛି ଶ୍ରେଷ୍ଠ ଜନ୍ମ, ମଣିଷ ହେଉଛି ଶ୍ରେଷ୍ଠ ଜୀବ । କାରଣ ମଣିଷ ଭିତରେ ରହିଛି ବୁଦ୍ଧି, ଜ୍ଞାନ, ବିଜ୍ଞାନ, କଳା ସାହିତ୍ୟ ସାଧନ ପରି ଅଲୌକିକ ଶକ୍ତି, ଯାହା ବଳରେ ସେ ବଳୀୟାନ ଏବଂ ଅନ୍ୟ ପ୍ରାଣୀମାନଙ୍କ ଠାରୁ ବାରି ହେଇ ପଡ଼େ । ଅତିବଡ଼ି ଜଗନ୍ନାଥଙ୍କ ଭାଷାରେ-

ମାନବ ଦେହେ ଦିବ୍ୟ ଜ୍ଞାନ

ଦେଖି ସନ୍ତୋଷ ଭଗବାନ।

ମାତ୍ର ସବୁ ମାନବ ଭଲ ମଣିଷ ନୁହଁନ୍ତି । ଯିଏ ସେହି ଶକ୍ତିର ଦୁରୁପଯୋଗ କରି ଅନ୍ୟର ଅମଙ୍ଗଳ କରେ ସିଏ ମଣିଷ ରୂପରେ ପିଶାଚ । ଆଉ ଯିଏ ସେହି ଅଲୌକିକ ଶକ୍ତି ଖଟେଇ ଅନ୍ୟର ହିତ ସାଧନ କରେ ସେ ହୁଏ ପ୍ରକୃତ ମଣିଷ ବା ଭଲ ମଣିଷ ।

ତେଣୁ ଏ ଦୁନିଆରେ କୋଟି କୋଟି ମଣିଷ ଥିଲେ ମଧ୍ୟ ସମସ୍ତେ ଭଲ ମଣିଷ ହେଇ ପାରନ୍ତି ନାହିଁ । ଭଲ ମଣିଷ ଗଢ଼ା ହେବାର ମୂଳଭିତ୍ତି ସ୍ଥାପନ ହୋଇଥାଏ ପରିବାରରୁ । ଶୈଶବରୁ ବାଲ୍ୟକାଳ ପର୍ଯ୍ୟନ୍ତ ପିଲା ଥାଏ କଞ୍ଚା ମାଟି ସଦୃଶ । ତାକୁ ପିତାମାତା ଓ ପରିବାରର ଅନ୍ୟ ସଦସ୍ୟମାନେ ଯେଉଁପରି ରୂପ ଦେଇଥାନ୍ତି, ଶିଶୁ ସେହିପରି ଗଢ଼ି ହୋଇଯାଏ । ଶିଶୁ ସର୍ବଦା ଅନୁକରଣ ପ୍ରିୟ । ତେଣୁ ପିଲାକୁ ଭଲ କଥା କହିବାକୁ କହି, ନିଜେ ଖରାପ କଥା କହିଲେ ଏବଂ ସତ୍ କର୍ମ କରିବାକୁ ଉପଦେଶ ଦେଇ ନିଜେ ଅକର୍ମ, କୁକର୍ମ ବା ଅପକର୍ମ କଲେ ପିଲା "ଭଲ"କୁ ପରିତ୍ୟାଗ କରି ଖରାପକୁ ଅନୁକରଣ କରିବ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହିଁ କରିବ । ତେଣୁ ପରିବାର ସମସ୍ତ ସଦସ୍ୟ ଉତ୍ତମ ଆଚରଣ କରିବା ଉଚିତ୍, ଯାହାର ପ୍ରଭାବ ପିଲା ଉପରେ ପଡ଼ିବ । ପରିବାର ପରେ ବିଦ୍ୟାଳୟ ପିଲାଙ୍କୁ ଭଲ ମଣିଷ ଗଢିବାର କାରଖାନା ହୋଇଥାଏ । ବିଦ୍ୟାଳୟରେ ପିଲାମାନଙ୍କୁ ଭଲ ମଣିଷ ଗଢିବାର ଗୁରୁ ଦାୟିତ୍ୱ ନ୍ୟସ୍ତ ଥାଏ ଗୁରୁ ବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଉପରେ । ସେଇଠାରେ ତା'ର ନୈତିକ, ବୌଦ୍ଧିକ, ସାମାଜିକ ତଥା ଆଧ୍ୟାତ୍ମିକ ପ୍ରାୟ ସବୁପ୍ରକାର ଜ୍ଞାନର ଅଭିବୃଦ୍ଧି ଘଟିଥାଏ । ତେବେ ମନ୍ଦ ପରିବେଶ, କୁସଙ୍ଗ କୁଶିକ୍ଷାରେ ପଡ଼ି ମଣିଷ ତା'ର ମଣିଷପଣିଆକୁ ଭୁଲିଯାଏ, ଭଲ ମଣିଷ ହୋଇ ନ ପାରି ନିଜେ ଦୁଃଖ ଅଶାନ୍ତିରେ ଜୀବନ ବିତାଇବା ସହିତ ଅନ୍ୟ ଦୁଃଖର କାରଣ ହେଇଥାଏ ।

ଜଣେ ଭଲ ମଣିଷ ଆମେ କାହାକୁ କହିବା ? ଉତ୍ତର ସ୍ୱରୂପ ଏହା କୁହାଯାଇ ପାରେ ଯେ ଭଲ ମଣିଷ ହେଉଛି ସେହି ବ୍ୟକ୍ତି, ଯିଏ ଉତ୍ତମ ଗୁଣର ଅଧିକାରୀ ହେଇଥାଏ । ଯଥା - ନିଃସ୍ୱାର୍ଥପରତା, ପରୋପକାରୀ, ଧୈର୍ଯ୍ୟବାନ୍, ସହନଶୀଳ, ବ୍ୟବହାରରେ ଉତ୍ତମ ଆଚରଣ, ବିନମ୍ରତା, ପିତାମାତା, ଗୁରୁ ଗୁରୁଜନମାନଙ୍କୁ ଭକ୍ତି ଓ ସମ୍ମାନ ପ୍ରଦର୍ଶନ କରିବା ଏବଂ ସର୍ବୋପରି କାହାକୁ ଈର୍ଷା ପରାୟଣ ନ ହେବା ଓ ଅନ୍ୟର କ୍ଷତି ନ କରିବା ସହିତ ହିତ ସାଧନ କରିବା । ତା ସହିତ ଦୁଃଖୀ ଜନ ପ୍ରତି ଦୟା, କ୍ଷମା ଓ ସାହାଯ୍ୟ କରିବାର ମନୋବୃତ୍ତି ମଧ୍ୟ କେବଳ ଭଲ ମଣିଷ ପାଖରେ ଥାଏ । ଜଣେ ଭଲ ମଣିଷ ଆତ୍ମବିଶ୍ୱାସୀ ଓ ଈଶ୍ୱର ବିଶ୍ୱାସୀ ଉଭୟ ଗୁଣର ଅଧିକାରୀ ହେଇଥାଏ । ତା ମନରେ ଅହଙ୍କାରର ସ୍ଥାନ ନ ଥାଏ । ସତ୍ୟ, ଅହିଂସା ପରି ମହନୀୟ ଗୁଣ ମଧ୍ୟ ଭଲ ମଣିଷ ପାଖରେ ପରିଦୃଷ୍ଟ ହୁଏ । ଉତ୍ତମ ବୁଝାମଣା ସହିତ ଆଧ୍ୟାତ୍ମିକ ଭାବନା ତାକୁ ମହତ୍ ରୁ ମହତ୍ତର କରେ । ଜଣେ ଭଲ ମଣିଷ ହିଁ ନିଜର ଉତ୍ତମ କର୍ମ, ପରକୁ ସ୍ନେହ, ଶ୍ରଦ୍ଧା ଓ ସହଯୋଗରେ ନିଜର, ପରିବାରର, ଦେଶର ତଥା ବିଶ୍ୱର ମଙ୍ଗଳ ସାଧନ କରିଥାଏ ।

ସତ୍ୟ ଓ ଅହିଂସାର ପୂଜାରୀ ମହାତ୍ମା ଗାନ୍ଧି, ସେବା ଓ ମମତାର ପ୍ରତିମୂର୍ତ୍ତି ମଦର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଟେରେସା, ଉତ୍କଳମଣି ଗୋପବନ୍ଧୁ, ଉତ୍କଳ ଗୌରବ ମଧୁସୂଦନ, ବାଳକ ଧର୍ମପଦ, ବାଜି ରାଉତ, ଏବଂ ଅନେକ ଜଣାଶୁଣା ଦେଶପ୍ରେମୀ ଜଣେ ଜଣେ ଭଲ ମଣିଷର ଉଦାହରଣ ।

ଶେଷରେ ଏତିକି କୁହାଯାଇ ପାରେ ଯେ, ଧନ ଯୌବନ ଓ କ୍ଷମତା ବଳରେ ବଡ଼ଲୋକ ହେବା ଅପେକ୍ଷା ସୁଗୁଣର, ନିଜ ବିଦ୍ୟା ଓ ଧନର ସଦୁପଯୋଗ କରି ଭଲ ମଣିଷଟିଏ ହେବା ଅଧିକ ବାଞ୍ଛନୀୟ । କାରଣ ସେଥିରେ ମଣିଷ ଜୀବନ ସାର୍ଥକ ହୁଏ ।

ସବିତା ଜେନା

କେନ୍ଦୁଝର।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭଲ ମଣିଷ

ପଦ୍ମାବତୀ ସିହ୍ନା



ଏହି ସଂସାରରେ ବହୁତ ପ୍ରକାର ଲୋକ ଅଛନ୍ତି । କେତେ ଲୋକ ଅଛନ୍ତି କାହାର ନା କାହା ସହିତ ସମଞ୍ଜସ୍ୟ ରହିଥାଏ, କିନ୍ତୁ ଭିନ୍ନ ଭିନ୍ନ ଧରଣର । କଥାରେ ଅଛି – ନାନା ମୁନି ନାନା ମତ । କାରଣ ମନ ଏକ ହୋଇପାରେ କିନ୍ତୁ ମତ ପାର୍ଥକ୍ୟ ଦେଖାଯାଏ ।

ଭଲ ମଣିଷ ସଂସାରରେ ବହୁତ କମ ସେମାନଙ୍କ ପାଖରେ ଭଲ ମଣିଷର ଲକ୍ଷଣ ବାରି ହୋଇପଡେ ।

ଏହି ସ୍ୱାର୍ଥପର ଦୁନିଆଁରେ ଭଲ ମଣିଷ ହୋଇ ବଂଚିବା ବହୁତ କଷ୍ଟ ଏବଂ ଯନ୍ତ୍ରଣା ଦାୟକ । ଖରାପ ଲୋକମାନେ ଭଲ ଲୋକମାନଙ୍କୁ ବହୁତ ହଇରାଣ ହରକତ କରି ଥାଆନ୍ତି । ସେମାନେ କାହାରି ଭଲ ଦେଖି ପାରନ୍ତି ନାହିଁ ଅନ୍ୟର ଭଲ ଦେଖି ଇର୍ଷାନ୍ୱିତ ହୁଅନ୍ତି ଏବଂ ମିଛ କହି ଅସୁବିଧାରେ ପକାଇ ଥାଆନ୍ତି । ଯେପରି ଆମ ନାରାୟଣ ସାରଙ୍କୁ ମିଥ୍ୟାରୋପ କରି କେତେ କଷ୍ଟ ଓ ଯନ୍ତ୍ରଣା ଦେଲେ । କିନ୍ତୁ ସୁନା ସବୁବେଳେ ଚିକ ଚିକ କରେ ତାକୁ ନିଆଁରେ ପକାଇଲେ ମଧ୍ୟ ସେ ଚମକ ଦେଖାଯାଏ । ସୂର୍ଯ୍ୟଙ୍କୁ ଅଳ୍ପ ସମୟ ପାଇଁ କଳା ବାଦଲ ଘୋଡାଇ ଥାଏ ଯେତେବେଳେ କଳା ବାଦଲ ହଟିଯାଏ ସେତେବେଳେ ସୂର୍ଯ୍ୟ ଆହୁରି ଅଧିକ ଆଲୋକ ପ୍ରଦାନ କରିଥାଏ ପୃଥିବୀ ପୃଷ୍ଠରେ । ସେପରି ନାରାୟଣ ସାର ସାରା ସାହିତ୍ୟ ଜଗତକୁ ଆହୁରି ଦୀପ୍ତିମାନ ହୋଇ ଚମକାଉଛନ୍ତି । ସମଗ୍ର ସାହିତ୍ୟ ଜଗତର ସେ ହୀରା ଭଳି ଝଟକୁଛନ୍ତି । ତାଙ୍କର ମଧୁର କଥା ଭୋକିଲା ଲୋକର କ୍ଷୁଧା ନିବାରଣ କରିବା ସଦୃଶ, ତୃଷାତର ଜଳ ସଦୃଶ ମନକୁ ଶାନ୍ତି ଦେଇଥାଏ ତାଙ୍କୁ ହିଁ କହନ୍ତି ଭଲ ମଣିଷ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜଣେ ଭଲ ମଣିଷର ପରିଚୟ ନିଜର ବ୍ୟବହାରରୁ ଜଣାପଡେ । ଜଣେ ଭଲ ମଣିଷ ଯେତେ ଘାତପ୍ରତିଘାତ ଆସିଲେ ମଧ୍ୟ ସେ ତାର କର୍ତ୍ତବ୍ୟ ପଥରୁ ବିଚ୍ୟୁତ ହୁଏନାହିଁ ।

ଭଲ ମଣିଷ ଆମେ କାହାକୁ କହିବା- ଯିଏ ଅନ୍ୟକୁ କଥାଦେଇ କଥା ରଖିଥାଏ, ମଧୁର କଥା ସର୍ବଦା ହସହସ ମୁଖରେ କହିଥାଏ, ସମସ୍ତଙ୍କୁ ବିଶ୍ୱାସ କରିବା, ମିଛ ଓ ଛଳନା ନକରିବା, ଯିଏ ଋଣ ନେଇକି ସୁଝି ଥାଏ, ପ୍ରେମରେ ଯିଏ ଧୋକା ନଦିଏ, ସ୍ୱାର୍ଥରେ ଯିଏ ଅନ୍ଧ ନ ହୁଏ, ଯାହାର ଉପରେ ହସ ଭିତରେ ବିଷ ନଥାଏ, ମନ ସର୍ବଦା ପରିଷ୍କାର ଥାଏ, ସମସ୍ତଙ୍କୁ ନିଜର ଭାବିଥାଏ, ଅସହାୟ ଲୋକଙ୍କୁ ସାହାଯ୍ୟ କରେ, ପରଦ୍ରବ୍ୟକୁ ଲୋଭ ନକରେ, ସମସ୍ତଙ୍କୁ ସମ୍ମାନ ଦିଏ, ପରନିନ୍ଦା ପରଚର୍ଚ୍ଚା ନକରେ, ବିପଦରେ ସାହାଯ୍ୟର ହାତ ବଢ଼ାଏ, କେବେହେଲେ କାହାକୁ ରାଗେ ନାହିଁ, କାହାକୁ ଘୃଣା କରେନାହିଁ, କଟୁ ଭାଷା କହେନାହିଁ, ପରର ଦୁଃଖ ସହେ ନାହିଁ, ହିଂସା ଦ୍ୱେଷ ଗର୍ବ ଅହଂକାର ରଖେ ନାହିଁ, ନାରୀକୁ ସମ୍ମାନ ଦେଉଥାଏ, ଧର୍ମ ସଂସ୍କାର ସଂସ୍କୃତିକୁ ମାନି ଚାଲୁଥାଏ, କାହାକୁ କଷ୍ଟ ନଦେଇ ନିଜ ମୁଣ୍ଡକୁ ସବୁ ଦୋଷ ଆଣିଥାଏ, ଗୁରୁଜନ ବାପାମାଆଙ୍କୁ ଦେବତା ଭଳି ମାନୁଥାଏ ସେ ହିଁ ପ୍ରକୃତରେ ଭଲ ମଣିଷ ।

ପଦ୍ମାବତୀ ସିହ୍ନା


ଠାକୁରମୁଣ୍ଡା, ମୟୁରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭଲ ମଣିଷ

ରୀତା ଅପରାଜିତା ମହାନ୍ତି



ଭଗବାନଙ୍କ ସୃଷ୍ଟିରେ ସବୁଠାରୁ ଶ୍ରେଷ୍ଠ ଜୀବ ହେଉଛି ମଣିଷ । ଭଲ ମନ୍ଦ ଦୁଇ ପ୍ରକାର ମଣିଷ ଅଛନ୍ତି । ଯିଏ ବଡ଼ ଗୁରୁଜନଙ୍କୁ ଭକ୍ତି କରେ ସେ ଭଲ ମଣିଷ ।

ଯିଏ ଦୁଃଖ ସୁଖ ଦୁଇ ଅବସ୍ଥାରେ ବିଚଳିତ ହୁଏ ନାହିଁ । ତା ସୁମଣିଷର ଗୁଣ । ମିତ୍ର ଶତ୍ରୁକୁ ସମାନ ଭାବରେ ଦେଖିବା ଭଲ ମଣିଷର ଗୁଣ ।

ଯେ ଅନୁକୂଳ ପ୍ରତିକୂଳ ପରିସ୍ଥିତିରେ ବଦଳେ ନାହିଁ । ସେ ହିଁ ଭଲ ମଣିଷ ।

ଯିଏ ନିଜ କଥା କେବଳ ଚିନ୍ତା ନ କରି ଅନ୍ୟ ବିଷୟରେ ଚିନ୍ତା କରେ, ସେ ଭଲ ମଣିଷରେ ଯାଏ । ସେ ପୁରାଣ ବେଦ ଶାସ୍ତ୍ର ଆଦି ସ୍ୱାଧ୍ୟାୟ କରେ । ସେ ଭଲ ମଣିଷ ।

ଯେ କେବଳ ନିଜ ଖାଇବା, ନିଜ ଘର, ନିଜ ଗାଡି, ନିଜ ପ୍ରାଣପାଇଁ ଚିନ୍ତା କରେ ସେ ଅସୁର ସ୍ୱଭାବର ବ୍ୟକ୍ତି । ଭଲ ମଣିଷ ଶାନ୍ତ ଧୀର ହୁଏ । ମଦ ମିଛ ପାପଠୁ ଭଲ ମଣିଷ ଦୂରେଇ ରୁହେ । କାମ ରାଗ ଆଦି ଆଚରଣଠୁ ଭଲ ମଣିଷ ଦୂରେଇ ରୁହେ । କିନ୍ତୁ ମନ୍ଦ ସ୍ୱଭାବ ବ୍ୟକ୍ତି କେବଳ ଖାଇବା ପାଇଁ ବଞ୍ଚେ ।

ଭଲ ମଣିଷ ନିଜ କର୍ତ୍ତବ୍ୟ କରିଚାଲେ ଭଗବାନ ଅର୍ଚ୍ଚନା ପଦ ସେବନରେ ସମୟ ବିତାଏ । ସେ ଭଲ ମଣିଷ ସେ ହିଁ ସୁଖୀ ।

କେବେ ମଣିଷ ଅହଂକାର କରିବା ଉଚିତ ନୁହେଁ । କାରଣ ଅହଙ୍କାର ପାଉଁଶ ତଳେ ନିଆଁ ପରି ମଣିଷକୁ ଜାଳିଦିଏ । ଭଲ ମଣିଷ ଅହଙ୍କାର କରେ ନାହିଁ । ଭଲମଣିଷ ତାର ଚିନ୍ତା ଚେତନାକୁ ଚିନ୍ତାମଣିକୁ ଅର୍ପଣ କରେ । ଆମ ଶରୀର ଏକ ନନ୍ଦିଘୋଷ ରଥ ପରି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହାର ଚାରୋଟି ଘୋଡା

୧/ସତ୍ୟ

୨/ଶାନ୍ତି

୩/ଦୟା

୪/କ୍ଷମା

ମନ ଦଉଡିରେ ଭଲ ମଣିଷ ସତ୍ୟ, ଶାନ୍ତି, ଦୟା କ୍ଷମାକୁ ବାନ୍ଧି ରଖିଥାଏ । ସେ ଅବିଦ୍ୟାକୁ ତ୍ୟାଗ କରେ । ଗୋପୀଙ୍କ ପରି ଭକ୍ତି ଭଲ ମଣିଷ ଗୁଣ । ତାହେଲେ ସେ ପ୍ରକୃତ ଭଗବାନକୁ ପାଇପାରେ । ଭଲ ମଣିଷର ଲକ୍ଷଣ;

ମନସ୍ୟ ଏକମ

ବଚସ୍ୟ ଏକମ

କର୍ମସ୍ୟ ଏକମ ।

ଏସବୁ ଯିଏ ଏକ ରଖେ ସେ ଭଲ ମଣିଷ । ଯେ ଦାନଧର୍ମ କରେ ସେ ହିଁ ଭଲ ମଣିଷ ଜଳଛତ୍ର ଦାନ, ଅନ୍ନ ଦାନ, ରକ୍ତ ଦାନ ସବୁ ମହତ ଦାନ ।

ଦାନ ବି ସତ ପାତ୍ରରେ ଦେବା ଉଚିତ । ଯିଏ କେବଳ ଭଗବାନ ଉପରେ ସବୁ ସମର୍ପଣ କରେ ଭଗବାନ ତାର ସବୁ ଦେଖନ୍ତି । ପଞ୍ଚଭୂତର ଶରୀର ଦିନେ ସେଥିରେ ଲୀନ ହେବ । ଆମେ ବିଷୟ ବାସନାରେ ମୋହିତ ହୋଇ ଭୁଲ ପଥରେ ଯାଉ । ଭଲ ମଣିଷ ତିନୋଟି ତ୍ୟାଗ କରେ । ରାଜସିକ ତ୍ୟାଗ, ତାମସିକ ତ୍ୟାଗ ଓ ସାତ୍ତ୍ୱିକ ତ୍ୟାଗ ସେ ହିଁ ଭଲ ମଣିଷ ।

ଭୁବନେଶ୍ୱର -୨୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭଲ ମଣିଷ

ଝୁମୁରୀ ସାହୁ



"ମାନବ ଜୀବନ ନୁହଁ ଇ କେବଳ
ବର୍ଷ ମାସ ଦିନ ଦଣ୍ଡ,
କର୍ମେ ଜୀଏଁ ନର କର୍ମ ଏକା ତା'ର
ଜୀବନ ର ମାନଦଣ୍ଡ ।।"

ଧରାଧାମରେ ସୃଷ୍ଟି ଜୀବନମାନଙ୍କ ମଧ୍ୟରେ ମଣିଷ ସବୁଠାରୁ ଶ୍ରେଷ୍ଠ ଜୀବ । ଏହି ବିଶାଳ ପୃଥିବୀରେ କୋଟିପୁଣ୍ୟ ବଳେ ମଣିଷ ଜନ୍ମ ପାଇଥାନ୍ତି । ଯାହା ବିଶ୍ୱାସ ରହିଛି । କାରଣ ମଣିଷର ବୁଦ୍ଧି, ବିବେକ, ଆଚାର ବିଚାର, ଚାଲିଚଳଣୀ, ଭଲମନ୍ଦ, ନ୍ୟାୟ ନିଷ୍ପତ୍ତି, ଦୟା, କ୍ଷମା, ହସକାନ୍ଦ, ଆଦି ସ୍ୱତନ୍ତ୍ର ! ସେ ଜଣେ ସାମାଜିକ ପ୍ରାଣୀ । ସମାଜ ବ୍ୟତିରକେ ଜୀବନ ପଶୁତୁଲ୍ୟ । ସେ ମଧ୍ୟ କଠିନ ପରିଶ୍ରମ କରି ତା'ର ପାରିବାରିକ ଗୁଜୁରାଣ ମେଣ୍ଟାଇ ଥାଏ । ଆଉ ମଧ୍ୟ ମନର ଭାବକୁ ଅନ୍ୟ ପାଖରେ ସୁନ୍ଦର ସାବଲୀଳ ଢଙ୍ଗରେ ମଧୁର କଣ୍ଠରେ ପରିପ୍ରକାଶ କରିପାରିଥାଏ ।

ମନରେ ପ୍ରଶ୍ନ ଆସିଥାଏ, ମଣିଷ ତ ମଣିଷ ! ପୁଣି ଭଲମଣିଷ କ'ଣ ? କିଏ ହୋଇପାରେ ? ତା'ର ସଂଜ୍ଞା କ'ଣ ଓ କିପରି ? ଆଜ୍ଞା ଅଛି !

"ଯେଉଁ ମଣିଷ, ନିଜ ପାଖରେ ଦୟା, କ୍ଷମା, ସହଦଶୀଳତା, କାର୍ଯ୍ୟଦକ୍ଷତା, ପରୋପକାରୀ ଭାବ, ସେବା ମନୋବୃତ୍ତି, ସତ୍ୟବାଦୀତା, ଜୀବେ ଦୟା ଭାବ, ଦେଶପ୍ରେମ ଭାବ, ଆଦି ସ୍ୱତନ୍ତ୍ର ମନୋବୃତ୍ତିର ଅଧିକାରୀ ହୋଇଥାନ୍ତି, ତାହାଙ୍କୁ *ଭଲ ମଣିଷ*ର ଆଖ୍ୟା ଦିଆଯାଏ । ସେମାନଙ୍କର କର୍ମଫଳ ତାଙ୍କୁ ଚୀର ଆମର କରିଦିଏ ।

ଯେମିତି କି, କଥା ଅଛି -

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

"ମର୍ତ୍ତ୍ୟ ମଣ୍ଡଳେ ଦେହ ବହି
ଦେବତା ହେଲେ ହେଁ ମରଇ।।"

ସେମାନଙ୍କ କର୍ମ ଆଜି ଅମର କରିଛି । ସେମାନେ ମରି ସୁଦ୍ଧା ଆମର ହୋଇ ରହିଛନ୍ତି। ସେମାନଙ୍କୁ ମହାପୁରୁଷଙ୍କ ଆଖ୍ୟା ଦିଆଯାଇଛି ।

ଠିକ୍ ସେହିପରି, ଶିଶୁଟିଏ ଜନ୍ମ ହୋଇ ପରିବାର ଜନଙ୍କ କୋଳରେ ବଡ଼ ହୁଏ । ତା'ପରେ ବଡ଼ ହୋଇ ବିଦ୍ୟାଳୟ ଯାଏ, ମହାବିଦ୍ୟାଳୟ ଯାଏ, ତା'ର ପରିବେଶର ମାଟି, ପାଣି ପବନରେ ନୀତି ଆଦର୍ଶରେ ନିଜକୁ ଖାପଖୁଆଇ ଚାଲିଥାଏ । ବୟସାନୁସାରେ ଯୁଗୋପଯୋଗୀ ସମାଜ ସହ ପରିସ୍ଥିତିକୁ ଅନୁଧ୍ୟାନ କରି ମଣିଷ ସୁଲଭ ଗୁଣର ସେ ଅଧିକାରୀ ହୋଇପାରେ । ଦେଶପ୍ରେମ ଭାବରେ ନିଜକୁ ସମ୍ଭାଳି ସାମାଜିକ ପ୍ରାଣୀଟିଏ ବୋଲି ସମତୁଲ କରିଥାଏ ।

ଯେମିତି "ତୁଳସୀ ଦୁଇ ପତ୍ରରୁ ବାସିଥାଏ ।" ଠିକ୍ ସେହିପରି ଶିଶୁଟିଏ ପରିବାର, ବିଦ୍ୟାଳୟ, ହେଉ ବା ମହାବିଦ୍ୟାଳୟରେ, ସମାଜର ସାମାଜିକ ଚଳଣିରେ ସମସ୍ତଙ୍କ ମୁଖରେ ସୁନାମ ଅର୍ଜନ କରିଥାଏ । ଶୋଭା ପାଇଥାଏ ତାଙ୍କ ଭଲ ଗୁଣ ଗୁଡିକ । ଯେମିତି "ତୁଣ୍ଡ ବାଇଦ ସହସ୍ର କୋଷ" ।  ସେହିଭଳି ମଣିଷ ସୁଲଭ ଗୁଣ ଗୁଡିକ ମଧ୍ୟରୁ ବ୍ୟକ୍ତି ଜଣଙ୍କର ତୁଣ୍ଡ ମଧୁର, ଗୁଣ ସୁନ୍ଦର, ଗୁରୁ ଗୁରୁଜନେ ଯଥା ସମ୍ମାନ ଓ ଭକ୍ତି, ଦୀନ ଦରିଦ୍ରଙ୍କ ଠାରେ ସେବା ମନୋବୃତ୍ତି, ଆଚାର ବିଚାରେ ନ୍ୟାୟ ବନ୍ତ ଓ ଧର୍ମାବତାର, ମନରେ ଭାଇଚାରା ଭାବ ଆଦି ସ୍ୱତନ୍ତ୍ର ଥିବା ମଣିଷ ହିଁ ପ୍ରକୃତରେ ଜଣେ *ଭଲ ମଣିଷ* ।

ହୁଏତ ସେ ଜଣେ ନାରୀ ହେଉ ବା ପୁରୁଷ ! ଯାହାଙ୍କର ସୁଗୁଣ କାମିନୀ ଫୁଲର ସୁଗନ୍ଧ ପରି ବିଚ୍ଛୁରିତ ଜନ ମାନସରେ ବା ତୁଣ୍ଡରେ ପ୍ରଚାର ପ୍ରସାର ହୋଇଯାଏ, ସମସ୍ତେ ମୁକ୍ତ କଣ୍ଠରେ ସ୍ୱୀକାର କରନ୍ତି, ଅମୁକ ବାବୁ/ବାବୁଆଣୀ ଜଣେ ଭଲ ମଣିଷ  !

ଆଉଥରେ ଜନ ସମାଜରେ ନିଜର ସୁନ୍ଦର ସୁଗୁଣ ପରିପ୍ରକାଶ ହେବାର ଶୁଣି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଲେ, ସେ ନିଜକୁ ସୁନାମ ଧନ୍ୟ ମନେ କରନ୍ତି । ଆହୁରି ଭଲ କାମରେ ନିଜକୁ ନିୟୋଜିତ କରିଦିଅନ୍ତି ।

ଆଜିର ସମାଜରେ ଭଲ ମଣିଷ ଖୋଜା ଚାଲିଛି । କାରଣ ଯୁଆଡେ ଚାହିଁବା, ଯାହାକୁ ଦେଖିବା, ଯେଉଁଠି ଶୁଣିବା କିଏ ବା ଭଲ ମଣିଷ । ମଣିଷ ପଣିଆର ଝଲକ ବଖାଣିବା କଷ୍ଟ ସାଧ୍ୟ । ଶାନ୍ତିରେ ଜୀବନ ବିତାଇବା ସହଜ ନୁହେଁ । ଚୋରି, ନାରୀ, ରାହାଜାନୀ, ଡ଼କାୟତି, ହତ୍ୟା, ଲୁଣ୍ଠନ, ଅନ୍ୟାୟ ଅତ୍ୟାଚାର, ଶୋଷଣ ଦେଖାଯାଉଛି ।

ଯେତେବେଳେ ଦେଶ ସ୍ୱାଧୀନତା ପାଇବା ପାଇଁ ମହାତ୍ମାଗାନ୍ଧୀ ସ୍ୱପ୍ନ ଦେଖିଥିଲେ, ତାଙ୍କର ମଧୁର ବାଣୀ ଜନମାନସପଟରେ ହୃଦୟକୁ ଛୁଇଁ ଯାଇଥିଲା । ସମସ୍ତେ ତାଙ୍କୁ ମହାତ୍ମା ଆଖ୍ୟା ଦେଇଥିଲେ । ଆଜିସୁଦ୍ଧା ଆମେ ସମସ୍ତେ ସମ୍ମାନ ସହିତ ସ୍ମୃତିରେ ସାଇତି ରଖି, ତାଙ୍କରି ଗୁଣ ଗୁଡିକ ସ୍ମରଣ କରୁଅଛେ ।

ଠିକ୍ ସେହିପରି ଆଜି ସୁଦ୍ଧା ଆଉ ଜଣେ ମହାତ୍ମାଗାନ୍ଧୀଙ୍କୁ ପାଇବା ପାଇଁ ! ଯିଏ କି ଆମ ଦେଶଜାତିର ମାନ ବଢ଼ାଇବାରେ ସହାୟକ ହେବ ।

ସମସ୍ତେ ଜଣେ *ଭଲ ମଣିଷ*ର ବ୍ୟକ୍ତିତ୍ୱକୁ ଅନୁଭବ କରିପାରିବେ।

କଥାରେ ଅଛି;

"ଥିଲେ ଥାଉ ପଛେ
    ରୂପ ସୁନ୍ଦର
ଚରିତ୍ର ନ ଥିଲେ
    ସବୁ ଅସାର।"

ତେଣୁ ଶେଷରେ ମୋର ନିଜସ୍ୱ ମତରେ କହିବାକୁ ଚାହେଁ କି; ଜଣେ ଚରିତ୍ର ବାନ୍ ବ୍ୟକ୍ତି ହିଁ ସତରେ *ଭଲ ମଣିଷ* ଅଟେ ।

ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କିଛି କଥା କିଛି ବ୍ୟଥା

ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ



ଓଡ଼ିଆ ଚଳଚ୍ଚିତ୍ର ଜଗତର ତୁଚ୍ଛା ବିବାଦ ଦାଣ୍ଡରେ ପଡ଼ି ହାଟରେ ଗଡୁଛି । ସବ୍ୟସାଚୀ ମହାପାତ୍ରଙ୍କ ନିର୍ମାଣାଧୀନ "ରାଣ୍ଡିପୁଅ ଅନନ୍ତା" ଚଳଚ୍ଚିତ୍ର ଆଜି ବିବାଦରେ । ଯାହା କେବଳ ଚଳଚ୍ଚିତ୍ର ଜଗତରେ ସୀମିତ ନ ରହି ସାହିତ୍ୟିକ ଜଗତକୁ ଆଚ୍ଛାଦିତ କରି ସାରିଛି । ଦୈନିକ ଅନେକ ଆଲୋଚନା, ପର୍ଯ୍ୟାଲୋଚନା, ତର୍କ ଓ ବିତର୍କ ସମଗ୍ର ମିଡ଼ିଆ ଜଗତରେ ଛାଇ ଯାଇଛି । ଏହି ଧାରା ଆଦୌ ଶୁଭଙ୍କର ଓ ଶୋଭାନୀୟ ନୁହେଁ । ବ୍ୟକ୍ତିଗତ ସ୍ୱାର୍ଥ ଓ ରାଗର ବୋଝରେ ଓଡ଼ିଆ ସାହିତ୍ୟ ଲାଞ୍ଛିତ ହେଉଛି । "ରାଣ୍ଡିପୁଅ ଅନନ୍ତା" ହେଉଛି ଓଡ଼ିଆ ସାହିତ୍ୟରେ ଏକ ରୂଢ଼ି, କୌଣସି ଚଳଚ୍ଚିତ୍ରର ନାମ ସଂପୃକ୍ତ ଭାଷାର ଗୋଟେ ରୂଢ଼ି ଭାବରେ ନାମିତ ହେଲେ କୌଣସି ବି ଅସୁବିଧା ନାହିଁ । କାରଣ ଏହା ସାହିତ୍ୟଭିତ୍ତିକ ନାମକରଣ । ଏହି ଶବ୍ଦ ସମ୍ବଳିତ ରୂଢ଼ିର ବ୍ୟବହାର ହେଉଛି ଜଣେ ଲେଖକ କିମ୍ବା ଚଳଚ୍ଚିତ୍ର ନିର୍ମାତାଙ୍କ ସୃଜନଶୀଳ ସ୍ୱାଧୀନତା । ଯଦି ସମ୍ପୂର୍ଣ ରୂଢ଼ି ଭିତରୁ କେବଳ "ରାଣ୍ଡି" ଶବ୍ଦଟିକୁ ବ୍ୟବହାର କରାଯାଇଥାନ୍ତା ତେବେ ଏହା ଗ୍ରହଣୀୟ ହୋଇନଥାନ୍ତା । ଯେହେତୁ ଚଳଚ୍ଚିତ୍ରଟିର ନାମକରଣରେ ସମ୍ପୂର୍ଣ୍ଣ ରୁଢ଼ିଟି ବ୍ୟବହାର ହୋଇଛି, ତେଣୁ ଏହି ନାମକରଣ ସର୍ବାଦୌ ଗ୍ରହଣୀୟ । ଆମେ ଓ ଆମ ପିଲାମାନେ ବିଦ୍ୟାଳୟରେ ଏହି "ରାଣ୍ଡିପୁଅ ଅନନ୍ତା"କୁ ପଢି ଆସିଛନ୍ତି । କାହିଁ ଏହି ରୂଢ଼ି କେବେ ବି ଆମକୁ କି ଆମ ପିଲାମାନଙ୍କୁ କୌଣସି କ୍ଷେତ୍ରରେ ବିଚଳିତ କରିନାହିଁ । ଏହାଛଡା ଯଦି ସିନେମା ଟାଇଟଲଟି ଭୁଲ, ତେବେ ସେଥିପାଇଁ ଚଳଚ୍ଚିତ୍ରର ନାମକରଣ ଠିକ୍ ଭୁଲ ବାଛିବା ପାଇଁ ଗୋଟେ ସେନ୍‌ସର୍ ବୋର୍ଡ ଅଛି,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେମାନେ ତାହାର ବିଚାର କରିବେ । ମତେ ଲାଗୁଛି, କିଛି ବ୍ୟକ୍ତିଗତ ସ୍ୱାର୍ଥକୁ ନେଇ ଏହି ବିବାଦ ଆଜି ମୁଣ୍ଡ ଟେକିଛି । ଯେଉଁ ବ୍ୟକ୍ତି ସମ୍ପୂର୍ଣ୍ଣ ରୂଢ଼ି ଭିତରୁ କେବଳ "ରାଣ୍ଡି" ଶବ୍ଦଟିକୁ ନେଇ ଯେଉଁ ନାଟକ କରୁଛନ୍ତି, ଏଥିରୁ ଜଣା ପଡୁଛି ସେ ଜଣେ ଅଜ୍ଞାନୀ । ଓଡ଼ିଆ ସାହିତ୍ୟ ଉପରେ ତାଙ୍କର ଟିକେ ବି ଜ୍ଞାନ ନାହିଁ । ତେଣୁ ସେ ନିଜକୁ ପ୍ରକୃଷ୍ଟିତ କରନ୍ତୁ ଏହି କ୍ଷେତ୍ରରେ । ଅଯଥା ନାଟକ କରନ୍ତୁନି ନିଜକୁ ମହାଜ୍ଞାନୀ ଭାବିକି । ମୋ ମତରେ ସେ କିଏ ଓଡ଼ିଆ ସାହିତ୍ୟର ଏହି ରୂଢ଼ି କୁ ନେଇ ପ୍ରଶ୍ନ ଉଠେଇବାକୁ ? ଅଳ୍ପ ବିଦ୍ୟା ଭୟଙ୍କରୀ । ସାହିତ୍ୟର ମହାଦ୍ରୁମ ମାନଙ୍କ ସହିତ ଆଲୋଚନା କରି ନିଜ ସାହିତ୍ୟିକ ଜ୍ଞାନ ଓ ଧାରଣାର ସଙ୍କୁଚିତ ପରିଧିକୁ ପରିବ୍ୟାପ୍ତ କରନ୍ତୁ । ସାହିତ୍ୟରେ ରୁଚି ରଖୁଥିବା ଜଣେ ବ୍ୟକ୍ତି ହିସାବରେ ଏହା ମୋ ହୃଦୟର କିଛି ବିସ୍ଫୋରଣ । ଦେହକୁ ନେବେନି...

ମଙ୍ଗଳାଯୋଡ଼ି, ଖୋରଧା, ଓଡ଼ିଶା


ଦୂରଭାଷ - ୯୪୩୭୨୮୩୯୩୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବହୁ ଅର୍ଥବୋଧକ ଗୀତ

ପ୍ରଦୀପ କୁମାର ଜିଲିକାରା



(ସଂପୂର୍ଣ୍ଣ ଶ୍ଳେଷ ଅଳଙ୍କାର ରଚନା )

ଘେନ ବିବୁଧେ ଦୁଇ ଅର୍ଥ ବୋଧକ
ଶ୍ଳେଷ ଗୀତ ଧୀରେ ଧୀରେ
ବିପ୍ରଳାପ କରୁଛନ୍ତି ଭୀରୁ-ବର
ଭୀରୁ-ବର ଯେ ରାଗରେ । ୧

ବିପ୍ରଳାପ- ପ୍ରଣୟ ସ୍ନେହ କଥାବାର୍ତ୍ତା, ବିରୋଧ ବଚନ, ଭୀରୁ - ନାରୀ, ଭୟାଳୁ, କାପୁରୁଷ, ରାଗ - ପ୍ରୀତି/ ସ୍ନେହ, କ୍ରୋଧ ।

ପଣ୍ଡିତ ଜନ ! ଏହି ପଦମାନ ଦୁଇ ବା ବହୁ ଅର୍ଥବୋଧକ ଶ୍ଳେଷ ଅଳଙ୍କାରରେ ରଚନା ହୋଇଛନ୍ତି । ଏହାକୁ ବୁଦ୍ଧିରେ ଅତି ଧିରତା ସହିତ ଗ୍ରହଣ କରନ୍ତୁ । ଶୁଭାଶୁଭ, ବିରୋଧ ବଚନ / ପ୍ରଣୟ ବାଣୀରେ ସ୍ନେହରେ ଓ କ୍ରୋଧ ଦୁଇ ଅର୍ଥରେ ଆଳାପ କରୁଛନ୍ତି ନାରୀ ଶ୍ରେଷ୍ଠା/ ବଡ଼ ଭୟାଳୁ ଓ କାପୁରୁଷ / କାମିନୀ ବର ଅର୍ଥାତ୍ ତାର ବା ଅନ୍ୟ କାହା ପତି ହୋଇ ଥାଇପାରେ !

କହେ ବାମା ରାମ ଲୋଚନ ଚଳାଇ
ବୁଡ଼ି ରହ ଭଗାବ୍ଧିରେ
ଜୈବାତୃକରେ ଜୀବନ ଶେଷ ହେଉ
ଜୀବ ଯାଉ କବନ୍ଧରେ । ୨

ଭଗ - କାମ, ଐଶର୍ଯ୍ୟ

ଜୈବାତୃକ- ଦୀର୍ଘାୟୁ, ଔଷଧି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କବନ୍ଧ- ମସ୍ତକ ବିହୀନ ଶରୀର, କଳା

ମୃଗ ନୟନା ବାମା କହୁଚି,

୧ମ ଅର୍ଥ - ତୁ ଐଶ୍ୱର୍ଯ୍ୟର ସମୁଦ୍ରରେ ବୁଡ଼ି ରହ, ତୋର ଜୀବନ ଦୀର୍ଘାୟୁ ହେଉ, ସାରା ଜୀବନ କଳା/ ନୃତ୍ୟ ଗୀତ ଜ୍ଞାନ ବିଦ୍ୟାଦି କଳାରେ ଜୀବନ ଅତିବାହିତ ହେଉ ।

୨ୟ ଅର୍ଥ - ତୁ ସର୍ବଦା କାମରେ ବୁଡ଼ି ରହ, ସାରା ଜୀବନ ଔଷଧ ଖାଇ ଖାଇ ବଞ୍ଚେ, ଆଉ ମୃତ୍ୟୁ ସମୟରେ ଶିର ଛେଦ ହେଇକି ମୃତ୍ୟୁ ହେଉ ।

ତୋର ସୁତ ସୁତା ସ୍ୱଜନ ଦୁହିତା
କାଣ୍ଡ ଦାନେ ଜୀବ ଯାଉ
କଣାଚି ବହୁ ସଂଖ୍ୟାରେ ମାଳ ମାଳ
ଗୃହାଙ୍ଗନେ ରାଜୁ ଥାଉ । ୩

କାଣ୍ଡ- ବାଣ, ଜଳ

କଣାଚି- ପୁଷ୍ପିତ ଲତା ପୁଞ୍ଜ, ସଙ୍କଟ

୧ମ ଅର୍ଥ - ତୋର ଜୀବନ ଗଲା ବେଳକୁ ତୋର ପୁତ୍ର କନ୍ୟା ସ୍ତ୍ରୀ ନିଜ ଲୋକ ଜଳ ପିଆଇଲେ ନିଶ୍ଚିତ ହୋଇ ସୁଖରେ ମର୍ତ୍ତ୍ୟଲୋକ ତ୍ୟାଗ କର । ପୁଷ୍ପିତ ଲତା ପୁଞ୍ଜି ତୋର ଘର ଅଗଣାରେ ମାଳ ମାଳ ହେଇକି ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରାଉ ।

୨ୟ ଅର୍ଥ - ତୋର ପୁତ୍ର କନ୍ୟା ସ୍ତ୍ରୀ ନିଜ ଲୋକ ତୋତେ ଶର ବିଦ୍ଧ କରି ମାରନ୍ତୁ, ତୋର ଘରେ ବହୁତ ସଂଖ୍ୟାରେ ସଙ୍କଟମାନ ମାଡ଼ି ଆସୁ ।

ଚର୍ଚ୍ଚନ୍ତୁ ତୋତେରେ ବିବୁଧ ବୋଲିଣ
ନଗରେ ବାଜୁ ବାଜଣା
ତୋର ହୃଦୟ ଅନ୍ତରେ ଜ୍ୟା ବସନ୍ତୁ
କବିରେ ଯାଆ ତୁ ଗଣା । ୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜ୍ୟା- ସରସ୍ୱତୀ, ପିଶାଚ

ବିବୁଧ- ପଣ୍ଡିତ, ବିଟପ

କବି - ସାଂଖ୍ୟବାନ, ଖଳ

୧ମ ଅର୍ଥ - ପଣ୍ଡିତ ବୋଲି ଲୋକମାନେ ତୋର ଚର୍ଚ୍ଚା କରନ୍ତୁ, ଏହା ଅଞ୍ଚଳ ସାରା ହୁରି ପଡ଼ିଯାଉ । ତୋର ହୃଦୟ ଭିତରେ ମା ସରସ୍ୱତୀ ବାସ କରନ୍ତୁ, ତୁ କବି/ ପଣ୍ଡିତରେ ଗଣା ହୁଅ ।

୨ୟ ଅର୍ଥ - ତୁ ବିଟପ ବୋଲି ନଗର ସାରା ଲୋକ ଚର୍ଚ୍ଚା କରନ୍ତୁ, ତୋର ହୃଦୟ ଭିତରେ ପିଶାଚ ବାସ କରୁ ଓ ତୁ ଖଳମାନଙ୍କ ଗୋଷ୍ଠୀରେ ଗଣା ଯା ।

ତପନ ଜୀବନ ଭୋଗ କର ତୁହି
    ନନ୍ଦିନୀ ରସରେ ଭାସି
ତୁଙ୍ଗ ମାନବ କହନ୍ତୁ ତୋତେ ସର୍ବେ
    କାଳ ଗର୍ଭେ ଯାଅ ମିଶି ।୫

ତୁଙ୍ଗ- ଶୋଭା, ପାଷାଣ

କାଳ- କୃଷ୍ଣ, ମୃତ୍ୟୁ

ତପନ- ନର୍କଭେଦ, ଆରୋଗ୍ୟ

ନନ୍ଦିନୀ - ପଦ୍ମିନୀ, ସିନ୍ଧୁ

୧ମ ଅର୍ଥ - ଆରୋଗ୍ୟରେ ତୁ ଜୀବନ ଯାପନ କରେ, ପଦ୍ମିନୀ କନ୍ୟା ଲାଭ କରି ତାର ସୁଖ ଭୋଗ କରେ, ତୋତେ ସୁନ୍ଦର ପୁରୁଷ ବୋଲି ସମସ୍ତେ କହନ୍ତୁ, ତୁ ଶେଷରେ କୃଷ୍ଣ ପାଦରେ ଶରଣ ଯା !

୨ୟ ଅର୍ଥ - ନର୍କରେ ତୋର ଜୀବନ କଷ୍ଟ ପାଉ, ତୋତେ ଲୋକମାନେ ପାଷାଣ ବୋଲି କହନ୍ତୁ, ତୁ ସମୁଦ୍ରରେ ଭାସି କାଳଗର୍ଭରେ ଲୀନ ହେଇଯା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୁଣ୍ୟଜନ ତୋତେ କରନ୍ତୁ ଗ୍ରହଣ

ରାମ ପରି ଲଭ ଭାଗ୍ୟ

ଆଶୁ ପୁଷ୍କ ହେଉ ଶମନ ସଙ୍ଗରେ

କାନନ ବାସର ଯୋଗ । ୬

ପୁଣ୍ୟଜନ- ସାଧୁ ବ୍ୟକ୍ତି, ଅସୁର

ରାମ - ବଳରାମ, ହରିଣ

ପୁଷ୍କ - ବିକାଶ, ନୟନ ରୋଗ

ଶମନ - ଯମ, ଶାନ୍ତି

କାନନ - ଘର, ବଣ

୧ମ ଅର୍ଥ - ତୋତେ ସାଧୁମାନେ ଗ୍ରହଣ କରନ୍ତୁ ଅର୍ଥାତ୍ ତୁ ସାଧୁ ମେଳରେ ରହ, ରାମଚନ୍ଦ୍ର ପରି ରାଜ ଭାଗ୍ୟ ଆସୁ, ତୋର ବିକାଶ ହେଉ ଓ ଶାନ୍ତିର ସହିତ ରହ ଘରେ ବାସ କର ।

୨ୟ ଅର୍ଥ - ତୋର ଯମ / ମୃତ୍ୟୁ ସହିତ ଭେଟ ହେଉ, ବନର ତୋର ବାସ ହେଉ, ମୃଗ ପରି ଭୟରେ ଜୀବନ ବଞ୍ଚେ, ତୋତେ ଅସୁରମାନେ ଭକ୍ଷଣ କରନ୍ତୁ ।

କୋଟି ମୁଦିର ସୁନ୍ଦର ଇଶ ହୁଅ

ପୁରୁଷ ଭଲ୍ଲ ବୋଲାଅ

ରସ ଅଶନ ଭକ୍ଷଣ କରି ହେଲେ

ନର-ଜୈଷ୍ଠ ନୁହଁ ହୁଅ ।୭

ମୁଦିର- ମୂର୍ଖ, ମଦନ

ଭଲ୍ଲ- ଭାଲୁ, ଉତ୍ତମ

ରସ- ସ୍ୱାଦୁ, ବିଷ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୈଷ୍ଠ- ଅଭିବୃଦ୍ଧ, ଶ୍ରେଷ୍ଠ

୧ମ ଅର୍ଥ - ତୁ ସୌନ୍ଦର୍ଯ୍ୟରେ କୋଟି କୋଟି କନ୍ଦର୍ପ ସୁନ୍ଦରଙ୍କ ଈଶ୍ୱର ହୁଅ, ପୁରୁଷ ଉତ୍ତମ ବୋଲାଅ ! ସ୍ୱାଦୁ ବ୍ୟଞ୍ଜନ ଭୁଞ୍ଜି ରହ ଓ ନର ଶ୍ରେଷ୍ଠ ବୋଲାଅ ।

୨ୟ ଅର୍ଥ - କୋଟି କୋଟି ମୂର୍ଖ ମାନଙ୍କର ତୁ ଈଶ୍ୱର ହୁଅ ଅର୍ଥାତ୍ ମହାମୁର୍ଖ ହୁଅ, ତୋତେ ଲୋକେ ଭାଲୁ ମଣିଷ କହନ୍ତୁ ! ବିଷ ଖାଦ୍ୟ ଖାଇ ତୁ ଅଳ୍ପ ବୟସରେ ମୃତ୍ୟୁ ମୁଖରେ ପଡ଼ !

ରାଗରେ ରାଗ ଦୁଇ ଗୁଣ ହୋଇଣ
ଯୁବକ ଭାଷେ ଏମନ୍ତ
ଖଞ୍ଜନାକ୍ଷୀ ବୋଲନ୍ତୁ ସମସ୍ତେ ହେଉ
ପୁଷ୍ପକ ହୀରକ ପ୍ରାପ୍ତ । ୮

ଖଞ୍ଜନ - ସର୍ପ, ଖଞ୍ଜନପକ୍ଷୀ

ପୁଷ୍ପକ- ନେତ୍ର ରୋଗ, ରତ୍ନ କଙ୍କଣ

ହୀରକ- ବଜ୍ର , ହୀରା

୧ମ ଅର୍ଥ - ଯେତେ ପ୍ରେମରେ ନାରୀ କହିଲା, ତାର ଦୁଇ ଗୁଣ ସ୍ନେହରେ ପୁରୁଷ କହୁଚି ପ୍ରତ୍ୟୁତ୍ତରରେ ! ତୋତେ ସମସ୍ତେ ଖଞ୍ଜରୀଟ ନୟନା ବୋଲି ପ୍ରଶଂସା କରନ୍ତୁ । ତୋତେ ରତ୍ନ କଙ୍କଣ ଓ ହୀରା ରତ୍ନ ମାନ ପ୍ରାପ୍ତ ହେଉ ।

୨ୟ ଅର୍ଥରେ - ଯେତିକି କ୍ରୋଧକରି ନାରୀ ଏତେ କଥା କହିଲା ପୁରୁଷ ଦୁଇଗୁଣ କ୍ରୋଧ କରି କହୁଚି, ତୋତେ ଲୋକମାନେ ସର୍ପ ନୟନା କହନ୍ତୁ ଅର୍ଥାତ୍ ବାଛନ୍ତୁ ବା ନିନ୍ଦା କରନ୍ତୁ ତୋର ଆଖିକୁ, ତୋର ଆଖି ରୋଗ ହେଉ । ବଜ୍ରାଘାତରେ ତୋର ମରଣ ହେଉ ।

କାତ୍ୟାୟନୀ ହୋଇ ରହ ତୁ ସଂସାରେ
ତୋତେ ସେହି ମତେ ମଣି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୋର ଆଶ୍ରୟ ନିଅନ୍ତି ପାନ୍ଥ ଯେତେ

ବିଟପୀ ପରାୟେ ଗଣି ।୯

କାତ୍ୟାୟନୀ - ଦୁର୍ଗା, ବିଧବା

ବିଟପୀ- ଗଛ, ବିଟପ ନାରୀ

୧ମ ଅର୍ଥ - ସଂସାରର ଲୋକମାନେ ତୋତେ ମା ଦୁର୍ଗା ସମାନ ଜ୍ଞାନ କରନ୍ତୁ ଓ ସମ୍ମାନ କରନ୍ତୁ, ତୁ ଗଛ ଭଳି ସମସ୍ତ ଭ୍ରମଣକାରୀ/ପଥିକଙ୍କୁ ଆଶ୍ରୟ ପ୍ରଦାନ କର !

୨ୟ ଅର୍ଥ - ତୁ ବିଧବା ହୋଇ ସଂସାରରେ ରହ, ତୋତେ ବିଟପୀ ପରି ଲୋକ ମାନେ ଜ୍ଞାନ କରି ତୋର ଆଶ୍ରୟ ନିଅନ୍ତୁ ।

ପ୍ରିୟ ଖାଇ ରହ ମହାସୁଖୀ ହୋଇ

କୁବେର ବସୁ ତ ସ୍କନ୍ଧେ

ଚଞ୍ଚଳା ଯାହା ଦାନ କରନ୍ତି ତୁହି

ଦାନ କର ସୁପ୍ରସିଦ୍ଧେ ।୧୦

ପ୍ରିୟ- ପତି/ଧବ, ଔଷଧ

କୁବେର - କୁବ୍ଜ, ଧନପତି

ଚଞ୍ଚଳା - ବିଜୁଳି, ଲକ୍ଷ୍ମୀ

ଦାନ- ଛେଦନ, ଦତ୍ତ

୧ମ ଅର୍ଥ - ତୁ ଔଷଧ ସେବନ କରି ନିରାମୟ ଜୀବନ ବଞ୍ଚିବା ସହିତ ତୋର ସ୍କନ୍ଧରେ କୁବେର ବସନ୍ତୁ ଅର୍ଥାତ୍ ତୁ ଧନବତୀ ହୁଅ । ମା ଲକ୍ଷ୍ମୀଙ୍କ ପରି ତୁ ଲୋକ ମାନଙ୍କୁ ଧନ ଦାନ କରେ ।

୨ୟ ଅର୍ଥ - ତୁ ସ୍ୱାମୀ ଘାତିନୀ ହୋଇ ବଞ୍ଚେ, ତୋର କାନ୍ଧରେ କୁବ୍ଜ ସୃଷ୍ଟି ହେଉ । ବିଜୁଳି ଲୋକଙ୍କ ପ୍ରାଣ ଘାତକ ହେଲା ପରେ ତୁ ମଧ୍ୟ ପ୍ରାଣୀ ଘାତିନୀ ହେବୁ !

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମୁଚ୍ଛୟେ ପୂରିତ ଯୁବକ ନାରୀ
ନାକ-ଶିରୀ ଦାନୀ ହେଲେ
ହାସ୍ୟ ଭାଷ୍ୟ ରସ ଅଳଙ୍କାର ଶ୍ଳେଷ
ଗୀତରେ ପ୍ରଦୀପ ବୋଲେ । ୧୧

ସମୁଚ୍ଛୟ - ଉତ୍ସାହ, ବିରୋଧ

ନାକ- ନାସା, ସ୍ୱର୍ଗ

୧ମ ଅର୍ଥ - ଦୁଇ ଜଣଙ୍କ ମନ ଉତ୍ସାହରେ ଭରିଗଲା, ଦୁହେଁ ଦୁହିଁଙ୍କୁ ସ୍ୱର୍ଗ ସୁଖ ଅନୁଭବ କରାଇଲେ, ଏଇ ହାସ୍ୟ ରସକୁ ପ୍ରଦୀପ ଅତି ଆନନ୍ଦର ସହିତ ରଚନା କରିଛି ।

୨ୟ ଅର୍ଥ - ଦୁହେଁ ଦୁହିଁଙ୍କୁ ବିରୋଧ କରି ନାକ କଟା କଟି ହେଲେ ବା ଅପମାନ କରା କରି ହେଲେ । ଏଇ ଦୁଇ ଅର୍ଥ ବୋଧକ ଶ୍ଳେଷ ଅଳଙ୍କାର ଗୀତକୁ ପ୍ରଦୀପ ରଚନା କରିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

**Search for Odia e-Patrika or e-Magazine and you will find Aahwaan e-Patrika at the top of the Search Page. We are indeed at Number 1 in Google Search because we deliver every month without fail. Join our Group and Publish your articles.**

Google

odia e patrika

All Videos Images Shopping News ⋮ More Tools

Aahwaan e-Patrika
https://www.aahwaan.com · Translate this page

Aahwaan e-Patrika : ଓଡ଼ିଆ ଇ-ପତ୍ରିକା, ଇ ...

Aahwaan **e-Patrika** : **e-Patrika**, **Patrika**, Magazine, Online Magazine in **Odia**, First | aahwaan.com.

ସଂଗ୍ରହାଳୟ
Aahwaan e-Patrika : e-Patrika, Patrika, Magazine, Online ...

Google

odia e magazine

All Images Videos Shopping News ⋮ More Tools

Aahwaan e-Patrika
https://www.aahwaan.com · Translate this page

Aahwaan e-Patrika : ଓଡ଼ିଆ ଇ-ପତ୍ରିକା, ଇ ...

Aahwaan **e**-Patrika : **e**-Patrika, Patrika, **Magazine**, Online **Magazine** in **Odia**, First | aahwaan.com.

ସଂଗ୍ରହାଳୟ · ମତାମତ · ଆହ୍ୱାନ ଇ-ପତ୍ରିକା ସହାୟତା ପୃଷ୍ଠା · ସମ୍ପାଦକ




PODCAST

**Bhagabata Geeta Katha**

Available on Spotify and 4 other platforms >
8 episodes

Share | Profile page

**Podcast overview**

| Plays | Audience size | Spotify followers |
|---|---|---|
| 20,750 | 40 | 624 |
| All-time | Last 7 days | |

**Latest episode**

Plays
1,924
ଓଡ଼ିଆ ଭାଗବତ ଗୀତା ବ୍ୟାଖ୍ୟା :...



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ ବନ୍ଧୁମାନେ, ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର (ଆକୃତି / ଶ୍ରୀଲିପି / ଆଇଲିପ୍ / ଅପ୍ରାନ୍ତ) କିମ୍ବା ମୋବାଇଲରେ ଟାଇପ୍ କରି ଆମ ଇମେଲ୍ ଠିକଣାରେ ପଠାଇ ପାରିବେ । ଛବି, ହାତଲେଖା କିମ୍ବା ଅତ୍ୟଧିକ ବ୍ୟାକରଣତ୍ରୁଟି ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ ।

**ମୋବାଇଲ୍ କିମ୍ବା ହ୍ୱାଟ୍ସଆପ୍ ଦ୍ୱାରା ଲେଖା ପଠାନ୍ତୁ ନାହିଁ ।**

ପ୍ରତ୍ୟେକ ମାସରେ କେବଳ ଗୋଟିଏ ହିଁ ଲେଖା ପଠାଇବେ । ଏକାଧିକ ଲେଖା ପଠାଇଲେ, ଶେଷରେ ପ୍ରାପ୍ତ ହୋଇଥିବା ଲେଖାକୁ ପ୍ରକାଶିତ ପାଇଁ ନିର୍ବାଚିତ କରାଯିବ । ଧାରାବାହିକ ଲେଖା ପ୍ରକାଶନ ହେତୁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲରେ ଟାଇପ୍ କରି ଏକାସଙ୍ଗେ ପଠାଇବେ । ହାତ ଲେଖା କିମ୍ବା ସ୍କାନ୍ ହୋଇଥିବା କିମ୍ବା ପିଡ଼ିଏଫ୍ ଫର୍ମାଟରେ ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ । ପ୍ରତ୍ୟେକ ସଂସ୍କରଣ ନିମନ୍ତେ ମାସର ତିନି ତାରିଖ ସୁଦ୍ଧା ଲେଖା ପଠାଇବେ ଏବଂ ପତ୍ରିକା ପ୍ରକାଶିତ ହେବାପରେ ଆମ ୱେବ୍ସାଇଟରୁ ସଂଗ୍ରହ କରି ପାରିବେ । ଲେଖା ସହ ନିଜର ଛବି ଏବଂ ଠିକଣା ଲେଖି ପଠାଇବେ । ପ୍ରତ୍ୟେକ ଥର ନୁଆ ଛବି ପଠାଇବା ଆବଶ୍ୟକ ନାହିଁ । ପତ୍ରିକା ପ୍ରକାଶିତ ହୋଇଥିବା ଖବର ତୁରନ୍ତ ପାଇବା ପାଇଁ ଆମର ହ୍ୱାଟସଆପ୍ ଗ୍ରୁପ୍ ଯୋଗ ଦିଅନ୍ତୁ । ସହାୟତା ପାଇଁ ଆମ ହ୍ୱାଟ୍ସଆପ୍ ନମ୍ବର ୯୦୪୦୯୮୫୪୬୩ରେ ଯୋଗାଯୋଗ କରି ପାରିବେ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**

Listen to Odia Podcast Original at https://youtube.com/@drjyotiprasad